# ସମାରୋହ

ଫେବୃୟାରୀ ୨୦୨୪ www.samaroha.in



# KALINGA COMMERCIAL CORPORATION LTD

## A Leading Turnkey Service Provider for Mining Sector

(ISO 9001 : 2008 Certified)

*Our Strength is-*
*Unity &*
*Teamwork with*







*Commitment and*
*Dedication*





*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**

# Magnum Auto

Passion for Cars

A PIT STOP FOR CAR LOVERS

**CALL NOW- 99370 00909**

WASHING | CLEANING | REPAIRS | SERVICE

DETAILING | FOAM WASH | UNDER- BODY | SOUND-SYSTEM

SEATS | ALLOYS | ALIGNMENTS | LIGHTS BULB | HORNS TYRES

3M WÜRTH JBL AutoBros KENWOOD Listen to the Future

HELLA PHILIPS Pioneer Infinity K&N

brembo BOSCH CROATIAN ROOTS MUSIC UNO MINDA

Fleetguard YOKOHAMA MICHELIN BRIDGESTONE

PETRONAS

**WE ARE EXCLUSIVE DISTRIBUTOR FOR PETRONAS LUBRICANTS**

MARUTI SUZUKI HONDA TOYOTA HYUNDAI Ford TATA

**Plot No: 891/1046, Pahala, Bhubaneswar, Behind PAL Heights Mantra**

20°20'32.8"N 85°52'56.3"E


Bringing SMILE
to the Rural Life...
Mining
Power & Steel
Green Energy
Education
Agritech
SNM
SNM GROUP
Weigh Bridge Road, Barbil, Dist : Keonjhar - 758 035, Odisha
Website: www.snmgroups.com

# ସମାରୋହ

( କଳା, ସାହିତ୍ୟ, ସଂସ୍କୃତିର ପାରିବାରିକ ମାସିକ ପତ୍ରିକା )

**Editor:**
Sailorani Mishra
**ସଂପାଦିକା:**
ଶୈଳରାଣୀ ମିଶ୍ର
**Associate Editor:**
Rabi Narayna Nanda
Kishore Kumar Mohanty
**ସହଯୋଗୀ ସଂପାଦକ:**
ରବି ନାରାୟଣ ନନ୍ଦ
କିଶୋର କୁମାର ମହାନ୍ତି
**Publisher:**
Bibhuti Bhusan Nanda
Gandarpur, Cuttack-753003
**ପ୍ରକାଶକ:**
ବିଭୂତି ଭୂଷଣ ନନ୍ଦ
ଗଣ୍ଡରପୁର, କଟକ-୭୫୩୦୦୩
**DTP:**
Printtech Offset Pvt. Ltd.
Bhubaneswar-24
**ଡିଟିପି:**
ପ୍ରିଣ୍ଟଟେକ୍ ଅଫ୍‌ସେଟ୍ ପ୍ରା:ଲି
ଭୁବନେଶ୍ୱର-୨୪
**Printer:**
Bibhuti Bhusan Nanda
Lipsa Printers, Gandarpur, Cuttack
**ମୁଦ୍ରଣ:**
ବିଭୂତି ଭୂଷଣ ନନ୍ଦ
ଲିପ୍‌ସା ପ୍ରିଣ୍ଟର୍ସ, କଟକ
**Managing Editor:**
Kalyani Nanda
**ପରିଚାଳନା ସଂପାଦିକା:**
କଲ୍ୟାଣୀ ନନ୍ଦ

**Volume - 33 Issue - 5**
**February - 2024**
**Price- Rs. 20/-**

*Owned, Printed and Published by*
*Bibhuti Bhusan Nanda, Gandarpur, Cuttack, Odisha*

## ସୂଚୀପତ୍ର

### ପ୍ରବନ୍ଧ

**ମାମୁଁ** — ଶ୍ରୀ ବିଭୂତିଭୂଷଣ ସେନାପତି.... ୭

### କଥା ଓ କାହାଣୀ

**ଦୂରନ୍ତ ପକ୍ଷୀ** — ଡ. ଉପେନ୍ଦ୍ର ନାୟକ........... ୮
**ସ୍ୱପ୍ନଜୀବନ** — କ୍ଷୀରୋଦ ଦାସ................. ୧୫
**ସ୍ୱର୍ଗ ଓ ନର୍କ** — ବିଷ୍ଣୁ ଚରଣ ଚୌଧୁରୀ.......... ୨୦
**ଆଉରଙ୍ଗଜେବର ପରୁଆନା** — ରଞ୍ଜନ ସାହୁ................... ୨୪
**ବୋଉର ପେନସନ** — ଅରବିନ୍ଦ ଦାସ................. ୨୭
**ବ୍ୟାଣ୍ଡ ମାଷ୍ଟର୍** — ଲେଖକ: ଜ୍ଞାନ ପ୍ରକାଶ ବିବେକ୍; ଅନୁବାଦ - ସୁବାସିନୀ ରଥ................ ୩୦
**ନିଃସ୍ୱାର୍ଥ ସାହାଯ୍ୟ** — ଜନ୍ମେଜୟ ବାବୁ...............୩୫
**ପଇସା** — ମୂଳ ରଚନା: ସଂଜୀବ ଚୋଟ୍ଟପାଧ୍ୟାୟ; ଅନୁବାଦ - ଗିରିଜା ମଂଜରୀ ପାଢ଼ୀ.......... ୩୭

### ଧାରାବାହିକ ଉପନ୍ୟାସ

**ଶ୍ରୀ ଖାରବେଳ** — ଡାକ୍ତର ଇନ୍ଦ୍ରମଣି ଜେନା........ ୪୨

### କବିତା

**ଖୋଜା ଲୋଡ଼ାର ଈଶ୍ୱର** — ସୌଭାଗ୍ୟବନ୍ତ ମହାରାଣା........୪୬
**ବାସନାବଉଳ** — ପିନାକୀ ମିଶ୍ର...................୪୬
**ଗାଜାର ଗଜଲ୍** — ଗୋପବଂଧୁ ଦାଶ.............. ୪୭
**ଈଶାନୀ** — ଡକ୍ଟର ନାରାୟଣ ପଣ୍ଡା..........୪୭
**କବିତା ପାଇଁ କବିତାଟିଏ** — ଗିରିଜା ଶଙ୍କର ଶର୍ମା........... ୪୮
**ଅଜ୍ଞାତବାସ** — ବିଷ୍ଣୁ ମୋହନ..................୪୮
**ସ୍ତ୍ରୀ** — ଦୁର୍ଗାଚରଣ ଷଡ଼ଙ୍ଗୀ............ ୪୯
**ନୀଳ କଇଁ** — ମନୋଜ କୁମାର ଦାଶ.......... ୫୦
**ମଣିପୁର** — ସନ୍ତୋଷିନୀ ଦାଶ (ଗିରି)....... ୫୦
**ବିରାଡ଼ି ବୈଷ୍ଣବ ବୀଜ ମନ୍ତ୍ର** — ଗୋପାଳ ଚନ୍ଦ୍ର ମିଶ୍ର............ ୫୧
**ସ୍ୱପ୍ନ ଶ୍ରାବଣ** — ମିହିର ପଟ୍ଟନାୟକ............. ୫୧
**ନିଦ** — ସରୋଜିନୀ ମିଶ୍ର................ ୫୨
**କନ୍ୟା ରତ୍ନଟିଏ** — ଅନସୂୟା ପଣ୍ଡା.................୫୨

## ସମାରୋହ ନିୟମାବଳୀ

- ଏହା ପ୍ରତିମାସର ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଏ ।
- ସମାରୋହ ସମସ୍ତ ଲେଖକ ଲେଖିକାଙ୍କୁ ସମାନ ଗୁରୁତ୍ୱ ପ୍ରଦାନ କରେ ଓ ବିଶେଷତଃ ନୂତନ ଲେଖକଙ୍କୁ ଉତ୍ସାହିତ କରିବାରେ ବିଶ୍ୱାସ କରେ, କିନ୍ତୁ ଲେଖା ଉନ୍ନତମାନର ହୋଇଥିଲେ ହିଁ ଏହା ପ୍ରକାଶିତ ହୁଏ ।
- ଲେଖା ପଠାଇବା ସମୟରେ ଏହାର ଏକ ନକଲ ପାଖରେ ରଖନ୍ତୁ କାରଣ ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ ।
- ଲେଖା ସହିତ ନିଜର ସଂପୂର୍ଣ୍ଣ ଠିକଣା, ଦୂରଭାଷ ନମ୍ବର ଓ ପରିଚୟ ପଠାନ୍ତୁ ।
- ଅନ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିବା କିମ୍ବା ପ୍ରକାଶ ପାଇଁ ଦେଇଥିବା ଲେଖା ପଠାନ୍ତୁନାହିଁ ।
- ଲେଖା ପଠାଇବାର ୬ ମାସ ମଧ୍ୟରେ ଏହା ପ୍ରକାଶିତ ନ ହୋଇଥିଲେ କିମ୍ବା କୌଣସି ଉତ୍ତର ନପାଇଲେ ଲେଖାଟି ଅମନୋନୀତ ବୋଲି ଧରିନେବେ ।
- ଲେଖାଟିଏ ସମାରୋହକୁ ପ୍ରକାଶ ପାଇଁ ପଠାଇବା ପରେ ୬ ମାସ ପର୍ଯ୍ୟନ୍ତ ତାହା ଅନ୍ୟତ୍ର ପ୍ରକାଶ ପାଇଁ ଦିଅନ୍ତୁ ନାହିଁ ।
- ଚାହିଁଲେ ଆପଣ ଲେଖାକୁ (ଶ୍ରୀଲିପି / ଆକୃତି)ରେ ପଠାଇ ପାରନ୍ତି । ପଠାଇବାର ଇ-ମେଲ୍ ଠିକଣା:- thesamaroha@gmail.com
- ହାତଲେଖା ସ୍ପଷ୍ଟ ହୋଇନଥିଲେ ଏବଂ ପଢ଼ି ହେଉନଥିଲେ ଲେଖା ପ୍ରକାଶ ନିମନ୍ତେ ବିଚାରକୁ ନିଆଯିବ ନାହିଁ ।
- ଫିଚର, ମହିଳା ମହଲ, ତନ୍ମାତ୍ର, ବ୍ୟକ୍ତିତ୍ୱ, ଖେଳ ଖେଳାଳୀ ପ୍ରଭୃତିର ପୃଷ୍ଠା ନିମନ୍ତେ ଉତ୍ତମ ମାନର ତଥ୍ୟ ସମ୍ୱଳିତ ଲେଖା ପ୍ରକାଶ ଯୋଗ୍ୟ । ତେବେ ଏ ସମସ୍ତ ଲେଖା ପଠାଇବା ପୂର୍ବରୁ ସଂପାଦିକାଙ୍କ ସହିତ ଯୋଗାଯୋଗ କରି ଅନୁମତି ନେବା ଆବଶ୍ୟକ ।

**ସମସ୍ତ ଲେଖା, ମନିଅର୍ଡ଼ର ପଠାଇବା ନିମନ୍ତେ ଏବଂ ସମସ୍ତ ଯୋଗାଯୋଗ ନିମନ୍ତେ ଡି-୯, ବିଜେବି ନଗର ପରିବର୍ତ୍ତେ ସହଯୋଗୀ ସଂପାଦକଙ୍କର ନିମ୍ନୋକ୍ତ ଠିକଣାଟି ବ୍ୟବହାର କରିବାକୁ ଅନୁରୋଧ ।**

**ପରିଚାଳନା ସଂପାଦିକା**

**ସମାରୋହ ଆଜୀବନ ପୃଷ୍ଠପୋଷକ**

**- ଶ୍ରୀ ଦେବ ପଟ୍ଟନାୟକ**

**- ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର**

**- ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ**

**- ଡା. ଅମରେନ୍ଦ୍ରନାଥ ଦାସ**

## ତନ୍ମାତ୍ର

**ଜାନୁୟାରୀ ୨୦୨୪ ରେ ବଲିଉଡ୍ ରିଲିଜ୍....................୫୩**

## ଖେଳ ଓ ଖେଳାଳୀ

**କ୍ରିକେଟର ଶ୍ରେଷ୍ଠ ପାଞ୍ଚ ବ୍ୟାଟିଂ ତାରକା..................... ୫୪**

## ଜ୍ୟୋତିଷ ବିଚାର

**ମାସିକ ରାଶିଫଳ**

ଜ୍ୟୋତିର୍ବିଦ - ବିଶ୍ୱନାଥ ନାୟକ........୫୫

**ପଢ଼ନ୍ତୁ ! ପଢ଼ନ୍ତୁ !**

**ମାସିକ ଓଡ଼ିଆ ପତ୍ରିକା**




**ଯୋଗାଯୋଗ ଠିକଣା**

**ସହଯୋଗୀ ସଂପାଦକ : ସମାରୋହ**

**ସି-୧୬୩, ବିଡିଏ ଡୁପ୍ଲେକ୍ସ, ପ୍ରଜ୍ଞାବିହାର, ବରମୁଣ୍ଡା, ଭୁବନେଶ୍ୱର-୩**

**ଫୋନ୍ ନମ୍ବର : ୦୬୭୪-୨୩୫୪୮୬୩, ମୋବାଇଲ ନମ୍ବର : ୯୦୯୦୪୬୮୦୪୬**

| | | |
|---|---|---|
| **ସମାରୋହର ଦେୟ** | ବାର୍ଷିକ................ଟ. ୨୫୦.୦୦ | ଦ୍ୱିବାର୍ଷିକ..............ଟ. ୫୦୦.୦୦ |
| | ୩ ବର୍ଷ ପାଇଁ..........ଟ. ୭୫୦.୦୦ | ୫ ବର୍ଷ ପାଇଁ..........ଟ. ୧୨୫୦.୦୦ |
| | *ପ୍ରତ୍ୟେକ ମାସିକ ସଂଖ୍ୟା ଡାକ ଯୋଗେ ଗ୍ରାହକଙ୍କ ନିକଟକୁ ପଠାଇଦିଆଯିବାର ବ୍ୟବସ୍ଥା ରହିଛି ।* | |

# ସଂ ପା ଦ କୀ ୟ

ଏକମାତ୍ର 'ମନ' ଯଦି ସୁସ୍ଥ, ଶାନ୍ତ ଓ ପ୍ରକୃତିସ୍ଥ ରହିଥାଏ, ତେବେ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ଘଟିଚାଲିବା ସମ୍ଭବ ହୋଇଥାଏ। ଅଯୋଧ୍ୟାରେ ଶ୍ରୀ ରାମଲାଲାଙ୍କର ଅଭିଷେକ ମହାଆଡ଼ମ୍ବରରେ ହୋଇଗଲା। ଆମ ରାଜ୍ୟରେ ଶ୍ରୀମନ୍ଦିର ପରିକ୍ରମା ମଧ୍ୟ ନିୟମାନୁସାରେ ଆରମ୍ଭ ହୋଇ, ସୁଚାରୁ ରୂପେ ପ୍ରତିଷ୍ଠିତ ହୋଇଗଲା ଓ ଏହାକୁ ନେଇ କେବଳ ଓଡ଼ିଶାବାସୀ ନୁହନ୍ତି ସାରା ବିଶ୍ୱର ବ୍ୟକ୍ତିଗଣ କୃତକତ୍ୟ ହୋଇଗଲେ କହିଲେ ଚଳେ। ବର୍ତ୍ତମାନ ଆମ ସମସ୍ତିଙ୍କୁ ଶାନ୍ତ, ସୁସ୍ଥ ଓ ପ୍ରକୃତିସ୍ଥ ମନଧରି କାର୍ଯ୍ୟପନ୍ଥା କରିବାକୁ ହେବ। ଯାହାର ପ୍ରଭାବରେ ଥରକୁ ଥର ଘଟିଚାଲିଥିବା, ପ୍ରକାଶ ପାଉଥିବା ଘଟଣାବଳୀ ପଶିଯାଇ ବିପର୍ଯ୍ୟସ୍ତ କରିଦେଇ ସବୁକିଛି ଓଲଟ ପାଲଟ କରିଦେଉଛି ତାହାର ରୂପ ପ୍ରକାଶିତ ହେବନାହିଁ।

ଯାହା ଯାହା ଭଲ ହୋଇଯାଇଛି ସେଥିରେ ଜିରାରୁ ଶିରା ନକାଢ଼ି ନିଜକୁ ସେ ସ୍ଥାନରେ ରଖି ସେଇ କାର୍ଯ୍ୟଗୁଡ଼ିକୁ ଅଧିକା ଥିବ ସୁବ୍ୟବସ୍ଥିତ କରି ରଖିଦେବାର ଶକ୍ତି ନିଜର ମନରେ ଅଛି କି ନାଇଁ ତାକୁ ପ୍ରଥମେ ଦୃଷ୍ଟି ଦେଇ ଆଗକୁ ଆଗେଇବାକୁ ହେବ। ତେବେ ଯାଇ ନିଜର କୀର୍ତ୍ତି ଚତୁର୍ଦ୍ଦିଗକୁ ବିଚ୍ଛୁରିତ ହେବ। ଅନ୍ୟର କୀର୍ତ୍ତିକୁ ସୁସ୍ଥ ମନରେ ଗ୍ରହଣ କରି ଆନନ୍ଦ ପ୍ରାପ୍ତ ହୁଅ। ମନ୍ଦିରମାନଙ୍କର ସୁବ୍ୟବସ୍ଥା ତ କରିଦେଇ ହେବ, କିନ୍ତୁ ମନ୍ଦିର ପରିଚାଳନା କରୁଥିବା ବ୍ୟକ୍ତିଗଣଙ୍କର ସେଥିରେ ଥରକୁ ଥର କିଛି ନାଁ କିଛି ପ୍ରମାଦ ଆସିଯାଉଥିବ। ସଂଯତ ମନ ଓ ବୁଦ୍ଧିକୁ ଉପଯୋଗ କରି ବିଚାର ଦ୍ୱାରା ନିଜେ ଆନନ୍ଦ ପାଇବା ସହିତ ଜଗତକୁ ଆନନ୍ଦ ଦିଅ। ଯଦି ନିଜର ନିନ୍ଦା ଶୁଣିବାକୁ ଇଚ୍ଛା ଏପରି କାର୍ଯ୍ୟମାନ କରିଚାଲିଥାଅ।

ସମ୍ପାଦକୀୟ ଲେଖିବାକୁ ଆରମ୍ଭ କଲାବେଳେ ଯାହା ଆଖି ଆଗକୁ ଚାଲିଆସି ମନକୁ ସେଇ ଦିଗରେ ଆଗେଇ ନିଏ ଲେଖିପକାଉଥିଲି। ଆଜି ୧୧ ଫେବୃୟାରୀ। କାଲିକାର କାଗଜଟିକୁ ଖୋଲିଦେଇ ସକାଳୁ ବସିପଡ଼ିଲି ଲେଖାଟିକୁ ସଂପୂର୍ଣ୍ଣ କରିଦେବି ମନେ କରି ! ମୋର ମନେ ନଥିଲା ବୋଧହୁଏ ଏଇ ଗୋଟିକ ପ୍ରହେଳିକା। "ଯୁଗକୁ ଯୁଗ ଏହିମନ୍ତେ, ପରମାନନ୍ଦ ଏ ଜଗତେ।" କାଲିର କାଗଜରେ ବାହାରିଥିବା 'ଚିନ୍ତାକକ୍ଷରେ ଯେତେଦୂରକୁ ନେଇଗଲେ ମଧ୍ୟ ପୂର୍ବେ ପାଠ କରିଥିବା "ବିକ୍ରମାଦିତ୍ୟଙ୍କର ବତ୍ରିଶ ସିଂହାସନ ଏବଂ ସଭାମଣ୍ଡନ କରିଥିବା ବିଶେଷଣମାନଙ୍କରେ ଭୂଷିତ ପ୍ରତିଷ୍ଠିତ ସମ୍ମାନପ୍ରଦ ବ୍ୟକ୍ତି ସମୂହ। ବର୍ତ୍ତମାନ ମନେ ପଡୁନାହିଁ ସେମାନେ "ନବଗ୍ରହ" ଭଳି ମଣ୍ଡିତ ଥିଲେ କି ନାଇଁ। କିନ୍ତୁ କାଳିଦାସଙ୍କ ଠାରୁ ଆରମ୍ଭ କରି ଘଟକର୍ପୂର, ବରରୁଚି ବେତାଳ ଭଟ୍ଟଙ୍କ ପର୍ଯ୍ୟନ୍ତ ସେ ସମୟରେ ମୁଖସ୍ଥ ଥିଲା।' ଆଜିର ବିସ୍ମରଣ ସମୟରେ "ଚିନ୍ତାକକ୍ଷରେ" ପ୍ରକାଶ ପାଇଥିବା "ବେତାଳଭଟ୍ଟ"ଙ୍କ ସମ୍ବନ୍ଧରେ ପାଠ କରି ଯାହା ବୁଝିପାରିଲି- ସୃଷ୍ଟିର ଆରମ୍ଭରୁ ଏଇ କୂଟ କପଟ ନୀତିନିୟମ ହୁଏତ ଆରମ୍ଭ ହୋଇଛି। ତା ହୋଇ ନଥିଲେ "ବିକ୍ରମାଦିତ୍ୟ"ଙ୍କର ସମୟରେ ଏହା ଦେଖିବାକୁ ମିଳିନଥାନ୍ତା।

ତେଣୁ ବର୍ତ୍ତମାନ ୨୦୨୪ ମସିହାରେ ଏଇ ରାଜନୀତି ବା ନିର୍ବାଚନକୁ ନେଇ ଯେଉଁସବୁ ଘଣ୍ଟା ଚକଟା ଚାଲିଛି ଠିକ୍ ହେଉ, ଭୁଲ୍ ହେଉ, ଚାଲିଛି। ସେଥିରେ ମୋର ବ୍ୟସ୍ତ ହୋଇଯିବାର କୌଣସି ମୂଲ୍ୟ କିମ୍ବା ପ୍ରୟୋଜନ ନାହିଁ। ଗୋଟିଏ ବର୍ଷରେ ୫ଜଣଙ୍କୁ ଭାରତରତ୍ନ ଦିଆଗଲେ କୌଣସି ଭୁଲ୍ ଭଟକା ଖୋଜିବା ଉଚିତ ନୁହେଁ। ଅବଶ୍ୟ ଉପଯୁକ୍ତ ବେଳେ ସେମାନଙ୍କୁ ପ୍ରଦାନ ହୋଇଥିଲେ- ବଂଚିଥିବା ସମୟରେ ସେମାନେ କିଛି କାଳ 'ବାହ୍ୟ ଆନନ୍ଦ' ପ୍ରାପ୍ତ ହୋଇଥାନ୍ତେ।

ଉତ୍ତରାଖଣ୍ଡରେ ହିଂସା, ୫ ମୃତ। ୧୦୦ ଆହତ। ନୈନିତାଲରେ କର୍ଫ୍ୟୁ, ଇଣ୍ଟରନେଟ୍ ବନ୍ଦ। 'ଉତ୍ତରପ୍ରଦେଶରେ ସତର୍କତା ଜାରି' ଦେଖିବାକୁ କିମ୍ବା ଶୁଣିବାକୁ ମିଳି ନଥାନ୍ତା ଯଦି ଅଯୋଧ୍ୟା ରାମମନ୍ଦିରରେ ପ୍ରତିଷ୍ଠିତ ଜୀବନ୍ତ ପ୍ରତିମୂର୍ତ୍ତୀ "ରାମଲାଲା" ବିରାଜମାନ କରୁଥାନ୍ତେ, କିମ୍ବା ବଲାଙ୍ଗିର ଜିଲ୍ଲାରେ ଶିଶୁର ଗଳା କାଟିଲା ମା' ପ୍ରକାଶିତ ହେବା ଦେଖିବାକୁ ମିଳିନଥାନ୍ତା। ବିଜେଡିରେ ଯୋଗଦେଲେ ସଂତୃପ୍ତ ମିଶ୍ର, ରାଷ୍ଟ୍ରୀୟ ମୁଖପାତ୍ର ଭାବେ ନିଯୁକ୍ତି ଦେଲା ଦଳ, ରାଜ୍ୟସଭା ପ୍ରାର୍ଥୀହେବା ଚର୍ଚ୍ଚା ପଢ଼ିବାକୁ ମିଳିବା ଏକ ବ୍ୟତିକ୍ରମ।

ସୃଷ୍ଟି ପ୍ରାରମ୍ଭରୁ ଅଲିଖିତ ଭାବେ ଯାହା ଶୂନ୍ୟରେ ଲେଖାହୋଇ ଯାଇଛି ଗୋଟିଏ ପରେ ଗୋଟିଏ ଘଟଣା ଆସିଯାଉଛି। ଭଲମନ୍ଦ ସବୁକୁ ଫେଣ୍ଟା ଫେଣ୍ଟି କରି ସୃଷ୍ଟିର ସଦୃଶ ହୋଇଛି। ଯେଉଁ ସମୟରେ ଦେହ ଧାରଣ କରି ଆସିବ- ଯାହା ଭଲମନ୍ଦ ସବୁକିଛି ଭୋଗକରିବାକୁ ନିଶ୍ଚିତ ବାଧ୍ୟ ହେବ। ଏଥିରୁ ମୁକୁଳି ଯିବାର ଉପାୟ ନାହିଁ।

ଓଡ଼ିଶା ସାହିତ୍ୟ ଭଣ୍ଡାରର ଏକ ଅନନ୍ୟ ଉଜ୍ଜ୍ୱଳ ଜ୍ୟୋତିଷ୍କ ଡ: ସାତକଡ଼ି ହୋତା ଫେବୃୟାରୀ ୨ ତାରିଖ ରବିବାର ଦିନ ଦିଲ୍ଲୀରେ ଦୃଶ୍ୟମାନ ଜଗତରୁ ଅଦୃଶ୍ୟ ହୋଇ ଓଡ଼ିଶାର ଶବ୍ଦ ଭଣ୍ଡାରକୁ ଆଶୀର୍ବାଦ କରିଚାଲିଛନ୍ତି। ତାଙ୍କ ମହନୀୟ ଜୀବନଦର୍ଶନ ଅତିକମ୍‌ରେ ଲେଖକ ଓ ପାଠକ ମଣ୍ଡଳୀକୁ ପ୍ରେରଣା ଦେଇ ଚାଲିଥାଉ ଏତିକି ଜଗତର ନାଥ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଚରଣ କମଳରେ ବିନମ୍ର ପ୍ରାର୍ଥନା।

ହରିଓଁ ତତ୍‌ସତ୍

ବ୍ରହ୍ମାର୍ପଣମସ୍ତୁ

## ଶ୍ରଦ୍ଧାଞ୍ଜଳି

# ୰ ଦୁର୍ଗାମାଧବ ମିଶ୍ର

**ଜନ୍ମ : ଭାଦ୍ରବ କୃଷ୍ଣପକ୍ଷ ଦଶମୀ (୧୯୨୯)**
**ତିରୋଧାନ : ମାଘ କୃଷ୍ଣପକ୍ଷ ଦଶମୀ (୧୯୯୭)**



ସେ ସୁଷମା-ମେଦୁରିତ ପୃଥ୍ୱୀ ଆଜି ଦେଉଛି ସଂକେତ
ଅମୃତର ସନ୍ଧାନରେ ମରଣ ମୋ ଚିର-ପ୍ରତୀକ୍ଷିତ
ଏ କାମନା ବିନାଶି ପାରୁନି, ଏ କାମନା ସୁଖ - ସହଚରୀ
ଏ ମରଣେ ଭୟନାହିଁ, ଏ ମରଣ ଅମୃତର ଶିରୀ ।
ତେବେ ମୁଁ ପଡୁଛି ଶୋଇ, ତୃପ୍ତିରେ ମୋ ନଇଁ ଆସେ ଆଖି
ତୁମେ ମୋତେ ଉଠାଅନି, ଜାଣେ ମୁହିଁ କେତେ କାମ ବାକି ।

◆○◆

ପ୍ରବନ୍ଧ

# ମାମୁଁ

## ଶ୍ରୀ ବିଭୂତିଭୂଷଣ ସେନାପତି

'ମାମୁଁ' ଉତ୍କଳୀୟ ପରମ୍ପରାରେ ଏକ ଚିରାଚରିତ ନାମ ଏବଂ ମାମୁଁ ଭଣଜାର ସମ୍ପର୍କ ଅତି ନିଗୂଢ଼। ଭଉଣୀର ଭାଇ ସହିତ ଯେତିକି ଆତ୍ମିକ ସଂପର୍କ ରହିଛି ଭାଇର ମଧ୍ୟ ଭଣଜା ସହିତ ସ୍ନେହ, ମମତା ଓ ବିଶ୍ୱାସର ପରଂପରା ଲୁକ୍କାୟିତ ଭାବେ ଜଡ଼ିତ। ତେଣୁ ମାମୁଁଙ୍କର ଭୂମିକା ଏକ ସ୍ୱତନ୍ତ୍ର ସ୍ଥାନରେ ରହିଛି। ଅନ୍ୟ କୌଣସି ସମ୍ପର୍କୀୟ ଏହି ସୌଭାଗ୍ୟର ଅଧିକାରୀ ହୋଇପାରିବେ ନାହିଁ। ମାମୁଁ ଭଣଜାଙ୍କ ଚିତ୍ର ପ୍ରଥମେ ଭାରତୀୟ ପୁରାଣ ଶାସ୍ତ୍ରରୁ ବିଚାରକୁ ନେବା ଉଚିତ୍। ମହାଭାରତରେ ଶକୁନି ଭାଗବତରେ କଂସ ମାମୁଁ ପଦବାଚ୍ୟ। ପାଣ୍ଡବ, କୌରବ ତଥା କୃଷ୍ଣଙ୍କ ପାଇଁ ଏମାନେ ବହୁ ସମ୍ମାନର ଅଧିକାରୀ। କିନ୍ତୁ ଭାରତୀୟ ପରମ୍ପରା ଠାରୁ ଏମାନେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ମାମୁଁ ଭଣଜାର ସଂପର୍କ ନିବିଡତାର ପରିଚାୟକ କିନ୍ତୁ କଂସ ମାମୁଁ ଏତେ ନିର୍ଦ୍ଦୟ କାହିଁକି ହେଲା ?

ଶ୍ରୀମଦ୍ ଭାଗବତ, ମହାଭାରତ ଏବଂ ହରିବଂଶ ଏଥିରେ କଂସ ସଂପର୍କୀୟ ବର୍ଣ୍ଣନା ପ୍ରାୟଶଃ ଅସମାନ। ମହାଭାରତର ଆଦିପର୍ବରେ ଉଲ୍ଲେଖ ଅଛି- ଉଗ୍ରେସନ ଓ ଦେବକ ଦୁଇ ଭାଇ। ଭାଗବତରେ କଂସ କିନ୍ତୁ ଦେବକୀର ନିଜ ଭାଇ। କଂସ ଉଗ୍ରେସନର ପୁଅ ଓ ଦେବକୀ ଦେବକର ଝିଅ। ସୁତରାଂ କଂସ ଦେବକୀର ସହୋଦର ନୁହେଁ। ଆଉ ଗୋଟିଏ ପ୍ରମାଣ ଅଛି କଂସ ଉଗ୍ରେସନର ଔରସରୁ ଜାତ ନୁହେଁ। ପବନରେଖା ସହିତ ଏକ ରାକ୍ଷସ ବଳତ୍କାର କରିବାରୁ ପରବର୍ତ୍ତୀ ସମୟରେ କଂସଙ୍କର ଜନ୍ମ। ହରିବଂଶରେ କଂସ ଉଗ୍ରେସନର ଜାରଜ ସଂତାନ। ଦେବକୀର ନିଜ ଭାଇ କଂସ ନୁହେଁ। ସ୍ୱଭାବରେ ଏପରି ପରିବର୍ତ୍ତନ ହେବା ସ୍ୱଭାବିକ।

ସେହିପରି ଜହ୍ନକୁ ମାମୁଁ କହିବାର କାରଣ ପଛରେ ଆଦିମ ସଂସ୍କୃତି ଲୁକ୍କାୟିତ ହୋଇ ରହିଛି। ଆଦିମ ମାନବ ରାତିରେ ଅନ୍ଧାରରେ ବାସ କରୁଥିଲା ସେତେବେଳେ ଜହ୍ନ ଆଲୋକ ଥିଲା ତା'ର ପ୍ରଧାନ ସହାୟ। ମାମୁଁ ସହିତ ଜହ୍ନର ଗୁଣ ଗତ ସାମଞ୍ଜସ୍ୟ ରହିଛି ତେଣି ଜହ୍ନକୁ ମାମୁଁ କୁହାଯାଏ। ପୌରାଣିକ ବର୍ଣ୍ଣନାନୁସାରେ ଜହ୍ନ ଲକ୍ଷ୍ମୀଙ୍କ ସହିତ ଜାତ ହୋଇଥିଲା। ସେ ଲକ୍ଷ୍ମୀଙ୍କ ଭାଇ ଏବଂ ଲକ୍ଷ୍ମୀ ଆମର ଜନନୀ ତେଣୁ ଜହ୍ନକୁ ମାମୁଁ କହିବା ଯଥାର୍ଥ।

ଅନ୍ୟପକ୍ଷରେ ଆଗକାଳରେ ବାଘକୁ ମାମୁଁ କୁହା ଯାଉଥିଲା। ସାଧାରଣ ଭାବେ ମଣିଷଙ୍କ ପାଇଁ ବାଘ ଭୟଙ୍କର। ସେ ମଣିଷ ଖାଦକ। ଏହିପରି ବାଘ ଶବ୍ଦ ଯୋଗ କରି ଆମେ ବାଘୁଆ ମହୁମାଛି, ବାଘୁଆ ନିଶ, ବାଘୁଆ ଜନ୍ଦା ଏବଂ ବାଘୁଆ ମାଛି କହିଥାଉଁ। ବିପଦରୁ ରକ୍ଷା ପାଇଁ ବାଘକୁ ମାମୁଁ ବୋଲି ସମ୍ବୋଧନ କଲେ ରକ୍ଷା ପାଇ ପାରିବା ଏପ୍ରକାର ପରିକଳ୍ପନା ପଛରେ ବାଘୁଆ ଶବ୍ଦ ପ୍ରଯୁଜ୍ୟ। ଏହିପରିପ୍ରେକ୍ଷୀରେ ବକ ଜାତକରେ ବକ କଙ୍କଡାକୁ ପୋଖରୀକୁ ନ ନେଇ ଦୂରକୁ ନେବା ବେଳେ ନିଜର ମୃତ୍ୟୁ ଆଶଙ୍କା କରି କଙ୍କଡା ବକକୁ ମାତୁଳ ବୋଲି ସମ୍ବୋଧନ କରିଛି 'ଗାମଣ୍ଡି' ଜାତକରେ ଚଣ୍ଡକୁ ମାତୁଳ କୁହାଯାଇଛି। 'ଦୀପି ଜାତକ'ରେ ଛେଳି ଛୁଆ ବିପଦରୁ ରକ୍ଷା ପାଇବା ପାଇଁ ବାଘକୁ ମାତୁଳ ସଂବୋଧନ କରିଛି। ସୁତରାଂ ବକ, ଚଣ୍ଡ ଓ ବାଘ ସମସ୍ତେ ଭୟଙ୍କରର ପ୍ରତୀକ। କେବଳ ବିପଦରୁ ରକ୍ଷା ପାଇବା ପାଇ ମାମୁଁ ଶବ୍ଦର ପ୍ରୟୋଗ କେତେକାଂଶରେ ଉପଶମ୍ୟ।

ପର୍ଯ୍ୟାୟ କ୍ରମେ ପୋଲିସକୁ ମାମୁଁ କହିବା ପଛରେ ଅନେକ କାରଣ ରହିଛି। ଇଂରେଜମାନେ ଭାରତକୁ ଆସିବା ପରେ ପୋଲିସ କର୍ମଚାରୀ ନିଯୁକ୍ତି ପାଇଲେ। ପୋଲିସ ଶବ୍ଦ ବହୁ ପୁରାତନ। କେହି କେହି କହନ୍ତି ଥଟ୍ଟାରେ ପୋଲିସକୁ ମାମୁଁ ତାହା କିନ୍ତୁ ଠିକ୍ ନୁହେଁ। ବାପର ଶଳା ନିଜ ମାମୁଁ ସହିତ ଥଟ୍ଟା ପରିହାସ କରେନାହିଁ। ଭଣଜା ପାଇଁ ମାମୁଁ ପରମ ସମ୍ମାନନୀୟ। ପୋଲିସ ହାତରେ ସବୁ କ୍ଷମତା ରହିଛି। ଇଂରେଜ ଶାସନ କାଳରେ ଲୋକମାନେ ପୋଲିସକୁ ନାହିଁ ନ ଥିବା ଭୟ କରୁଥିଲେ। ହୁଏତ ମାମୁଁ ବୋଲି ଡାକି କିଛି ସମୟ ପାଇଁ ଆଶ୍ୱସ୍ତି ଲାଭ କରୁଥିଲେ। ମାମୁଁ ଶବ୍ଦଟି ଶୀତଳତାର ପ୍ରତୀକ।

ରାଧାନାଥଙ୍କ ଦରବାର କାବ୍ୟରେ ପୋଲିସ୍ ଶବ୍ଦ ଉଲ୍ଲେଖ ଅଛି। "କେହୁ ବୋଲେ ମୁହିଁ ଅଟଇ ପୁଲିସ୍ / ବିନା ମେଘେ ମୁହିଁ ପାରଇ କୁଳିଶ।"ବାଘ ମାମୁଁ ଓ ପୋଲିସ ମାମୁଁ ଉଭୟେ କେତେକ ସ୍ଥଳରେ ଭୟଙ୍କରର ପ୍ରତୀକ। ଓଡିଆ ସାହିତ୍ୟରେ ବ୍ୟାସକବି ଫକୀର ମୋହନଙ୍କ ମାମୁଁ ଉପନ୍ୟାସ, କାନ୍ତକବିଙ୍କ କଣାମାମୁଁ ପରସ୍ପର ବୀପରୀତାଭିମୁଖୀ। ମାମୁଁ ଉପନ୍ୟାସରେ ନାଜର ନଟବର ଦାସ ମାମୁଁ ଚରିତ୍ରରେ ଲୁକ୍କାୟିତ ହୋଇ ରହିଛି କଂସ ମାମୁଁର ଭୟଙ୍କର ଗୁଣ କିନ୍ତୁ କଣା ମାମୁଁ ଉପନ୍ୟାସରେ କଣା ମାମୁଁ ଚରିତ୍ର ଯେପରି ଆଦର୍ଶ ସେହିପରି ରକ୍ଷଣଶୀଳ।

ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ରୂପେ ଅନୁମେୟ କେତେବେଳେ ମାମୁଁ ଭୟଙ୍କର ବାଘ ଓ କଂସ ଆଉ କେତେବେଳେ ରକ୍ଷଣଶୀଳ ବ୍ୟକ୍ତିତ୍ୱ। ମୋଟା ମୋଟି ଭାବରେ ଅନ୍ଧାରରୁ ଆଲୋକୁ ନେବାରେ 'ମାମୁଁ'ଶବ୍ଦ ଏକାନ୍ତ ପ୍ରଯୁଜ୍ୟ ଏ କଥାକୁ ଅସ୍ୱୀକାର କରିହେବ ନାହିଁ।

*ସଭାପତି, ନାରାୟଣ ସ୍ମୃତି ସେବା ଓ ସାହିତ୍ୟ ଗବେଷଣା ପରିଷଦ*
*କୋହ୍ଲ, ତିହିଡ଼ି, ଭଦ୍ରକ ପିନ୍ -୭୫୬୧୩୦*
*ଦୂରଭାଷ: ୯୪୩୭୫୭୪୪୬୨*

କଥା ଓ କାହାଣୀ

# ଦୂରନ୍ତ ପକ୍ଷୀ

## ଡ. ଉପେନ୍ଦ୍ର ନାୟକ

ଜୀବନରେ ଘଟଣା ସବୁ କେମିତି ଘଟିଯାଏ ଜାଣିହୁଏ ନାହିଁ। ମାଟିରୁ ଆକାଶର ବ୍ୟବଧାନ ମାପିବା ସାଧାରଣ ଭାବେ ସଂଭବ ନହେଲେ ମଧ୍ୟ ମଣିଷ ମାଟି ଉପରେ ଛିଡ଼ା ହୋଇ ଆକାଶରେ ଜହ୍ନକୁ ଧରିବାକୁ ହାତ ବଢ଼ାଇ ପାରେ। ପ୍ରାପ୍ତି ଅପ୍ରାପ୍ତିର ତାରତମ୍ୟକୁ ନ ପରଖି ମଣିଷ ଦେଖିପାରେ ସ୍ୱପ୍ନ ପରେ ସ୍ୱପ୍ନ। ଅନେକ ସ୍ୱପ୍ନ। ସେ ସ୍ୱପ୍ନକୁ ସେ ସତ୍ୟରେ ନପାଇ ପାରିଲେ ବି ସେହି ସ୍ୱପ୍ନର ପୀରାମିଡ ତାକୁ ଆନନ୍ଦର ସାଗର ମଧ୍ୟକୁ ଟାଣି ନେଇପାରେ।

ସ୍ୱପ୍ନ ଜୀବନରେ କେତେ ସାକାର ହୁଏ କେତେ ପାଣିଫୋଟକା ପରି ମିଳେଇ ଯାଏ ତା'ର ହିସାବ ରଖିବା ସଂଭବ ନୁହେଁ, କିନ୍ତୁ ମଣିଷର ଆଶା ଅଭିଳାଷକୁ ପୂରଣ କରିବାକୁ ସେ ସଦାସର୍ବଦା ଶତମୁଖର ହୋଇଉଠେ। ଏତେ ସବୁ ସ୍ୱପ୍ନ, ଅଭିଳାଷ କେତେ କାହାର କେମିତି ସାର୍ଥକ ହୁଏ ତାହା ମଧ୍ୟ ଆକଳନ କରିହୁଏ ନାହିଁ।

ଶୁଭଙ୍କର ସେହି ସ୍ୱପ୍ନର ବଳୟ ଭିତରେ ନିଜର ପ୍ରଲୋଭନକୁ ସାକାର କରିବାକୁ ଶତମୁଖର ହୋଇ ଉଠିଥିଲା।

ଶୁଭଙ୍କର ଥିଲା ସେତେବେଳେ ରାଜନୀତି ବିଜ୍ଞାନର ବି.ଏ. ଅନର୍ସର ଶେଷ ବର୍ଷର ଛାତ୍ର। ଭଲ ପଢ଼େ। ଭଲ ଅଭିନୟ କରେ। କଲେଜରେ ଛାତ୍ର ରାଜନୀତିରେ ଭାଗ ନିଏ। ଛାତ୍ର ନେତା ଭାବରେ ପ୍ରତିବର୍ଷ ବିଭିନ୍ନ ପଦବୀରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟ ହାସଲ କରେ।

ଶୁଭଙ୍କର ଦେଖିବାକୁ ଖୁବ୍ ସୁନ୍ଦର। ଗୋରା ତକତକ ଚେହେରା। ମଧ୍ୟମ ସ୍ୱାସ୍ଥ୍ୟ। ବେଶ୍ ଲମ୍ବା ଚଉଡ଼ା ଯୁବକ। ମୁହଁର ଗଢ଼ଣ ଅତି ସୁନ୍ଦର।

ଶୁଭଙ୍କରର ସାନିଧ୍ୟ ନିମନ୍ତେ କେବଳ ତା'ର ସହପାଠିନୀ ନୁହେଁ ଉଚ୍ଚଶ୍ରେଣୀ ଓ ତଳ ଶ୍ରେଣୀର ତରୁଣୀମାନେ ମଧ୍ୟ ପ୍ରତିଯୋଗିତା କରିଥାନ୍ତି।

ଶୁଭଙ୍କରଙ୍କ ବାପା ବିପିନ ବାବୁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ବରିଷ୍ଠ ଅଫିସର ଏବଂ ମାଆ ଝରଣା ଦେବୀ ସ୍ଥାନୀୟ ବାଳିକା ମହାବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ।

ଶୁଭଙ୍କରର କଲେଜ ଜୀବନ ବେଶ ଆନନ୍ଦ ମୁଖର ଥିଲା। ପାଠ ପଢ଼ିବା ସହିତ ନାଟକ, ସାହିତ୍ୟ, ରାଜନୀତି ସବୁଥିରେ ନିଜକୁ ସକ୍ରିୟ ରଖି ଖୁବ୍ ଏକ ସରସିତ ଜୀବନ ବିତାଉଥିଲା ଶୁଭଙ୍କର।

ଶୁଭଙ୍କର ସବୁଥିରେ ଅଂଶଗ୍ରହଣ କରି ମଧ୍ୟ ପାଠପଢ଼ାକୁ ପ୍ରାଧାନ୍ୟ ଦେବାରେ କେବେ ବି ଅବହେଳା କରୁନଥିଲା।

ଶୁଭଙ୍କରର ଶେଷ ବର୍ଷର ଦୁଇ ମାସ ପାଠପଢ଼ା ସରିବା ପରେ କଲେଜରୁ ରାଜନୀତି ବିଜ୍ଞାନ ବିଭାଗରେ ନୂତନ କରି ଯୋଗଦାନ କଲେ ଜଣେ ଅଧ୍ୟାପିକା ସୌଦାମିନୀ ମହାପାତ୍ର। ଦେଖିବାକୁ ଅନିନ୍ଦ୍ୟ ସୁନ୍ଦରୀ। କମନୀୟ ମୁଖମଣ୍ଡଳ ସହିତ ଟଣାଟଣା ଆଖି ସହଜରେ ଯେ କୌଣସି ତରୁଣକୁ ସହଜରେ ଉନ୍ମାଦନା ଭରି ଦେଇ ପାରିବାକୁ ସମର୍ଥ ହୋଇପାରିବ। ରୂପସୀ ସୌଦାମିନୀ ମହାପାତ୍ରର ଯତିମତି ହରା ରୂପରେ ଶୁଭଙ୍କର ପ୍ରଥମରୁ କେମିତି ବିଭୋର ହୋଇ ଉଠିଥିଲା। ଶୟନେ, ସପନେ, ଜାଗରଣେ ଶୁଭଙ୍କର ସମ୍ମୁଖରେ କେବଳ ନୃତ୍ୟ କରୁନଥିଲା ସୌଦାମିନୀଙ୍କ ସାନ୍ନିଧ୍ୟ, ପ୍ରେମରେ ତଲ୍ଲୀନ ହୋଇଯିବାକୁ ଇଚ୍ଛା ପ୍ରକଟ କରୁଥିଲା ସେ। ସୌଦାମିନୀ ନବାଗତା ଅଧ୍ୟାପିକା ହେଲେ ହେଁ ସେ ଖୁବ୍ ମେଧାବୀ ଥିଲେ ଏବଂ ସମଗ୍ର ବିଶ୍ୱବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଉତ୍ତୀର୍ଣ୍ଣ ହୋଇଥିବାରୁ ତାଙ୍କୁ ମଧ୍ୟ ଅନର୍ସ କ୍ଲାସ ଦିଆଯାଇଥିଲା।

ଅଧ୍ୟାପିକା ସୌଦାମିନୀଙ୍କ କ୍ଲାସଟିକୁ ଚାତକ ପରି ଚାହିଁ ରହିଥାଏ ଶୁଭଙ୍କର। ଆଉ କାହା କ୍ଲାସରେ କେବେ କେମିତି ଅନୁପସ୍ଥିତ ରହିଯାଏ ସିନା ହେଲେ ସୌଦାମିନୀଙ୍କ କ୍ଲାସକୁ କେବେ ବି ଛାଡ଼ିପାରେ ନାହିଁ।

ସୌଦାମିନୀ ସୁନ୍ଦରୀ ହେଲେ ବି ସୁନ୍ଦର ସୁନ୍ଦର ଶାଢ଼ୀ ପରିଧାନ କରି ବେଶ୍ କିଛି ମେକଅପ୍ ହୋଇ କ୍ଲାସ ଆସନ୍ତି। ଖାଲି ରୂପ ନୁହେଁ ଗୁଣ ମଧ୍ୟ ଅମାପ। ସୌଦାମିନୀ ଖୁବ୍ ଭଲ ପଢ଼ାନ୍ତି।

ଏମିତି ଦିନ ପରେ ଦିନ ଅତିବାହିତ ହୋଇଯାଉଥାଏ। ସୌଦାମିନୀ ପ୍ରତି ଶୁଭଙ୍କର ଆକର୍ଷଣ ବଢ଼ି ବଢ଼ି ଚାଲିଥାଏ। ସୌଦାମିନୀଙ୍କୁ କଲେଜ ପକ୍ଷରୁ ଲେଡ଼ିଜ୍ ବ୍ୟାଚଲର ଛାତୀ ନିବାସରେ ଗୋଟାଏ ଗାଧୁଆଘର ସଂଲଗ୍ନ କୋଠରି ଦିଆଯାଇଥାଏ।

ସେଦିନ ଥିଲା ଶୀତଳ ଅପରାହ୍ନ। ଲୋହିତ ଦିଗ୍‌ବଳୟର ମନୋରମ ଦୃଶ୍ୟ ଉପଭୋଗ କରୁଥିଲେ ସୌଦାମିନୀ ନିଜ ଛୋଟ ଅଳିନ୍ଦଟିରେ ବସି।

ହଠାତ୍ କଲିଂବେଲ୍ ବାଜି ଉଠିଲା।

ବସିବା ସ୍ଥାନରୁ ଉଠି ଆସିଲେ ଅଧ୍ୟାପିକା ସୌଦାମିନୀ, ଦ୍ୱାର ଖୋଲିଦେଲେ। ସାମ୍ନାରେ ଶୁଭଙ୍କର। ଏକ ଜ୍ୟୋତିର୍ମୟ ଯୁବକ।ଅନର୍ସ କ୍ଲାସ୍‌ରେ ଶୁଭଙ୍କରକୁ ସେ ପ୍ରଥମେ ଆବିଷ୍କାର କରିଥିଲେ। ଶୁଭଙ୍କର ଚାଲି ଚଳଣି ସବୁ ଥିଲା ଆକର୍ଷଣୀୟ। କ୍ଲାସ୍‌ରେ ଅଧ୍ୟାପିକା ସୌଦାମିନୀ

ଯାହା ପାଠ ପଚାରିଲେ ବି ସେ ଚଟାପଟ୍ ସଠିକ୍ ଉତ୍ତର ଦେଇ ପାରୁଥିଲା।

ଶୁଭଙ୍କରକୁ ଦେଖି ଅଧରରେ ଇଷତ୍ ହସର ପାଖୁଡ଼ା ଝରି ପଡୁଥିଲା ଅଧ୍ୟାପିକା ସୌଦାମିନୀଙ୍କର।

ସୌଦାମିନୀ ପଚାରିଲେ – ତୁମର ଅନର୍ସ ଶେଷ ବର୍ଷ ନା ?

– ହଁ

– ହଠାତ୍ ଏଠି କେମିତି ?

– ମୋର ଆଜି ଜନ୍ମଦିନ। ଆପଣଙ୍କ ପାଇଁ ମିଠା ଆଣିଥିଲି।

ହସି ହସି ଉତ୍ତର ଦେଲା ଶୁଭଙ୍କର।

ଶୁଭଙ୍କରର ଜନ୍ମଦିନ ଏବଂ ସେ ତାଙ୍କ ପାଇଁ ମିଠା ଆଣିଛି। ଏହାଠାରୁ ଆନନ୍ଦର କଥା ଆଉ କ'ଣ ଥାଇପାରେ ? ତାକୁ ହସି ହସି ପରିହାସ କରି କହିଲେ – ତୁମର ବୟସ କେତେ ହେଲା ? – ଏଇଟା ତୁମର କେତେତମ ଜନ୍ମଦିନ।

– ଏଇଟା ମୋର ଏକବିଂଶତମ ଜନ୍ମଦିନ।

– ଓଃ ମୁଁ ତୁମଠାରୁ ମାତ୍ର ତିନିବର୍ଷ ବଡ଼।

– ହଁ ବୟସ ସାମାନ୍ୟ ବଡ଼ ସାନରେ କିଛି ଯାଏ ଆସେ ନାହିଁ। ମନର ସାମ୍ୟତା ରହିଲେ ସମ୍ପର୍କ ଦୀର୍ଘସ୍ଥାୟୀ ହୁଏ।

– ଏଁ ତୁମେ ଜଣେ ପ୍ରଜ୍ଞାଶୀଳବ୍ୟକ୍ତି ପରି ବେଶ୍ ଚିରନ୍ତନ ସତ୍ୟର ତ ନଜିର ଦେଇ କଥା କହୁଛ ?

– ପ୍ରଜ୍ଞାଶୀଳ ବୋଲି ମୁଁ କହିବି ନାହିଁ। କିନ୍ତୁ ସ୍ନେହ, ପ୍ରେମ କରୁଣା ଓ ମାନବିକତାକୁ ବାଦ୍ ଦେଇ ମାନବ ଜୀବନ କେବେ ସ୍ୱୟଂ ସମ୍ପୂର୍ଣ୍ଣ ହୋଇପାରେ ନାହିଁ।

– ହଁ ତୁମେ ଠିକ କହିଛ। ତୁମ କଥାରେ ମୁଁ ଏକମତ।

–ଆଉ ସବୁ ଖବର କ'ଣ ? ତୁମ ପଢ଼ାପଢ଼ି କିପରି ଚାଲିଛି। କ୍ଲାସରେ ତ ତୁମ ପରଫରମେନସ ବେଶ୍ ସାଉଣ୍ଡ ଜଣାପଡ଼େ। ସୌଦାମିନୀଙ୍କ ପ୍ରଶଂସାରେ ଶୁଭଙ୍କର ନିହାତି ଗଦ୍‌ଗଦ୍ ହୋଇ ନଥିଲେ ବି ଉଲ୍ଲସିତ ହୋଇ ଉଠିଥିଲା।

ଶୁଭଙ୍କର ଉଦ୍ଦେଶ୍ୟରେ ପ୍ରଶ୍ନ କଲେ ସୌଦାମିନୀ

– ତୁମ ଜନ୍ମ ଦିନରେ ମୋ ପାଇଁ କାହିଁକି ମିଠା ପେକେଟ ନେଇକି ଆସିଲ ? ତୁମେ କ'ଣ ଆମ ରାଜନୀତି ବିଜ୍ଞାନର ପ୍ରତ୍ୟେକ ଅଧ୍ୟାପକ ଅଧ୍ୟାପିକାଙ୍କ ପାଇଁ ନେଇ ଦେଇଛ ?

– ନା, ମୁଁ କେବଳ ଆପଣଙ୍କ ପାଖକୁ ହିଁ ଆସିଛି। ଆଉ କାହା ପାଖକୁ ଯିବାର ନାହିଁ।

– କେମିତି ?

– ଆପଣ ମୋତେ ଭଲ ଲାଗନ୍ତି। ଆପଣଙ୍କ ପାଠପଢ଼ା ମୋତେ ଭଲ ଲାଗେ।

– ତୁମେ ମନ ଲଗାଇ ପାଠପଢ଼ଟି ? ମୁଁ ଶୁଣିଲି ତୁମେ ଛାତ୍ର ରାଜନୀତି କର। ଏଥର ନିର୍ବାଚନ ଜିତି କଲେଜ ଛାତ୍ରସଂସଦର ସଭାପତି ନିର୍ବାଚିତ ହେଇଛ ?

– ହଁ ନିର୍ବାଚନ ଲଢ଼ି ଛାତ୍ରଛାତ୍ରୀମାନଙ୍କ ମୋ ପ୍ରତି ଲୋକପ୍ରିୟତା ମୋତେ ସଭାପତି କରାଇଛି।

– ରାଜନୀତି କଲେ ପାଠପଢ଼ା ବ୍ୟାହତ ହେବନି ?

– ହଁ ବ୍ୟାହତ ହେବ। ମୁଁ କିନ୍ତୁ ରାଜନୀତି ସହିତ ପାଠପଢ଼ାଠୁଁ କେବେବି ଦୂରେଇ ରହେନି। ପାଠପଢ଼ା ମୋର ମୁଖ୍ୟ କର୍ମ, ମୋ କର୍ମମୟ ଜୀବନର ପ୍ରଧାନ ଆୟୁଧ, ତାକୁ ଅବହେଳା କରିବି କିପରି ?

–ସାବାସ୍। ଠିକ କହିଛ।

ସେତେବେଳେ ଦୁଇଟି ଚୌକିରେ ପାଖାପାଖି ବସି ସାରିଥିଲେ ସୌଦାମନୀ ଓ ଶୁଭଙ୍କର। ଅବିବାହିତା ସୁନ୍ଦରୀ ସୌଦାମନୀଙ୍କୁ ଏତେ ନିକଟରେ ପାଇ ନିଜକୁ ଖୁବ୍ ଧନ୍ୟ ମନେ କରୁଥିଲା ଶୁଭଙ୍କର।

ଆଉ କିଛି ସମୟ ବାର୍ତ୍ତାଳାପ ପରେ ଶୁଭଙ୍କରକୁ ବିଦାୟ ଦେଇଥିଲେ ଅଧ୍ୟାପିକା ସୌଦାମିନୀ।

ଏହାପରେ ଆଉ କେତେଥର ସାକ୍ଷାତ କରିଛି ସୌଦାମିନୀଙ୍କୁ ଶୁଭଙ୍କର।

ଏହାପରେ ଆସିଗଲା ଦୁର୍ଗାପୂଜା ଛୁଟି। ସୌଦାମିନୀ ଥିଲେ ବାରିପଦାର ଝିଅ। କଟକ ଭୁବନେଶ୍ୱରର ପ୍ରସିଦ୍ଧ ଜାକଜମକରେ ଦୁର୍ଗାପୂଜା କଥା ସେ ଶୁଣିଥିଲେ ମଧ୍ୟ ଦେଖିବାର ସୁଯୋଗ ଲାଭ କରିନଥିଲେ। ସେ ଛୁଟିର ପ୍ରଥମ ଭାଗ ରହି କଟକ ଭୁବନେଶ୍ୱରର ପୂଜା ଦେଖି ଫେରିବାର ଯୋଜନା କରି ଦିନେ ଶୁଭଙ୍କରଙ୍କୁ କହିଥିଲେ। ଶୁଭଙ୍କର ମୁଁ ଦୁର୍ଗାପୂଜା ଛୁଟିରେ ପ୍ରଥମ କେତେଦିନ ରହି ତା'ପରେ ଘରକୁ ଯିବି। ମୋ ବାପା ମାଆଙ୍କୁ ମଧ୍ୟ ମୋର ଏହି ଯୋଜନା ଜଣାଇ ଦେଇଛି। ମୁଁ କଟକ ଓ ଭୁବନେଶ୍ୱରର ଜାକଜମକ ଦୁର୍ଗାପୂଜା କଥା ଶୁଣିଥିଲି ଏଥର ସୁଯୋଗ ଅଛି ଯେତେବେଳେ କଟକ, ଭୁବନେଶ୍ୱର ଦୁର୍ଗାପୂଜା ଦେଖି ସାରି ଘରକୁ ଯିବି। ତୁମେ ମୋତେ କଟକ ଭୁବନେଶ୍ୱରର ସବୁ ଦୁର୍ଗାମେଢ଼ ଦେଖାଇ ପାରିବ ?

ଅଧ୍ୟାପିକା ସୌଦାମିନୀଙ୍କ ପାଖରୁ ଏପରି ଏକ ପ୍ରସ୍ତାବ ପାଇ ମନେ ମନେ କୁରୁଳି ଉଠିଥିଲା ଶୁଭଙ୍କର। ହସି ହସି କହିଥିଲା ସେ – ହଁ ମାଡାମ୍, ମୁଁ କଟକ ଭୁବନେଶ୍ୱରରର ଯେତେ ଦୁର୍ଗାମେଢ଼ ସବୁ ଦେଖାଇ ଦେଇ ପାରିବି।

– ଗାଡ଼ି ପାଇଁ ଚିନ୍ତା କରିବ ନାହିଁ। କାର୍‌ଟେ ଟ୍ରାଭଲ୍‌ସରୁ ବୁକ୍ କରିଦେବ। ମୁଁ ଟଙ୍କା ଦେଇଦେବି।

– ହଁ ସେଥିରେ କିଛି ଅସୁବିଧା ହେବନାହିଁ।

ସୌଦାମିନୀଙ୍କୁଠାରୁ ଏପରି ଏକ ଶୁଭପ୍ରଦ ପ୍ରସ୍ତାବ ପାଇ ଶୁଭଙ୍କରର ଆନନ୍ଦର ସୀମା ରହିଲା ନାହିଁ।

ସେଦିନ ରାତିରେ ସୌଦାମିନୀର ସୌନ୍ଦର୍ଯ୍ୟ ଓ ଆଚାର ବ୍ୟବହାରକୁ ସମୀକ୍ଷା କରି ମନରେ କେତେ ସୁନେଲୀ ସ୍ୱପ୍ନ ଦେଖି ଯାଉଥିଲା ଶୁଭଙ୍କର।

ଦୁର୍ଗାପୂଜାରେ ବୁଲି ମେଢ଼କୁ ମେଢ଼ ପ୍ରତି ମେଢ଼ ଦୁର୍ଗା ଦର୍ଶନ କରି ଉଲ୍ଲସିତ ହେଉଥିଲେ ଉଭୟ ସୌଦାମିନୀ ଓ ଶୁଭଙ୍କର।

ପ୍ରତିଦିନ ଦିନ ଦୁଇଟା ପର୍ଯ୍ୟନ୍ତ ଦୁର୍ଗାମେଢ଼ ବୁଲି ଦେଖନ୍ତି। ତାପରେ ଭଲ ହୋଟେଲ ଦେଖି ଖାଇନିଅନ୍ତି। ସୌଦାମିନୀ ଯେତେ ବାରଣ କଲେ ବି ଶୁଭଙ୍କର ହୋଟେଲ ବିଲ ପଇଠ କରିଦିଏ। ବିରକ୍ତ ହୁଅନ୍ତି ସୌଦାମିନୀ। କୁହନ୍ତି – ତୁମେ କାହିଁକି ସବୁବେଳେ ହୋଟେଲ ବିଲ ପଇଠ କରି ଦେଉଛ ?

– ଏକାକଥା। ଆପଣ ଦେଇଥାନ୍ତେ, ମୁଁ ଦେଇ ଦେଲି ସେଥିରେ ପ୍ରଭେଦ କ'ଣ ?

–ତୁମେ କ'ଣ ଚାକିରି କଲଣି ଯେ ତୁମେ ଏତେ ମୋ ପାଇଁ ଖର୍ଚ୍ଚ କରିବ ? ମୁଁ ପରା ଚାକିରି କରି ଏତେ ଦରମା ପାଉଛି ?

– ଠିକ୍ ଅଛି ମୋର ପ୍ରୟୋଜନ ବେଳେ ମୁଁ ଆପଣଙ୍କଠୁ ମାଗିନେବି।

ଦୁର୍ଗାପୂଜା ଛୁଟିର ପ୍ରଥମ କେତେଦିନ ରହି ବାରିପଦା ବାପା ମାଆଙ୍କ ପାଖକୁ ଚାଲିଗଲେ ଅଧ୍ୟାପିକା ସୌଦାମିନୀ। ସୌଦାମିନୀ ବାରିପଦା ଚାଲିଗଲା ପରେ ଶୁଭଙ୍କର ଏକ ଆହତ ପକ୍ଷୀ ପରି ଯନ୍ତ୍ରଣାରେ ଯେପରି ମର୍ମରିତ ହେବାକୁ ଲାଗିଲା।

ଦୁର୍ଗାପୂଜା ଛୁଟି ଶେଷ ହେଲା। ସୌଦାମିନୀ ବାରିପଦାରୁ ଫେରି ଆସିଲେ। କଲେଜ ଖୋଲିବାର ପ୍ରଥମ ଦିନରେ ହିଁ ଶୁଭଙ୍କର ଯାଇ ସୌଦାମିନୀଙ୍କୁ ତାଙ୍କ ଘରେ ସାକ୍ଷାତ କଲା ଏବଂ ଅନେକ ସମୟ ଧରି ଆଳାପ କରି ସୌଦାମିନୀଙ୍କଠାରୁ ଚା' ଜଳଖିଆ ଖାଇ ଫେରିଥିଲା।

ରୂପବତୀ ଓ ଗୁଣବତୀ ସୌଦାମିନୀଠାରୁ ଦୂରରେ ରହିବାକୁ ଆଦୌ ଇଚ୍ଛା ହେଉନଥିଲା ତା'ର।

ସେଦିନ ହୋଇଥାଏ ରବିବାର। ଅପରାହ୍ନରେ ଶୁଭଙ୍କର ଆସିଲା ସୌଦାମିନୀଙ୍କ ପାଖକୁ। ମନରେ ଅସୀମ ଉତ୍କଣ୍ଠା ଏବଂ କିଛି ଉଦାସ ଭାବ।

ଯେଉଁ ଭାବନା ଶୁଭଙ୍କରକୁ ସଦା ସର୍ବଦା ବିଚଳିତ କରୁଛି, ଯେଉଁ ଆଶଙ୍କାରେ ସେ ଅବିରତ ଛଟପଟ ହେଉଛି, ତାହାର ଆଶୁ ସମାଧାନ ଥିଲା ଶୁଭଙ୍କରର ପ୍ରଥମ ପଦକ୍ଷେପ।

ସୌଦାମିନୀଙ୍କ ଘରେ ସୌଦାମିନୀଙ୍କ ସହିତ ଆଳାପର କେତୋଟି ମୁହୂର୍ତ୍ତ ପରେ ଶୁଭଙ୍କର ସାହସ କରି ମନର କଥା ବ୍ୟକ୍ତ କରିବାକୁ ତତ୍ପର ହୋଇ ଉଠିଲା। ଶୁଭଙ୍କରର ଆନମନା ଭାବ ଲକ୍ଷ୍ୟ କରି ସୌଦାମିନୀ ପଚାରିଲେ – କ'ଣ ହେଲା ? ଆଜି କାହିଁକି ତୁମର ଏପରି ଉଦାସ ଉଦାସ ଭାବ ? କ'ଣ ହେଇଛି ?

ସୌଦାମିନୀଙ୍କର ଏପରି ପ୍ରଶ୍ନରେ ଆଉ ନୀରବ ରହିପାରିଲାନି ଶୁଭଙ୍କର। ନିଜ ମନରେ ଛଟପଟ ପ୍ରଶ୍ନଟି ବାହାରି ଆସିବାକୁ ଛଟପଟ ହେଉଥିଲା। ଶୁଭଙ୍କର ସୌଦାମିନୀଙ୍କୁ ପ୍ରଥମେ କେମିତି ଏକ ଖାଇଲା ଖାଇଲା ଆଖିରେ ଚାହିଁ ରହିଲା। ସୌଦାମିନୀ ପ୍ରଶ୍ନ କଲେ – କ'ଣ ହେଇଛି ? ଏମିତି ଏପରି ନୀରବତା... କ'ଣ କିଛି କହିବାର ଅଛି।

– ହଁ ଯେଉଁ କଥାଟି ଅନେକ ଦିନ ହେଲା କହିବି କହିବି ହେଉଥିଲି, ଅଥଚ କହିପାରୁନଥିଲି, ଆଜି କହିଦେବି ଭାବିଛି।

– ହେଉ କ'ଣ କୁହ ?

– ଆଉ ଅନ୍ୟ କଥା କିଛି ନୁହେଁ, ମୁଁ ଆପଣଙ୍କୁ ଗଭୀର ଭାବରେ ଭଲ ପାଇ ବସିଛି। ଆପଣଙ୍କ ବିନା ମୁଁ ବଂଚି ପାରିବି ନାହିଁ। ଦୁର୍ଗାପୂଜା ଛୁଟିରେ ପ୍ରଥମ କେତେଦିନ ଏଠି ବିତେଇଲେ, ମୁଁ ଆପଣଙ୍କ ସାନିଧ୍ୟରେ ସ୍ୱୟଂସମ୍ପୂର୍ଣ୍ଣ ହେଲା ପରି ମନେ କରୁଥିଲି। କିନ୍ତୁ ଆପଣ ଚାଲିଗଲା ପରେ ମୁଁ ଅନୁଭବ କରୁଥିଲି ଗଭୀର ଶୂନ୍ୟତା। ମୁଁ ଆପଣଙ୍କୁ ନିଜର କରିନେବାକୁ ଚାହେଁ।

– ନିଜର ? ମାନେ ? କ'ଣ କହିବାକୁ ଚାହୁଁଛ ତୁମେ ?

– ମାନେଟା ଅତି ସହଜ। ମାନେ ମୁଁ ଆପଣଙ୍କୁ ବିବାହ କିରବାକୁ ଚାହେଁ।

– ଶୁଭଙ୍କର !

ଚିହିଁକି ଉଠିଲେ ସୌଦାମିନୀ।

ନୀରବ ରହିଲା ନାହିଁ ଶୁଭଙ୍କର।

ଅନୁଚ୍ଚ ସ୍ୱରରେ କହିଲା – ହଁ ଆମର ବିବାହ ହେଲେ କ୍ଷତି କ'ଣ ? ଦୁଇଟା ମନର ସାମ୍ୟତାରୁ ସୃଷ୍ଟିହୁଏ ବଂଧୁତା। ସେ ବଂଧୁତା ସ୍ୱାମୀ ସ୍ତ୍ରୀର ନିଗୂଢ଼ ସମ୍ପର୍କରେ ବି ରୂପାୟିତ ହୋଇପାରେ।

– ତୁମେ କ'ଣ କହୁଛ ତୁମେ ନିଜେ ବି ଜାଣିପାରୁନ ବୋଧେ।

– ତୁମ ସାହସକୁ ମୁଁ ଧନ୍ୟବାଦ ଜଣାଉଛି।

– ହଁ ମୁଁ ଯାହା କହୁଛି ଖୁବ୍ ଭଲ ଭାବରେ ଚିନ୍ତା କରି ହିଁ କହୁଛି।

– ଚିନ୍ତା କରି କହୁଛ ? ତୁମେ ଭଲ ପିଲା ମୁଁ ମାନୁଛି। ତୁମର କିଛି କପଟତା ନାହିଁ ମୁଁ ସ୍ୱୀକାର କରୁଛି। ତୁମେ ଗୋଟାଏ ପ୍ରତିପତ୍ତି ସମ୍ପନ୍ନ ପରମ୍ପରାଯୁକ୍ତ ପରିବାରର ଦାୟାଦ ମୁଁ ଅସ୍ୱୀକାର କରୁନାହିଁ। କିନ୍ତୁ ତୁମେ ଯେ ମୋର ଛାତ୍ର। ଆମ ଭିତରେ ବୟସର ଦୂରତା ବି ରହିଛି। ମୁଁ ତୁମଠାରୁ ବୟସରେ ତିନି ବର୍ଷରୁ ଊର୍ଦ୍ଧ୍ୱ ବଡ଼। ତୁମେ କେମିତି ଭାବୁଛ ଯେ ଏ ବାହାଘର ସମ୍ଭବ ହୋଇପାରିବ ?

– କ୍ଷତି କ'ଣ ? ମୁଁ ଆପଣଙ୍କଠାରୁ ତିନିବର୍ଷ ସାନ ହେଲି ତ କ'ଣ ପ୍ରଣବ ଅଶୁଦ୍ଧ ହୋଇଗଲା ? ଏପରି ବିବାହ ହେବାର ଅନେକ ଦୃଷ୍ଟାନ୍ତ ରହିଛି।

– ଅନେକ ଦୃଷ୍ଟାନ୍ତ ?

– ହଁ ଐଶ୍ୱର୍ଯ୍ୟାଠାରୁ ଅଭିଷେକ ବଚନ ଦୁଇ ବର୍ଷ ସାନ। ପ୍ରିୟଙ୍କା ଚୋପଡା ତା' ଠାରୁ ଦର୍ଶବର୍ଷର ସାନ ଯୁବକକୁ ବିବାହ କରିଛି ସେ। ଏ କ୍ଷେତ୍ରରେ ମୁଁ ତ ମାତ୍ର ତିନିବର୍ଷର ସାନ।

–ତୁମେ ଏକଥା ଯେପରି ସହଜରେ କହୁଛ ତାହା ଏତେ ସହଜ କଥା ନୁହେଁ। ତୁମର ବାପା ମାଆ ଅଛନ୍ତି – ସେମାନେ କେବେ ରାଜିହେବେ ବୋଲି ଭାବୁଛ ? ତା ଛଡ଼ା ତୁମେ ତ ଏ ପର୍ଯ୍ୟନ୍ତ ବି.ଏ. ବି ପାସ କରିନ। ଏବେଠୁଁ ବାହା ହେବାକୁ ଆସ୍ଫାଳନ କରୁଛ ? ତୁମର ଭବିଷ୍ୟତ ଅଛି। ତୁମ ଉପରେ ତୁମ ବାପା ମାଆଙ୍କର କେତେ ଆଶା ଭରସା ଥିବ। ଅଥଚ–

–କାହିଁକି ବାହା ହେଇସାରି କ'ଣ ପାଠ ପଢ଼ି ପାରିବି ନାହିଁ ?

– ସେମିତି କ'ଣ ହୁଏ।

– କାହିଁକି ?

– ବିବାହ, ତାପରେ ଦାମ୍ପତ୍ୟ ଜୀବନ ଏସବୁ ପାଠପଢ଼ାରେ ଘୋର ଅନ୍ତରାୟ ସୃଷ୍ଟି କରିବ।

– ନା କିଛି ଅନ୍ତରାୟ ସୃଷ୍ଟି କରିବ ନାହିଁ। ମୋତେ ବିବାହ କରିବାକୁ ଯଦି ପ୍ରତ୍ୟାଖ୍ୟାନ କରନ୍ତି ତେବେ ମୁଁ ଆତ୍ମହତ୍ୟା କରିବି।

– ଏ ସବୁ କ'ଣ ପାଗଳଙ୍କ ପରି ଏତେ କଥା କହିଯାଉଛ।

– ହଁ ମୋତେ ତ ଆପଣଙ୍କର ଯତିମତିହରା ରୂପ, ସୁନ୍ଦର ସାମାଜିକ ମଧୁର ବ୍ୟବହାର ପାଗଳ କରି ଦେଇଛି। ଏ ଭଲ ପାଇବା, ଏପରି ପାଗଳ ହେବା ଆଜି ନୁହେଁ, ଆପଣ ଏ କଲେଜରେ ଯୋଗ ଦେବା ଦିନରୁ। ମୋର ପ୍ରଥମ ଦେଖାରୁ ହିଁ ମୁଁ ପାଗଳ ହେଇ ସାରିଛି।

–ହଉ ସେ ପାଗଳାମି ଛାଡ଼। ଯାଅ ପାଠପଢ଼ାରେ ମନ ଦିଅ।

– ମୋତେ ବାହା ହେବା ପାଇଁ କଥା ଦେଲେ ମୁଁ ଠିକ୍ ପାଠ ପଢ଼ିପାରିବି।

– ଆଚ୍ଛା ଠିକ୍ ଅଛି ତୁମେ ପାଠ ପଢ଼ିସାର, ଚାକିରି କର ତା'ପରେ ବିବାହ କଥା ଚିନ୍ତା କରିବ।

– ନା, ଏପରି କହି ମୋତେ ଭଣ୍ଡେଇ ଦିଅନ୍ତୁ ନାହିଁ।

-ଆରେ ତୁମେ ବାସ୍ତବତାକୁ ବୁଝୁନ କାହିଁକି ?

- କଳ୍ପନାରେ ଭାସିଯିବା ଲୋକ ମୁଁ ନୁହେଁ।

- ତେବେ ଏମିତି ଅବାସ୍ତବ କଥା ଉତ୍‌ଥାପନ କରୁଛ କାହିଁକି ?

- ଅବାସ୍ତବ ନୁହେଁ ମୋର ମନର କଥା କହୁଛି। ଏଥିରୁ ବିଚ୍ୟୁତି ଘଟିଲେ ମୁଁ ନିଶ୍ଚିତ ଏ ଜୀବନ ହାରିଦେବି।

ଠିକ୍ ଅଛି, ମୁଁ ତୁମ ପାଇଁ ଅପେକ୍ଷା କରିବି। ତୁମେ ଆଗ ପାଠପଢ଼ା ସାରି ଚାକିରି କରିସାର।

- ନା, ତାହା ହେବ ନାହିଁ। ଏତେ ଦିନ ପର୍ଯ୍ୟନ୍ତ ମୁଁ ଅପେକ୍ଷା କରିପାରିବି ନାହିଁ।

- ତେବେ ?

- ଆମର ବାହାଘର ଏବେ ହେବ। ମୋ ବାପାମାଆଙ୍କ ସମ୍ମତି କଥା ମୁଁ ଦାୟିତ୍ୱ ନେଉଛି।

ଶୁଭଙ୍କରର ଏପରି ଜିଦ୍ ଏବଂ ଗଭୀର ଭଲ ପାଇବା ପାଖରେ ନୀରବ ରହିବାକୁ ବାଧ୍ୟ ହେଲେ ଅଧ୍ୟାପିକା ସୌଦାମିନୀ।

କିଛି ସମୟ ଚିନ୍ତା କରି କହିଲେ - ଆଚ୍ଛା। ଠିକ୍ ଅଛି ମୁଁ ତୁମକୁ ବିବାହ କରିବି କିନ୍ତୁ ଗୋଟାଏ ସର୍ତ୍ତରେ।

- ସର୍ତ୍ତ ?

- ହଁ ସର୍ତ୍ତ। ସେ ସର୍ତ୍ତଟି ହେଲା ତୁମେ ବି.ଏ. ପରୀକ୍ଷାରେ ଡିଷ୍ଟିଂସନ ସହିତ ପ୍ରଥମ ଶ୍ରେଣୀରେ ପାସ କରିବ। ପ୍ରଥମ ଶ୍ରେଣୀରେ ଡିଷ୍ଟିଂସନ ସହିତ ପାସ୍ କଲେ ତୁମେ ଯେ କୌଣସି ବିଶ୍ୱବିଦ୍ୟାଳୟରେ ଏମ.ଏ.ରେ ନାମ ଲେଖାଇବାକୁ ସକ୍ଷମ ହୋଇପାରିବ।

-ଠିକ୍ ଅଛି ଏ ସର୍ତ୍ତରେ ମୁଁ ରାଜି।

ଉଲ୍ଲସି ଉଠିଲା ଶୁଭଙ୍କର ମନ ଓ ହୃଦୟ। ସେ ଭାବିଲା - ଯେମିତି ହେଲେ ପରିଶ୍ରମ କରି ସେ ଡିଷ୍ଟିସନ ସହିତ ପ୍ରଥମ ଶ୍ରେଣୀରେ ପାସ୍ କରିପାରିବ ବୋଲି ତା'ର ଦୃଢ଼ ବିଶ୍ୱାସ ସ୍ଥାପନ କରି ସେ ଏବେଠାରୁ କଠିଣ ପରିଶ୍ରମ କରିବ ବୋଲି ଦୃଢ଼ ଶପଥ ନେଲା।

ଅନେକ କଥାବାର୍ତ୍ତା, ଯୁକ୍ତିତର୍କ ପରେ ଆଶ୍ୱସ୍ତ ହୋଇ ସୌଦାମିନୀଙ୍କଠାରୁ ମିଠା ଖାଇ ଫେରିଥିଲା ଶୁଭଙ୍କର।

ଶୁଭଙ୍କର ଫେରିଗଲା ପରେ ସୌଦାମିନୀଙ୍କ ଚିନ୍ତାର ବିସ୍ତାରିତ ଜାଲ ପ୍ରଲଂବିତ ହୋଇ ଯାଉଥିଲା। ଛାତ୍ର ଶୁଭଙ୍କରର ଏ ଭଲ ପାଇବାର ବାସ୍ତବତାକୁ ବିଶ୍ୱାସ କରିପାରୁନଥିଲେ। ଶୁଭଙ୍କର ପରି ସୌମ୍ୟ ସୁନ୍ଦର ଯୁବକକୁ କୌଣସି ଗୁଣରେ ନାପସନ୍ଦ କରିବାର ନ ଥିଲେ ବି ଏପରି ଏକ କନିଷ୍ଠ ଯୁବକ ସତରେ କ'ଣ ତାଙ୍କର ଭାଗ୍ୟରେ ଲେଖାଅଛି ? ସେ ଯେପରି ଭାବେ ଭଲ ପାଇ ଆତ୍ମହରା ହେଉଛି ତାକୁ ସେଥିରୁ ନିବର୍ତ୍ତାଇବାକୁ କାହାର ବା କି ଉପାୟ ଅଛି। ଯେତେ ସର୍ତ୍ତ ରଖିଲେ ବି ଶୁଭଙ୍କର ସବୁ ସର୍ତ୍ତକୁ ପୂରଣ କରିବାକୁ ଯେପରି ସମର୍ଥ।

ଆଉ କିଛି ଭାବି ପାରୁନଥିଲେ ସୌଦାମିନୀ।

ଶୁଭଙ୍କର ମନବନରେ ଆନନ୍ଦର ହିଲ୍ଲୋଳ। ସୌଦାମିନୀଙ୍କ ସର୍ତ୍ତ ରକ୍ଷା କରିବା ବର୍ତ୍ତମାନ ତା'ର ଏକ ମାତ୍ର ଲକ୍ଷ୍ୟ। ମନଯୋଗ ଦେଇ ପାଠପଢ଼ି କେମିତି ସେ ଡିଷ୍ଟିଂସନ ସହିତ ପ୍ରଥମ ଶ୍ରେଣୀରେ ପାସ୍ କରିପାରିବ ସେହି ଚିନ୍ତାରେ ଘାରି ହେଉଥିଲା ସେ।

କଲେଜ ୟୁନିୟନର ସଭାପତି ଭାବରେ ଶୁଭଙ୍କରର କେତେ କାର୍ଯ୍ୟବି ରହିଛି। କଲେଜର ବାର୍ଷିକୋତ୍ସବ ଶେଷ କରିଦେଇ ନିଜ ପାଠ଼ପଢ଼ାରେ ନିଜକୁ ନିୟୋଜିତ କରିଦେବ ବୋଲି ସିଦ୍ଧାନ୍ତ ନେଇ କଲେଜ ୟୁନିୟନ ମିଟିଂ ଡାକି ପାଠପଢ଼ା ଦୃଷ୍ଟିରୁ ବାର୍ଷିକୋତ୍ସବକୁ ବେଶି ବିଳମ୍ବିତ ନ କରି ଡିସେମ୍ବର ପ୍ରଥମ ସପ୍ତାହରେ ସାରିଦେବାକୁ ସିଦ୍ଧାନ୍ତ ନେଲା। ଅତିଥିମାନଙ୍କ ସହିତ ଯୋଗାଯୋଗ କରି ଅତିଥି ଚୟନ କାର୍ଯ୍ୟ ପ୍ରଥମେ ଶେଷ କରି ସଂସଦର ସମସ୍ତ କର୍ମକର୍ତ୍ତାମାନଙ୍କୁ ଦାୟିତ୍ୱ ବଣ୍ଟନ କରି ଉତ୍ସବ କାର୍ଯ୍ୟକୁ ଯଥାରୀତିରେ ଗତିଶୀଳ କରି ରଖିଲା ଶୁଭଙ୍କର।

ଯଥାରୀତିରେ ଡିସେମ୍ବର ପ୍ରଥମ ସପ୍ତାହରେ କଲେଜର ବାର୍ଷିକୋତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଗଲା। ଶୁଭଙ୍କରର ସାଂଗଠନିକ ଦକ୍ଷତା ଏବଂ ଉତ୍ସବର ସଫଳତା ନିମନ୍ତେ ଶୁଭଙ୍କରକୁ ଧନ୍ୟବାଦ ଜଣାଇଥିଲେ କଲେଜ ଅଧକ୍ଷ ମହୋଦୟ।

ଉତ୍ସବକୁ ଆସିଥିଲେ ଅଧ୍ୟାପିକା ସୌଦାମିନୀ। ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକାଙ୍କ ମହଲରେ ବସି ଉତ୍ସବ ଉପଭୋଗ କରିଥିଲେ। ଶୁଭଙ୍କର ସଭାମଂଚରେ ଖୁବ୍ ଜ୍ୟୋତିର୍ମୟ ଦିଶୁଥିଲା। ଶୁଭଙ୍କର ତା'ର ସଭାପତି ଅଭିଭାଷଣରେ ସଭିଙ୍କୁ ଚମତ୍କୃତ କରି ଦେଇଥିଲା। ଘନ ଘନ କରତାଳିରେ ସଭାସ୍ଥଳ ପ୍ରକଂପିତ ହେଉଥିଲା।

ମନେ ମନେ ଅତ୍ୟନ୍ତ ପ୍ରୀତ ହୋଇଥିଲେ ଅଧ୍ୟାପିକା ସୌଦାମିନୀ। କେତେ ପ୍ରତିଭାବାନ ନୁହେଁ ଏ ଶୁଭଙ୍କର !

ଏହି କୋମଳ ସୁନ୍ଦର ସୁକୁମାରଟି ହେବ ପୁଣି ତା'ର ମନର ମଣିଷ। ଏହା ସ୍ୱପ୍ନ ନା ସତ୍ୟରେ ରୂପାୟିତ ହେବ ? ଆଉ ବେଶି କିଛି ଭାବି ପାରୁନଥିଲେ ସୌଦାମିନୀ।

ଉତ୍ସବ ଶେଷ ହେଲା। ଛାତ୍ରଛାତ୍ରୀ ଅଧ୍ୟାପିକା ଅଧ୍ୟାପିକା ସଭାସ୍ଥଳ ସମସ୍ତେ ବିଦାୟ ନେଲେ। ସୌଦାମିନୀ ଫେରିଲା ଅନେକ ଆନନ୍ଦ ଓ କିଛି ଶଙ୍କାର ଉଚ୍ଛ୍ୱାସ ବହନକରି।

ଉତ୍ସବଟିର ସମସ୍ତ କାର୍ଯ୍ୟ ଶେଷ କରିଦେବା ପରେ ଶୁଭଙ୍କର ଆଉ କାହିଁରେ ମନ ନଦେଇ କେବଳ ନିଜ ପାଠରେ ହିଁ ବୁଡ଼ି ରହିଲା। ଏପରିକି ମଝିରେ ମଝିରେ ସୌଦାମିନୀଙ୍କୁ ମଧ୍ୟ ସାକ୍ଷାତ କରିବାକୁ ସେ ଅବସର ପାଉନଥିଲା।

କିନ୍ତୁ ସୌଦାମିନୀ ଚାହୁଁଥିଲେ ଶୁଭଙ୍କରର ସାନିଧ୍ୟ। ପ୍ରବଳ ଇଚ୍ଛା ହୋଇଥିଲା ଶୁଭଙ୍କର ସହିତ ସାକ୍ଷାତ ଓ ଆନ୍ତରିକ ଆବେଗମୟ ଆଳାପ।

ଏକମନ ଏକ ଧ୍ୟାନରେ ପାଠପଢ଼ାରେ ମଜିଗଲେ ଶୁଭଙ୍କର। ପୁରାଣ ଯୁଗରେ ଦାନବ ମାନେ ବ୍ରହ୍ମା, ବିଷ୍ଣୁ, ଶିବ ଆଦିଙ୍କୁ ପ୍ରାର୍ଥନା କରି ବରପ୍ରାପ୍ତ ହେଲା ପରି ଶୁଭଙ୍କର କେବଳ ପାଠରେ ନିମଗ୍ନ ରହିଲା।

ପାଠପଢ଼ା ଏକାନ୍ତ ଏବଂ ନିରୋଳା ହେବ ବୋଲି ସେ ସକାଳ ନିତ୍ୟକର୍ମ ସାରି ଚାଲିଯାଏ ହଷ୍ଟେଲ ନିକଟବର୍ତ୍ତୀ ଜନବସତିଠାରୁ ଏକ ନିରୋଳା ଗଛ ମୂଳକୁ। ସେଠି ଏକାନ୍ତରେ ବସି ପାଠପଢ଼େ। ମଧ୍ୟାହ୍ନ ଭୋଜନ ନିମନ୍ତେ ହଷ୍ଟେଲକୁ ଆସେ ତା' ପରେ ସାମାନ୍ୟ ବିଶ୍ରାମ କରି ପୁଣି ଚାଲିଯାଏ ଯେ ଫେରିଲା ବେଳକୁ ସନ୍ଧ୍ୟା। ରାତିରେ ହଷ୍ଟେଲରେ ଭଲ ଭାବେ ପଢ଼ି ପାରିବ ନାହିଁ ବୋଲି ସେ ଚାଲିଯାଏ କଲେଜ ୟୁନିୟନ ଅଫିସ ରୁମ୍‌କୁ। ସେହିଠାରେ ପାଠପଢ଼ି ଫେରିଆସେ ରାତ୍ରିର ଉତ୍ତୀର୍ଣ୍ଣ ପ୍ରହରରେ।

ଯଥା ସମୟରେ ପରୀକ୍ଷା ଆରମ୍ଭ ହେଲା । ଶୁଭଙ୍କରର ଖୁବ୍ ଉତ୍ତମ ପ୍ରସ୍ତୁତି ହୋଇଥିଲା । ପରୀକ୍ଷାରେ ଖୁବ୍ ଭଲ ହୋଇଥିଲା । ପରୀକ୍ଷା ପରେ କେତେବେଳେ ସୌଦାମିନୀ ତା' ଆଡୁ ପରୀକ୍ଷା କଥା ଶୁଭଙ୍କରଠାରୁ ପଚାରି ବୁଝୁଥିଲା ତ ଆଉ କେତେବେଳେ ଶୁଭଙ୍କର ବି ପରୀକ୍ଷାରେ ଦେଇଥିବା ଉତ୍ତରର ଭଲ ମନ୍ଦ ବିଷୟରେ ସୌଦାମିନୀଙ୍କୁ ତା' ଆଡୁ ଜଣାଉଥିଲା ।

ପରୀକ୍ଷା ଶେଷ ହେଲା । ପରୀକ୍ଷା ପରେ ଗ୍ରୀଷ୍ମ ଛୁଟି ହେବା ପର୍ଯ୍ୟନ୍ତ ଶୁଭଙ୍କର ଘରକୁ ନଯାଇ କେବଳ ସୌଦାମିନୀଙ୍କ ସହିତ ଆଳାପ ଓ ସାନିଧ ପାଇଁ ରହିଥିଲା । ଗ୍ରୀଷ୍ମ ଛୁଟି ହେବା ପରେ ଦିନେ ଦୁଇଟି ସିନେମା ଟିକେଟ କରି ଆଣି ସୌଦାମିନୀଙ୍କୁ ସିନେମା ଯିବାକୁ ଅନୁରୋଧ କରନ୍ତେ ସୌଦାମିନୀ ଖୁସି ହୋଇ ସିନେମା ଦେଖି ଯାଇଥିଲା ।

ଯେଉଁ ଦିନ ସୌଦାମିନୀ ବାରିପଦାକୁ ଗ୍ରୀଷ୍ମ ଛୁଟି କଟାଇବାକୁ ଗଲେ ସେଦିନ ବସଷ୍ଟାଣ୍ଡରେ ତାକୁ ବିଦାୟ ଦେବାକୁ ଶୁଭଙ୍କର ଆସିଥିଲା । ଏହା ମଧ୍ୟରେ ସୌଦାମିନୀଙ୍କର କେତୋଟି ପୋଜ୍‌ର ଫଟୋ ଉଠେଇ ରଖିଥିଲା ସେ ।

ସମୟକ୍ରମେ ପରୀକ୍ଷା ଫଳ ବାହାରିଲା । ଶୁଭଙ୍କର ଡିଷ୍ଟିସନ ସହିତ ପ୍ରଥମ ଶ୍ରେଣୀରେ ତାଙ୍କ କଲେଜରେ ପ୍ରଥମ ସ୍ଥାନ ଅଧିକାର କରିଥିଲା ।

ଏ ସଂବାଦଟି ପାଇ ସୌଦାମିନୀ ଯେତିକି ଖୁସି ହେଉଥିଲା ତା'ଠାରୁ ବେଶି ବିଚଳିତ ହୋଇ ପଡୁଥିଲା । ମନେ ମନେ ଭାବୁଥିଲା – ଶୁଭଙ୍କର ସର୍ତ୍ତ ପୂରଣ କରିଛି । ମୁଁ ଏବେ କ'ଣ କରିବି ? ତା ଭଳି ମେଧାବୀ ଓ ସର୍ବଗୁଣ ସମ୍ପନ୍ନ ପିଲାକୁ ବାହା ହେବାରେ ମୋର କିଛି ଆପତ୍ତି ନ ଥିଲେ ବି କେମିତି ଘରେ ମୋ ବାପା ମାଆଙ୍କୁ କହିବି ଯେ ମୁଁ ମୋର ଗୋଟାଏ ଛାତ୍ରକୁ ମୁଁ ବାହା ହେବି ବୋଲି ଠିକ୍ କରିଛି, ଯାହାର ବୟସ ମୋଠାରୁ ତିନି ବର୍ଷରୁ ଊର୍ଦ୍ଧ୍ୱ ସାନ ।

ଆଉ ଭାବି ପାରୁନଥିଲେ ସୌଦାମିନୀ ।

ଭଗବାନଙ୍କ ଉପରେ ସବୁ ଛାଡ଼ି ଦେଇଥିଲେ ।

ମନକୁ ମନ କହୁଥିଲେ – ଯାହା ଈଶ୍ୱରଙ୍କର ଇଛା, ତାହାହିଁ ହେବ ।

ଶୁଭଙ୍କରର ଆନନ୍ଦ କହିଲେ ନ ସରେ । ସେ କଲେଜରେ ଡିଷ୍ଟିଙ୍ଗସନ ସହିତ ପ୍ରଥମ ଶ୍ରେଣୀରେ ପ୍ରଥମ ବୋଲି ଯେତିକି ନୁହେଁ ତା'ଠାରୁ ଶହେ ଗୁଣରୁ ଅଧିକ ଖୁସି ଯେ ସେ ସୌଦାମିନୀଙ୍କ ସର୍ତ୍ତ ପୂରଣ କରିପାରିଛି । ଏଥର ଆଉ ଅଧ୍ୟାପିକା ସୌଦାମିନୀ ମାଡାମ୍ ବାହା ହେବେ ନାହିଁ ବୋଲି କୌଣସି ଯୁକ୍ତି କରିପାରିବେ ନାହିଁ । ମୁଁ ତାଙ୍କ ସର୍ତ୍ତ ପୂରଣ କରିଛି ଯେତେବେଳେ ସେ ମୋତେ ବିବାହ କରିବାକୁ ବାଧ୍ୟ ।

ଫଳ ବାହାରିବା ଦିନ କେବଳ ଗୋଟିଏ କଲ୍ ପାଇଥିଲା ସୌଦାମିନୀଙ୍କଠାରୁ ଶୁଭଙ୍କର । ସେ ଫୋନ୍‌ରେ କହିଥିଲେ । ମୁଁ ତୁମ ପରୀକ୍ଷା ଫଳ ଜାଣିଲି । ସମୟ ସୁବିଧା ଦେଖି କେତେବେଳେ ମୋ କ୍ୱାର୍ଟରକୁ ଆସି ।

ଫୋନ୍ ପାଇ ଆଉ ବିଳମ୍ବ ନ କରି ସେହିଦିନ ସନ୍ଧ୍ୟାରେ ଶୁଭଙ୍କର ପହଞ୍ଚିଥିଲା ସୌଦାମିନୀଙ୍କ କ୍ୱାର୍ଟରରେ । ପହଞ୍ଚିବା ମାତ୍ରେ ସୌଦାମିନୀ ଶୁଭଙ୍କର ହାତକୁ ମିଠା ପ୍ଲେଟଟିଏ ବଢ଼େଇ ଦେଇ କହିଲେ

–ତୁମେ ମୋତେ ମିଠା ଖୁଆଇବା ଆଗରୁ ତୁମକୁ ମୋ ମିଠା ଖାଇବାକୁ ହେବ ।

ହସି ଉଠିଥିଲା ଶୁଭଙ୍କର ଆନନ୍ଦରେ ଗଦ୍‌ଗଦ୍ ହୋଇ ମିଠା ଖାଇ ଖାଇ କହିଲା –

– ମୁଁ ଆପଣଙ୍କ ସର୍ତ୍ତ ପୂରଣ କରିଛି ।

– ତାହା କ'ଣ ମୁଁ ଜାଣିନାହିଁ ? କିନ୍ତୁ ଆଉରି ସର୍ତ୍ତ ଅଛି ।

– ଆଉ କି ସର୍ତ୍ତ ?

– ତୁମେ ଏହାପରେ ଯେଉଁଥିରେ ହେଲେ ନାମ ଲେଖାଇ ପାଠ ପଢ଼ିବ ଚାକିରି କରିବାକୁ ପଡିବ ।

– ସେ ସବୁ ସର୍ତ୍ତ ବିବାହ ପରର ସର୍ତ୍ତ । ମୋତେ ଠକେଇ ଦେବାକୁ କେବେବି ଚେଷ୍ଟା କରିବେ ନାହିଁ ।

– ନା, ତୁମ ଭଳି ପିଲାଙ୍କୁ ଠକେଇ ଦେବାର ଆସ୍ଫାଳନ ନ କଲେ ବି ଆମ ଆଗରେ ଠିଆ ହେବ ଅନେକ ଅନ୍ତରାୟ ।

– ଅନ୍ତରାୟ ?

– ହଁ ତୁମ ବାପାମାଆ ମୋ ବାପାମାଆ ସମସ୍ତେ ତ ସେହି ବୟସର ବ୍ୟବଧାନକୁ ନେଇ ହିଁ ପ୍ରଶ୍ନ କରିବେ ।

– ସେଇଟା କ'ଣ ଗୋଟାଏ ବଡ଼ କଥା । ମୋ ବାପା ମାଆଙ୍କୁ ମୁଁ ରାଜି କରେଇ ଦେବି । ଆପଣଙ୍କ ବାପାମାଆଙ୍କ କଥା ଆପଣ ବୁଝିବେ ।

– କାହିଁକି ତମେ ଏମିତି ବ୍ୟସ୍ତ ହେଇ ପଡୁଛ ଶୁଭଙ୍କର । ଧୈର୍ଯ୍ୟଧର । ସମୟ ଗତିପଥକୁ ଟିକିଏ ଅପେକ୍ଷା କର ।

– ନା, ସେସବୁ ମୁଁ କିଛି ଶୁଣିବାକୁ ଚାହେଁନା । ମୋର କେବଳ ତୁମେ ଦରକାର ତୁମେ ।

– କ'ଣ ଆପଣରୁ ତୁମେକୁ ଖସି ଆସିଲଣି ?

– ହଁ ମୁଁ ତୁମକୁ ଜୟ କରି ସାରିଛି ଯେତେବେଳେ...

ଶୁଭଙ୍କର ସେତେବେଳକୁ ସୌଦାମିନୀଙ୍କର ଖୁବ୍ ନିକଟତର ହୋଇ ଯାଇଥିଲା । ସୌଦାମିନୀ ଶୁଭଙ୍କର ହାତ ପାପୁଲିକୁ ଧରି ସରୁ ଚୁମାଟିଏ ଦେଇଥିଲେ । ପୁଲକିତ ହୋଇ ଉଠିଥିଲା ଶୁଭଙ୍କର ।

ଛାତ୍ର ୟୁନିୟନର ପୂର୍ବତନ ସଭାପତି ମେଧାବୀ ଶୁଭଙ୍କର ସୌଦାମିନୀଙ୍କ ପାଖକୁ ଅତି ନିକଟତମ ବ୍ୟକ୍ତିଭାବେ ଅନେକବାର ଆସୁଥିବାର ଲକ୍ଷ କରି ପଡୋଶୀ ଅବିବାହିତା ଅଧ୍ୟାପିକାମାନେ କେତେ ପ୍ରକାର ଟୀକାଟିପ୍‌ପଣୀ ଦେବାକୁ ଆରମ୍ଭ କରି ଦେଇଥିଲେ ।

ସେସବୁ ସୌଦାମିନୀ କାନରେ ପଡ଼ିଥିଲେ ବି କିଛି ପ୍ରତିକ୍ରିୟା ସୃଷ୍ଟି କରିନଥିଲା ।

ସୌଦାମିନୀ ପ୍ରଥମ ଥର ପାଇଁ ଅନୁଭବ କରିଥିଲା ଶୁଭଙ୍କରର ଦେହ ସ୍ପର୍ଶରେ ଗଭୀର ଶିହରଣ ।

ସୌଦାମିନୀ ଶୁଭଙ୍କରଙ୍କୁ ବିଳମ୍ବ ବିବାହ ନିମନ୍ତେ ପ୍ରବର୍ତ୍ତାଇଥିଲେ ମଧ୍ୟ ଏବେ ସେ ନିଜେ ବି କୌଣସି ବିଳମ୍ବକୁ ପ୍ରଶ୍ରୟ ଦେବାକୁ ଯେମିତି ଅନିଚ୍ଛୁକ ।

ଏହାପରେ ଉଭୟ ଉଭୟଙ୍କ ପିତାମାତାଙ୍କଠାରୁ ସମ୍ମତି ଆଣିବା ଚେଷ୍ଟାରେ ଲାଗି ପଡ଼ିଥିଲେ ।

ଶୁଭଙ୍କରଠାରୁ ତା'ର ବାପାମାଆ ଏପରି ଏକ ପ୍ରସ୍ତାବ ଶୁଣି ସତେ ଯେମିତି ଆକାଶରୁ ତଳକୁ ଖସି ପଡ଼ିଲେ । ଶୁଭଙ୍କର ବାପା ଅରୁଣ ବାବୁ କିଛି କହିବା ପୂର୍ବରୁ ମା' ଶ୍ରଦ୍ଧାମୟୀ ବିବ୍ରତ ହୋଇ କହି ଉଠିଲେ

–ଆରେ ଯେ ତୁ କ'ଣ କହୁଛୁ ? ତୋ ଅଧ୍ୟାପିକା ତୋଠାରୁ ଏତେ

ବଡ଼। ତାଙ୍କୁ ତୁ ବିବାହ କରିବୁ। ଜାଣୁ ବୟସ୍କା ନାରୀକୁ ବିବାହ କଲେ ପୁରୁଷ ଆୟୁଷ ହାନି ଘଟେ। ମୁଁ ଜାଣୁ ଜାଣୁ ଏହା କରେଇ ଦେବି ନାହିଁ।

ଅରୁଣ ବାବୁ ବିବାହକୁ ଘୋର ବିରୋଧ କରି କହିଲେ ଆରେ ତୋର ଭବିଷ୍ୟତ ଅଛି। ମୁଁ ତୋତେ ବାହାରେ କୌଣସି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପଢ଼ାଇବାକୁ ଚିନ୍ତା କଲାବେଳକୁ ତୁ ତୋର ବିବାହ ପ୍ରସ୍ତାବ ନିଜ ଆଡୁ ଆଣୁଛୁ ? ଆମେ ତୋର ବାପା ମାଆ ମରିଗଲୁଣି ?

– ସେପରି କୁହନ୍ତୁ ନାହିଁ ବାପା। ଆପଣ କାହିଁକି ପାତ୍ରୀଖୋଜାରେ ବ୍ୟସ୍ତ ହେବେ। ମୁଁ ତ ଆପଣଙ୍କ ପାଇଁ ସହଜ ବ୍ୟବସ୍ଥା କରିଦେଇଛି।

ଶୁଭଙ୍କରର ଏ ପ୍ରକାର ଉତ୍ତରକୁ ସହ୍ୟ କରିପାରିଲେ ନାହିଁ ତା'ର ମାଆ ଶ୍ରଦ୍ଧାମୟୀ ଦେବୀ। ଉଚ୍ଚ କଣ୍ଠରେ କହି ଉଠିଲେ କୋଉ ବାପାମା କ'ଣ କେବେ ତାଙ୍କ ପୁଅଝିଅଙ୍କର ଅମଙ୍ଗଳ ଚିନ୍ତା କରନ୍ତି ? ତୋରି ମଙ୍ଗଳ ପାଇଁ ଆମେ କହୁଛୁ। ତୁ ଜଣେ ଏତେ ମେଧାବୀ ପିଲା ଏହାପରେ ତୁ ଉଚ୍ଚ ଶିକ୍ଷାରେ ମନ ଦେବା ଛାଡ଼ି ବାହାହେବାକୁ ବ୍ୟସ୍ତ ହୋଇ ପଡୁଛୁ ?

ଅରୁଣ ବାବୁ ଅନ୍ୟ ଏକ ପରାମର୍ଶ ଦେଇ କହିଲେ ଠିକ ଅଛି ତୋର ସେ ଅଧ୍ୟାପିକାଙ୍କୁ କହିଦେ – ତୋ ପାଠପଢ଼ା ଶେଷ ହେବା ପର୍ଯ୍ୟନ୍ତ ସେ ଅପେକ୍ଷା କରନ୍ତୁ।

– ସେ ବି ମୋତେ ସେହି ଅପେକ୍ଷା କରିବାକୁ ହିଁ ପରାମର୍ଶ ଦେଇଥିଲେ। ଏଥିରେ ତାଙ୍କର କିଛି ଦୋଷ ନାହିଁ। ମୁଁ ତାଙ୍କୁ ବାଧ କରିଛି।

– କାହିଁକି ତୁ ବାଧ କରିଛୁ ?

ଶୁକଙ୍କର କିଛି ଉତ୍ତର ଦେବା ପୂର୍ବରୁ ଶ୍ରଦ୍ଧାମୟୀ ଦେବୀ କହିଲେ – ଏ ବାହାଘର କସ୍ମିନ କାଳେ ଦେଇ ପାରିବ ନାହିଁ। ଜାଣୁ ଜାଣୁ ବୟସ୍କା କନ୍ୟା ସହିତ ବିବାହ ଦେଇ ମୋ ପୁଅର ଅମଙ୍ଗଳ କରିବି ? ନା କେବେ ନୁହେଁ।

ମାଆ ଶ୍ରଦ୍ଧାମୟୀଙ୍କର ଏ ସିଦ୍ଧାନ୍ତ ଶୁଣି ଉତ୍ତ୍ୟକ୍ତ ହୋଇ ଶୁଭଙ୍କର କହିଲା – ତେବେ ଠିକ୍ ଅଛି; ଯଦି ଏ ବିବାହ ନ ହୁଏ ତେବେ ମୁଁ ଆତ୍ମହତ୍ୟା କରିବି କିମ୍ବା ଦେଶାନ୍ତର ହୋଇଯିବି। ଏ ଘରକୁ କେବେ ବି ଫେରିବି ନାହିଁ। ବାହାରକୁ ବାହାରି ଗଲା ଶୁଭଙ୍କର।

ଶୁଭଙ୍କର ଏ ପ୍ରକାର ନିଷ୍ପତ୍ତି ଶୁଣି ଅରୁଣ ବାବୁ ଓ ଶ୍ରଦ୍ଧାମୟୀ ଦେବୀ ନିର୍ବାକ ପାଲଟି ଗଲେ।

ତାଙ୍କର ଏକମାତ୍ର ପୁତ୍ରର ଏ ପ୍ରକାର ନିଷ୍ପତ୍ତିରେ ଅରୁଣ ବାବୁ ଓ ଶ୍ରଦ୍ଧାମୟୀ ଭୀଷଣ ବିଚଳିତ ହୋଇ ଉଠିଥିଲେ ବି ଶେଷକୁ ସେହି ପ୍ରସ୍ତାବରେ ରାଜି ହେବାକୁ ବାଧ ହୋଇଥିଲେ।

ସୌଦାମିନୀ ତା'ର ବାପାମାଆଙ୍କୁ ଏ ପ୍ରସ୍ତାବ ଦିଅନ୍ତେ ସୌଦାମିନୀର ବାପା ଅବସରପ୍ରାପ୍ତ ଓଏଏସ ଅଫିସର ସିଦ୍ଧେଶ୍ୱର ବାବୁ ସ୍ତମ୍ଭୀଭୂତ ହୋଇ କହିଲେ – ଆରେ ମାଆ ! ତୁ ତୋ ଠାରୁ ଏତେ ସାନ, ତୋ ଛାତ୍ରଟାକୁ ବିବାହ କରିବୁ – ଏଇଟା କ'ଣ ଆମକୁ ଭଲ ଲାଗିବ।

ସୌଦାମିନୀ କିଛି ଉତ୍ତର ଦେବା ପୂର୍ବରୁ ତା'ର ମାଆ ଅମ୍ବିକା ଦେବୀ କହିଲେ – ବରର ବୟସ କନ୍ୟାଠାରୁ ଅଧିକ ହେବା ଶାସ୍ତ୍ର ସମ୍ମତ। ଏପରି ବୟସ ବ୍ୟବଧାନରେ ବିବାହ ହେଲେ ଉଭୟ ବର ଓ କନ୍ୟାଙ୍କ ପାଇଁ ମଙ୍ଗଳ ନୁହେଁ। ଆମେ ଜାଣୁ ଜାଣୁ ଏପରି ନିଷ୍ପତ୍ତି କାହିଁକି ନେବା କହିଲୁ। ତୁ ମୋର ଏତେ ସୁନ୍ଦରୀ ଶିକ୍ଷିତା ଝିଅ। ଚାକିରି କରୁଛୁ। ତୋତେ କ'ଣ ସୁନ୍ଦର ପାତ୍ର ଅଭାବ ହେବେ ?

– ନା ସୁନ୍ଦର ପାତ୍ର ମିଳିବା ନ ମିଳିବାରେ ପ୍ରଶ୍ନ ନୁହେଁ। ପ୍ରଶ୍ନ ହେଉଛି ସେ ପିଲାଟିର ଏକାନ୍ତ ଜିଦ୍। ସେ ମୋତେ ବାହା ନହେଲେ ଆତ୍ମହତ୍ୟା କରିଦେବ। ମୁଁ ତାହା ସହିତ ସର୍ତ୍ତ ରଖିଥିଲି। ବିଏରେ ଡିଷ୍ଟିଂସନ ସହିତ ପ୍ରଥମ ଶ୍ରେଣୀରେ ପାସ୍ କରିବାକୁ। ସେ ଫାଷ୍ଟକ୍ଲାସ ଫାଷ୍ଟ ହେଇଛି।

ସୌଦାମିନୀର ବକ୍ତବ୍ୟ ଶୁଣି ନୀରବ ରହିଲେ ସିଦ୍ଧେଶ୍ୱର ବାବୁ ଓ ଅମ୍ବିକା ଦେବୀ।

ଶେଷକୁ ସୌଦାମିନୀଙ୍କ ସହିତ ଶୁଭଙ୍କର ବିବାହ ବୈଦିକ ରୀତିରେ ସମ୍ପନ୍ନ ହୋଇଗଲା।

ବିବାହ ହୋଇଗଲା। ଶୁଭଙ୍କରର ମନବାଂଛା ପୂର୍ଣ୍ଣ ହେଲା। ସୁନ୍ଦରୀ ସୌଦାମିନୀକୁ ପାଇ ଶୁଭଙ୍କରର ଜୀବନ ଧନ୍ୟ ହୋଇଗଲା ପରି ତାକୁ ପ୍ରତ୍ୟୟ ହେଲା। ସୌଦାମିନୀଙ୍କ ଗୌର ଅଙ୍ଗବଲ୍ଲରୀରେ ଶୁଭଙ୍କରର ଶୃଙ୍ଗାର ମଧୁସ୍ନାନ ଦେଇଥିଲା ପୁଲକର ଅଲିଭା ଅନୁଭବ। ସୌଦାମିନୀ ବି କମ୍ ପୁଲକିତ ନ ଥିଲା। ଏପରି ଏକ ସୁନ୍ଦର କୋମଳ ଯୁବତୀ ସହିତ ମଧୁମିଳନରେ ତାଙ୍କୁ ଜୀବନର ସବୁ ସୁଖ ଯେମିତି ପ୍ରାପ୍ତ ହୋଇଯାଇଥିଲା।

ବସନ୍ତ ଋତୁର ଆଦ୍ୟ ଆଗମନୀ ବାର୍ତ୍ତାରେ ପୁଲକିତ ଏକ ନବବିବାହିତ ଦମ୍ପତ୍ତି। ସୌଦାମିନୀ ଓ ଶୁଭଙ୍କର।

ବିବାହର ପନ୍ଦର ଦିନ ପରେ ସେମାନେ ବିବାହର ଆଦ୍ୟକାଳ ଉପଭୋଗ କରିବାକୁ ଆଠଦିନ ପାଇଁ ଚାଲି ଯାଇଥିଲେ ସିମ୍ଲା।

ମଧୁ ମିଳନର ଅନନ୍ତ ସୁଖ ଲାଭ କରି ଦୁହେଁ ଫେରି ଆସିଥିଲେ।

ସୌଦାମିନୀ ଶୁଭଙ୍କରର ପାଠପଢ଼ ନିମନ୍ତେ ତତ୍ପର ହୋଇ ଉଠିଥିଲା।

ଏବେ ଏମ୍.ଏ.ରେ ନାମ ଲେଖାଇବାକୁ ହେଲେ ବି ପ୍ରବେଶିକା ପରୀକ୍ଷା ଦେବାକୁ ପଡୁଥିବାରୁ ଶୁଭଙ୍କର ପରି ମେଧାବୀ ଛାତ୍ର ପକ୍ଷରେ ତାହା ଆଦୌ କଷ୍ଟ ସାପେକ୍ଷ ନଥିଲା। ଶେଷରେ ପଣ୍ଡିଚେରୀ କେନ୍ଦ୍ରିୟ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଲା ଶୁଭଙ୍କର।

ବିବାହ ନିମନ୍ତେ ଛୁଟି ନେଇଥିଲା ସୌଦାମିନୀ, ସୌଦାମିନୀର ଛୁଟି ଶେଷ ହେବାପରେ ସେ ଯାଇ କଲେଜରେ ଯୋଗଦାନ କଲା। ସୌଦାମିନୀଙ୍କ ବିବାହିତା ସହକର୍ମୀମାନେ ସୌଦାମିନୀ ସହିତ କେତେ ଥଟ୍ଟା ପରିହାସ କରି ବସିଲେ। ମାଳବିକା କହିଲେ – ସତରେ ତୁ ଖୁବ୍ ସୌଭାଗ୍ୟବତୀ।

– କେମିତି

–ଆମଠାରୁ ଆମ ବରମାନେ କିଏ ଦଶବର୍ଷ କିଏ ଆଠବର୍ଷ ବଡ଼। ଅଥଚ ଜଣେ ଛାତ୍ରକୁ ବାହା ହେଲ ଯେ ବି ତୁମଠାରୁ ତିନି ବର୍ଷ ସାନ।

ମାଳବିକାଠାରୁ କଥା ଛଡ଼େଇ ନେଇ ଶକୁନ୍ତଳା କହି ପକାଇଲେ – ଶୁଭଙ୍କର ପରି ଏକ ସର୍ବଗୁଣ ସମ୍ପନ୍ନ ମେଧାବୀ ଛାତ୍ର ଭାଗ୍ୟରେ ଥିଲେ ମିଳେ।

ଇତିହାସ ଅଧ୍ୟାପିକା ସୁମିତ୍ରା ହସି ହସି କହିଲେ– ଏପରି କୋମଳ ତରୁଣର ଦେହ ଭୋଗ କେତେ ନାରୀଙ୍କ ଭାଗ୍ୟରେ ବା ଜୁଟେ ?

ସହକର୍ମୀମାନଙ୍କ ପରିହାସରେ ଅନେକ ଆହ୍ଲାଦିତ ହୋଇଥିଲେ ସୌଦାମିନୀ।

ସୌଦାମିନୀ ଶୁଭଙ୍କରଠାରୁ ଦୂରରେ ରହି ଯେପରି ବିରହ ଯନ୍ତ୍ରଣାରେ ଦଗ୍ଧିଭୂତ ହେଉଥିଲା ତା'ଠାରୁ ଅଧିକ ବିରହ ବେଦନା ଭୋଗ କରୁଥିଲା ଶୁଭଙ୍କର। କେତେବେଳେ ସୌଦାମିନୀ ପଣ୍ଡିଚେରୀ ଶୁଭଙ୍କର ପାଖକୁ ଚାଲିଯାଇ ଏକ ହୋଟେଲ ନେଇ ରହୁଥିଲେ ତ କେବେ ଶୁଭଙ୍କର ଚାଲି ଯାଉଥିଲା ସୌଦାମିନୀ ପାଖକୁ। ପୁଣି କେବେ ବି ଦୁହେଁ ଶୁଭଙ୍କରଙ୍କ ଘରେ ଆସି ରହୁଥିଲେ ଆଉ କେବେ ବାରିପଦା ଯାଇ ସୌଦାମିନୀଙ୍କ ବାପାମାଆଙ୍କ ପାଖରେ ଛୁଟି କଟାଉଥିଲେ।

ସମୟ ଗତି କରି ଚାଲିଥିଲା।

ଏହା ମଧ୍ୟରେ ଶୁଭଙ୍କର ଏମ.ଏ ପରୀକ୍ଷା ସରିଗଲା। ପ୍ରଥମ ଶ୍ରେଣୀରେ ଏମ.ଏ ପାସ୍ କରିବା ପରେ ଶୁଭଙ୍କର ଅଧ୍ୟାପକ ଚାକିରି କରୁ ବୋଲି ଥିଲା ସୌଦାମିନୀଙ୍କର ଇଚ୍ଛା। କିନ୍ତୁ ରାଜନୈତିକ ଦଳମାନଙ୍କର ଥିଲା ସାଦର ନିମନ୍ତ୍ରଣ ତାଙ୍କ ଦଳରେ ସକ୍ରିୟ ସଭ୍ୟ ପଦ ଲାଭ କରି ନିର୍ବାଚନରେ ବିଧାୟକ କିମ୍ବା ସାଂସଦ ପ୍ରାର୍ଥୀ ହେବାକୁ। ଏପରି କ୍ଷେତ୍ରରେ ଶୁଭଙ୍କର କ'ଣ କରିବ ପ୍ରଥମେ ନିଷ୍ପତ୍ତି ନେଇ ପାରୁନଥିଲା। ରାଜନୀତି କରିବାକୁ ପ୍ରବଳ ଇଚ୍ଛାଥିଲେ ବି ସୌଦାମିନୀଙ୍କର ରାଜନୀତି କରିବାକୁ ଘୋର ବିରୋଧ। ସୌଦାମିନୀ ଶୁଭଙ୍କରକୁ ବାରମ୍ବାର ଚେତେଇ ଦେଇ କହୁଥିଲେ

-ତୁମେ ଏତେ ପାଠପଢ଼ିଥିଲ କ'ଣ ଏଇ ରାଜନୀତି କରିବାକୁ? ଆଜିକାଲି ତୁମପରି ଏତେ ଶିକ୍ଷିତ ଭଦ୍ରଲୋକ କେହି ରାଜନୀତି କରୁଛନ୍ତି? ରାଜନୀତିରେ ଥିବା ମନ୍ତ୍ରୀ ନେତାମାନଙ୍କ ପ୍ରତି ଜନସାଧାରଣଙ୍କର ଧାରଣା କ'ଣ ତୁମେ ଜାଣିପାରୁନ, ତୁମକୁ ବେଶୀ ବୁଝେଇ କହିବାକୁ ପଡ଼ିବ। ମୁଁ କହୁଛି ସେ ରାଜନୀତି କଥା ମୁଣ୍ଡ ଭିତରୁ ଉତାରି ଦିଅ। ଅଧ୍ୟାପନାଠାରୁ ସୁସ୍ଥ ଚାକିରୀ ଆଉ କିଛି ନାହିଁ। ତୁମେ ଅଧ୍ୟାପନା କର ନ ହେଲେ ଏମ.ବି.ଏ କରି କୌଣସି ଏକ ବଡ଼ କମ୍ପାନୀରେ ମୋଟା ଦରମାରେ ଚାକିରୀ କର।

ପତ୍ନୀ ସୌଦାମିନୀଙ୍କର ସୁସ୍ଥ ପରାମର୍ଶକୁ ଏଡ଼େଇ ନ ଦେଇ ଅଧ୍ୟାପନା କରିବାକୁ ନିଷ୍ପତ୍ତି ନେଇ ପ୍ରଥମେ ଏକ ଘରୋଇ କଲେଜରେ କିଛି ଦିନ ଅଧ୍ୟାପନା କରି ପରେ ଏକ ସରକାରୀ କଲେଜରେ ଅଧ୍ୟାପନା କଲା।

ଶୁଭଙ୍କର ଅଧ୍ୟାପନା କରିବାରୁ ସୌଦାମିନୀ ବେଶ୍ ଆନନ୍ଦିତ ଥିଲା।

ଇତି ମଧ୍ୟରେ ସୌଦାମିନୀ ହୋଇଥିଲା ଅନ୍ତଃସତ୍ତ୍ୱା। ଯଥା ସମୟରେ ଏକ ସୁନ୍ଦର ଡଉଲଡାଉଲ ପୁତ୍ରକୁ ଜନ୍ମ ଦେଲେ ସୌଦାମିନୀ। ସୌଦାମିନୀର ଏପରି ଏକ ସୁନ୍ଦର ପୁତ୍ରକୁ ଦେଖି ଶୁଭଙ୍କରର ପରିବାର ଓ ସୌଦାମିନୀ ପରିବାର ଅତ୍ୟନ୍ତ ଖୁସି ହୋଇ ଯାଇଥିଲେ।

ସମୟର ପ୍ରବାହରେ ସୌଦାମିନୀ ଓ ଶୁଭଙ୍କରଙ୍କର ଦାମ୍ପତ୍ୟ ଜୀବନ କେବଳ ମଧୁମୟ ନ ଥିଲା ବେଶ୍ ସମୃଦ୍ଧଶାଳୀ ହୋଇ ଉଠିଥିଲା। ଦୁହିଁଙ୍କ ସଂଚିତ ଅର୍ଥରେ ପ୍ରଥମେ ଭୁବନେଶ୍ୱରରେ ଗୋଟାଏ କୋଠାଘର କିଣି ସେହି ଘରେ ଆନନ୍ଦରେ ରହିଲେ। ପୁନର୍ବାର ଅନ୍ତଃସତ୍ତ୍ୱା ହେଲେ ସୌଦାମିନୀ। ସୌଦାମିନୀ ଏଥର ଏକ କନ୍ୟାରତ୍ନକୁ ଜନ୍ମ ଦେଲେ। ଗୋଟିଏ ପୁତ୍ର ଓ ଗୋଟିଏ କନ୍ୟାକୁ ନେଇ ଏକ ଶାନ୍ତିର ସଂସାର ଗଢ଼ିବାକୁ ସ୍ଥିର କରିନେଲେ ଉଭୟ ଶୁଭଙ୍କର ଓ ସୌଦାମିନୀ।

ପୁତ୍ର ଓ କନ୍ୟା ଦେଖିବାକୁ ଖୁବ୍ ସୁନ୍ଦର। ତାଙ୍କର ପିତା ଶୁଭଙ୍କର ଓ ମାତା ସୌଦାମିନୀ ଉଭୟ ଶିକ୍ଷାବିତ। ଖୁବ୍ ଯତ୍ନର ସହ ସେମାନଙ୍କୁ ପାଠପଢ଼ାଇଲେ। ପୁତ୍ର ଭବେଶ୍ୱର ନବମ ଶ୍ରେଣୀ ଓ କନ୍ୟା ଅନୁପମାର ଷଷ୍ଠ ଶ୍ରେଣୀ।

ସବୁବେଳେ ସମସ୍ତଙ୍କର ସୁଖଶାନ୍ତିରେ ଦିନ ବିତିନପାରେ। ମେଂଚାଏ ଝଡ଼ର ବିଭୀଷିକା ପଶି ଆସିଲା ଶୁଭଙ୍କରର ଜୀବନ ବଳୟକୁ।

ସୌଦାମିନୀ ରକ୍ତ କର୍କଟ ରୋଗରେ ଆକ୍ରାନ୍ତ।

ରୋଗ ଚିହ୍ନଟ ହେଲାବେଳକୁ କର୍କଟ ରୋଗ ତୃତୀୟ ସୋପାନରେ ପହଞ୍ଚି ସାରିଥିଲା। ଅଳ୍ପ କେତେ ଦିନ ମଧ୍ୟରେ ସୌଦାମିନୀଙ୍କର ଦେହାନ୍ତ ହୋଇ ଯାଇଥିଲା।

ଶୁଭଙ୍କରକୁ ଦ୍ୱିତୀୟ ବିବାହ କରିବାକୁ ପିତାମାତା, ବନ୍ଧୁବାନ୍ଧବ ସହକର୍ମୀ ଯିଏ ଯେତେ ପରାମର୍ଶ ଦେଲେ ବି ଶୁଭଙ୍କର କାହାରି କଥା ଶୁଣିନଥିଲା। ସେ ଦୃଢ଼ତାର ସହ କହିଥିଲା ସୌଦାମିନୀ ଥିଲେ ମୋର ଅଧ୍ୟାପିକା। ସେ ଥିଲେ ମୋର ପ୍ରଥମ ଓ ଶେଷ ପ୍ରେମ। ସେ ମୋତେ ଛାଡ଼ି ଚାଲି ଯାଇଛନ୍ତି। ଆଉ କେହିବି ତାଙ୍କ ସ୍ଥାନ ଅଧିକାର କରିପାରିବେ ନାହିଁ। ତାଙ୍କର ଗର୍ଭଜାତ ପୁତ୍ର କନ୍ୟା ଦୁଇଟିକୁ ମଣିଷ ପରି ମଣିଷ କରି ଦୁନିଆ ଦାଣ୍ଡରେ ଛିଡ଼ା କରିପାରିଲେ ତାହାହିଁ ହେବ ମୋ ଜୀବନର ଚରମ ସାର୍ଥକତା ଏବଂ ସୌଦାମିନୀ ସ୍ମୃତିକୁ ଜାଗ୍ରତ କରି ରଖିବାର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ।

ସତକୁ ସତ ଶୁଭଙ୍କର ଆଉ ଦ୍ୱିତୀୟ ବିବାହ ନ କରି ପୁତ୍ର କନ୍ୟା ଦୁହିଁଙ୍କ ଶିକ୍ଷାର ଯତ୍ନ ନେବାରୁ ପୁତ୍ର ଆମେରିକାରେ ଏକ ବିରାଟ କମ୍ପାନୀରେ ଚାକିରୀ କରି ମାସକୁ ପାଂଚଲକ୍ଷ ଉପାର୍ଜନ କରୁଥିବାବେଳେ କନ୍ୟା ଓ ଜାମାତା ଉଭୟଙ୍କର ଚାକିରି କାନାଡାରେ।

ଶୁଭଙ୍କରର ବାପା ମାଆଙ୍କ ଇତି ମଧ୍ୟରେ ଦେହାନ୍ତ ହୋଇ ଯାଇଥିଲା। ଶୁଭଙ୍କର ବି ଅବସର ଗ୍ରହଣ କରି ସାରିଥିଲେ।

ଏକାକୀ ଜୀବନ ଶୁଭଙ୍କରର ସରସତାହୀନ ଜୀବନ ଅତ୍ୟନ୍ତ ଗ୍ଲାନିପୂର୍ଣ୍ଣ ଥିଲେ ବି ସୌଦାମିନୀର ସଜୀବ ସ୍ମୃତିକୁ ସମ୍ବଳ କରି ଶେଷ ପର୍ଯ୍ୟନ୍ତ ବଂଚି ରହିଥିଲା ଶୁଭଙ୍କର ଏକ ନିଃସଙ୍ଗ ଦୂରନ୍ତ ପକ୍ଷୀଟିଏ ପରି।

*ଚିତ୍ରକଳା, ଏଲ୍-୧୦୨, ବରମୁଣ୍ଡା ହାଉସିଂବୋର୍ଡ କଲୋନୀ,*
*ଭୁବନେଶ୍ୱର-୩*
*ଦୂରଭାଷ: ୬୩୭୦୨୪୮୦୯*

# ସ୍ୱପ୍ନଜୀବନ

## କ୍ଷୀରୋଦ ଦାସ

ସରକାରୀ ଚାକିରୀରୁ ଅବସର ନେବାର ଦଶ ବର୍ଷ ଭିତରେ ସ୍ୱାମୀଙ୍କୁ ଏଭଳି ପରିସ୍ଥିତିରେ ଆବିଷ୍କାର କରିବେ ବୋଲି କେବେ କଳ୍ପନା କରି ନଥିଲେ ଜାନକୀ। ସଦା କର୍ମ ମୁଖର ମଣିଷଟି ସତେ ଅବା କାହାର ଅଦୃଶ୍ୟ ଇଙ୍ଗିତରେ ତୁନି ପଡ଼ିଯାଇଛନ୍ତି! ଏବେ ଆଉ ବେଶି ବାହାରୁ ନାହାନ୍ତି ପାଖ ବଜାରକୁ। ତାଙ୍କର ବାରମ୍ବାର ଆକଟ ଦ୍ୱାରା କମିଯାଇଥିବା ସିଗ୍ରେଟ ଟଣା ପୁଣି ବଢ଼ି ଯାଇଛି। ଯେଉଁଠି ବସୁଛନ୍ତି ତ ବସୁଛନ୍ତି। ଦାର୍ଶନିକ ପରି କିଛି ଗୋଟାଏ ଭାବୁଛନ୍ତି ତ ଭାବୁଛନ୍ତି। ନିତ୍ୟକର୍ମ ସବୁ ରୁଟିନ୍‌ଛଡ଼ା ହୋଇଯାଉଛନ୍ତି ଧୀରେ ଧୀରେ। ମନକୁ ମନ କିଛି କହି ବେଳେବେଳେ ମୁଣ୍ଡ ହଲାଉଛନ୍ତି ତ ଆଉ କେତେବେଳେ ଆନନ୍ଦ ଓ ବିଷାଦ ମିଶ୍ରିତ ଏକ ସୂକ୍ଷ୍ମ ଭାବଟିଏ ତାଙ୍କ ମୁହଁ ଉପର ଦେଇ ପହଁରିଯାଇ କ୍ଷଣିକେ ଉଭାନ ହୋଇଯାଉଛି।

ବେଳେବେଳେ ଦିଗ୍‌ବଳୟ ଆଡ଼େ ଚାହିଁ ଦୀର୍ଘଶ୍ୱାସ ତ୍ୟାଗ କରୁଛନ୍ତି। ସେ ଦୀର୍ଘଶ୍ୱାସ ସତେ କି ବୋହି ଆଣୁଛି ଭାର ଭାର କରୁଣତା, ମହଣ ମହଣ ଅସହାୟତା!

ଆଗରୁ ବିଶେଷ ପରିଚିତ ନ ଥିବା ସୀତାକାନ୍ତଙ୍କର ଏ ଢଙ୍ଗ ଶଙ୍କିତ କରିପକାଏ ଜାନକୀଙ୍କୁ। ଦୀର୍ଘ ଚାଳିଶ ବର୍ଷର ସୁଖମୟ ସଂସାର କରିଥିବା ସ୍ୱାମୀ ନାମକ ଏ ମଣିଷ ଜଣକ କାଇଁକି କେଜାଣି ତାଙ୍କ ହାତ ଛଡ଼ା ହୋଇଯିବା ପରି ଲାଗୁଛନ୍ତି। ତାଙ୍କ ଉପସ୍ଥିତିରେ ମଧ୍ୟ ବେଳେବେଳେ ଭାରି ନିଃସଂଗ ବୋଧ କରନ୍ତି ଜାନକୀ। ହଁ, ଆଗରୁ ଦାୟିତ୍ୱପୂର୍ଣ୍ଣ ଚାକିରିରେ ଥିଲେ, ସକାଳୁ ରାତି ଆଠଯାଏ କାମ ଭିତରେ ବୁଡ଼ି ରହୁଥିଲେ। ନିଃଶ୍ୱାସ ପ୍ରଶ୍ୱାସ ପରି ଚିନ୍ତା ତ ମଣିଷର ଚିରସହଚର। କୌଣସି ମଣିଷକୁ ସେ ଛାଡ଼ିଲାଣି ନା ଛାଡ଼ିବ! ତଥାପି ଅଫିସରୁ ଫେରି ଟିଫିନ୍ ଖାଇସାରି ଲନ୍‌ରେ ଏକୁଟିଆ ଏକୁଟିଆ ବସି ସେ ଅନ୍ୟମନସ୍କ ହୋଇପଡ଼ନ୍ତି। ନିର୍ବାକ ସ୍ଥାଣୁତା ନେଇ ସେ ବସି ରୁହନ୍ତି ଆକାଶ ଆଡ଼କୁ ଅନାଇ। ଦଶ ଡାକରେ 'ହଁ' ବୋଲି ଜବାବଟିଏ ଦିଅନ୍ତି। ଅଚିହ୍ନା ଆଖିରେ ଜାନକୀଙ୍କୁ ଚାହାନ୍ତି, ଯେମିତିକି ସେ ନୂଆକରି ଦେଖୁଛନ୍ତି ତାଙ୍କୁ!

ଜାନକୀ ଚିଡ଼୍‌ଚିଡ଼୍ ହୁଅନ୍ତି – "ହଜାରଥର କହିଲିଣି ଅଫିସ୍ ଟେନସନ୍ ଘରକୁ ଆଣି ଆସନି ବୋଲି। ସେଠି ତ ଯାହା ହେଉଛି, ଘରେ ବି ତତୋଧିକ! ଏତେ ଯଦି ଝାମେଲା, ତେବେ ଚାକିରି ଛାଡ଼ି ଘରେ ବସୁନ!!"

ପତ୍ନୀଙ୍କର ଏ ଅସନ୍ତୋଷ ଭାବ ସୀତାକାନ୍ତଙ୍କୁ କ୍ଷୁବ୍‌ଧ କରେନା। ବରଂ ତାଙ୍କର ଏ ପ୍ରକାର ବ୍ୟବହାରକୁ ସେ ସମ୍ମାନ ଦିଅନ୍ତି। ତିନି ତିନିଟା ପିଲାଙ୍କ ଅଦଉତି ସହି, ଗୃହ ମୃତରେ ଘାଣ୍ଟିହୋଇ, ଦେହ ଅସୁଖ ସମୟରେ ରାତି ରାତି ଅନିଦ୍ରା ରହି ପାଠ ପଢ଼ାଇ ସେମାନଙ୍କୁ ମଣିଷ କରିବା, ତାଙ୍କର ବୁଟ୍ ପଲିସଠୁ ଆରମ୍ଭ କରି ରାତ୍ରିର ଏକାନ୍ତ ମୁହୂର୍ତ୍ତର ଆତ୍ମସମର୍ପଣ ପର୍ଯ୍ୟନ୍ତ ଜାନକୀଙ୍କ ଉତ୍ସର୍ଗୀକୃତ ଅବଦାନ ତାଙ୍କୁ ଅନେକ କିଛି ଦେଇଛି ଜୀବନରେ। ଅକୁଣ୍ଠିତ ଚିତ୍ତରେ ସେ ଝାସ ଦେଇଚନ୍ତି ପରିବାରର ଯଜ୍ଞକୁଣ୍ଡ ଭିତରେ। ତାଙ୍କ ଭଳି ସ୍ତ୍ରୀକୁ ଏକ ସୌଭାଗ୍ୟ ବୋଲି ସେ ମନେ କରନ୍ତି।

ଜାନକୀ ପରି ଏତେ ସୁନ୍ଦର, ଏତେ ସ୍ନେହୀ ପତ୍ନୀଟିଏ ପାଇ ମଧ୍ୟ ବେଳେବେଳେ କେଉଁ ଦୁର୍ବଳ ମୁହୂର୍ତ୍ତରେ ତାଙ୍କ ମନ ଭିତରକୁ ଧସେଇ ପଶି ଆସେ ସେଇ ଝିଅଟିର ସ୍ମୃତି। ଆଶ୍ଚର୍ଯ୍ୟ! ପଚାଶ ବର୍ଷ ତଳେ, ଗୋଟେ ମେଘ ଅନ୍ଧାର ରାତିର ଦ୍ୱିତୀୟ ପ୍ରହରର ପ୍ରଥମାର୍ଦ୍ଧରେ ଘଣ୍ଟାଏ ପାଇଁ ଘଟିଥିବା ଘଟଣାଟି ବେଳେ ବେଳେ ତାଙ୍କୁ ଦୋହରାଇ ଦିଏ। ଏ ଶୁଖିଲା ଦେହ ଭିତରର କେଉଁ ସନ୍ଧିରେ ଲୁଚି ରହିଛି ଏତେ ଆବେଗ କେଜାଣି? ଜାନକୀଙ୍କୁ ଦେଖିଲେ ତ ସେମିତି କିଛି ଲାଗୁନାଇଁ। ଅଥଚ ସେଇ କ୍ଷଣିକ ସ୍ମୃତି ଟିକକ ବର୍ଷ ବର୍ଷ ଧରି ତାଙ୍କୁ ଏତେ ଆଲୋଡ଼ିତ କରୁଚି କାହିଁକି? କଣ ପାଇଁ ତାଙ୍କ ହୃଦୟରେ ଝିଅଟି ପାଇଁ ଜନ୍ମି ଯାଉଛି ଗୋଟେ କମ୍ପନ, ଗୋଟେ ବ୍ୟାକୁଳତା?

ସୀମାତୀତ ଅଭିମାନ ଭରା କଣ୍ଠରେ ବେଳେବେଳେ ଅଭିଯୋଗ ବାଢ଼ନ୍ତି ଜାନକୀ – "ତମେ କିଛି ଗୋଟାଏ ଲୁଚାଉଛ ମୋତେ, ଅନେକ ଦିନ ହେଲାଣି। ନା....ନା.... ଅନେକ ଅନେକ ଦିନ ନୁହେଁ, ଆରମ୍ଭରୁ, ତୁମ ସହିତ ସଂସାର କରିବାର ପ୍ରାଥମିକ ମୁହୂର୍ତ୍ତରୁ। କିଛି ଗୋଟିଏ ତମକୁ ଆନ୍ଦୋଳିତ କରୁଛି ଭିତରେ ଭିତରେ, ଯାହାକୁ ତମେ ନା ରଖିପାରୁଛ ନିଜ ଭିତରେ ନା କହି ପାରୁଛ ମୋ ଆଗରେ। କହିଦିଅ, ମୋର କେଉଁଠି କିଛି ତ୍ରୁଟି ରହିଗଲା କି ତମକୁ ବୁଝିବାରେ?"

ଜାନକୀଙ୍କ ଥମ୍ ଥମ୍ ସ୍ୱର ବିଗଳିତ କରିପକାଏ ସୀତାକାନ୍ତଙ୍କୁ। ସେ

ସଂକୁଚିତ ହୋଇ ପଡ଼ନ୍ତି ପତ୍ନୀଙ୍କ ସାମ୍ନାରେ। କହିଦେବେ କି ଜାନକୀଙ୍କୁ ସେ କଥା। ତାଙ୍କ ପରି ଜଣେ ସରଳମନା ପତ୍ନୀ ପାଖରେ ଏପରି ଅନୁଭବଟିକୁ ଲୁଚାଇ ରଖିଥିବାରୁ ନାହି ନଥିବା ଗ୍ଲାନିବୋଧଟିଏ ଅହରହ ତାଙ୍କୁ ବ୍ୟତିବ୍ୟସ୍ତ କରୁଛି। ସେ ଦୋଷୀ ଦୋଷୀ ଅନୁଭବ କରୁଛନ୍ତି। ସତେ କି ଜାନକୀଙ୍କ ପ୍ରତି ସେ ବିରାଟ ଅନ୍ୟାୟଟାଏ କରିପକାଇଛନ୍ତି!!

ପରମୁହୂର୍ତ୍ତରେ ସେ ଭାବନ୍ତି, କଥାଟି ଶୁଣି ଜାନକୀ ଯଦି ଅନ୍ୟଥା କିଛି ଭାବନ୍ତି! ସ୍ତ୍ରୀ ସୁଲଭ ସନ୍ଦେହରେ ପଚାରିପାରନ୍ତି "ହଁ ତମେ ଯେମିତିଆ ରଙ୍କୁଣା ଲୋକ ଖାଲି ସେତିକିରେ ଛାଡ଼ିଥିବ। ଆଉ କଣ କଣ ସବୁ କରିଥିବ ନା !!"

'ନା...ନା...ସୀତାକାନ୍ତ ବିଚଳିତ ହୋଇପଡ଼ନ୍ତି। ଜୀବନର ପ୍ରଥମ ତଥା ଶ୍ରେଷ୍ଠ ସେଇ ସ୍ମୃତିଟିକୁ ସେ ଏଭଳି ଅଯଥା ସନ୍ଦେହର କଳୁଷିତ ଘେର ଭିତରକୁ ଆଣିବାକୁ ଦେବେନି। ବରଂ ତାହା ତାଙ୍କ ହୃଦୟର ନିଭୃତ କୋଣ ଭିତରେ ଗୋପନୀୟ ଥାଉ। ଅନେକ ନିଃସଙ୍ଗ ମୁହୂର୍ତ୍ତରେ ତାଙ୍କୁ ଆଣି ଦେଉଥାଉ କିଛି ରୋମାଞ୍ଚ, କିଛି ପୁଲକ, କିଛି ମଧୁର ଦୁଃଖ। ଯାହା ଏବେ କେଉଁଠୁ ମିଳେନା। ନା ଗାଡ଼ି, ଘର, ଧନ, ପ୍ରାଚୁର୍ଯ୍ୟ ଏପରିକି ଜାନକୀଙ୍କ ଠାରୁ ମଧ୍ୟ।

ସୀତାକାନ୍ତ ଚାହିଁଲେ ନିଜକୁ, ଗୋଟେ ଆଶାୟୀ ଆଖିରେ। ଆହା, ପେଶୀ ବହୁଳ ଏ ଶରୀର କଣ ହେଲାଣି ଆସି! ସମୟର ବର୍ଷା ମାଡ଼ରେ ଓଦା ହୋଇ ଯାଉଥିବା ମାଟିକାନ୍ଥ ପରି ଖସି ପଡ଼ିଲାଣି ମାଂସର ପଲସ୍ତରା। ଚର୍ମ ଗୁଡ଼ିକ ଲୋଚାକୋଚା ହୋଇଗଲାଣି ଫୁସୁରି ଯାଉଥିବା ବେଲୁନ୍ ପରି। ସେ ଜିଭ ବୁଲାଇଲେ ପାଟି ଭିତରେ। ଦୁଇ କଳରେ ତିନି ଚାରୋଟି ଦାନ୍ତ ଅସୁସ୍ଥ ହୋଇ ଭାରି ଦୁଃଖରେ ଅଛନ୍ତି ସାଥୀମାନଙ୍କ ବିୟୋଗରେ। ତାଙ୍କର ସବୁଠୁ ବେଶୀ ଗର୍ବଥିଲା ମୁଣ୍ଡର ଚୁଳ ପାଇଁ। କପାଳ ଅଧାରୁ ପଛପାଖ ବେକ ମୂଳଯାଏ ଥିଲା ଘନ କଳା ଗହବା କେଶ। ଯାହାକୁ ସେ ଦିନକୁ ଅନ୍ତତଃ ଏଗାରଥର ଶ୍ରଦ୍ଧାରେ ଆଉଁଶୁଥିଲେ କଲମ ପରି କ୍ଲିପଥିବା ପାନିଆରେ। ହେଲେ ଏବେ। ମୁଣ୍ଡର ପଛପଟେ ହାତଗଣତି କୋଡୋଟି ପାଚିଲା ବାଳର ପିଠି ଉପରେ ତୁଚ୍ଛାଟାରେ ପାନିଆ ବୁଲାଇବାକୁ ପଡ଼େ। ଏଭଳି ମୁହୂର୍ତ୍ତରେ ଦେହ ଓ ମନ ଭିତରୁ ବଂଚିରହିବାର ସବୁ ଆଗ୍ରହ ଖସିପଡ଼େ। ଭାରି କାନ୍ଦମାଡ଼େ।

ଅଥଚ ଠିକ୍ ସେଇଭଳି ମୁହୂର୍ତ୍ତରେ ସେଇ ସ୍ମୃତିଟା ତାଙ୍କ ମନଭିତରକୁ ପଶି ଆସେ ଦଲକାଏ ଦକ୍ଷିଣା ପବନ ପରି। ପଶି ଆସେ ତ ମାଖିଦେଇ ଯାଏ ବଂଚିରହିବାର ମଲମ। ଆଜିକୁ ପଚାଶ ବର୍ଷ ତଳର ଗୋଟେ ସାମୟିକ ଘଟଣା ମହାକାଳର ଅନନ୍ତ ପାକସ୍ଥଳୀ ଭିତରେ କୁଆଡ଼େ ହଜମ ହୋଇଗଲାଣି, ଅର୍ବୁଦ ଅର୍ବୁଦ ଘଟଣା ମଧ୍ୟରେ କୁଆଡ଼େ ପାଣି ଫୋଟକା ପରି ମିଳେଇ ଗଲାଣି। କିନ୍ତୁ ତାହା ଚକାମାଡ଼ି ବେଶ୍ ଦୃଢ଼ ଭାବେ ବସି ରହିଛି ତାଙ୍କ ସ୍ମୃତିର ଫରୁଆ ଭିତରେ। ବସିଛି ତ ବସିଥାଉ।

ଜୀବନଟା ବିତିଯିବାକୁ ବସିଲାଣି, କାହାକୁ ତ ଏକଥା କୁହାଯାଇନି। ଆଉ ବର୍ଷ କେଉଟା କଣ ସେ ଏ ସ୍ମୃତିକୁ ସାଇତି ରଖି ପାରିବେନି ନିଜ ଭିତରେ?

ପରକ୍ଷଣରେ ଜାନକୀଙ୍କ ନିରିମାଖି ମୁହଁକୁ ଚାହିଁ ସେ ଛଟପଟ ହୋଇଯାଆନ୍ତି। ପାତେଳୀ ହୋଇ ଗୋରୀ ମଣିଷଟିଏ। ବାହା ହେଲା ବେଳେ ସେ କେତେ ସୁନ୍ଦରୀ ଥିଲେ ଆଜି ତାହା ସ୍ପଷ୍ଟଭାବେ ମାନସପଟକୁ ଆସୁନାଇଁ। ତଥାପି ସୀତାକାନ୍ତ ମୁଗ୍ଧ ହୋଇଥିଲେ ତାଙ୍କ ରୂପଦେଖି, ଗୁଣ ଦେଖି। ଧୀରେ ଧୀରେ ପରମାୟୁ ସରି ଆସୁଥିବାବେଳେ ସେଇ ମହାର୍ଘ ଅଭିଜ୍ଞତାଟିକୁ ଜୀବନରେ ଅନେକ କିଛି ଦେଇଥିବା, ସୁଖ ଦୁଃଖର ସାଥୀ ବୋଲାଉଥିବା ନିଜ ପତ୍ନୀ ଆଗରେ ପ୍ରକାଶ କରିଦେଲେ କ୍ଷତି କଣ?

ଏଭଳି ଗୋଟେ ଦୋଦୁଲ୍ୟମାନ ପରିସ୍ଥିତିକୁ ଖସି ଆସି ସୀତାକାନ୍ତ ସ୍ଥିର କଲେ ଯେ ଘଟଣାଟିର ଆମୂଳଚୂଳ ସେ କହିବେ ଜାନକୀଙ୍କୁ। ଏତେକ ନ କହିଲେ ସେ ରହିପାରିବେନି ଶାନ୍ତିରେ।

ସୋଫାରେ ବସିଥିଲେ ସୀତାକାନ୍ତ। ବାଁ ପାଖକୁ ଆର୍ମ ଚେୟାରଟେ। ସେଠି ବସିଥିଲେ ଜାନକୀ। ଟି.ଭି. ରୁ ଓଡ଼ିଆ ସମାଚାର ସରିବା ପରେ ସୀତାକାନ୍ତ ଭାସି ଯାଉଥିଲେ ଅତୀତ ଆଡ଼େ।

ବ୍ରହ୍ମପୁରରେ ବି.ଏ ପଢୁଥିବା ବେଳେ ତାଙ୍କର ବୟସ କୋଡ଼ିଏ ଏକୋଇଶ ଥିଲା ସେତେବେଳକୁ। ଘରୋଇ ସହରରେ ପଢୁଥିବାରୁ କଲେଜରେ ଗୋଟେ ପତିଆରା ଥିଲା। ଥିଲା ପାଠ କମ୍, ନେତାଗିରି ଅଧିକ। ଶହ ଶହ ସାଙ୍ଗମାନଙ୍କ ଭିତରୁ ଦେବେନ୍ଦ୍ର ଥିଲା ତାଙ୍କର ସବୁଠୁ ବେଶୀ ଘନିଷ୍ଠ। ମଫସଲ ଅଞ୍ଚଳର ପିଲା ହେଲେ କଣ ହେବ, ତାର ଆଚାର, ବ୍ୟବହାର, ବନ୍ଧୁ ବତ୍ସଳତାରେ ପରିଚୟ ହେବାର ପ୍ରଥମ ଦିନ ହିଁ ସୀତାକାନ୍ତ ମୁଗ୍ଧ ହୋଇ ଯାଇଥିଲେ। ସେହି ଦିନଠାରୁ ଦୁଇ ଜଣ ନିବିଡ଼ ଆତ୍ମୀୟତାରେ ବାନ୍ଧି ହୋଇଯାଇଥିଲେ।

ସେଇ ଦେବେନ୍ଦ୍ରର ବଡ଼ ଭଉଣୀ ବାହାଘରରେ ଯୋଗ ଦେବାକୁ ସୀତାକାନ୍ତ ଯାଉଥିଲେ ବ୍ରହ୍ମପୁରରୁ କୁଜଙ୍ଗ। ଆଗରୁ କେବେ ସେ ଅଞ୍ଚଳ ସହିତ ପରିଚୟ ନଥିବା ତାଙ୍କୁ ନିଜର ଗାଁ ଠିକଣା ଦେଇ ଦେବେନ୍ଦ୍ର ଚାରିଦିନ ପୂର୍ବେ ପଳାଇଥିଲା ଗାଁକୁ।

ସୀତାକାନ୍ତ ହାତରେ ସମୟ ରଖି ବାହାରିଥିଲେ। ନୂଆ ଯାଗା। ଅନ୍ତତଃ ଦିନ ଥାଉ ଥାଉ ପହଞ୍ଚିଯିବା ବିଜ୍ଞତାର କାମ। ବ୍ରହ୍ମପୁରରୁ କଟକ ନିର୍ଦ୍ଧାରିତ ସମୟରେ ନ ହେଲେ ମଧ୍ୟ ଅଧଘଣ୍ଟାଏ ବିଳମ୍ବରେ ପହଞ୍ଚିଲେ। କଟକରୁ ପରାଦ୍ୱୀପ ବସ ଧରିବା ପରେ ସେ ହାତ ଘଣ୍ଟାକୁ ଦେଖି ନେଇ ଆଶ୍ୱସ୍ତ ହୋଇଥିଲେ। କଣ୍ଡକ୍ଟରଠୁ ବୁଝିନେଲେ କୁଜଙ୍ଗ ଅଢ଼େଇ ଘଣ୍ଟା କିମ୍ବା ଅତିବେଶୀରେ ତିନିଘଣ୍ଟା ଲାଗିବ। ଦେବେନ୍ଦ୍ର କହୁଥିଲା ବସଷ୍ଟପ୍‌ଠାରୁ ତାଙ୍କ ଘର ପାଞ୍ଚ କିଲୋମିଟର ଭିତରକୁ। ଅବଶ୍ୟ ରିକ୍ସା, ଅଟୋରିକ୍ସାର ସୁବିଧା ଅଛି।

ହେଲେ ବାଟରେ ଅଘଟଣାଟିଏ ଘଟିଲା। ରଘୁନାଥପୁର ନାମକ ଷ୍ଟପେଜ୍ ପାର ହେଉହେଉ ଯାତ୍ରୀମାନଙ୍କୁ ଆତଙ୍କିତ କରିଦେଇ ବସ୍‌ର ପଛଚକା ଗୋଟେ ବିରାଟ ଆର୍ତ୍ତନାଦ କରି ଫାଟିଗଲା। ସହଜେ ତ ଓ.ଏମ୍.ପି ଛକଠାରୁ ପକେଇ ପକେଇ ଆଳୁବସ୍ତା ପରି ଲୋଡ଼ ହୋଇଥିବା ମଣିଷମାନଙ୍କୁ ଧରି ବସ୍‌ଟି ଚାଲୁଥିଲା ଶଗଡ଼ଠାରୁ ସାମାନ୍ୟ ଅଧିକ ବେଗରେ। ସେଥିରେ ପୁଣି ଏପରି ଗୋଟେ ଆକସ୍ମିକ ବିପର୍ଯ୍ୟୟ!

କେବଳ ସୀତାକାନ୍ତ ନୁହନ୍ତି, ବସ୍‌ର ସମସ୍ତ ଯାତ୍ରୀଙ୍କ ମୁହଁ ଦେଖାଯାଉଥିଲା ଭାରି ଅସନ୍ତୁଷ୍ଟ। ନିର୍ଦ୍ଧାରିତ ସମୟ ଠାରୁ ଅଧିକ ବିଳମ୍ବ ହେଉଥିବାର ଦେଖି ହାତ ଘଣ୍ଟାକୁ ଚାହିଁ ଚମକି ପଡ଼ିଲେ ସେ। ସାତଟା

ବାଜିବା ବାଜିବା ହେଉଛି । ସୀତାକାନ୍ତ ବୁଝିନେଲେ ଯେ ଏଠୁ କୁଜଙ୍ଗ ଚାଳିଶ କିଲୋମିଟର । ଅତି କମ୍‌ରେ ଦେଢ଼ ଘଣ୍ଟା । ଆକାଶ ମେଘାଛନ୍ନ । ବୋଧହୁଏ ଏଇ ମୁହୂର୍ତ୍ତରେ ଅସରାଏ ବର୍ଷି ଯିବାକୁ ତାର ଭାରିମନ ।

ବସ୍‌ର ଚକା ପରିବର୍ତ୍ତନ କରିବାରେ ବ୍ୟସ୍ତଥିଲେ ହେଲପର୍, ଡ୍ରାଇଭର । ଯାତ୍ରୀମାନେ ଭୁଟ୍‌ଭାଟ୍ ହେଉଥିଲେ ସ୍ୱଭାବ ସୁଲଭ ଭଙ୍ଗୀରେ । ସମସ୍ତଙ୍କ ବକ୍ତବ୍ୟରେ ଚରମ ଅସନ୍ତୋଷ । ବସ୍‌ର ଅବସ୍ଥାକୁ ସାଂପ୍ରତିକ ରାଜନୀତି ସହିତ ଅତି ସୁନ୍ଦର ଭାବେ ସଂଯୋଗ କରି ଜଣେ ପୌଢ଼ ଭଦ୍ରଲୋକ ସାମାନ୍ୟ ଉଚ୍ଚ ସ୍ୱରରେ କହୁଥିଲେ– ଖାଲି ଯାଙ୍କୁ କଣ କହିବା ? ଦେଶର ଅବସ୍ଥା ପରା ଏୟା । ମାରିପିଟି ଖାଲି ଖାଇବାରେ ଲାଗିଛନ୍ତି ସମସ୍ତେ । ପ୍ରଚଣ୍ଡ ଲୋଭ ତ ଗ୍ରାସିଛି ସମସ୍ତଙ୍କୁ, ଦୁର୍ଭାଗ୍ୟ...ଚରମ ଦୁର୍ଭାଗ୍ୟ.... ।

ସହସା ବସ୍‌ର ହର୍ଣ୍ଣ ସୁଚେଇ ଦେଲା ଯେ, ସେ ପୁଣି କାର୍ଯ୍ୟକ୍ଷମ ହୋଇଗଲାଣି । ଯେ ଯାହାର ସିଟ୍‌ରେ ବସି ପଡ଼ିଲେ । ବସ୍ ଚାଲିଲା ଆଗ ଅପେକ୍ଷା ଟିକେ ଅଧିକ ବେଗରେ । ସତେ କି ଅନିଚ୍ଛାକୃତ ବିଳମ୍ବ ପାଇଁ ସେ ଦୁଃଖ ପ୍ରକାଶ କରି ପ୍ରାୟଶ୍ଚିତ କରୁଛି ।

ବାହାରେ ବର୍ଷା ହେଉଥିଲା ମଧ୍ୟମ ଧରଣର !

କୁଜଙ୍ଗ ବଜାରରେ ଓହ୍ଲାଇ ପଡ଼ିବା ପରେ ସୀତାକାନ୍ତ ଅନୁଭବ କଲେ ଯେ, ତାଙ୍କର ସମଗ୍ର ଶରୀର ଭୋକମୟ ପାଲଟି ଯାଉଛି । ଆଖି ପକେଇଲେ ଏଣେ ତେଣେ । ଏବେକାର ପରି ସେତେବେଳେ ଏତେ ଦୋକାନ ବଜାର ନଥିଲା । ଦଶ ପନ୍ଦରଟି ବିକ୍ଷିପ୍ତ ଚାଳ ଏବଂ ବରଡ଼ା ଛପର ଘରକୁ ନେଇ ଗଢ଼ି ଉଠିଥିବା ଦୋକାନ ଗୁଡ଼ିକୁ କୁହାଯାଉଥିଲା ବଜାର । ଇଲେକ୍‌ଟ୍ରିକ୍ ଲାଇଟ୍ ନଥିଲା । ଗୋଟେ ଦିଟା ପେଟ୍ରୋମାକ୍ସକୁ ଛାଡ଼ି ଦେଲେ ଅନ୍ୟ ଦୋକାନ ଗୁଡ଼ିକରୁ ଲଣ୍ଠନର ମଳିଚିଆ ଆଲୁଅ ହିଁ ବଜାରର ଅନ୍ଧକାରକୁ ତଡ଼ି ନେବାର ବିଫଳ ପ୍ରୟାସ କରୁଥିଲେ । ଅରୁଚିକର ଜଳଖିଆ ଟିକେ ଖାଇସାରି, ସିଗାରେଟ୍ ଖଣ୍ଡେ ଲଗାଇ ସେ ସଂଧାନ କଲେ ଯାନବାହନର । ଜଳଖିଆ ଦୋକାନୀକୁ ପଚାରିବାରୁ ନିରୁତ୍ସାହିତ କଣ୍ଠରେ ସେ କହିଲା – 'କୁଜଙ୍ଗରୁ ବାଲିଆ ଖଣ୍ଡେ ଅଟୋ ଚାଲେ । ବର୍ଷା ପାଗ ଯୋଗୁଁ ସେ ପଳେଇଲାଣି ଘରକୁ ବୋଧେ ।' ଦୋକାନୀଟି ଏତକ କହିଲା ଏବଂ ସୀତାକାନ୍ତଙ୍କର ବକ୍ତବ୍ୟ ପ୍ରତି ଆଦୌ ନଜର ନ ଦେଇ ଦୋକାନ ବନ୍ଦ କରିବାର ଉପକ୍ରମ କଲା ।

ବର୍ଷା ଯଦିଓ ଛାଡ଼ିଯାଇଥିଲା, ତଥାପି ଜହ୍ନକୁ ପୃଥିବୀରେ ପ୍ରବେଶ କରିବାକୁ ନ ଦେବାର ଗୋଟେ ଜବରଦସ୍ତ ପ୍ରତିଜ୍ଞା ସେଦିନ ବୋଧହୁଏ କରିଥିଲେ ଆକାଶର ଜିଦ୍‌ଖୋର ବାଦଲମାନେ । ଅଜବ ଅନ୍ଧାର ଘେରି ରହିଥିବା ନୂଆ ଜାଗାଟି କେମିତି ଗୋଟେ ମାଡ଼ି ମାଡ଼ି ପଡୁଥିଲା ସୀତାକାନ୍ତଙ୍କୁ । ସେ ଘଡ଼ିକୁ ଚାହିଁଲେ । ରାତି ଦଶଟା ବାଜିବାକୁ ଯାଉଚି । ନିଜ ଭିତରେ ସେ ଟିକେ ନର୍ଭସ ହୋଇ ପଡୁଥିଲେ । ପାଞ୍ଚ କିଲୋମିଟର ରାସ୍ତା ସେ ପଚାରି ପଚାରି ଯାଇ ଗନ୍ତବ୍ୟ ସ୍ଥଳରେ ଯେ ପହଞ୍ଚିବେ, ଏକଥା ତାଙ୍କୁ କିଛି ମାତ୍ରାରେ ଅବିଶ୍ୱାସ୍ୟ ମନେ ହେଲେ ମଧ୍ୟ ଅଟାଚିଟିକୁ ଧରି ସେ ପ୍ରସ୍ତୁତ ହେଲେ ।

ଅକସ୍ମାତ୍ ତାଙ୍କ ଦୃଷ୍ଟି ପଡ଼ିଲା, ଗୋଟେ ବନ୍ଦ କେବିନ୍ ସାମାନାରେ ଚାକୁଣ୍ଡା ଗଛ ମୂଳରେ ଝିଅଟେ ଠିଆ ହୋଇଛି ଏବଂ କନ୍‌କନ୍ ହୋଇ ଚାହୁଁଛି ଚାରିଆଡ଼କୁ । ଲୋକାଲ୍ ପିଲା ବୋଧହୁଏ । କୌଣସି ଆତ୍ମୀୟ ସହିତ ଆସିଥିବ । ସୀତାକାନ୍ତ ପାଖ ଦୋକାନରୁ ଚାରିମିନାର ସିଗାରେଟ୍ ପ୍ୟାକେଟଟାଏ ଏବଂ ଦିଆସିଲି ଗୋଟେ କିଣି ପୁଣି ଦଶ ମିନିଟ୍ ଅପେକ୍ଷା କଲେ କାଳେ ଅଟୋ ଫଟୋ କିଛି ମିଳିଯିବ ବୋଲି । ରାତି ଗାଢ଼ ହେଉଥିଲା ଏବଂ ଗୋଟାଏ ପରେ ଗୋଟାଏ ଦୋକାନ ବନ୍ଦ ହୋଇଯାଇ ବଜାରଟିକୁ ଶୂନଶାନ, ନିଃସଙ୍ଗ କରି ପକାଉଥିଲା । ସୀତାକାନ୍ତ ଦେଖିଲେ କିଛି ଦୂରରେ ଝିଅଟି ସେମିତି ଠିଆ ହୋଇଛି ଏବଂ ଆଗ ଅପେକ୍ଷା ଅଧିକ ବିବ୍ରତ ଜଣାପଡୁଛି ।

ନିଜ ଭିତରେ ହଁ ନାଇଁର କିଛିକ୍ଷଣ ସଂଘର୍ଷ ପରେ ସେ ସ୍ଥିର କଲେ ଯେ, ଝିଅକୁ ତା ଅସୁବିଧା ସଂପର୍କରେ ପଚାରିବେ । ତେଣିକି ଯାହା ହେବ ଦେଖାଯିବ ।

ଝିଅଟି ଯାହା କହିଲା ତାର ସାରମର୍ମ ହେଉଛି, ସେ ନୂଆଗାଁ ଯିବ । ସୀତାକାନ୍ତଙ୍କ ଗନ୍ତବ୍ୟସ୍ଥଳ ବାଲିଆଠାରୁ ଆହୁରି ପାଞ୍ଚ କି.ମି ଦୂର । ବାଟରେ ବସର ଚକା ଫାଟିବାରୁ ଡେରି ହୋଇଗଲା । ସୀତାକାନ୍ତ ଜାଣିଲେ ଯେ, ଝିଅଟି ତାର ସହଯାତ୍ରୀ ଥିଲା । ନିଜକୁ ସେ ଇଲାକାର ଅପରିଚିତ ଲୋକ ବୋଲି ନ କହି ସେ କହିଲେ ଅଟୋ ତ ମିଳିବାର ଚାନ୍ସ ନାହିଁ । ଚାଲି ଚାଲି ଯିବ ମୋ ସାଂଗରେ ? 'ହଁ'– ଶୁଭିଲା ଝିଅଟିର ଶଙ୍କିତ ମୁହଁରୁ – "ବାଲିଆରେ ଅଟୋ ମିଳିପାରେ । ସେଠୁ ମୁଁ ପଳେଇବି ।"

ଦଶମିନିଟ୍ ପରେ ସୀତାକାନ୍ତ ଅନୁଭବ କଲେ ଯେ, ସେମାନେ ଚୁପ୍‌ଚାପ୍ ଚାଲିଛନ୍ତି ସାମନ୍ତରାଳ ଭାବେ । କୁହେଇଲା ପରି ଆକାଶରୁ ବର୍ଷା ପଡୁଛି ସନ୍ତର୍ପଣରେ । ବିନା ଆବାଜରେ ରହି ରହି ବିଜୁଳି ଚମକୁଛି । ଜହ୍ନ ବୋଧହୁଏ ମେଘମାନଙ୍କ ଭିଡ଼ରୁ ନିଜକୁ ରକ୍ଷା କରି ନ ପାରି ଲଜ୍ଜାରେ ଦିଗ୍‌ବଳୟ କୋଳରେ ଆଶ୍ରୟ ନେଇଗଲାଣି । କେମିତି ଗୋଟିଏ ରହସ୍ୟମୟ, ଦୁର୍ବୋଧ୍ୟ ତଥା ଶୂନଶାନ ଲାଗୁଥିଲା ସମଗ୍ର ପରିବେଶ । କାହାରି ପାଟିରେ କଥା ନାହିଁ । ଲାଗୁଥିଲା ଦୁଇଟି ଛାୟାମୂର୍ତ୍ତି ହିଁ ଆଗେଇ ଯାଉଥିଲେ ଅର୍ଦ୍ଧ ନିଦ୍ରିତ ଅବସ୍ଥାରେ ।

ଅଦ୍‌ଭୁତ ! ପ୍ରାୟ ଦୁଇ କି.ମି. ରାସ୍ତା ସେମାନେ ଅତିକ୍ରମ କରିସାରିଲେଣି ବିନା କଥାବାର୍ତ୍ତାରେ । କିଛି ଗୋଟିଏ କଥାବାର୍ତ୍ତା ଆରମ୍ଭ କଲେ ଭଲ ଲାଗନ୍ତା । ଅତ୍ୟଧିକ ନୀରବତା ମନ ଭିତରକୁ କେମିତି ଗୋଟେ ଅଜବ ଚିନ୍ତାକୁ ବୋହି ଆଣୁଛି । ସଂଜ୍ଞାତୀତ ସେ ଚିନ୍ତା ଧୀରେ ଧୀରେ କାୟା ବିସ୍ତାର କରିବାକୁ ସଜବାଜ ହେଲାଣି ଭିତରେ ଭିତରେ । ବରଂ ସେ ନିଜ ତରଫରୁ ଝିଅଟି ସହିତ ଏଣୁ ତେଣୁ କିଛି କଥାବାର୍ତ୍ତା କଲେ କ୍ଷତିଟା କଣ ?

"କଟକରେ କଣ କରୁଛ ?

ରେଭେନ୍ସାରେ ବି.ଏ. ପ୍ରଥମ ବର୍ଷ ।

କଣ ସବଜେକ୍ଟ ?

ଇକନୋମିକ୍ସ, ହିଷ୍ଟ୍ରି, ପଲଟିକାଲ ସାଇନ୍‌ସ ।

ଅନର୍ସ ?

ହିଷ୍ଟ୍ରି ।

ତାପରେ ସବୁ ଚୁପ୍‌ଚାପ୍, ନୀରବ । ସୀତାକାନ୍ତଙ୍କର ପାଟିର ସବୁ ଭାଷାର ଯେମିତି କୋଉଠି ଫ୍ରିଜ୍ ହୋଇଯାଇଥିଲା । ଯା ପରେ କଣ ବାର୍ତ୍ତାଳାପ କରାଯାଇପାରେ ? ସେ ନିଜ ଉପରେ ବିରକ୍ତ ହେଉଥିଲେ ଏଇ ମୁହୂର୍ତ୍ତରେ କିଛି ଗୋଟାଏ ସମୟୋପଯୋଗୀ ଚିନ୍ତା କାଇଁକି ମନକୁ ଆସୁନାଇଁ ବୋଲି ।

କଲେଜ ହତା ଭିତରେ ବାହାରେ ଘଣ୍ଟା ଘଣ୍ଟା ଧରି ପୁଅମାନେ ଝିଅମାନଙ୍କ ସହିତ କଣ ସବୁ ଗପନ୍ତି ଯେ !

ଯଦିଓ ଅଂଧକାର ଭିତରେ ସିଧା ଚାହିଁବାରେ କୌଣସି ଅସୁବିଧା ନଥିଲା, ତଥାପି ସୀତାକାନ୍ତ କଣେଇକି ଅତି ସନ୍ତର୍ପଣରେ ଚାହିଁଲେ ଛାୟା ମୂର୍ତ୍ତିଟିଏ ଭଳି ଧୀରେ ଧୀରେ ଚାଲୁଥିବା ଝିଅଟିକୁ। କୁଜଙ୍ଗ ବଜାରର ଝାପ୍‌ସା ଲଣ୍ଠନ ଆଲୁଅରେ ସେ ଦେଖିଥିଲେ ଗାଢ଼ କଳା ଚୁଡ଼ିଦାର ପିନ୍ଧା ଝିଅଟି ଗୋରୀ, ସୁନ୍ଦରୀ। ତା ମଧୁର କଣ୍ଠସ୍ୱର ତା ଚେହେରାର ଯଥାର୍ଥତା ପ୍ରତିପାଦନ କରୁଥିଲା। ତା ଦେହରୁ ମହକି ଆସୁଥିଲା ମନୋମୁଗ୍ଧକର ଗୋଟେ ବାସ୍ନା ଯାହାକି ଗୁଡ଼େଇ ହୋଇ ଯାଉଥିଲା ସୀତାକାନ୍ତଙ୍କ ଦେହ, ମନ, ଆତ୍ମାରେ।

ତାଙ୍କୁ ଲାଗୁଥିଲା ସତେ କି ଗୋଟେ ଦିଗହଜା ବିପୁଳ ସବୁଜିମାର ଉପତ୍ୟକାରେ ସେ ଭାସି ଭାସି ଯାଉଛନ୍ତି। ଏଭଳି ଭାସିଯିବାରେ ଗୋଟେ ଆନନ୍ଦ ଅଛି, ତୃପ୍ତି ଅଛି। ଇକୋନମିକଓ୍ ନନେଇ ହିଷ୍ଟ୍ରି ଅନର୍ସ କାହିଁକି ନେଲ ? – ନୀରବତାକୁ ଭାଙ୍ଗି ସୀତାକାନ୍ତ ପଚାରିଲେ। ତାଙ୍କର ସବୁକଥା ବିକ୍ଷିପ୍ତ ଓ ଅସ୍ୱାଭାବିକ ଜଣାପଡୁଛି କି ?

କାଇଁ ହିଷ୍ଟ୍ରି କଣ ଆପଣଙ୍କର ବୋର ସବଜେକ୍ଟ କି ?' ସମାନ୍ୟ ଉତ୍ସାହିତ ସ୍ୱରରେ ଝିଅଟି ପଚାରିଲା।

'ନା..ନା..ସେ କଥା ନୁହେଁ ଯେ... ସୀତାକାନ୍ତଙ୍କ ପାଟିରେ ଆଉ କୌଣସି ଶବ୍ଦ ଗଛିତ ନଥିଲା। ତାଙ୍କ ମୁହଁର ପରିପାଟୀ ବଦଳିଗଲା ସହସା।

ସବୁ ପୁଣି ଚୁପ୍‌ଚାପ୍, ନୀରବ।

ଗୋଟେ ଝାଇଁ ଝାଇଁ ଶବ୍ଦ କାନ ପାଖରେ ଶୁଭୁଥିଲା। ବାଦଲମାନଙ୍କ ଉହାଡ଼ରୁ ଗୋଟେ ଗୋଟେ ତାରା ଉଙ୍କିମାରି ଦେଖୁଥିଲେ ରାତ୍ରିର ନିକାଞ୍ଚନ ପୃଥିବୀକୁ। ରାସ୍ତାର ଦୁଇ ପାଖରେ ଥିବା ଧାନ ଗଛମାନେ ଅଣ୍ଟା ପାଣିଆ ହୋଇ ଠିଆ ହୋଇ ରହିଥିଲେ। ବେଙ୍ଗ ମାନଙ୍କର ବୋଧହୁଏ ସେଦିନ ଥିଲା ବଡ଼ ଗୋଟେ ମହୋତ୍ସବ।

ଆଃ.. ଅସ୍ପଷ୍ଟ ଆର୍ତ୍ତନାଦଟିଏ କରି ଝିଅଟି ଚମକି ଆସିଲା ତାଙ୍କ ପାଖକୁ। ସୀତାକାନ୍ତ ବ୍ୟସ୍ତ ହୋଇଉଠିଲେ।

'କଣ ଗୋଟିଏ ମାଡ଼ି ପକେଇଲି'– ଶଙ୍କିତ ସ୍ୱରରେ ଝିଅଟି କହିଲା।

'ବେଙ୍ଗ ହୋଇଥିବ' – ସୀତାକାନ୍ତ ତାଙ୍କୁ ସାହସ ଦେବା ପାଇଁ କହିଲେ।

"ସାପ ହୋଇପାରେ" – ଝିଅଟି ଏତକ କହିଦେଇ ତାଙ୍କ ପାଖକୁ ଲାଗି ଆସିଲା।

ସୀତାକାନ୍ତ ଅନୁଭବ କଲେ କିଛି ଗୋଟାଏ ତାଙ୍କ ଡାହାଣ ହାତ ପାପୁଲିକୁ ଅଭିଭୂତ କରିପକାଉଛି ମଧୁର ଆନନ୍ଦରେ। ସେ ସ୍ପଷ୍ଟ ବାରିପାରୁଥିଲେ ଗୋଟେ ଉଷ୍ମତା, ଗୋଟେ ସ୍ପନ୍ଦନ। ସେ ଉଷ୍ମତା ତାଙ୍କ ପାପୁଲି ଦେଇ ଚରି ଯାଉଥିଲା ଦେହ ଭିତରକୁ। ମର୍ତ୍ତ୍ୟରୁ ସ୍ୱର୍ଗକୁ। ଦିଗରୁ ଦିଗନ୍ତକୁ। ଝିଅଟିର ନରମ ଆଙ୍ଗୁଠିଗୁଡ଼ା ଥିଲା ତାଙ୍କ ପାପୁଲିର ନିର୍ଭୟ କୋଳ ଭିତରେ।

ସମସ୍ତ ସତର୍କତା ତଥା ସଂଯମତା ସତ୍ତ୍ୱେ ଅଦ୍ୟମ ଭୋକର ଇସ୍ତାହାରକୁ ନେଇ ମନ ଭିତରକୁ ପଶି ଆସୁଛି ସଂଜ୍ଞାତୀତ କାମନାଟିଏ। ସେ ଅନୁଭବ କରୁଥିଲେ ଗୋଟେ ପ୍ରଚଣ୍ଡ ଶୋଷ ତାଙ୍କୁ କଲବଲ କରିପକାଉଛି। ଯେମିତିକି ସବୁଯାକ ସମୁଦ୍ର ଅକ୍ଷମ ସେ ଅନନ୍ତ ଶୋଷକୁ ମେଣ୍ଟାଇବାକୁ। ମେଘ ଛାଡ଼ିଯିବା ପରେ ସୁଲୁସୁଲିଆ ପବନ ବହୁଥିଲା। ଅଥଚ ସେ ନିଃଶ୍ୱାସ ନେବା ପାଇଁ ଫୁଣ୍ଟାଏ ବି ବାୟୁ ନଥିଲା କେଉଁଠି।

ଛି..ଛି...ସୀତାକାନ୍ତ ସହସା ଫେରି ଆସିଲେ ନିଜ ଭିତରକୁ। କି ବାଜେ ଚିନ୍ତାଗୁଡ଼ା ସେ କରୁଛନ୍ତି। ଅସୁବିଧାରେ ପଡ଼ିଥିବା ଗୋଟେ ଝିଅକୁ ସାଙ୍ଗରେ ଆଣି ତାକୁ ନିରାପଦରେ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚାଇ ଦେବାର ଗୋଟେ ନୈତିକ ଦାୟିତ୍ୱ ବହନ କରିଥିବା ସେ ବାଟ ମଝିରେ ଏପରି କୁତ୍ସିତ ମନୋଭାବର ଶିକାର ହେବାର ଯଥାର୍ଥତା କଣ ? ଏ ଯାବତ୍ ଝିଅଟି ପ୍ରତି ସେ ଯେଉଁ ଆଚରଣ ଦେଖାଇ ଆସିଛନ୍ତି, ଯେଉଁ ସବୁ କଥା କହିଛନ୍ତି, ତାର ଅନ୍ତରାଳରେ ତାଙ୍କର ଆହୁରି ଏକ ବିଶାଳ, ବିକୃତ ସତ୍ତା ରହିଛି ବୋଲି ଝିଅଟି ଜାଣିଗଲା କି ? ନିଜର ବାହ୍ୟ ବ୍ୟକ୍ତିତ୍ୱର ନେପଥ୍ୟରେ ଆତ୍ମଗୋପନ କରି ରହିଥିବା ତାଙ୍କ ଧୂର୍ତ୍ତ ଅନ୍ତଃପୁରୁଷଟିକୁ ସେ ଉଦ୍‌ଘାଟନ କରି ପକାଇଥିବ କି ?

ବାହାରକୁ ସର୍ବାଙ୍ଗ ସୁନ୍ଦର, ଭାରି ଭଦ୍ର ଲାଗୁଥିବା ତାଙ୍କ ଅନ୍ତର୍ନିହିତ ସ୍ୱରୂପଟି ଯେ ଏତେ କୁତ୍ସିତ ଆଉ କଦାକାର, ଏକଥା ଭାବି ସୀତାକାନ୍ତ ଶିହିରି ଉଠିଲେ। ତାଙ୍କୁ ଲାଗୁଥିଲା ପାହାଡ଼ ସମାନ ପାପର ଅସହନୀୟ ବୋଝକୁ ବୋହି ବୋହି ସେ ଚାଲିଛନ୍ତି ଯୁଗରୁ ଯୁଗାନ୍ତର ପର୍ଯ୍ୟନ୍ତ। ଏ ଯାତ୍ରାର ଶେଷ କେଉଁଠି ? ଏ ପାପର ପ୍ରାୟଶ୍ଚିତ କେବେ ? ଏ ଅନ୍ଧକାରର ବ୍ୟାପ୍ତି କେତେ ଦୂର ?

ସୀତାକାନ୍ତ ମନେ ମନେ ବିରକ୍ତ ହେଲେ ଝିଅଟି ଉପରେ। ପାଖାପାଖି ଚାରି କି.ମି ବାଟ ଅତିକ୍ରମ କରି ସାରିଥିଲେ ମଧ୍ୟ ଝିଅଟି ଥିଲା ଅଦ୍‌ଭୁତ ଭାବେ ନୀରବ। ଏ ନୀରବତା ହିଁ ସବୁ ଅନର୍ଥର ମୂଳ। ଯେତେ ସବୁ ବାଜେ ଚିନ୍ତା ଏଇ ସମୟରେ ଆସି ଠୁଳ ହୁଏ ମୁଣ୍ଡରେ। କିଛି ହେଲେ ସେ କୁହନ୍ତା। ପଥ ଶ୍ରମ ଜନିତ କ୍ଳାନ୍ତି ନୁହେଁ, ଏପରି ବିକୃତ ଚିନ୍ତାର ତପ୍ତ ବୈତରିଣୀ ପାର ହେବାକୁ ଅନ୍ତତଃ ସାମୟିକ କଥୋପକଥନର ସେତୁଟିଏ ଏକାନ୍ତ ଆବଶ୍ୟକ ଏଇ ମୁହୂର୍ତ୍ତରେ।

ସେ ଜମା ପ୍ରକୃତିସ୍ଥ ହୋଇ ପାରୁନଥିଲେ। କେମିତି ହେବେ ? ଏମିତି ଗାଢ଼ କଳା ଚୁଡ଼ିଦାର ପିନ୍ଧା, ଗୋରି ସୁନ୍ଦରୀ ଝିଅମାନଙ୍କୁ ଏତେ ପାଖରେ ପାଇ କଣ ପ୍ରକୃତିସ୍ଥ ହୋଇ ଚାଲିହୁଏ। ନିର୍ଜନ ରାତ୍ରିର ବହଳ ଅନ୍ଧକାର ଭିତରେ ଏକୁଟିଆ ପାଇ କଣ ପ୍ରେମ ନ କରି ରହିହୁଏ !

ସୀତାକାନ୍ତଙ୍କର ଭାରି ଇଚ୍ଛା ହେଉଥିଲା ସିଗାରେଟଟାଏ ଟାଣିବାକୁ। ଓଠର ବଳୟ ଭିତରେ ସିଗାରେଟ ରଖି ସେ ଦିଆସିଲି ଜଳାଇଲେ। ଅଂଧକାରକୁ ପରାସ୍ତ କରି ସ୍ୱଚ୍ଛ ନାଲି ଆଲୁଅ କିଛି ବିଞ୍ଚି ହୋଇଗଲା ଚତୁଃପାର୍ଶ୍ୱରେ। ସେଇ ମୁହୂର୍ତ୍ତରେ ଝଲକ ଭିତରେ ତାଙ୍କ ଟାଉକା ଆଖି ଯୋଡ଼ିକ ଧାଇଁଗଲେ ଝିଅଟିର ମୁହଁ ଆଡ଼କୁ। ଚମକି ପଡ଼ିଲେ ସେ। ନାଲି ଆଲୁଅର ଶିଖାଭିତରୁ, ବ୍ରହ୍ମାଣ୍ଡର ସମସ୍ତ ସୌନ୍ଦର୍ଯ୍ୟକୁ ତୁଚ୍ଛ କରି ଝିଅଟିର ମୁହଁ ଝଟକୁ ଥିଲା ଆଉଟା ସୁନା ପରି। ତା ଆଖି ସହିତ ସୀତାକାନ୍ତଙ୍କର ଆଖି ମିଶିଯିବା ପରେ ଗୋଟେ ତଡ଼ିତ୍ ପ୍ରବାହିତ ହୋଇଗଲା ତାଙ୍କ ଦେହ ଭିତରେ।

ତା ଆଖିରେ କଣ ଥିଲା। ଭୟ ! ଆଶଙ୍କା ! ଅବିଶ୍ୱାସ ! ନା, ବରଂ ସୀତାକାନ୍ତଙ୍କୁ ଲାଗିଲା ସମୁଦ୍ରେ ପ୍ରେମ ଉବୁଟୁବୁ ହେଉଛି ସେଇ ଆଖିରେ। ସେଇ ସମୁଦ୍ର ସତେ ଅବା କୂଳ ଲଂଘି ଭସାଇ ନେଉଛି ତାଙ୍କୁ ମନୋରମ ଏକ ସୁରମ୍ୟ ଉପତ୍ୟକାକୁ। ସାରା ପୃଥିବୀରେ ସୃଷ୍ଟି ହୋଇଯାଉଛି ଫୁଲର ଅସରନ୍ତି ମହୋତ୍ସବ। କେହି ଜଣେ ମତୁଆଲା ସ୍ୱରରେ ବଂଶୀଟିଏ ବଜାଉଛି

କି କୋଉଁଠି ? କୁଆଡୁ ଖାଲି ଭାସି ଆସୁଛି ମହମହ ଅଗୁରୁ ଚନ୍ଦନର ବାସ୍ନା ?

କିଛି ସମୟ ପୂର୍ବେ କ୍ଷୁଧିତ ଶାର୍ଦ୍ଦୁଳଟେ ତାଙ୍କ ଭିତରେ ବସି ହାଇ ମାରୁଥିଲା । ପ୍ରଚଣ୍ଡ ଭୋକରେ ଜିଭ ଚାଟୁଥିଲା । ଅଥଚ କାମନାକୁ ଠେଲି ଠେଲି ତା ସ୍ଥାନ ଅକ୍ତିଆର କରି ସାରିଲାଣି ଏ ଅନନ୍ୟ ଅନୁଭବଟି । ଏ ଅପ୍ରତ୍ୟାଶିତ ଅନୁଭବର ସଂଜ୍ଞା କଣ ?

ପ୍ରେମ !

ସୀତାକାନ୍ତ ଭାବିଲେ, ଝିଅଟିକୁ ପ୍ରେମ କଲେ ହୁଅନ୍ତାନି । ନା...ନା....ସ୍ନାୟୁବିକ କିମ୍ୱା ଶାରିରୀକ ଉତ୍ତେଜନାକୁ ପଶମିତ କରିବା ପରି ପ୍ରେମ ନୁହେଁ । ଗଭୀର ଆଶ୍ଳେଷରେ ସେ ତାକୁ ଆଲିଙ୍ଗନ କରନ୍ତେ । ହୃଦୟକୁ ଧରିବା ପରି ପାନପତ୍ର ପରି ସେଇ ନିରିମାଖି ମୁହଁଟିକୁ ଯତ୍ନରେ ଦୁଇ ପାପୁଲି ଭିତରେ ରଖି ସ୍ୱର୍ଗ ମର୍ତ୍ତ୍ୟ ପାତାଳକୁ ଅଭିଭୂତ କରି ତା ଗଣ୍ଡ ଦେଶରେ ଆଙ୍କି ଦିଅନ୍ତେ ଅନନ୍ୟ ଚୁମ୍ୱନଟେ !

ଚୁମାଟିଏ ଦେବି କି ? ସୀତାକାନ୍ତ ଭାବୁଥିଲେ ଗୋଟିଏ ଚୁମ୍ୱନ ବ୍ରହ୍ମାଣ୍ଡକୁ ପ୍ରଳୟ କରିଦେବନି, କିନ୍ତୁ ତାଙ୍କୁ ଜନ୍ମଜନ୍ମାନ୍ତର ପାଇଁ ଧନ୍ୟ କରିଦିଅନ୍ତା ।

ତାଙ୍କୁ ଆଲିଙ୍ଗନ କରିବି କି ? ସୀତାକାନ୍ତ ଭାବୁଥିଲେ ପାଞ୍ଚ ମିନିଟ୍ ପାଇଁ ଏ ବାହୁର ପରିଧି ଭିତରେ ରହିଗଲେ ପୃଥବୀ ଭାସିଯିବନି, ଅଥଚ ତାଙ୍କ ମଣିଷ ଜନ୍ମ ସାର୍ଥକ ଲଭନ୍ତା ! !

'ହେଇଟି, ବାଲିଆ ଆସିଗଲା'-ଉତ୍ସାହଦୀପ୍ତ କଣ୍ଠରେ ଝିଅଟି କହି ଉଠିଲା ନୀରବତାକୁ ଝଣଝାଣ ଭାଙ୍ଗିଦେଇ ।

କଣଟା ଆସିଗଲା ? -ସୀତାକାନ୍ତ ଆପାତତଃ ଭୁଲିଯାଇଥିଲେ ବାଲିଆ ନାମକ ସ୍ଥାନ ହିଁ ତାଙ୍କର ଗନ୍ତବ୍ୟସ୍ଥଳ । ସେ ଯେ ସେଇ ଅଂଚଳ ପାଇଁ ଏକଦମ୍ ନୂଆ ଲୋକ ଏକଥା ସେ ଗୋପନ ରଖିଥିଲେ ଝିଅଟି ପାଖରେ ।

'ଆପଣଙ୍କ ଗାଁ ଆସିଗଲା ।' ଝିଅଟି ପୁନରାବୃତ୍ତି କରି ବନ୍ଦ ହୋଇ ସାରିଥିବା ଦୁଇ ତିନୋଟି ଦୋକାନ ସାମନାରେ ଥୁଆ ହୋଇଥିବା ଅଟୋ – ପାଖକୁ ଆଗେଇ ଗଲା । ସୀତାକାନ୍ତଙ୍କ ଦେହରୁ ଗମ୍‌ଗମ୍ ହୋଇ ଝାଳ ବାହାରି ଆସୁଥିଲା । ତାକୁ ଅଟୋରେ ନିର୍ଦ୍ଧାରିତ ସ୍ଥାନରେ ଛାଡ଼ି ଦେବାକୁ ଡ୍ରାଇଭରକୁ କହିବାକୁ ସେ ଆଗେଇ ଆସୁଥିବା ବେଳେ ଦେଖିଲେ ଝିଅଟି ଅଟୋ ଭିତରେ ବସି ସାରିଲାଣି । ଅଟୋ ଡ୍ରାଇଭର ବୋଧେ ଚିହ୍ନିଥିଲା ତାକୁ ।

ରାତିର ବୟସ ଯଥେଷ୍ଟ ବଢ଼ିଯାଇଥିଲା ସେତେବେଳେକୁ । ବିଦାୟର ସେଇ ଅନ୍ତିମ ମୁହୂର୍ତ୍ତରେ ଅଟୋ ବାହାରକୁ ମୁଣ୍ଡ ବାହାର କରି ସୀତାକାନ୍ତଙ୍କ ଉଦ୍ଦେଶ୍ୟରେ କୃତଜ୍ଞ ମୁହଁରେ ଝିଅଟି ହାତ ହଲାଇ ହଲାଇ ଜଣାଉଥିଲା ଶୁଭରାତ୍ରି । ଅଥଚ ମୁହଁରେ ନିଃସଙ୍ଗତା ଓ ସଂଜ୍ଞାହୀନ ଗୋଟେ ଯନ୍ତ୍ରଣାର କରୁଣ ସଂକେତଟିଏ ଧାରଣ କରି ସିଲହଟ ପରି ଠିଆ ହୋଇଥିବା ସୀତାକାନ୍ତ ଭୁଲିଯାଇଥିଲେ ପ୍ରତି ସମ୍ଭାଷଣଟିଏ ଜଣାଇବାକୁ ।

ତା ପରେ ? – ଜାନକୀଙ୍କ ଥମଥମ କଣ୍ଠସ୍ୱର ସୀତାକାନ୍ତଙ୍କୁ ସହସା ଫେରାଇ ଆଣିଲା ସ୍ୱପ୍ନାଚ୍ଛନ୍ନ ଅବସ୍ଥାରୁ ।

ତାପରେ ଆଉ କଣ ? ବିଫଳତା ଓ ନିରୁତ୍ସାହର ପାହାଡ଼ ଉପରେ ବସିବା ପରି ସୀତାକାନ୍ତ କହିଲେ, "ତାପରେ ବଂଧୁ ଦେବେନ୍ଦ୍ରର ଅକାଳ ମୃତ୍ୟୁ, ଛଅ ମାସ ବର୍ଷେ ଖଣ୍ଡେ ଝିଅଟିର ପତ୍ତା ଲଗାଇବାର ଗୋଟେ ବିଫଳ ଅଥଚ ପ୍ରାଣାନ୍ତକ ପ୍ରଚେଷ୍ଟା, ତିନି ଚାରିବର୍ଷ ପରେ ଚାକିରି, ତାର ଦୁଇ ବର୍ଷ ପରେ ତୁମ ସହିତ ବିବାହ, ପିଲାଛୁଆ, ପ୍ରମୋଶନ୍, ଗାଡ଼ିଘର, ବ୍ୟାଙ୍କ ବାଲାନ୍ସ, ବୟସର ପାହାଚ ପରେ ପାହାଚ ଅତିକ୍ରମ କରି ଏଠି ପହଞ୍ଚିବା ପରି ଗତାନୁଗତିକ ଜୀବନ ଭିତରେ ସତରେ ବେଳେବେଳେ ଭାରି ମନେପଡ଼େ ସେଇ ରାତିର କଥା । ସେଇ ଝିଅଟିର ସ୍ମୃତି ମନ ଭିତରକୁ ଆସିଗଲେ ବସନ୍ତ ଋତୁଟିଏ ଧସେଇ ପଶିଆସେ ଶୁଷ୍କ ଟାଙ୍ଗରା ଏ ଶରୀର ଭିତରକୁ । ମନ କଅଁଳି ଉଠେ ଚୈତ୍ର ମାସର କୃଷ୍ଣଚୂଡ଼ା ପରି ।

ସତୁରୀ ବର୍ଷର ସୀତାକାନ୍ତ କୋଡ଼ିଏ ବର୍ଷର ନବଯୁବକଟିଏ ପରି ପ୍ରଗଳଭ ହୋଇ ଉଠୁଥିଲେ । ସତେକି ବର୍ଷ ବର୍ଷ ଧରି ଭିତରେ ଭିତରେ ତାଙ୍କୁ ଅହରହ ଛଟପଟ କରାଉଥିବା ଘଟଣାଗୁଡ଼ିକୁ ଜାନକୀଙ୍କ ଆଗରେ ଝାଡ଼ି ପକାଇବାକୁ ସେ ଥିଲେ ବଦ୍ଧପରିକର ।

"ସେଇ ସ୍ମୃତି ଆନନ୍ଦ ଦିଏ ଯେତିକି, ଦୁଃଖ ଦିଏ ତାଠୁ ଅଧିକ । ବେଳେ ବେଳେ ଲାଗେ ଜୀବନରେ ଅନେକ କିଛି ହାତଛଡ଼ା ହୋଇଯାଇଛି । ସେତେବେଳେ ନିଜକୁ ଲାଗେ ଭାରି ଦରିଦ୍ର, ନିଃସ୍ୱ, କାଙ୍ଗାଳ । ଗୋଟେ ଅତୃପ୍ତ ତଥା ଅବସୋସ ପଣିଆରେ ମନ ଜଡ଼ସଡ଼ ହୋଇଯାଏ । ହୃଦୟ ହାହାକାର କରି ଉଠେ ।" ସୀତାକାନ୍ତ ଭାବପ୍ରବଣ ହୋଇ ପଡୁଥିଲେ ।

ଜାନକୀଙ୍କ ଉଚ୍ଛ୍ୱସିତ କାନ୍ଦଣା ତାଙ୍କୁ ଶକ୍ତ ଧକ୍କାଟିଏ ଦେଲା । ସେ ଦେଖିଲେ ତେଷଠି ଚଉଷଠି ବର୍ଷ ବୟସ୍କା ତାଙ୍କ ପତ୍ନୀଙ୍କ ଆଖିରୁ ବୋହି ଯାଉଛି ଅବାରିତ ଅଶ୍ରୁ ।

ଏ କାନ୍ଦର ସଂଜ୍ଞା କଣ ? ଏ ଲୁହର ହେତୁ କଣ ? ଦୁଃଖ ନା ଇର୍ଷା । ବିଶ୍ୱାସ ନା ଅବିଶ୍ୱାସ । ସମବେଦନା ନା କ୍ରୋଧ ! ! ବିନ୍ଦୁ ବିସର୍ଗ କିଛି ବୁଝିନପାରି ସୀତାକାନ୍ତ ବିଚଳିତ ହୋଇ ପଡୁଥିବା ବେଳେ ଲୁହଧୁଆ ମୁହଁରେ ଜାନକୀ ପଚାରିଲେ – "ଏବେ ଯଦି ସେହି ଝିଅଟି ଆସି ତମ ପାଖରେ ପହଞ୍ଚିଯାଏ, ତେବେ ?

'ଏବେ !' ଚଉକିରୁ ହଠାତ୍ ଉହୁଙ୍କି ଆସି ସୀତାକାନ୍ତ ଏ ଶବ୍ଦଟିକୁ ଏମିତି ଉଚ୍ଚାରଣ କଲେ ଯେ, ସତେ କି ପଚାଶ ବର୍ଷ ତଳର ସେଇ ମେଘ ଅଂଧାର ରାତିରେ ଘଟିଯାଇଥିବା ଘଟଣାଟିର ପୁନରାବୃତ୍ତି ହେବାକୁ ଯାଉଛି ଏବଂ ଏଥର ସେ ସୁଯୋଗଟିକୁ ହାତଛଡ଼ା ହେବାକୁ ଦେବେ ନାହିଁ । ତନ୍ଦ୍ରାଚ୍ଛନ୍ନ ସ୍ୱରରେ କହିଲେ 'ଏବେ ଯଦି ସେ ଆସି ପହଞ୍ଚିଯାଏ, ଗୋଟେ ନିବିଡ଼ ଅନ୍ତରଂଗ ଆଲିଙ୍ଗନରେ ତାକୁ ବାନ୍ଧି ପକାଇ, ତା ଗାଲରେ ଓଠ ଥାପି ଗୋଟେ ଅପୂର୍ବ, ଶେଷହୀନ ତଥା ଏପର୍ଯ୍ୟନ୍ତ ଦିଆଯାଇନଥିବା ପୃଥିବୀର ସର୍ବୋତ୍ତମ ଚୁମାଟିଏ ଦେଇ ଦିଅନ୍ତି ।'

ବସିବା ସ୍ଥାନରୁ ଉଠିପଡ଼ି ସହସା ଜାନକୀ ଆଗେଇ ଗଲେ ସୀତାକାନ୍ତଙ୍କ ଆଡ଼କୁ ଏବଂ ଅଠର ବର୍ଷର ଚୁଲବୁଲୀ କିଶୋରୀଟିଏ ପରି ତାଙ୍କ ବେକରେ ଓହଳି ପଡ଼ି, ମୁହଁ ପାଖକୁ ମୁହଁ ନେଇ ଦୁଷ୍ଟାମୀର ହସଟେ ହସି କହିଲେ "ଦିଅ" ।

*ଏ.ଜି.ଅଫିସ୍, ଭୁବନେଶ୍ୱର-୧*
*ଦୂରଭାଷ: ୯୪୩୭୧୬୩୦୦୨*

# ସ୍ୱର୍ଗ ଓ ନର୍କ

ବିଷ୍ଣୁ ଚରଣ ଚୌଧୁରୀ

ଘୋଡ଼ି ହୋଇଥିବା ଚାଦରଟା ଦେହରୁ କାଢ଼ି ଖଟ ଉପରେ ବସି ପଡ଼ିଲା ରାଧା। ଝର୍କା ଫାଙ୍କରୁ ଫର୍ଚ୍ଚା ଦିଶୁଛି ଅଗଣା ପଟ। ଭୋର ହେଲାଣି ଭାବି ଧିରେ ଧିରେ ଓହ୍ଲେଇବାକୁ ଚାହିଁଲା ଖଟରୁ। ସିପୁନ ବାପା ଘୁଙ୍ଘୁଡ଼ି ମାରୁଥିଲା ଗାଢ଼ ନିଦରେ ଶୋଇ ରହି। ଚାରିକାତ ମେଲେଇ ପଡ଼ି ରହିଥିଲା ଖଟ ଉପରେ। ଝର୍କା ଫାଙ୍କ ଝାପ୍‌ସା ଆଲୁଅରେ ମୁହଁକୁ ଚାହିଁଲା ରାଧା। ହାଡୁଆ ମୁହଁ। ଅଧା ମେଲା ପାଟି ପଟେ ପବନ ବାହାରୁଛି ପୁଣି ପଶୁଛି। ନିଶ୍ଚିନ୍ତରେ ଶୋଇଛନ୍ତି କି ଶୋଇ ରହି ସପନ ଦେଖୁଛନ୍ତି ସେକଥା ଜାଣେନି। ଏ ବୟସରେ ଦିନଟା ଯାକର ହାଡ଼ଭଙ୍ଗା ଖଟଣି ପରେ ଗଡ଼ି ପଡ଼ିବା କ୍ଷଣି ନିଦ ଆସିଯାଏ ଆଖିକୁ। ଦୁଃଖ ସୁଖ କଥା ହେବାକୁ ଡର ନଥାଏ।

ଖଟରୁ ଓହ୍ଲେଇ ଧିରେ କବାଟ ଖୋଲି ଅଗଣାକୁ ଆସିଲା ରାଧା। କାଉ, କୋଇଲିଙ୍କର ଶବ୍ଦ ନାହିଁ। ପୂରୁବ ଆକାଶଟା ବି ରଙ୍ଗେଇନି। ଫାଳିକିଆ ଜହ୍ନଟା ଯେମିତି ଓହ୍ଲେଇବାକୁ ଚାହୁଁଛି ପୃଥିବୀ ପୃଷ୍ଠକୁ କୁହୁଡ଼ିର ପାହାଚ ଡେଇଁ। ଜହ୍ନ ରାଇଜରୁ ଯେମିତି ଭାସି ଆସୁଛି ମହ ମହ ବାସ୍ନା। ହାଲକା ହାଲକା ଶୀତୁଆ ପବନରେ ଜହ୍ନ ଆଲୁଅର ସଫେଦ ଚାଦର ଘୋଡ଼ି ହୋଇ ଗଭୀର ନିଦରେ ଶୋଇଛନ୍ତି ଗଛଲତା ଏବଂ ଗୁଳ୍ମସମୂହ। ଘାସର କୋମଳ ଶଯ୍ୟାରେ ଶୋଇ ଯାଇଚନ୍ତି ବିନ୍ଦୁ ବିନ୍ଦୁ କାକର। ଶୋଇଛି ମାଟି ମାଆ। ନିର୍ଜନ ରାତିରେ ସାଇଁ ସାଇଁ ଗର୍ଜନ ବାଜୁଛି କାନରେ। ମାଟି ମାଆ ନିଶ୍ୱାସ ଛାଡୁଛି। ରାତି ପାହିବାକୁ ଢ଼େରି ଅଛି ଜାଣି ଘର ଭିତରକୁ ପଶି ଦରଜା ବନ୍ଦ କରି ପୁଣି ଶୋଇବାକୁ ଗଲା ରାଧା।

କଡ଼ ଲେଉଟାଇଲା ମୋହନ। ଖଟ ଉପରେ ଚୁପ୍ ହୋଇ ବସି ପଡ଼ିଲା ରାଧା। ଚାହିଁଲା ସ୍ୱାମୀଙ୍କ ଆଡ଼େ। ନିଦ ଭାଙ୍ଗିଯିବ କାଳେ। ସଅଳ ଶୋଇଥିଲେ ବି କାହିଁ କେତେ ରାତିରେ ନିଦ ହୋଇଛି। ରାତି ସାରା ଏକଡ଼ ସେକଡ଼ ହେଉଥିଲେ ଯନ୍ତ୍ରଣାରେ। ଏବେ ବି ମୁହଁରେ ସ୍ପଷ୍ଟ ବାରି ହୋଇ ପଡୁଛି ଯନ୍ତ୍ରଣାର ଛାପ। ହାତର ଆଙ୍ଗୁଠି ଗଣି ପକାଇଲା ରାଧା। ଆଜିକୁ ଆଠ ଦିନ ହେବ ଡାହାଣ ହାତ ପାପୁଲି ଭାଙ୍ଗି ଯାଇଛି। ଗାଁ ପାଖ ଡାକ୍ତରଖାନାକୁ ସ୍ୱାମୀଙ୍କୁ ନେଇଥିଲା। ସହର ଯାଇ ହାତ ଫଟ ଉଠାଇ ହାଡ଼ଭଙ୍ଗା ଡାକ୍ତରଙ୍କୁ ଦେଖେଇବାକୁ କହିଥିଲେ ଡାକ୍ତରବାବୁ। ଡାକ୍ତର ବାବୁଙ୍କଠୁ ଏକଥା ଶୁଣିବା ପରେ ତା ଚାରିକଡ଼ର ପୃଥିବୀ ଜୋରରେ ଘୁରିବାକୁ ଲାଗିଥିଲା। ଦୁଇ ହାତ ମୁଣ୍ଡରେ ଚାପି ଧରି ଥମ୍ କରି ବସି ପଡ଼ିଥିଲା ତଳେ।

ପାଖରେ ତାର କାଣି କଉଡ଼ିଟିଏ ନଥିଲା। ପେଜ, ତୋରାଣି କରି ଓଳିଏ ଖାଇଲେ ଓଳିଏ ଉପାସ। ସେଥିରେ ପୁଣି ଏଦଣ୍ଡ ଭୋଗିବାକୁ ପଡ଼ିଲା। ଏତେ ଟଙ୍କା କେଉଁଠୁ ଯୋଗାଡ଼ କରି ସହର ଯାଇ ସ୍ୱାମୀଙ୍କ ଚିକିତ୍ସା କରାଇ ପାରିବ। ନେହୁରା ହୋଇଥିଲା ଡାକ୍ତରଙ୍କ ପାଖରେ ଏଇଠି ଚିକିତ୍ସା କରିବା ପାଇଁ। ତା ଅବସ୍ଥା ବୁଝି କିଛି ସମୟ ଚିନ୍ତା କରିଥିଲେ ଡାକ୍ତରବାବୁ। ପରେ ପରେ ତାକୁ ଆଶ୍ୱାସନା ଦେଇ କମ୍ପାଉଣ୍ଡରଙ୍କୁ ଡାକି ସ୍ୱାମୀଙ୍କ ହାତ ପ୍ଲାଷ୍ଟର କରିଥିଲେ ଠାକୁରଙ୍କୁ ସ୍ମରଣ କରି। ଠାକୁରଙ୍କ କୃପାରୁ ଯନ୍ତ୍ରଣା ଏବେ କମିବାରେ ଲାଗିଛି।

ଚୁପ୍‌ଚାପ୍ ବସି ଚାହିଁ ରହିଥିଲା ସ୍ୱାମୀଙ୍କୁ ରାଧା। ସେଦିନ କେଉଁ ଏକ ଅଶୁଭ ବେଳାରେ ସକାଳୁ ସକାଳୁ ଘରୁ ବାହାରି ଯାଇଥିଲେ ବିଲକୁ। କାମ କରୁଥିବା ବେଳେ ମୁଣ୍ଡ ବୁଲେଇଦେବାରୁ ପଡ଼ି ଯାଇଥିଲେ ଚେତା ହରାଇ ତଳେ ପଡ଼ି ରହିଥିଲେ ଆଉ ହାତ ପାପୁଲି ମଧ୍ୟ ଭାଙ୍ଗି ଯାଇଥିଲା। ପାଖ ଜମିରେ କାମ କରୁଥିବା ପଡୋଶୀ ଲୋକଟି ତାଙ୍କୁ ଟେକି ଆଣିଥିଲା ଘରକୁ। ପିଞ୍ଜରା ହାଡ ଗଣି ହୋଇ ଯାଉଛି ଦେହରେ। ଚର୍ମ ଲୋଚା କୋଚା। ଆଖି ଦୁଇଟି ପଶି ଯାଇଛି କୋରଡ଼ ଭିତରେ। ସେଦିନର ହୁଙ୍କା ପିଟା ସବଳ ମଣିଷଟା ଆଜି କେତେ ଅସହାୟ, ଦୁର୍ବଳ ସତେ।

ସେଦିନର କଲେଜ ପଢୁଆ ସମର୍ଥ ଯୁଆନ ଆଜି ଉଠି ବସି ପାରିବାକୁ ଅସମର୍ଥ। ଦେହରୁ ବାହାରୁଛି ଝାଳୁଆ ଗନ୍ଧ। ବୟସ ନ ହେଣୁ ବାର୍ଦ୍ଧକ୍ୟ କବଳିତ ସତରେ ସମୟ ସୁଅରେ ଏ ମଣିଷ କୁଟାଖିଅଠୁ ବି ହୀନ। ନିଜର ଅସ୍ତିତ୍ୱ ହରାଇ ଭାସି ଚାଲିଛି ସୁଅ ମୁହଁରେ। କେତେବେଳେ କେଉଁ ମୂହୁର୍ତ୍ତରେ ବୁଡି ଯିବ ଜଳ ଭଉଁରୀରେ ପଡ଼ି ତା କିଏ କହିବ ? ତାର ସବୁ ଗର୍ବ, ଦର୍ପ, ଅହଙ୍କାର ଅଚିରେ ଲିଭିଯିବ କାଳର କବଳରେ।

ପଛକୁ ଫେରି ଚାହିଁଲା ରାଧା। କଲେଜରେ ପଢୁଥିଲେ ମୋହନ। ଡଉଲ ଡାଉଲ ଗୋରା ତକତକ ଚେହେରା। ମୁଣ୍ଡର ବାଳ ଝୁଲୁଥାଏ। ପଛ ପଟ ବେକ ଉପରେ। ମୋଟା ନିଶ ସାଙ୍ଗକୁ ଲମ୍ବା କଳି ପୁରିଲା ପୁରିଲା ଗାଲ ଉପରେ। ଗୋଟିଏ ବୋଲି ପୁଅ ହୋଇଥିବାରୁ କମ୍ ବୟରେ ବିବାହ କରାଇବାକୁ ଚାହିଁଥିଲେ ତାଙ୍କର ବାପା, ମାଆ। ପ୍ରଥମ କରି ବବିବାହ ପ୍ରସ୍ତାବ ପଡ଼ିଥିଲା ତାଙ୍କ ଘରେ। ମଧ୍ୟସ୍ଥ ଫଟ ଆଣି ଆସିଥିଲେ ତାଙ୍କ ଘରକୁ। ଅନ୍ୟମାନେ ଫଟ ଦେଖୁଥିବା ବେଳେ ଲୁଚିଛପି ଫଟ ଦେଖି କୁରୁଳି ଉଠିଥିଲା

ମନେ ମନେ। ଠାକୁରଙ୍କୁ ଡାକିଥିଲା ତାଙ୍କୁ ଜୀବନ ସାଥୀ ରୂପେ ପାଇବା ପାଇଁ। ବାପା, ମାଆ ସମ୍ମତି ଜଣାଇଥିଲେ। ଘରୁଆ ଘର ତଥା ପାଠ ପଢୁଆ ଜ୍ୱାଇଁଟିଏ ପାଇବା ପାଇଁ।

ମାଇନର ପାସ କରିଥିଲା ସେ। ଅଧିକ ପଢ଼ି ପାରିନଥିଲା ଆଖପାଖରେ ହାଇସ୍କୁଲ ନଥିବା ଯୋଗୁଁ। ମୋହନ ରାଜି ନଥିଲେ ତାର ଶିକ୍ଷାଗତ ଯୋଗ୍ୟତା ନଥିବା ଯୋଗୁଁ। ତାଙ୍କର ବାପା, ମାଆ ରାଜିଥିଲେ ମଧ୍ୟ ପୁଅର ଅସମ୍ମତି ପାଇଁ ପ୍ରସ୍ତାବ ଝୁଲି ରହିଥିଲା କିଛି ଦିନ ଯାଏ। ହେଲେ ବାପା, ମାଆଙ୍କ ମନରେ ଦୁଃଖ ନଦେବା ପାଇଁ ସମ୍ମତି ଜଣାଇଥିଲେ ମୋହନ। ଶେଷରେ ବିବାହ ସମ୍ପନ୍ନ ହୋଇଥିଲା। ଏଇ ବିବାହରେ ଦୁଇ ପରିବାର ଖୁସି ହୋଇଥିଲେ ମଧ୍ୟ ମୋହନ ଖୁସି ନଥିଲେ ତାଙ୍କ ସମକକ୍ଷ ପାଠୋଇ ଝିଅଟିଏ ଜୀବନସାଥୀ ହୋଇପାରିନଥିବାରୁ। ଯେଉଁଥି ପାଇଁ ସାରା ଜୀବନ ଅସୁଖୀ ହୋଇ ରହିଗଲେ ସେ। କଥା କଥାକେ ତାକୁ ମୁର୍ଖ ବୋଲି ସମ୍ବୋଧନ କରି ଅପମାନିତ କରି ଆସୁଥିଲେ। ସାମାନ୍ୟ କଥାରେ ହାତ ଉଠାଇ ଦିଅନ୍ତି ତା'ଉପରକୁ।

ଆଜି କିନ୍ତୁ ତାଙ୍କର ଏଇ ଅବସ୍ଥା ଦେଖିଲେ ଭ୍ରମ ସୃଷ୍ଟି ହୁଏ ମନରେ। ବିଶ୍ୱାସ ହୁଏନି ନିଜ ଆଖି ଉପରେ। ଏମିତି ଭାବି ଚାଲିଥିବା ଭିତରେ ମୋହନ ଛଟପଟ ହେଉଥିଲେ ଖଟରେ ପଡ଼ି ରହି ବିଳି ବିଳେଉ ଥିଲେ ମଝିରେ ମଝିରେ। ସପନ ଦେଖୁଥିଲେ ବୋଧେ। ସମୟର ବ୍ୟବଧାନରେ ବଦଳିଯାଏ ସପନ। ଶୈଶବର ସ୍ୱପ୍ନ ବଦଳି ଯାଏ ଯୌବନରେ। ବାର୍ଦ୍ଧକ୍ୟ ଆଉ ଜାରାଗ୍ରସ୍ତ ଅବସ୍ଥାରେ ବଦଳି ଚାଲେ ସ୍ୱପ୍ନ। ବଦଳୁଥାଏ ସ୍ୱପ୍ନର ରଙ୍ଗ। କଲେଜରେ ପଢୁଥିବା ବେଳେ ମନ ପବନ ଘୋଡାରେ ବସି ସେ ଉଡ଼ି ବୁଲୁଥିଲେ ରଂଗୀନ ଆକାଶରେ, କାହିଁ କେତେ ବନ ଉପବନ, କେଉଁ ଅଜଣା ରାଇଜର ରାଜ ଜେମାଙ୍କ ନିଷିଦ୍ଧ ଉଆସ ଅବା ସୁରମ୍ୟ ପୁଷ୍ପ ବାଟିକା ଉପର ଦେଇ। ସହଚରୀଙ୍କ ଗହଣରେ ରାଜଜେମାଙ୍କ ଅଭିସାରରେ କେଉଁଠି ଆତ୍ମହରା ହୋଇଛନ୍ତି ତ କେଉଁଠି ନିଷିଦ୍ଧ ଇଲାକାରେ ରାଜଜେମାଙ୍କୁ ଭେଟି ବନ୍ଦୀ ହୋଇଛନ୍ତି ରାଜକର୍ମଚାରୀଙ୍କ ହାତରେ।

ମେଘୁଆ ଆକାଶର ବାଦଲ ତଳେ ଚିଲ ଭଳି ଚକ୍କର କାଟି ନିଜ ମନ ପସନ୍ଦର ଚିଜ ଖୋଜିବାକୁ ଚାହୁଁଥାଏ ମନ। ଅତଳ ତଳ ସମୁଦ୍ରରୁ ରତ୍ନ ପାଇବା ହିଁ ଥାଏ ସ୍ୱପ୍ନ। ରତ୍ନ ବଦଳରେ ସମୁଦ୍ର ଶଯ୍ୟାରୁ ସମାନ୍ୟ ଶାମୁକାଟିଏ ହସ୍ତଗତ ହେଲେ ସେଥିରେ କେମିତି ସନ୍ତୁଷ୍ଟ ହୋଇ ପାରିବେ? ନିଜକୁ ବୁଝେଇ ପାରିବେ? ଯେଉଁଥିପାଇଁ ସାରା ଜୀବନ ମୋହନ ଅଶାନ୍ତି ଆଉ ଅତୃପ୍ତି ମଧ୍ୟରେ ବୁଡ଼ି ରହିବାର କାରଣ ସାଜିଥିଲା ରାଧା। ପରୋକ୍ଷରେ ସେ ହିଁ ତାଙ୍କ ଜୀବନରେ ଦୁଃଖ ଭରି ଦେଇଥିବା ନେଇ ସ୍ୱୀକାରୋକ୍ତି କରିଥାଏ। ନିଜକୁ ଅପରାଧୀ ମନେ କରେ ତାଙ୍କ ନିକଟରେ।

କେତେ ଆଶା, କେତେ ବିଶ୍ୱାସ ନେଇ କଲେଜରେ ପଢୁଥିଲେ। ସର୍ବୋଚ୍ଚ ଡିଗ୍ରୀ ହାସଲ କରି ଚାକିରି କରିଥାନ୍ତେ। ସୁନ୍ଦରୀ, ଶିକ୍ଷିତା, ଆଧୁନିକା ଲଳନାଟିଏ ହୋଇଥାନ୍ତା ତାଙ୍କ ଜୀବନସାଥୀ। ଗାଁଛାଡ଼ି ଦୁହେଁ ସହରୀ ଚାକଚକ୍ୟ ଜୀବନ ଉପଭୋଗ କରିଥାନ୍ତେ। ହେଲେ ତାହା ସମ୍ଭବ ହୋଇନଥିଲା ତା ଭଳି ଜଣେ ଗାଉଁଲୀ, ଅପାଠୋଇ ଝିଅକୁ ଜୀବନ ସାଥୀ ଭାବେ ଗ୍ରହଣ କରି। ବିବାହର ଦିନ କେଇଟା ପରେ ବିଏ ପରୀକ୍ଷା ଦେଇଥିଲେ। ବି.ଏ. ପାସ୍ କରିଥିଲେ ହେଲେ ଏମ୍.ଏପଢ଼ିବା ପାଇଁ ରାଜି ହୋଇନଥିଲେ। ବାପା, ମାଆ ଏବଂସେ ଯେତେ ବୁଝାଇଲେ ମଧ୍ୟ କାହାରି କଥା ଶୁଣି ନଥିଲେ। ଚାକିରି ପାଇଁ ଚେଷ୍ଟା ବି କରିନଥିଲେ। ଗାଁ ଛାଡ଼ି କୁଆଡ଼େ ନଯିବା ପାଇଁ ସତେ ଯେମିତି ଶପଥ ନେଇଥିଲେ।

ବାପା ଅଜା ଅମଳର ଚାଷ ଜମିରୁ ସୁରୁଖୁରୁରେ ଚଳି ଯାଉଥିଲା ପରିବାର। ହିଡ଼ ମାଟି ହିଡ଼ରେ ଲଦି ମାଟିରେ ମାଟିଆ ହୋଇଫସଲ ଅମଳ କରୁଥିଲେ ବରଷକର ଖୋରାକି ପାଇଁ। ହାଡୁଆ ନଈର ପାଣି ବହି ଚାଲିଥିଲା। ଦିନ ଗଡ଼ି ଚାଲୁଥିଲା ରାତି ଆଡ଼କୁ। ରାତି ମୁହଁ ଟେକି ଚାହେଁ ସକାଳ ଆଡ଼କୁ। ଦିନ, ରାତି ଖଟି ଚାଲିଥିଲେ। ବଦଳୁଥିଲା ଋତୁଚକ୍ର। ବଦଳି ଯାଉଥିଲା ସମୟ। ବଦଳୁଥିଲା ରଙ୍ଗ ଦୁନିଆଁର। ବଂଚିବାର ରାହା ବଦଳୁଥିଲା। ପରିବାର ବଢ଼ିଥିଲା। ବଢୁଥିଲା ଚାହିଦା ବଂଚିବା ପାଇଁ ସଂଗ୍ରାମ କରିବା ଭିତରେ। ଡେଣା ଲାଗିଥିବା ସ୍ୱପ୍ନର ପର କିନ୍ତୁ ଛିଡ଼ି ଛିଡ଼ି ଆସୁଥିଲା। ଆକାଶରେ ଉଡ଼ି ବୁଲିବାର ସ୍ୱପ୍ନ ଆଉ ନ ଥିଲା। ଆଶା ନଥିଲା ବଡ଼ ହେବାର ସଂକୁଚିତ ହୋଇ ଯାଇଥିଲା ଆଶା, ଆକାଂକ୍ଷା ଠିକ୍ ଖରାଦିନିଆ ହାଡୁଆ ନଈ ଭଳି। ଆଷାଢ଼, ଶ୍ରାବଣରେ ମନରେ ଉଠୁଥିବା ଅସୁମାରୀ ସ୍ୱପ୍ନକୁ ହୃଦୟରେ ଥାକ ଥାକ କରି ସଜେଇ ରଖି ସ୍ଫିତ ବକ୍ଷ ହୋଇ ବହି ଯାଉଥିବା ହାଡୁଆ ନଈ ଖରାଦିନେ କ୍ଷୀଣ ପୁଣି ଶୁଷ୍କ ହୋଇଗଲା ଭଳି ସମୟଚକ୍ରରେ କ୍ଷୀଣ ହେବାରେ ଲାଗିଛନ୍ତି ମୋହନ। କ୍ଷୀଣ ହୋଇ ଥାଆନ୍ତୁ ପଛକେ ଶୁଷ୍କ ନ ହୁଅନ୍ତୁ ବୋଲି ଠାକୁରଙ୍କୁ ଡାକେ ରାଧା।

ସ୍ୱାମୀଙ୍କ ମୁହଁକୁ ଚାହିଁ ରହିଥିଲା। ବିଷର୍ଣ୍ଣ, କାତର ଭାବ ତଥାପି ଭରି ରହିଥିଲା ମୁହଁରେ। ବିଳିବିଳେଉ ଥିଲେ ମଝିରେ ମଝିରେ। କେଉଁ ଦୁଃସ୍ୱପ୍ନରେ କବଳିତ ସ୍ୱାମୀ। ହଜି ଯାଇଛି ଯୌବନର ସୁନେଲି ସ୍ୱପ୍ନ। ଅତୀତଠୁ ଆଖି ଫେରେଇ, ଆସନ୍ତାକାଲିକୁ ଚାହିଁ ଚାହିଁ ଆଜିକୁ ଦରାଣ୍ଡି ଦରାଣ୍ଡି ବଂଚିଥିବା ନିରାଶା ଜର୍ଜରିତ ଦୁଃଖି ମଣିଷଟିଏ ସେ। ସୁଖତ ତାଙ୍କ ଭାଗ୍ୟରେ ଲେଖା ହୋଇନି। ସୁଖର ସପନ ଦେଖିବେ କେମିତି? ଦୁଃଖତ ଦେହର ମଳି ପରି କେବେଠୁ ମିଶି ଯାଇଛି ଦେହରେ। ଆଉ ପୁଣି କେଉଁ ଦୁଃସ୍ୱପ୍ନ ବାକି ଅଛି ଦେଖିବାକୁ? ଖୁବ୍ କମ୍ ବୟସରୁ ତାଙ୍କୁ ବିବାହ କରିବାରୁ ଏତେ ସବୁ ଦୁଃଖ ଭୋଗିବାକୁ ପଡ଼ିଲା ସ୍ୱାମୀଙ୍କୁ। ପିଲାଦିନେ କେତେ ଅୟସରେ ବଢ଼ିଥିଲେ ବାପା, ମାଆଙ୍କ ଦୁଇ ଝିଅରେ ଗୋଟିଏ ପୁଅ ହୋଇଥିବାରୁ।

ବେଶ୍ କିଛି ଚାଷ ଜମି ଏବଂ ଗାଁରେ ଛୋଟମୋଟ ତେଜରାତି ଦୋକାନ ଥିଲା ଶ୍ୱଶୁରଙ୍କର। ସେ ସମୟର ଚଳଣି ପାଇଁ କିଛି ଅଭାବ ନଥିଲା। ପାଠପଢ଼ାଇ ପିଲାଙ୍କୁ ଚାକିରି କରାଇବାର ସ୍ୱପ୍ନ ନଥିଲା ମନରେ। ଯେଉଁଥିପାଇଁ ଖୁବ୍ କମ ବୟସରେ ବି.ଏ. ପଢୁଥିବା ବେଳେ ତାଙ୍କର ବିବାହ କରାଇ ଦେଇଥିଲେ ବାପା ମାଆ। ଦିନ ଗଡ଼ିବା ସଂଗେ ସଂଗେ ବଦଳୁଥିଲା ସମୟ। ବଦଳୁଥିଲା ମଣିଷର ରୁଚି। ବଦଳୁଥିଲା ମଣିଷର ଚଳଣି, ଆଶା, ଆକାଂକ୍ଷା ସବୁକିଛି। ପରିବାର ବଢ଼ିବା ସଂଗେ ସଂଗେ ଖର୍ଚ୍ଚ ବଢ଼ି ଚାଲିଥିଲା। ବୟସାଧିକ୍ୟ ଏବଂ ଗାଁରେ ଆଉ କେତୋଟି ଦୋକାନ ଖୋଲିବା ଯୋଗୁଁ ଶ୍ୱଶୁରଙ୍କ ବେପାର ଧିରେ ଧିରେ ବନ୍ଦ ହୋଇ ଯାଇଥିଲା। ଗୁଜୁରାଣ ମେଣ୍ଟାଇବା ପାଇଁ ସ୍ୱାମୀ ଭିନ୍ନ ଭିନ୍ନ ବ୍ୟବସାୟରେ ହାତ ଦେଇଥିଲେ। ହେଲେ ଯୁଗୋପଯୋଗୀ ବ୍ୟବସାୟ ପାଇଁ ଅର୍ଥବାଧକ ସାଜିଥିଲା। ଶେଷରେ ଛୋଟମୋଟ କଣ୍ଟ୍ରାକ୍ଟରି କରି ଭଲ ଦି'ପଇସା ରୋଜଗାର କଲେ। ଗାଁରେ ଚାଳଘର ଭାଙ୍ଗି ଦି'ବଖରା କୋଠାଘର ଏବଂ ଦୁଇ ଭଉଣୀଙ୍କୁ ବିବାହ କରାଇଲେ। ଏ ଭିତରେ ଆଗପଛ ହୋଇ ବାପା,ମାଆ ସଂସାର ଛାଡ଼ି ଚାଲିଗଲେ।

ରୋଜଗାର ତୁଳନାରେ ବଢ଼ି ଚାଲିଥିଲା ଖର୍ଚ୍ଚ। ଛୋଟମୋଟ କଣ୍ଟ୍ରାକ୍ଟରି

କରିବା ମଧ୍ୟ ସମ୍ଭବ ହେଲାନି ରାଜନୀତିର ପଶାପାଲି ଖେଳରେ। କ୍ଷମତାସୀନ ଦଳର ଦଲାଲମାନେ ଫନ୍ଦିଫିକର କରି ସ୍ଥାନୀୟ ଅଞ୍ଚଳର ସବୁ ରୋଜଗାରକୁ ନିଜ ହାତମୁଠାକୁ ନେଇଗଲେ। ଚାଷ ଛଡ଼ା ସ୍ୱାମୀଙ୍କର ଆଉ କିଛି ଆୟ ନ ଥିଲା। ସମୟକ୍ରମେ ଚାଷ କରିବା ବି ସମ୍ଭବ ହେଲାନି। ଅମଳ ହେଉଥିବା ସବୁତକ ଧାନ ବିକ୍ରି କଲେବି ମଜୁରୀ ଦେବାକୁ ନିଅଣ୍ଟ। ଧାନ, ଚାଉଳ କିଣିବାକୁ ଗରାଖ ନାହାନ୍ତି। ଏମିତି ପରିସ୍ଥିତିରେ ଦୁଃଖ ବଢ଼ି ଚାଲିଲା ତାଙ୍କର। କୋଠାଘର ଦି' ବଖରା ହିଁ ତାଙ୍କ ପାଇଁ କାଳ ସାଜିଲା।

ସରକାରଙ୍କ ଖାଦ୍ୟ ନିରାପତ୍ତା ଯୋଜନାରେ ସାମିଲ ହେବାକୁ ସ୍ୱାମୀ ଚାହିଁ ନ ଥିଲେ। ତା'ର ଯିଦ୍ ଏବଂ ପରିସ୍ଥିତିରେ ପଡ଼ି ଦରଖାସ୍ତ ଦେଇଥିଲେ ସ୍ୱାମୀ। ହେଲେ କୋଠାଘର ଦି'ବଖରା ଥିବା ଯୋଗୁଁ ଏଇ ଯୋଜନାରୁ ବାଦ୍ ପଡ଼ିଥିଲେ। ଜୀବନ ଜିଇବା ପାଇଁ ଦିନ ରାତି ଖଟି ଚାଲିଥିଲେ ଜମି, ବାଡ଼ିରେ। ଖଟି ଖଟି ଦେହର ମାଂଶ ଶୁଖି ଯାଇଥିଲା। ହାଡ଼ କେଇ ଖଣ୍ଡ ଉପରେ ଘୋଡ଼େଇ ହୋଇଥିଲା ଲୋଚାକୋଚା ଚର୍ମ। ପେଟକୁ ମାରି ଏତେସବୁ ଦୁଃଖ, କଷ୍ଟ ପିଠେଇ ନେଉଥିଲେ ଗୋଟିଏ ନିଶାରେ। ସେଇ ନିଶାରେ ତାଙ୍କ ଶପନ ପକ୍ଷୀ ଡେଣା ଝାଡ଼େ। ପୁଣି ଉଡ଼ିବାକୁ ଚାହେଁ। ଗୋଟିଏ ବୋଲି ପୁଅକୁ ପାଠ ପଢ଼େଇ ମଣିଷ କରିବେ। ଭଲ ଚାକିରିଟିଏ କରିବ। ପୁଳା ପୁଳା ଟଙ୍କା ରୋଜଗାର କରି ତାଙ୍କ ହାତକୁ ବଢ଼ାଇ ଦେବ। ଜୀବନର ସବୁ ଦୁଃଖ କଷ୍ଟ ଭୁଲିଯିବେ।

ଆଗ ପଛ ବିଚାର ନକରି ପୁଅର ପାଠପଢ଼ା ପାଇଁ ଜମି ବିକ୍ରି କରି ଟଙ୍କା ଖର୍ଚ୍ଚ କରି ଚାଲିଥିଲେ। ବାପ, ଅଜା ତିନି ପୁରୁଷର ଏଇ ଜମି ବିକ୍ରି କରିବାର ପକ୍ଷପାତି ନ ଥିଲେ ରାଧା। ଖୋରାକି ତଥା ଭଲ ମନ୍ଦ ଖର୍ଚ୍ଚ ପାଇଁ କିଛିଟା ଜମି ହାତରେ ରଖିବାକୁ ପରାମର୍ଶ ଦେଇଥିଲେ। ଏଇ ଜମି ଚାଷ କରି ପୂର୍ବ ପୁରୁଷରୁ ଆଜି ପର୍ଯ୍ୟନ୍ତ ସେମାନେ ଚଳି ଆସୁଛନ୍ତି। ସବୁତକ ଜମି ହାତ ଛଡ଼ା ହେଲେ ଲକ୍ଷ୍ମୀ ଛଡ଼ା ହୋଇଯିବେ ବୋଲି କହିଥିଲା। ପୁଅ ଇଂଜିନିୟରିଂ ପଢ଼ି ସାରିଲାଣି। ଏଣିକି ଚାକିରି କରୁ ବୋଲି ପରାମର୍ଶ ଦେଇଥିଲା। ପୁଅର ଏକା ଯିଦ୍ ବାହାରକୁ ଯାଇ ଏମ୍.ଟେକ କିମ୍ବା ଏମ.ବିଏ. କରିବା ପାଇଁ। ଅଧିକ ପଢ଼ାଇବା ପାଇଁ ଟଙ୍କା ଦେଇ ପାରିବେନି ବୋଲି ବୁଝାଇଥିଲା ରାଧା। ହାତରେ ଥିବା ଦୁଇ ମାଣ ଜମି ବିକ୍ରି କରି ଟଙ୍କା ଦେବାକୁ ସମ୍ମତି ହୋଇଥିଲେ ସ୍ୱାମୀ। ରାଧା ପ୍ରତିବାଦ କରିଥିଲା। ଯୋଗକୁ ଜମି ମଧ୍ୟ ବିକ୍ରି ହୋଇ ପାରିନଥିଲା। ଯେଉଁଥି ପାଇଁ ତାକୁ ଭାଷା ଅଭାଷା ଶୁଣିବାକୁ ପଡ଼ିଥିଲା ସ୍ୱାମୀଙ୍କଠାରୁ। ତା ଉପରକୁ ହାତ ଉଠାଇଥିଲେ ମଧ୍ୟ।

ବାହା ହେବା ଦିନରୁ ତ ସାମାନ୍ୟ କଥାରେ ହାତ ଉଠାଇଥାନ୍ତି ତା' ଉପରକୁ। ମୁର୍ଖ, ଅପାଠୋଇ କହି ଅପମାନିତ କରିଥାନ୍ତି ଅନ୍ୟମାନଙ୍କ ଆଗରେ। ସେ ସବୁ ଦେହ ସୁହା ହୋଇ ଯାଇଥିଲା ତାଙ୍କର। ଜମି ବିକ୍ରି କଥାରେ ସେ ଚୁପ୍ ରହିଥିଲେ। ଜମି ଚାଷ ହୋଇ ପାରୁନଥିବା ଯୋଗୁଁ କେହି ରାଜି ହୋଇ ନଥିଲେ କିଣିବା ପାଇଁ। ପୁଅକୁ ଟଙ୍କା ଦେବା ପାଇଁ ଅସମର୍ଥ ହୋଇଥିଲେ ସ୍ୱାମୀ। ତେବେ ଏଥିପାଇଁ ବାପା, ମାଆଙ୍କ ସ୍ନେହ, ଶ୍ରଦ୍ଧା ଭୁଲି ଯାଇଥିଲା ପୁଅ ସବୁଦିନ ପାଇଁ। ସେବେଠୁ ବର୍ଷ ବର୍ଷ ଧରି ଘରକୁ ଆସିନି କି ଚିଠିଟିଏ ଦେବାକୁ ଇଚ୍ଛା କରିନି।

ସ୍ୱାମୀଙ୍କୁ ଏ ସମ୍ପର୍କରେ ପ୍ରଥମେ ପ୍ରଥମେ ପଚାରି ବସେ। ପୁଅ ପାଠ ପଢୁଛି, ନିଜ ଗୋଡ଼ରେ ଠିଆ ହେବାକୁ ଚେଷ୍ଟା କରୁଛି। ତାକୁ ସମୟ ନ ଥିବ ଚିଠି ଦେବାକୁ ବୋଲି ବୁଝାଇ ଦିଅନ୍ତି। ଦିନେନା ଦିନେ ବଡ଼ ହୋଇ ସେ ଖୁବ୍ ନାଁ କରିବ। ଖୁବ୍ ରୋଜଗାର କରିବ ଏବଂ ଆମ ପାଖକୁ ଟଙ୍କା ପଠାଇଲେ ଆମର ଦୁଃଖ ଯିବ ବୋଲି ବୁଝେଇଥାନ୍ତି ସ୍ୱାମୀ। ମନ ଊଣା ନ କରିବାକୁ ସାନ୍ତ୍ୱନା ଦିଅନ୍ତି। ସ୍ୱାମୀଙ୍କଠୁ ସବୁ ଶୁଣି ଦୁଇ ହାତ ଯୋଡ଼ି ଠାକୁରଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରେ ରାଧା। ଦୁଇ ଟୋପା ଲୁହ ଝରି ପଡ଼େ ଆଖିରୁ। ପୁଅ ଯେଉଁଠି ଥାଉ ଭଲରେ ଥାଉ ବୋଲି ଠାକୁରଙ୍କୁ ଗୁହାରି କରେ।

କେଜାଣି କାହିଁକି ସିପୁନ ବାପାର ସାନ୍ତ୍ୱନାରେ ମନ ବୁଝେନି ତାର। ମନକୁ ଛୁଇଁଯାଏ କେତେ କ'ଣ ଦୁଶ୍ଚିନ୍ତା। କେତେ କ'ଣ ଭାବନା ପଶି ଆସେ ମନ ଭିତରକୁ। ସିପୁନ ଗାଁ ଛାଡ଼ି ଗଲାଣି କାହିଁ କେତେ ବରଷ ହେବ। ଜମି,ବାଡ଼ି ବିକ୍ରି କରି ଏତେ ପାଠ ପଢ଼ାଇଲେ। ସେତିକିରେ ତା' ପାଠ ସରିଲାନି ଯେ ଆଉ ପାଠ ପଢ଼ିବା ପାଇଁ ଯିଦ୍ ଧରିଲା। ସେମାନେ ଟଙ୍କା ଯୋଗାଡ଼ କରିବାକୁ ଅସମର୍ଥ ହେଲେ। ନିଜେ କେଉଁଠୁ ଟଙ୍କା ଯୋଗାଡ କରି ପଢ଼ିବାକୁ ଚାହିଁଲା। ତା'ର ପାଠ ପଢ଼ା କେବେ ସରିଲା ସେମାନେ ଜାଣି ପାରିଲେନି। କେବେ ଚାକିରି କଲା ତାହାବି ଜାଣିଲେନି। ଏ ଭିତରେ ତାଙ୍କର ବୟସ ଢେର ବଢ଼ି ଯାଇଥିଲା ତାହା ଭାବି ହୁଏନି। ବାଳ ପାଚି ଝୋଟ ହୋଇଗଲାଣି। ଦେହର ହାଡ଼ ଡାଙ୍କି ହୋଇଛି ଲୋଚାକୋଚା ଚମଡ଼ା ତଳେ। ପେଜୁଆ ଆଖିକୁ ଭଲ ଦିଶୁ ନ ଥିବା ବେଳେ ଏଣେତେଣେ ପଡୁଛି ମାଉଁସ ନଥିବା କାଉଁରିଆ କାଠିର ଗୋଡ଼ ଦୁଇଟା।

ପୁଅ ଗୋଡ଼ ଦି'ଟାକୁ ସଳଖ କରି ଛିଡ଼ା କରେଇବା ପାଇଁ ନିଜ ପେଟରୁ କାଟି ପୁଅ ପେଟରେ ଦାନା ଭରିବାକୁ କେତେ କ'ଣ କଷ୍ଟ କରିବାକୁ ପଡିଛି। ନିଜେ ପଡ଼ି ଉଠି ପୁଅକୁ ସଳଖି ଛିଡ଼ା କରେଇଛନ୍ତି। ପୁଅକୁ ଦଉଡେଇବା ପାଇଁ ନିଜେ ଘୁସୁରି ଘୁସୁରି ଦଉଡ଼ିଛନ୍ତି ଆଉ ତା'ର ହାତ ଧରି ଦଉଡେଇଛନ୍ତି ସ୍ୱାମୀ। ପୁଅ ଏବେ ଦଉଡ଼ି ଦଉଡ଼ି କେତେ ଆଗରେ ଆଉ ସେ ବାପା, ମାଆ ଦୁହେଁ କେତେ ପଛରେ। ପୁଅକୁ ଦେଖିବା ଦୂରର କଥା, ତା'ର ଛାଇ ଦେଖିବା ଏବେ ସାତସପନ।

ରାଧା ସପନ ଦେଖିଥିଲା ଆଦ୍ୟ ଯୌବନରେ ବାପଘରେ କୁଆଁରି କନିଆଁ ଥିବାବେଳେ। କୁଆଁର ପୁନେଇଁରେ ତୁଳସୀ ଚଉରା ମୂଳେ ତାଟ ପୂଜିବା ବେଳେ ସବୁ ଝିଅଙ୍କ ଭଳି ସେ ବି ମନାସି ଥାଏ ଚାନ୍ଦ ଭଳି ସୁନ୍ଦର ପୁଅଟିକୁ ଜୀବନସାଥୀ ଭାବେ ପାଇବାକୁ। ନିର୍ଜନ ରାତିର ନିସ୍ତବ୍ଧ ପ୍ରହରରେ ତା' ମାନସପଟକୁ ଚାଲି ଆସନ୍ତି ଅଜଣା ଅଶୁଣା କେଉଁ ଏକ ରାଜକୁମାର। ରୂପରେ, ଗୁଣରେ ପରିପୂର୍ଣ୍ଣ। ତା' ସହିତ ଲୁଚକାଳି ଖେଳି ଉଭାନ ହୋଇ ଯାଆନ୍ତି କେଉଁଆଡ଼େ। କାହିଁ କେତେବାର ଉଦ୍ୟମ କରିଛି ଧରି ରଖିବାକୁ ବାହୁ ବନ୍ଧନରେ। ହେଲେ ନିରାଶ ହେବାକୁ ପଡ଼େ ପ୍ରତିଥର। ବିବାହ ବେଦୀରେ ଓଢ଼ଣା ତଳୁ ସ୍ୱାମୀଙ୍କୁ ଦେଖିବା ପରେ ନିଷିଦ୍ଧ ପ୍ରହରର ଲୁଚକାଳି ଖେଳର ସେଇ ରାଜକୁମାରଙ୍କ ପ୍ରତିଛବି ସ୍ୱାମୀଙ୍କ ଚେହେରା ସହ ମିଶି ଯାଉଥିଲା ଏକବାରେ।

ମନର ମଣିଷଙ୍କୁ ପାଇ ବେଶ୍ ଖୁସି ଥିଲା ସେ। ବିବାହ ପରେ କିନ୍ତୁ ସ୍ୱାମୀଙ୍କୁ ଆଦରରରୁ ବଞ୍ଚିତ ଥିଲା। କାହିଁ କେତେ ଦୁଃଖ, କଷ୍ଟ ସାମ୍ନା କରିଥିଲେ ମଧ୍ୟ ସବୁ କିଛିକୁ ଅଙ୍ଗୀକାର କରି ନେଇଥିଲା ବିନା ଦ୍ୱିଧାରେ। ବାପଘର ସୁଖ ଭୁଲି ଚଳିଯିବା ପାଇଁ ରାଧାଭାବୁଥିବା ବେଳେ ସିପୁନ ବାପାର ଭାବନା ଥିଲା ଭିନେ। ତାଙ୍କ ଭାବନାରେ, ତାଙ୍କ ସପନରେ ଡେଣା ଲାଗେ ଉଡ଼ି ବୁଲିବାର। ସବୁ ସପନ କିନ୍ତୁ ସପନରେ ରହିଗଲା। ସିପୁନକୁ ଭଲ ମଣିଷଟିଏ କରିବାର ସପନ ବି ଦେଖିଥିଲେ। ଭଲ ପଢୁଥିଲା ପୁଅ। ପାଠପଢ଼ି

ବାବୁଟିଏ ହେବ। ତା' ଭଳି ଅଧା ପଢ଼ି ମଳିମୁଣ୍ଡିଆ ହୋଇ ଗାଁରେ ରହିବନି। ଖରା, ବରଷା ସହି ବିଲରେ ଖଟିବନି। ଧୂଳି, ମଳି, କାଦୁଅ ପଙ୍କରେ ଜଡ଼ି ସଡ଼ି ହେବନି। ସେଇଥିପାଇଁ ଜମି ବାଡ଼ି ବିକି ପୁଅକୁ ଇଂଜିନିୟରିଂ ପଢ଼ାଇଥିଲେ। କାହିଁ କେତେ ଭରଷା ଥିଲା ପୁଅ ଉପରେ।

ସବୁ ଭରଷା କିନ୍ତୁ ଭାସି ଯାଇଥିଲା ଶ୍ରାବଣରେ ଫୁଲି ଉଠୁଥିବା ହାଡୁଆ ନଈର ଉଛୁଳା ପାଣି ସୁଅରେ। ଆଶାର ଗଙ୍ଗଶିଉଳି ମଉଳି ଯାଇଥିଲା ସକାଳର ସୂର୍ଯ୍ୟ କିରଣ ପୃଥିବୀ ପୃଷ୍ଠରେ ପଡ଼ିବାକ୍ଷଣି। ସବୁ ଭାବନା ମିଳେଇ ଯାଇଥିଲା ଦୀର୍ଘଶ୍ୱାସରେ। ସବୁ କାମନା ଉଭେଇ ଯାଇଥିଲା ଚେତନାରୁ। ସବୁ ସପନ ଲିଭି ଯାଇଥିଲା ମନରୁ। ତେବେ ପୁଣି କେଉଁ ସପନ ପଶି ଆସୁଛି ମନ ଭିତରକୁ। କେଉଁଥିପାଇଁ ବିଷର୍ଣ୍ଣ, ବିବର୍ଣ୍ଣ ଆଉ ଯନ୍ତ୍ରଣାରେ ଘାରି ହେଉଛନ୍ତି ସ୍ୱାମୀ ଏମିତି ନିଦ୍ରିତ ଅବସ୍ଥାରେ ? ସପନ ନୁହେଁ, ବରଂ ଭାଙ୍ଗି ଯାଇଥିବା ହାତର ଯନ୍ତ୍ରଣା ବାରି ହୋଇ ପଡୁଛି ମୁହଁରୁ।

ଏମିତି କେତେ କ'ଣ ଭାବି ଚାଲିଥିଲା ରାଧା ସ୍ୱାମୀଙ୍କ ମୁହଁକୁ ଚାହିଁ। ଭଙ୍ଗା ହାତ ଉପରେ ଧିରେ ହାତ ବୁଲେଇ ଆଣି ଚଦର ଘୋଡ଼େଇ ଦେଇଥିଲା ଦେହରେ। ଭଙ୍ଗା ଝର୍କା ଦେଇ ବାହାରକୁ ଚାହିଁଲା ରାଧା। ଅନ୍ଧାର ତଥାପି ଲାଖି ରହିଛି ମାଟିରେ, ଗଛ ପତ୍ରରେ। ଶୋଇବାକୁ ଉପକ୍ରମ କଲାବେଳେ 'ରାଧା ଟିକେ ପାଖକୁ ଆସ...' ଏକ କରୁଣ, କୋମଳ ତଥା ସୁହାଗ ଭରା କଣ୍ଠସ୍ୱର ଶୁଣିବାକୁ ପାଇଲା। କଡ଼ ଲେଉଟେଇ ଚାହିଁଲା ରାଧା। କାହାର ଏ ଦରଦ ଭରା ସ୍ୱର। ବାହା ହୋଇ ଏ ଘରକୁ ଆସିଲା ଦିନଠୁ ଏମିତି କେହି ଡାକି ନଥିଲେ ତାକୁ। ଏଇ ଡାକରେ ଭରି ରହିଥିଲା କେତେ ସ୍ନେହ ଆଉ ଆନ୍ତରିକତା। ଚାହିଁଲା ସ୍ୱାମୀଙ୍କ ଆଡ଼େ। ସତରେ କ'ଣ ସେ ଡାକୁଥିଲେ ତା ନାଆଁ ଧରି। ଦୀର୍ଘ ଚାଳିଶ ବର୍ଷ ମଧ୍ୟରେ କେବେ ଏମିତି ସୁହାଗିଆ ଡାକ ଶୁଣି ନାହିଁ। କେବେ ତା ନାଆଁ ପାଟିରେ ଉଚ୍ଚାରଣ କରି ନାହାନ୍ତି। ତମାମ ଜୀବନଟା ବିତିଗଲା ସ୍ୱାମୀଙ୍କ ମୁଖରୁ ଭାଷା ଅଭାଷା, କର୍କଶ ତଥା ଅନୌପଚାରିକ କଥା ଶୁଣି ଶୁଣି। ପୁଣି କେତେବେଳେ ମାଡଗାଳି ଖାଇ। ବିଶ୍ୱାସ ହେଉନଥିଲା ତା'ର ଶୁଣିବାରେ। ହୁଏତ ଭ୍ରମ ହୋଇଥାଇ ପାରେ।

ଆଖି ଖୋଲି ତାକୁ ଚାହିଁ ରହିଥିଲେ ସ୍ୱାମୀ।

'ମୋତେ ଡାକିଲ ନାଁ କିଛି ସ୍ୱପ୍ନ ଦେଖି ବିଳିବିଳେଇ ଉଠିଲ ?'

ଡାକିଲି ଆଉ ସ୍ୱପ୍ନ ଦେଖୁଥିଲି। ସ୍ୱପ୍ନରେ ବାପା ତାଗିଦ କରୁଥିଲେ। ପିଲାଦିନେ ବୋଉ ଖାଇବାକୁ ଦେଲାବେଳେ ଖୁବ୍ ଅଝଟ କରିଥାଏ। ସେଇ ଅଝଟପଣ ପାଇଁ ବାପା ସ୍କୁଲ ହଷ୍ଟେଲରେ ରହିବାର ବନ୍ଦୋବସ୍ତ କରିଥିଲେ। ହେଲେ ମାଆ ମନ ବୁଝି ନଥିଲା। ଖାଇବା ପିଇବାରେ ଅଶାନ୍ତି ହେଉଥିବି ଭାବି ବାପାଙ୍କୁ କହି ପୁଣି ଘରକୁ ଆଣିଥିଲେ। ଖାଇବାରେ ରୁଚି ନହେଲେ ମାଆ ସାଥିରେ ପାଟିତୁଣ୍ଡ କରିବା, ଆସବାବ ପତ୍ର ଫୋପଡ଼ା, କଚଡ଼ା କରିବା ଅଭ୍ୟାସରେ ପଡ଼ି ଯାଇଥିଲା। ବିବାହ ପରେ ବି ଏଇ ଅଭ୍ୟାସ ଛାଡ଼ି ପାରିନଥିଲି। ଘଟଣାକ୍ରମେ ଥରେ ତମେ ନିଜ ଘରକୁ ଯାଇଥିବା ବେଳେ ବୋଉ ସାଥିରେ ଖାଇବାକୁ ନେଇ ପାଟିତୁଣ୍ଡ କରିଥିଲି। ବାପା ସେଦିନ ମୁହଁ ଥମଥମ କରି ଦି'ପଦ ଶୁଣାଇ ଦେଇଥିଲେ।

'ମୁଁ ଥିବା ବେଳେ ବୋଉକୁ ଏମିତି କହି ପାରୁଛୁ ଆଉ ମୁଁ ସଂସାରରୁ ବିଦାୟ ନେଲାପରେ ବୋଉକୁ କେମିତି ଚଳାଇବୁ ?'

ବାସ୍ ଏଇ ପଦିକ କଥାରେ ଝାଉଁଳି ପଡ଼ିଥିଲି ଲାଜକୁଳି ଲତାଟି ଭଳି। କେମିତି ଗୋଟାଏ ଅପରାଧ ବୋଧ ମାଡି ବସିଥିଲା। ମୋର ସମଗ୍ର ସତ୍ତା। ମୋ ଭିତରର ମଣିଷ ପଣିଆ ମୋତେ ଧିକ୍କାର କରୁଥିଲା। ଅନୁତାପ, ଅନୁଶୋଚନାରେ କବଳିତ ହୋଇ ଯାଇଥିଲା ମୋର ମନ,ପ୍ରାଣ। ଠିକ୍ ସେଇ ଦିନଠୁ ବୋଉ ମନରେ କେବେ ଦୁଃଖ ଦେଇନି। ବୋଉକୁ ଏକଲା କରି ବପା। ଚାଲିଗଲେ ଅନେକ ଆଗରୁ। ତେବେ ବଂଚିଥିବା ଯାଏ ବୋଉକୁ ଖୁସି ରଖିବାକୁ ଚେଷ୍ଟା କରିଛି। ସମୟକ୍ରମେ ଭୁଲି ଯାଇଥିବା ସେକଥା ମନେ ପକାଇ ଦେଇଥିଲେ ବାପା ସ୍ୱପ୍ନରେ। ମୁଁ ସେଇ ବାପାର ପୁଅ ହୋଇ କେମିତି ଅଣଦେଖା କରି ଆସିଛି ପତି-ପତ୍ନୀର ସମ୍ପର୍କକୁ। ଆଜି ପର୍ଯ୍ୟନ୍ତ କେବଳ ସ୍ୱାମୀତ୍ୱ ଜାହିର କରି ଆସିଛି ତୁମ ଉପରେ। ପତ୍ନୀର ମର୍ଯ୍ୟାଦା, ସ୍ୱାଭିମାନ ଉପରେ କୁଠାରାଘାତ କରି ଆସିଛି ଅମଣିଷ ଭଳି। ଅନେକବାର ତୁମ ଉପରକୁ ହାତ ଉଠାଇଛି ମଣିଷ ପଣିଆକୁ ଜଳାଂଜଳି ଦେଇ। ହେଲେ ତୁମେ ପ୍ରତିବାଦ କରିବା ବଦଳରେ ମୋର ବର୍ବରତାକୁ ଗ୍ରହଣ କରି ନେଇଛ ନିଜର ମହନୀୟ ଗୁଣ ପାଇଁ। ତୁମ ଉପରକୁ ହାତ ଉଠାଇଥିବାର ଦଣ୍ଡ ଏବେ ଭୋଗିବାକୁ ପଡ଼ିଲା ଏ ବୟସରେ ହାତ ଭାଙ୍ଗିଯାଇ। କେବଳ ସେତିକି ନୁହେଁ ତୁମ କଥା, ତୁମ ବିଚାରାଧାରାକୁ ଗ୍ରହଣ କରିଥିଲେ ଆଜି ଆମକୁ ଏଇ ଦୁର୍ଦ୍ଦିନର ସମ୍ମୁଖୀନ ହେବାକୁ ପଡ଼ିନଥାନ୍ତା।

ସ୍ୱାମୀଙ୍କ ପାଟିରେ ହାତ ଦେଇ ଚୁପ୍ କରାଇ କହିଥିଲା:- 'ମୁଁ ତ କେବଳ ମୋର ପତ୍ନୀ ଧର୍ମ ପାଳନ କରି ଆସୁଛି। ସତରେ ତୁମକୁ ପାଇ ମୁଁ ବହୁତ ଖୁସି। ଏମିତି କହି ମୋତେ ଆଉ ଲଜ୍ଜିତ କରାଅନି କି ପାପରେ ପକାଅନି।'

'ନାଁ ରାଧା ତୁମ ପ୍ରତି ଅନ୍ୟାୟ କରି ମୁଁ ମୋ ପାପର ଫଳ ଭୋଗୁଛି। ମୋ ପାଇଁ ତୁମେ ବି ନର୍କରେ ଘାଣ୍ଟି ହେଉଛ। ସ୍ୱର୍ଗ ଆଉ ନର୍କ କ'ଣ କେଉଁଠି ଥାଏ। ଏଇଠି ରହିଛି ସ୍ୱର୍ଗ ଆଉ ନର୍କ। ମଣିଷ ତା'ର କର୍ମ ଅନୁସାରେ ଏଇଠି କର୍ମ ଫଳ ଭୋଗ କରିଥାଏ। ସତ୍କର୍ମ ବା ପୁଣ୍ୟ ପାଇଁ ଅଖଣ୍ଡ ସୁଖ ବା ଈଶ୍ୱରପ୍ରାପ୍ତି ହେଉଥିବା ବେଳେ ଦୁଷ୍କର୍ମ ବା ପାପ ପାଇଁ ଦୁଃଖ ଯନ୍ତ୍ରଣାରେ ଛଟପଟ ହୋଇଥାଏ। ଏଇଟାହିଁ ତ ନର୍କ ଭୋଗ। ପାରିବ ଯଦି ମୋତେ କ୍ଷମା କରିଦିଅ। ତା ନହେଲେ ପରଜନ୍ମରେ ବି ମୋତେ ପାପରେ ଘାଣ୍ଟି ହେବାକୁ ପଡ଼ି।'

ମୋହନ ଆଖିରୁ ଝରି ଆସିଥିଲା ଅନୁଶୋଚନାର ଲୋତକାଶ୍ରୁ ନିଜ କୃତକର୍ମର କଳଙ୍କକୁ ଧୋଇଦେଇ। ସ୍ୱାମୀଙ୍କ ଆଖିରୁ ଲୁହ ପୋଛି ତାଙ୍କୁ ଶଯ୍ୟାରୁ ଉଠାଇ ନିଜ କୋଳକୁ ଭିଡ଼ି ଆଣିଥିଲା ରାଧା।

ଅନ୍ଧାର ଅପସରି ଯାଉଥିଲା ପୃଥିବୀ ପୃଷ୍ଠରୁ। ଆଗାମୀ ଦିନ ପାଇଁ ବଂଚିବାର ରାହା ଖୋଜୁଥିଲେ ପତି,ପତ୍ନୀ ଦୁହେଁ।

***ଶାନ୍ତିନିବାସ, ପ୍ଲଟ ନଂ. ୧୨୫୨/୧୪୫୯***
***ନ୍ୟୁ ଫରେଷ୍ଟ ପାର୍କ, ଭୁବନେଶ୍ୱର***
***ଦୂରଭାଷ: ୯୯୩୭୦୪୧୯୦୦***

# ଆଉରଙ୍ଗଜେବର ପରୁଆନା

**ରଞ୍ଜନ ସାହୁ**

"ମୋତେ ଅଠେଇଶ ବର୍ଷ ହେଲା । କେବେ ଚାକିରି କରିବି? ଟଙ୍କା ରୋଜଗାର କରିବି?? ଜୀବନକୁ ଭୋଗ କରିବି??? ମୁଁ ବି ସୁଖ ଚାହୁଁଚି ବାପା। କରୋନା ବେଳେ ଯେଉଁ ମାନଙ୍କ ବାପା ମଲେ ସରକାର ସମସ୍ତଙ୍କୁ କମ୍ପାସୋନେଟ ଚାକିରି ଦେଲେ। ହେଲେ ତମେ ଡାକ୍ତରଖାନାରୁ ଭଲହେଇ ପଳେଇ ଆସିଲ। ମୋ ପାଇଁ ଶୀଘ୍ର ଚାକିରି ବୁଝ ନହେଲେ ତମକୁ ଛାତରୁ ଠେଲିଦେବି। ମୋ ସାଙ୍ଗମାନେ ସେମାନଙ୍କ ବାପାଙ୍କ ଚାକିରି କରି ଆନନ୍ଦରେ ଅଛନ୍ତି। ମୁଁ କାହିଁକି ସୁଖରେ ରହିବିନି?"

ଆପଣଙ୍କୁ ମିଛ- ମୋତେ ସତ,ଏ ସମ୍ବେଦନଶୀଳ ବିବୃତିଟି। ମନେହେଉଛି- ଆଉରଙ୍ଗଜେବର ପରୁଆନା ପରି । ଯିଏ ନିଜର ସୁଖ ପାଇଁ ପିତା ଶାହାଜାନକୁ କୈଦୀ କରି ରଖିଥିଲା ଆଜୀବନ।

କେହି କେହି ଭାବିବେ, ଉକ୍ତିଟି କପଳୋକଳ୍ପିତ । ବାର୍ତ୍ତାଟି ସମାଜ ପାଇଁ ନିନ୍ଦନୀୟ । କିନ୍ତୁ ନା- କାହାଣୀ ପରି ପ୍ରତୀତ ହେଉଥିବା ଏ କ୍ରୁର ନିର୍ଦ୍ଦେଶାନାମାଟି ପ୍ରକୃତରେ ଗୋଟିଏ ଯୁବକର ଇତରୋକ୍ତି।

ନିଜର ପରାକାଷ୍ଠା ବଳରେ ଉପାର୍ଜ୍ଜନ-ଅକ୍ଷମ ଆଜିର ଯୁବ ସମାଜ ବସ୍ତୁବାଦୀ ମାନସିକତାକୁ ଯେତିକି ମହତ୍ ମନେକରୁଛି; ଜନ୍ମଦାତାର ଜୀବନକୁ ସେତିକି ଗୌଣ ମନେକରୁଛି। ତା' ପାଖରେ ପିତାର ତ୍ୟାଗ, ସ୍ନେହ, ମମତା ଇତ୍ୟାଦି ମୂଲ୍ୟହୀନ। ସେ ଟଙ୍କା ଚାହେଁ। ଗାଡି ଚାହେଁ। ଦାମୀ ମୋବାଇଲ ଚାହେଁ। ଜାହାଜରେ ଉଡିବାକୁ ସାମର୍ଥ୍ୟ ଚାହେଁ। ବୟସ ଜଲ୍‌ଦି ଜଲ୍‌ଦି ସରିଯାଉଛି। ଭୋଗ କରିବାର ବୟସ ଦୂରେଇଯାଉଛି। ହେଲେ ବାପା ଔଷଧ ପୁଳାଏ ଲେଖାଏଁ ଗିଳି ବଞ୍ଚିବା ପାଇଁ ଅଣନିଃଶ୍ୱାସୀ ହୋଇ ଧାଉଁଛନ୍ତି। ସେ ବଞ୍ଚିବାରେ ମୂଲ୍ୟ କଣ?? ଯଦି ତାଙ୍କର ମୃତ୍ୟୁ ଅନ୍ୟ ଗୋଟିଏ- ଗୋଟିଏ ନୁହଁ ଅନ୍ୟ ପାଞ୍ଚଟା ଜୀବନକୁ ଶାନ୍ତି ଦେଇପାରିଲା, ସେ ମୃତ୍ୟୁ ପ୍ରକୃତରେ ଶୋଭନୀୟ। ପ୍ରକୃତରେ ଅଭ୍ୟର୍ଥନୀୟ, ଗ୍ରହଣୀୟ, ପ୍ରଶଂସନୀୟ।

ନିଷ୍ଠୁର ପୁଅର ପରୁଆନାରେ ବାପା ରଘୁନାଥ ଚମକି ପଡିଲା ସେଦିନ। ଆଖିରୁ ଜୁଳଜୁଳିଆ ପୋକ ବାହାରି ଆସିଲା। ଲାଗିଲା ସମୁଦ୍ର ଭିତରେ ବାଡାବାଗ୍ନୀ ହେଇଛି। ଶୀତଳ ଜଳରାଶି ଉତ୍ତପ୍ତ ହେଇ ମାଡ଼ି ଯାଉଛି। ରଘୁନାଥର ଭାରିଜା ଆଖିରେ ଲୁହ। ସେ ଲୁହ ଆନନ୍ଦର ନା ବିଷାଦର ବୁଝି ପାରିଲାନି ରଘୁନାଥ। ସ୍ତ୍ରୀକୁ ଚାହିଁଲା ବିକଳ ମୁଦ୍ରାରେ। ଚାରି ଚକ୍ଷୁର ମିଳନ ହେଇଗଲା। ବୁଝିଲା, ଘରଣୀବି ସମର୍ଥନ କରୁନାହିଁ ପୁଅକୁ। ବିମର୍ଷ ହୋଇ ସ୍ତ୍ରୀ କକ୍ଷାନ୍ତର ହେବାରୁ ରଘୁନାଥ କ୍ରୋଧରେ ପାଟଳ ପଡିଗଲା।

"କଣ କହିଲୁ ଚଣ୍ଡାଳ? ଖୋଇ ପେଇ ଏଡ଼େଟିଏ କରିଥିଲି କଣ ମୋତେ ମାରିବା ପାଇଁ? ତୁ ପରିଶ୍ରମ କରି ଚାକିରି କରୁନୁ। କିଏ ମନା କରୁଛି? ନିଜେତ ଅକର୍ମା, ଖୋଡିଆ ହେଲୁ ଶେଷରେ ମୋତେ ସଫା କରିଦେବାକୁ ମସୁଧା କରିଛୁ। ଯାଃ ପଳା ଏଠୁ। ଏ ଘରେ ତୋର ଜାଗା ନାହିଁ। ରହ ଯାଇ ଯେଉଁଠି ସୁଖ ମିଳୁଛି। ପୁଅ ନା ଦାନବ!! କି ଯୁଗ ହେଲା ସତେ!!!" ବାପର ତିରସ୍କାର ଭିତରେ ଆହୁରି ବି କେତୋଟି ଅସଭ୍ୟ, ଅଶ୍ଳୀଳ ଶବ୍ଦ ଥିଲା। କୁଳାଙ୍ଗାରଟାକୁ ଶାସ୍ତି ଦେବାକୁ ସେ ପ୍ରବଳ ମାତ୍ରାରେ ଥରୁଥିଲା। ଆଖି କୋଣରୁ ଅଭିଶାପର ସ୍ଫୁର୍ଲିଙ୍ଗ ଛିଞ୍ଚାଡ଼ି ହୋଇ ପଡୁଥିଲା। ସେ ଆଉଥରେ କଂପିତ, ଅସ୍ଥିର କଣ୍ଠରେ କହିଲା, ଆଜିଠୁ ତୋତେ ତ୍ୟାଜ୍ୟପୁତ୍ର କଲି। ମୋ ସଂପତ୍ତିରୁ ରଞ୍ଚେ ହେଲେ ଭାଗ ଦେବିନି। ପଳା ଏଠୁ। ବାହାରି ଯା ମୋ ଘରୁ।

କଠୋର ଭର୍ତ୍ସନା ଶୁଣି ପୁଅ ଶିବ ଘରୁ ଦୁମଦୁମ ହେଇ ବାହାରି ଗଲା। ଗଲାବେଳେ ଘୃଣାକ୍ଷରେ ବାପ ଉପରେ ଦୃଷ୍ଟି ପାତ କରି ସେ ମୁହଁ ଛିଞ୍ଚାଡି ଦେଲା। ପୁଅ ଯିବା ପରେ ମା' ଦଉଡି ଆସି ରଘୁନାଥ ଆଗରେ ଭୋ ଭୋ ହୋଇ କାନ୍ଦି ପକେଇଲା।

ସ୍ତ୍ରୀର ବିଳାପ ଦେଖି ରଘୁନାଥ ବି ଧକେଇ ଧକେଇ କାନ୍ଦିଲା। କ୍ଷଣକ ପୂର୍ବରୁ ସମଗ୍ର ପୃଥିବୀ ଆଶ୍ରାହୀନ ପରି ଜଣା ପଡୁଥିଲା। ପାଖକୁ ଭାରିଜା ଆସିବାରୁ ଦୁନିଆଟା ଅମୃତମୟ ମନେହେଲା। ସାହାରା ଦେବାକୁ ଆଉ ଗୋଟିଏ ହାତ ଯେ ସର୍ବଦା ଟାକି ବସିଛି -ଏଇ ପ୍ରଥମକରି ସେ ଅନୁଭବ କଲା। ସ୍ତ୍ରୀକୁ ଜୀବନରେ ସେ କେବେ ଖାତିର କରେନି। ତା'

କଥାକୁ ପାସଙ୍ଗରେ ପକାଏନି । କଥା କଥାକେ ଗାଳିକରେ । ମୂର୍ଖ, ଅପୋଗଣ୍ଡ, ଛତରଖାଇ ବୋଲି ଅନବରତ କୁତ୍ସା ରଟନା କରେ । ଭୁଲ ଭଟକାରେ ହାତ ଉଠାଏ ।

ହେଲେ ଆଜି !!!

ସେ ବୁଝିଲା ସଂସାର ଯାକର ଲୋକ ଶତ୍ରୁ ହେଇଗଲେବି ଜଣେ ମାତ୍ର ଅବଳା ତା' ପଛରେ ପଥର ପରି ଛିଡା ହୋଇଛି ଅହର୍ନିଶ । ସେ କେବଳ ସମର୍ଥନ କରିପାରେ– ପ୍ରତିବାଦ କରିପାରେନି । ସେ କେବଳ ସହି ପାରେ– ବିରକ୍ତ ହୋଇପାରେନି । ସେ ଆଦର କରିପାରେ– ଘୃଣା କରି ପାରେନି ।

ସେ ଆଶ୍ଚର୍ଯ୍ୟ ହେଲା, ଏଭଳି ଏକ ସହୃଦୟୀ, ସରଳ ନାରୀ ଗର୍ଭରୁ କେମିତି ଏ କୃତଘ୍ନଟା ଜନ୍ମ ହେଲା ? ?

ଦଶଟା ବାଜି ଯାଇଥିଲା । ଅଫିସ ବେଳ ଗଡି ଯାଉଥିଲା । ରଘୁନାଥ ଅଫିସ ଯାଇପାରିଲାନି । ମଝି ଘରେ କାଠ ଚଉକିଟା ଟାଣି ଆଣି ବସି ପଡିଲା । କହିଲା, ଆଜି ଅଫିସ ଯିବିନି । କେତେ କଷ୍ଟରେ ଏ ଚାକିରି ଖଣ୍ଡକ ପାଇଥିଲି ତୁ ତ ଜାଣୁ । ରାସ୍ତା କଡ଼ରେ ସାଇକଲ ଉପରେ ପଇଡ଼ ବୋଝେଇ କରି ବିକୁଥିଲି । ପରୋପକାରୀ ହନୁମନ୍ତ ସାହୁ ଆଣି ରଖେଇଦେଇଥିଲେ ଠିକା କାମରେ । ଅଫିସରେ କମ୍ ରହେ ଅଫିସରଙ୍କ ଘରେ ବେଶୀ ସମୟ କାଟେ । ସେମାନଙ୍କ ବାସନ ପତ୍ର ମାଜେ । ଛୁଆ କାଖାଏ । ବାଡ଼ି ବଗିଚା ସଫା କରେ । ପରିବା, ଘରକରଣା ଚିଜ କିଣି ଯୋଗାଇଦିଏ । ସାହେବଙ୍କ ଜୋତା ପଲିସ କରି ଚିକ୍‌ଚିକ୍ କରେ । ଏମିତି ଅଠର ବର୍ଷ ଖଟିଚି ସାହେବମାନଙ୍କ କ୍ୱାଟରରେ । ଭୁଲହେଲେ ମାଡ଼ ଖାଇଛି । ଗାଳି, ବେଜିତ ବି ସହିଛି । ଦାନା ଗଣ୍ଡାକ ପାଇଁ କେତେ ହନ୍ତ ସନ୍ତ ନହେଇଛି । ହନୁମନ୍ତ ସାରେ ରିଟାର୍ଡ଼ ବେଳେ କହିଗଲେ, ରଘୁଆ ସହିଯିବୁ । ଭଲ ବେଳ ନିଶ୍ଚୟ ଆସିବ । ଚାକିରି ଛାଡିବୁନୁ ।

ଯୋଗକୁ ଆଉ ଜଣେ ଭଲ ହାକିମ ଆସିଲେ । ସେ ଆମକୁ ରେଗୁଲାର କରିଦେଇଗଲେ । ମ୍ୟାଟ୍ରିକ ସାର୍ଟିଫିକେଟ ନଥିଲା । ଚାକିରି ଯାଇଥାଆନ୍ତା । ସେହି ହନୁମନ୍ତ ସାରେ ପଇସା ପତ୍ର ଦେଇ ଯୋଗାଡ଼ କରିଦେଲେ । ତାଙ୍କୁ ନିନ୍ଦିବିନି । ଦେବତା ପରାଏ ଲୋକ । ଆଜି ତାଙ୍କରି ଦୟାରୁ ପ୍ରମୋଶନ ପାଇ ପାଇ କିରାନୀ ହେଇଛି ।

ସେ ଦିନର କଥା କଣ ଭୁଲିପାରିବି ?

ସ୍ତ୍ରୀ ଉଠିଗଲା ପାଣି ଗ୍ଲାସେ ପାଇଁ । ପାଣି ଦେଇ କହିଲା, ଯାଅ ଟିକେ ଶୋଇପଡ଼ିବ ।

– ନା ଶୋଇବିନି । ସେ 'ରାକ୍ଷସ' ଟୋକାକୁ ବିଶ୍ୱାସ ନାହିଁ । କଲୋନୀର ବାତରାଙ୍କ ସାଙ୍ଗ ହେଇହେଇ ସେ ଚାରି ପାଞ୍ଚିରୁ ଗଲାଣି । ଭାବୁଛି ଥାନାରେ ଆଗତୁରା ଏଫ.ଆଇ.ଆର ଦେଇଦେବି ।

'ରାକ୍ଷସ' ଶବ୍ଦଟା ପ୍ରକୃତରେ କହିନଥିଲା ରଘୁଆ । ତା' ପିଅନିଆ ପାଟିରୁ ଏ ଶବ୍ଦଟା ପରିବର୍ତ୍ତେ ଗୋଟିଏ ମାତୃଯୁକ୍ତ ଅଶ୍ଳୀଳ ଶବ୍ଦ ବାହାରି ଆସିଥିଲା । ସେ ଏତେ କ୍ରୁଦ୍ଧ ହୋଇଯାଇଥିଲା ଯେ ବାରବାର ସେହି ଶବ୍ଦଟାକୁ ଉଚ୍ଚାରଣ କରୁଥିଲା ବାକ୍ୟରେ । ଏଥିରେ ତାକୁ କିଞ୍ଚିତ ଆତ୍ମିକ ଶାନ୍ତି ମିଳୁଥିବା ପରି ମନେହେଉଥିଲା ।

ଘରୁ ତଡ଼ି ଦେଇ ଭଲ କରିଛି ବୋଲି ରଘୁନାଥ ଭାବିଲା । ଏଭଳି ପୁଅକୁ ପୋଷିବା ଯାହା ସାପକୁ ଦୁଧ ପିଆଇ ପାଳିବା ତାହା ।

x x x x x x x

ଏ ଘଟଣାଟି କପୋଳକଳ୍ପିତ ନୁହଁ । ଅଧୋଗତିମୁଖୀ ସମାଜର ଏକ କ୍ରୁର ଚିତ୍ର । ଗପ ପରି ସଜ୍ଜା ହୋଇଛି । ସବୁ ଗପ କପୋଳକଳ୍ପିତ ନୁହେଁ । ସବୁ କପୋଳକଳ୍ପିତ ଭାବନା ଗପ ହୁଏନାହିଁ । ସମାଜର କିଛିଟା ନିଦର୍ଶନ, କିଛିଟା ଉଦାହରଣ ଗପର ଛାଞ୍ଚ ତିଆରି କରେ ।

ଟଙ୍କା ପାଖରେ ଏଠି ସଂପର୍କର ମାପକାଠି ସ୍ଥିତିହୀନ । ବସ୍ତୁବାଦିତା ପାଖରେ ପ୍ରେମ, ସୌହାର୍ଦ୍ଦ୍ୟ, ଅନ୍ତରଙ୍ଗତା ଭିତ୍ତିହୀନ ।

ଅସଭ୍ୟ ପୁଅର ହେୟ ଅଭିବ୍ୟକ୍ତିକୁ ଜଣଙ୍କ ଠାରୁ ଶୁଣିଥାଏ । ଆଉରଙ୍ଗଜେବୀୟ ହୁକୁମନାମାଟାଏ ପରି ଲାଗୁଥାଏ ତା'ର ଚକ୍ରାନ୍ତମୂଳକ ସିଦ୍ଧାନ୍ତ । ମୋଗଲ ରାଜୁତିବେଳେ ସେମିତି ହେଉଥିଲା । ବାପାକୁ ହତ୍ୟାକରି ପୁଅ ସୁଲତାନ ହେବାକୁ ପଛାଉନଥିଲା । ସୁଖ, ସଂପଦ, କ୍ଷମତା ଲାଳସାରେ ରାଜପ୍ରସାଦ ସବୁବେଳେ କର୍ଦ୍ଦମାକ୍ତ ହୋଇରହୁଥିଲା ।

ମାସଟିଏ ଅତିକ୍ରମି ଯାଇଥାଏ । ରଘୁନାଥ ଆସିଥାଏ ଅଫିସ କୋଠାର ଏପଟ ବ୍ଲକକୁ । କହିବନି କହିବନି ହୋଇ ସେଦିନ ପୁଅର ଧମକକୁ ସେ କହିଦେଲା । ସହକର୍ମୀମାନେ ମୁଣ୍ଡରେ ହାତ ଦେଲେ । କେତେଜଣ ପୁଅକୁ ଭାଷା ଅଭାଷାରେ ଗାଳି କଲେ । ଅନ୍ୟ କେତେଜଣ ବାପମା'ର ଦୋଷ ଦେଲେ ।

ଆଉଥରେ ଶୁଣିଲା ପରେବି ମୋର କିନ୍ତୁ ତା' କଥାକୁ ଏତେଟା ବିଶ୍ୱାସ ଆସୁନଥାଏ । ଗୋଟିଏ ପୁଅ ଯେତେ ନିଷ୍ଠୁର ହେଲେ ବି ଏମିତି କହିପାରେନା । ଆମ ରାଜ୍ୟରେ ଅସମ୍ଭବ । ଅନ୍ୟ କେଉଁ ଦେଶରେ ହେଇପାରେ । ଏଠିକାର ସଂସ୍କାର ରାମାୟଣ, ମହାଭାରତ, ବେଦ, ଉପନିଷଦରୁ ଆନୀତ । ଏଠି କ୍ରୁର ହେବାକୁ ପ୍ରଶ୍ରୟ ଦିଆଯାଏ ନାହିଁ ବରଂ ସହିଷ୍ଣୁ ହେବାକୁ ବାଲ୍ୟାବସ୍ଥାରୁ ଶିକ୍ଷା ଦିଆଯାଏ ।

ମୁଁ ନିର୍ବେଦ ହୋଇ ବସିଥାଏ । ପାଟିରୁ ବାକ୍ୟଟିଏ ବି ସ୍ଫୁରୁ ନଥାଏ । ମନଃସ୍ତାପରେ ରଘୁନାଥ ମୁହୂର୍ତ୍ତେ ବସି ସେଠୁ ଅପସରିଗଲା ।

ଦିନେ କଲୋନୀ ଭିତରେ ତାକୁ ଏକଲା ପାଇ ଉତ୍କଣ୍ଠାରେ ପଚାରି ଦେଲି, ସତରେ ତମ ପୁଅ ଏମିତି କହିଲା ? ନିଶା ପାଣି ଖାଉଛି କି ? ?

ସେ କ୍ଷଣେ ସ୍ଥିର ହେଇଗଲା । ଆଖି କୋଣ ତା'ର ସଜଳ ହେଇଆସିଲା । କହିଲା, ମିଛ କାହିଁକି କହିବି ବଡ଼ଭାଇ । ପ୍ରଥମେ ତ ମୁଁ ବିଶ୍ୱାସ କରିପାରିଲିନି । ଶୋଇକି ସ୍ୱପ୍ନ ଦେଖୁଛି କି କ'ଣ ଭାବିଲି । ଘଡିକ ପରେ ସପ୍ରସ୍ତୁତ ହେଲି । ଯାହା ଶୁଣୁଛି ଠିକ୍ ବୋଲି ବୁଝିଲି ।

– ତା'ପରେ ତମେ କଣ ତାକୁ ମାଡ଼ ମାରିଲ ନା ଗାଳି କଲ ? ମୋର ପ୍ରଶ୍ନ ।

– ଏତେ ବଡ଼ ଫାକୁଲା ଟୋକାଟା ! ତାକୁ ମାରିବି କ'ଣ ? ମୋ ଠାରୁ ତ ହାତେ ଲମ୍ବା । ଗାଳି କରିଥିଲେ ବି ମୋ ମାନମହତ ରଖି ନଥାଆନ୍ତା ।

– ଆଁ !! ଚମକି ପଡିଲି ମୁଁ । "ଗାଳିବି କରିନା ?"

– ନା, ତା' ମା' ପାଟିକଲା । ବଡ଼ପାଟିରେ ଚିଲେଇଲା । କହିଲା, କ'ଣ କହିଲୁ , କୁଳାଙ୍ଗାର, ଶେଷରେ ବାପକୁ ମାରିବୁ ? ତୋ ସୁଖ ପାଇଁ ମୋତେ ବିଧବା କରିବୁ ? କି ? ତୁ ଚାକିରି ନକଲୁ, ସେଠୁ ଭାସିଗଲା । ଯା ମୋ ସାମ୍ନାରୁ । ଧିକ୍, ତୋ ଭଳିଆ ପୁଅ ଥାଇ ଯାହା ନଥାଇ ତାହା । ତୋତେ ଜନ୍ମ କରିବା ବଦଳରେ ବାଞ୍ଝ ହେଇଥିଲେ ଭଲ ହେଇଥାଆନ୍ତା ।

– ତମେ କ'ଣ କହିଲ ? ଉତ୍ସାହରେ ପୁଣି ପଚାରି ପକେଇଲି ।

– କ'ଣ କହିବି ବଡ଼ ଭାଇ । ଆଖି ଲୁହେଇଗଲା । ଥଙ୍ଗଥଙ୍ଗ ହୋଇ ଭାବିଚିନ୍ତି କହିଲି, ଛାତରୁ ଠେଲି କାହିଁକି ମୋତେ ମାରିବୁ ? କଷ୍ଟ ପାଇବ ବୁଢାଟା । ଗୋଡ଼ହାତ ଭାଙ୍ଗି ଯଦି ବଞ୍ଚିଯାଏ ତୁ ଜେଲ ଯିବୁ । ପୋଲିସ ପାଖରେ ତ ମୁଁ ଆଉ ମିଛ କହି ତୋତେ ବଞ୍ଚେଇବିନି । ଯେମିତି ହେଲେ ସତ କହିବି । ବରଂ ଖାଇବାରେ ବିଷ ମିଶେଇ ମାରିଦେ । ନହେଲେ କୋଉଠୁ ଗୋଟେ ସହଜ ଉପାୟ ଖୋଜ । । କଂପାସୋନେଟ ଚାକିରି ଯେତେବେଳେ କରିବୁ, ବାପକୁ କଳେବଳେ କୌଶଳେ ମାରି ସୁଖୀ ହୋ ।

– ଏମିତି ସତରେ କହିଲ ? ?

– ହଁ । କହିବିନି କାହିଁକି ?

– ଠିକ୍ କହିଛ । ସାମାନ୍ୟ ବିବେକ ଟିକେ ଥିଲେ, ବୁଝିବ ।

ରଘୁନାଥ ମଥାନତ କରି ଚାଲିଗଲା ।

ଭାବିଲି ପରୋକ୍ଷରେ ହେଉ ପଛେ, ରଘୁନାଥ ଉଚିତ ସିଦ୍ଧାନ୍ତଟିଏ ଶୁଣାଇଦେଇଛି । ମଣିଷ ଛୁଆ ହେଇଥିଲେ ବୁଝିବ ଜନ୍ମିତ ପିତାର ବ୍ୟଥା ।

ମୁଁ କିନ୍ତୁ ଘଟଣାଟିକୁ ଗପର ରୂପ ଦେଲା ବେଳେ ଏପରି ଚିନ୍ତା କରିନଥିଲି । ସାଧାରଣ ମଣିଷଟିଏ ପରି ବାପାର ପ୍ରତିହିଂସାଭିତ୍ତିକ କ୍ରୋଧକୁ ରୂପାୟିତ କରିଥିଲି ।

ମୋ ଭାବନା ମିଶିନଥିଲା ସତ୍ୟତା ପାଖରେ । ପ୍ରକୃତରେ, ମଣିଷର ଭାବନା ମିଶେନାହିଁ ସତ୍ୟତା ପାଖରେ । ସତ୍ୟ ଘଟଣା କେଉଁ ଗପ ହୁଏ ନାହିଁ କି ଗପ କେଉଁ ସତ୍ୟ ହୁଏ ନାହିଁ । 'ସତ୍ୟ' ସର୍ବଦା ଭାବନାର ପ୍ରତିକୂଳରେ ଆସେ । ଆଉ ସତ୍ୟତା ସର୍ବଦା ଯନ୍ତ୍ରଣା ଦିଏ ମାତ୍ର ଗପ ରୋମାଂଚ ଆଣେ ।

*ଲକ୍ଷ୍ମୀସାଗର କେଲାନୀ, ଭୁବେନଶ୍ୱର*
*ଦୂରଭାଷ: ୯୮୬୧୦୬୦୮୦୩*

**DM Associates**
**Chartered Accountants**
**307, Block - A, 3rd Floor, Nirmala Plaza**
**Forest Park, Bhubaneswar**
**Ph.: +91 674 259511-13**
**Telefax : +91 674 2595912**

***We undertake***
***Auditing, Taxation, Consultancy outsourcing***

# ବୋଉର ପେନସନ

ଅରବିନ୍ଦ ଦାସ

ବୋଉର ପେନସନ କାହା ସହ ତୁଳନୀୟ ? ଭାରତୀୟ ରିଜର୍ଭ ବ୍ୟାଙ୍କ ଅଥବା ବନ୍ଦ ହୋଇପଡିଥିବା ଶ୍ରୀମନ୍ଦିର ରତ୍ନଭଣ୍ଡାର !!!

ଏ ପ୍ରଶ୍ନ ମୁଁ ବାରମ୍ବାର ନିଜକୁ ପଚାରେ । ଆଉ ଉତ୍ତର ସବୁବେଳେ ସମାନ ହିଁ ଆସେ ।

ମମତାଙ୍କ ପାଟି ଶୁଣି ଭାବନାରାଜ୍ୟରୁ ଫେରିଆସିଲି ।

- ପେନସନ ନୁହେଁ ଟେନସନ । ବୋଉ କହୁଛନ୍ତି ତାଙ୍କ ପେନସନ ଟଙ୍କା କାଲେ ପୁଣି ଚୋରୀ ହୋଇଛି ।ତାଙ୍କ ପେନସନ ଖାତା ଓ ଟଙ୍କା ନେଇ ତମେ ଆଜି ବ୍ୟାଙ୍କ ଲକର ରେ ରଖ ।ଏସବୁ ପାଲା ମୁଁ ଆଉ ସମ୍ଭାଳି ପାରିବି ନାହିଁ ।

ଶ୍ରୀମତୀଙ୍କ ଅଭିଯୋଗ ଶୁଣି ଫେଁ କିନା ହସିଦେଇ କହିଲି, ଏଥିରେ ନୂଆ କଥା କ'ଣ ? ବୋଉ ର କଣ କିଛି ମନେ ରହୁଛି ? ନିଜେ ତକିଆ ତଳେ କିମ୍ବା ଟ୍ରଙ୍କ ଅବା ଅନ୍ୟ କେଉଁଠି ରଖିଦେଇଥିବ । ତେବେ ଏଥର ଚୋର କିଏ ଆଉ କେତେ ଟଙ୍କା ?

- ତିରିଶ ଟଙ୍କା ହଜିଛି ବୋଲି କହୁଛନ୍ତି । ଚାକରାଣୀ ମଞ୍ଜୁକୁ ଓ କେଶବକୁ ସକାଳୁ ବହେ ଗାଳି ଦେଇ ସାରିଲେଣି ।ଗାଡି ଭଡା ପାଇଁ ରଖିଥିଲେ ବୋଲି କହୁଛନ୍ତି ।

ପେପର ଟା ରଖି ପଚାରିଲି, ଗାଡି ଭଡା ! କୁଆଡେ ଯିବ ବୋଉ ?

- ଆଜି ପରା ନଭେମ୍ବର ପହିଲା । ବ୍ୟାଙ୍କ ଯିବେ, ଲାଇଫ ସାର୍ଟିଫେକେଟ ଦେବେ ପେନସନ ଆଣିବେ । ତମେ ରେଡି ହୋଇନ ଯେ ? ଏଇନା ମୋତେ କେତେ କଥା ଶୁଣାଇବେ ।

ମନେମନେ ହସି, ରେଡି ହେଲି ।ବ୍ୟାଙ୍କ ଗଲା ପୂର୍ବରୁ କାରରେ ପୁରାଟାଙ୍କି ପେଟ୍ରୋଲ ଭରିବା ପାଇଁ ମୋ ହାତରେ ତିରିଶ ଟଙ୍କା ଧରାଇଦିଏ । ଆଜିକା ଯୁଗରେ ତିରିଶ ଟଙ୍କାରେ ପେଟ୍ରୋଲ !

ବାପାଙ୍କ ଅନ୍ତେ, ଫ୍ୟାମିଲି ପେନସନ ବୋଉ କୁ ମିଳୁଥିଲା । ବୋଉ ଶୋଉଥିବା ରୁମର ଖଟ ତଳେ ଗୋଟେ ବଡ଼ ଦସ୍ତାବାକ୍ସ ଥିଲା, ଯାହାକୁ ସେ ତା' ବାପଘରୁ ଆଣିଥିଲା । ତା' ରୁମରେ କପ ବୋର୍ଡ ଥିବା ସତ୍ତ୍ୱେ, ନିଜର କିଛି ଭଲ ଲୁଗା ଓ ପେନସନ ବହି ସେଇ ଦସ୍ତା ବାକ୍ସରେ ରଖୁଥିଲା, ଯାହାକୁ ଅନ୍ୟମାନେ ସିନ୍ଦୁକ ବୋଲି ଚିଡାଉ ଥିଲେ । ଗାଁ ଘରେ ଅବଶ୍ୟ ଏବେ ବି ବଡ଼ କାଠ ସିନ୍ଦୁକଟା ଥୁଆ ହୋଇଛି । ତାକୁ ସହରକୁ ଆଣିବାକୁ ହେଲେ ଟ୍ରକ ଓ କ୍ରେନ ଦରକାର ଓ ଘରେ ଜାଗା ନାହିଁ ବୋଲି ବୁଝାଇଛି । ନାତି ଚାକିରୀ କଲେ ବଡ଼ ଘରେ ନାତୁଣୀ ବୋହୂ ପାଇଁ ସେଇ ସିନ୍ଦୁକ ରଖିବ ବୋଲି ବୋଉ କହେ ।

ଏବେ ଘରେ ଥିବା ସେଇ ଟ୍ରଙ୍କରେ ଗୋଟେ ବିରାଟ ବଡ଼ ତାଲା ପଡୁଥିଲା, ଯାହାର ଚାବିକାଠି ଗୋଟେ ରୂପାପେନ୍ଥାରେ ଲଗାହୋଇ ବୋଉ କାନିରେ ବନ୍ଧା ହୋଇ ଝୁଲୁଥିଲା । ବାକ୍ସ ଭିତରେ ଥିବା ଜିନିଷ ଅପେକ୍ଷା ସେ ଆଣ୍ଟିକ ତାଲାର ଦାମ ବୋଧେ ଅଧିକ ବୋଲି ମୋତେ ଲାଗେ ।

- ବୋଉଙ୍କ ଗନ୍ତାଘର ସେ ତାଲାକୁ ଚୋର ବି କାଟିବାକୁ ସାହାସ କରିବନି । ମମତା କୁହେ ।

ବୋଉ ମୋତେ ଚୁପ କିନା କହେ,

-ଦୁଇ ବୋହୂଙ୍କର ମୋରି ବାକ୍ସ ଓ ପେନସନ ଖାତା ଉପରେ ଆଖି ।

ଚମକି କି ମୁଁ ଚାରିଆଡକୁ ଅନାଏ । ମମତା ପଛପଟୁ କହେ, ମୋତେ ଆପଣଙ୍କ ପେନସନ ଟଙ୍କାରୁ ତ କିଛି କିଣିକି ଦେଉ ନାହାନ୍ତି ।

ବୋଉ ହସେ । କହେ, ଗଲାଥର ଯେଉଁ ଶାଢ଼ୀ କିଣିଥିଲି ତାକୁ ଚିରି ଦେଲୁଣୁ ନା କ'ଣ ?

- "ବୋଉ, ସେ ସୂତା ଶାଢୀରୁ ରଙ୍ଗ ଛାଡିଲା ପରେ ମଂଜୁକୁ ଦେଇଥିଲି ବୋଲି, ଆପଣ ତାକୁ ଚୋରଣୀ କହିଲେ ବୋଲି ସେ ଆଣି ମୋତେ ଫେରାଇ ଦେଇଥିଲା ।"

- ହଉ, ଏଥର ପେନସନ ପାଇଲେ ପାଞ୍ଚଶ କି ହଜାରେ ବାଲା କିଣିଦେବି ।

ମୁଁ ହସେ ।

ବାପା ପେନସନ ପାଇଲା ଦିନ, ଗାଁ ଟ୍ରେଜେରୀରୁ ଫେରିଲା ବେଳେ ରସଗୋଲା, ପିଲାଙ୍କ ପାଇଁ ଚକୋଲେଟ, ବିସ୍କୁଟ ଓ ଭଲ ବାର ଥିଲେ ତାଳ ପତ୍ରରେ ଗୁଡ଼ା ଖାସୀ ମାଂସ ନେଇକି ଆସୁଥିଲେ ।

ବୋଉ ବି ପହିଲା ଦିନ ସଜବାଜ ହୋଇ ପ୍ରସ୍ତୁତ ହୋଇଯାଏ । ନିଜ ମାଣିଆବନ୍ଧ ଶାଢ଼ୀକୁ ଯତ୍ନରେ ପିନ୍ଧି, ମମତା କିମ୍ବା ନାତୁଣୀଙ୍କ ଉଦ୍ଦେଶ୍ୟରେ ଡାକ ଛାଡେ,

- ଆଲୋ,ଟିକେ ମୋ ବ୍ଲାଉଜରେ ବୋତାମ ଦେଇଦେଲ। ସେଫ୍ଟିପିନ ସବୁ ମୋ ତକିଆ ତଳୁ କିଏ ନେଇଛି ? ମୋରି ଜିନିଷ ଉପରେ ସମସ୍ତଙ୍କ ଆଖି। ମୋ ପୁଅକୁ କେତେ ଖର୍ଚ୍ଚାନ୍ତ କରାଇବ ?

ତା' ବ୍ଲାଉଜ, ସାୟା ବି ଚୋରୀ ହେଉଛି ବୋଲି ମୋତେ ଅଭିଯୋଗ କରେ। ସମସ୍ତେ ହସନ୍ତି, ମୁଁ କିନ୍ତୁ ଧ୍ୟାନ ଦେଇ ତା' ଅଭିଯୋଗ ଶୁଣେ ବୋଲି ବେଶୀ ଭଲ ପାଏ ମୋତେ।

ବୋଉ ଘରେ ବ୍ଲାଉଜ ପିନ୍ଧେନା ବୋଲି ମମତା କହେ, "ବୋଉ, ଏତେ ବ୍ଲାଉଜ ଅଛି,ପିନ୍ଧୁ ନାହାନ୍ତି ?"

ମୋ ପୁଅ,ଝିଅ ବୋଉକୁ ଚିଡାଇ କୁହନ୍ତି, - ଜେଜେମା, ତୁମେ ସିନେମା ହିରୋଇନ ଠାରୁ ଅଧିକ ଏକ୍ସପୋଜ କରୁଛ। ସେନ୍ସର ବୋର୍ଡରେ କଂପ୍ଲେନ ହେବ।

ପାକୁଆ ପାଟିରେ ହସି ବୋଉ କହେ,

- ଆଲୋ,କେଉଁ ନାଗର ମୋତେ ଅନେଇବ ଯେ ଲୁଚେଇବି ? ଏଇଆକୁ ପରା ଚୁଚୁମି ଚୁଚୁମି ତମବାପା,ଦାଦା, ତମେ ଓ ତମ ଦାଦାଙ୍କ ଛୁଆ। ସବୁ ବଡ଼ ହୋଇଛ।ତମ ପିଲା ଛୁଅ। ହେଲେ ବି ଏଇ ବୁଢ଼ୀ ଛାତିରେ ଓହଳିବେ।

- ଜେଜେମାଟା ଭାରି ଅଭଦ୍ର। ପାଟିରେ ବାଡ଼ ବତା ରଖୁନି।

ସମସ୍ତେ ହୋ ହୋ ହୋଇ ହସନ୍ତି। ମୋତେ ଲାଗେ ବୋଉମାନେ ସବୁ ମମତା ର ଅନନ୍ତ ସାଗର, ଆକାଶ ପରି ବ୍ୟାପ୍ତ। ସାନଭାଇ ବମ୍ବେରେ ରହେ। ବୋଉ କୁ ପାଖକୁ ନେବାକୁ କହେ। ହେଲେ ମୁଁ ଛାଡେନା। ବୋଉ ତ ମୋ ଜୀବନ। ତାକୁ ଦିନେ ନଦେଖିଲେ ....

ବର୍ଷରେ ଥରେ ଅଧେ ଦଶ ପନ୍ଦର ଦିନ ପାଇଁ ଗଲେ ଆମେ ସମସ୍ତେ ବୋଉକୁ ଝୁରୁ। ବେଶୀ ମୁଁ। ମମତା ମୋତେ ଚିଡାଏ,

ଦୁଧଖିଆ। ଛୁଆ।

ଏବେ ଆଗଭଳି ତିନିମାସ ଟ୍ରେଜେରୀ ବା ବ୍ୟାଙ୍କ ଯିବା ଦରକାର ନାହିଁ; ପାସବୁକରେ ଟଙ୍କା ଆପେ ଆପେ ଜମା ହେଉଛି।ସୁବିଧା ପାଇଁ ଏଟିଏମ ବି ଅଛି। ସିନିଅର ସିଟିଜନ ପାଇଁ ଅଧିକ ସୁବିଧା।

ହେଲେ ବୋଉ ତିମାସ ବ୍ୟାଙ୍କ ଯାଏ ଓ କିଛି ଟଙ୍କା ନିଜେ ଉଠାଇ ଆଣେ। ନାତି, ନାତୁଣୀଙ୍କ ପାଇଁ ଉପହାର, ଘର ପାଇଁ ମିଠା,ବାରମଜା, ଚାକରାଣୀ ପାଇଁ କ୍ଲିପ, ଚୁଡ଼ି କାମ କରୁଥିବା କେଶବ ପାଇଁ ସାର୍ଟ କି ଲୁଙ୍ଗି ଓ ମମତା ପାଇଁ ନାଲି ଶଙ୍ଖା ସିନ୍ଦୁର ଆଣେ। ନାତି, ନାତୁଣୀଙ୍କୁ ହାତ ଖର୍ଚ୍ଚ ଦିଏ। ପାଞ୍ଜି ଦେଖି ସେଇ ମାସ କଣ ପୁନେଇ ପର୍ବ ପଡିବ ତାହା ଦେଖି ବ୍ୟାଙ୍କରୁ ଫେରିଲା ବେଳକୁ ଉଠାଇଥିବା ପେନସନ ଟଙ୍କାରୁ ମୋ ହାତରେ ଶହେ ଟଙ୍କା ଦେଇ ଲମ୍ବା ତାଲିକା ବତାଇଦିଏ।

-ଭଲ ଗୁଆଘିଅ,ବଳିତା,ଶୁଖିଲା ନଡିଆ।, ଖଇ, ଉଖୁଡ଼ା, ମୁରୁଜ, ଧୂପକାଠି,ଝୁଣା, ମହୁ ଓ ଭଲ ପରିବା ଆଣିବୁ। ହଁ ମନେ କରି ନଡିଆ ବାଲାଠୁ ଶୁଖିଲା ନଡିଆ କତା ଆଣିବୁ, ଝୁଣା ଦେବାକୁ।

ହଜାରେ ଟଙ୍କାର ଜିନିଷ ବରାଦ କରି ମୁଁ ଫେରିଲା ବେଳେ ବୋଉ ମୋତେ ପଚାରେ,

- ଟଙ୍କା ହେଇଗଲା ନା ବଳିଲା ?

ହସିଦେଇ ବୋଉ ହାତକୁ ଦଶ, କୋଡ଼ିଏ ଫେରାଇଦେଲା ବେଳେ ସେ କହେ,

- ତୋ ବାପା ଜମା ମୁଲେଇ ପାରୁନଥିଲେ। ଯୋଗଣୀଖିଆ ଦୋକାନୀସବୁ ଠକୁଥିଲେ। ତୁ ପୁରା ମୋ ଭଳି ଠିକ କରି ମୁଲେଇ କି ଭଲ ଜିନିଷ ଅଣୁଛୁ।

ବୋଉକୁ କୁଣ୍ଢେଇ ପକାଇ ମୁଁ କହେ,

- ତୋ ପେନସନ ଟଙ୍କା ବୋଲି ଦୋକାନୀ ଶସ୍ତାରେ ଦେଲା।

ବୋଉକୁ ଭଲ କରି ଦିଶୁ ନଥିଲା କି ଶୁଭୁ ନଥିଲା।ତଥାପି ସବୁ ହିସାବ କିତାବ ଦେଖେ ଓ ଆମକୁ ପଚାରେ।

ପିଲାମାନେ ବୋଉ ସାଙ୍ଗରେ ସବୁବେଳେ ଲଗାଇ ଥାନ୍ତି।

- ଜେଜେମା,ତମ ପେନସନ ଖାତାରେ କେତେ ଟଙ୍କା ହେଲାଣି ? ଆମ ନାଁ କୁ ଟ୍ରାନ୍ସଫର କରିଦିଅ।

- ରୁହ,ମୁଁ ମଲେ ସବୁ ତୁମର।ତମ ଜେଜେ ପରା ମୋ ବାଟ ଅନେଇ ବସିଛି।

ବୋଉ ପାଟିରେ ମୁଁ ହାତ ଦେଇ ତାକୁ ଧମକାଇଲା ଢ଼ଙ୍ଗରେ କହେ,

- ଆମକୁ ଛାଡି କୁଆଡେ ଯିବାର ନାଁ ଧରିବୁନି। ଚିହ୍ନିବୁ ମୋତେ। ତୋ ଅନ୍ତେ ପେନସନ ସରକାର ଆମକୁ ନଦେଇ ନିଜେ ନେଇଯିବେ। ଯେତେଦିନ ଅଧିକ ବଞ୍ଚିବୁ, ପେନସନ ସେତେ ଅଧିକ ପାଇବୁ।

ଆଖି ବଡ଼ବଡ଼ କରି ଅବିଶ୍ୱାସ ଚାହାଣୀ ରେ ମୋତେ ଅନାଇ କହେ,

-ତୁ ସତ କହୁଛୁ ! ମୋପିଲାଙ୍କୁ ମିଳିବନି ? ଅଳପେଇଷା ସରକାରଙ୍କ ମୋ ପେନସନ ଟଙ୍କାରେ ଆଖି ? ଅଣ ପଣ ନାତି ନାତୁଣୀଙ୍କ ବାହାଘର ଦେଖିଲା ଯାଏଁ ଅପେକ୍ଷା କରିବି। ହେଉ, ବେଡ଼ରୁମକୁ ଚାଲ, ମୋର ପେନସନ ହିସାବ ଖାତା ଟିକେ ଦେଖିବୁ।

ମମତା ହସିଦେଇ ମୋ କାନରେ କହେ,

- ଅର୍ଥ ମନ୍ତ୍ରୀ ଓ ମହାରାଣୀଙ୍କ ବଜେଟ ହିସାବ ହେବ। ଲାଞ୍ଚ ପୂର୍ବରୁ ବାହାରକୁ ବାହାରିବ।

ଘର ଭିତରେ ବୋଉ ଗୋଟେ ବଡ଼ ପୁରୁଣା ଡାଏରୀ କାଢ଼େ। ବିଭିନ୍ନ ପୃଷ୍ଠାରେ ସେ ମୋ ହାତରେ ହିସାବ ଲେଖାଏ।ନାତି ନାତୁଣୀ ପାଇଁ ସଞ୍ଚୟ। ନାତିଙ୍କ ପାଠ ପଢ଼ା, ଭବିଷ୍ୟତରେ ନାତୁଣୀ ବାହାଘର ପାଇଁ ଫ୍ରିଜ, ପ୍ରେସରକୁକୁର, ଗ୍ରାଇଣ୍ଡର ଓ ବାସନ ସବୁ ସେ ଦେବ ବୋଲି ଫିକ୍ସ ଡ଼ିପୋଜିଟ ଟଙ୍କା କେତେ ହେଲା ବୋଲି ପଚାରେ। ବୋଉ ଜାଣେନା ତା ନାତୁଣୀ ଚାକିରୀ କରି ମାସକୁ ଦେଢ଼, ଦୁଇ ଲକ୍ଷ ଦରମା ପାଉଛି।

ତଥାପି ବୋଉ ପ୍ରତିମାସ ନାତୁଣୀକୁ ହାତ ଖର୍ଚ୍ଚ ଦିଏ। ଝିଅ ବି ଖୁସିରେ ନିଏ। ଦାଣ୍ଡରେ କ'ଣ ବିକ୍ରୀ ଆସିଲେ କିଣେ। ମୋ ପ୍ରିୟ ଛୁନୁଛୁନିଆ ଶାଗ କି ଦହିବରା ନିଶ୍ଚୟ କିଣେ। ବିକାଳୀମାନେ ବି ବୋଉକୁ ଡରନ୍ତି।

- ହଇରେ, ଆଉ ଟିକେ ଲାଭ ଦେଉନ। ମୋ ପେନସନ ପଇସାରୁ

ଦେଉଛି ।ବୁଢ଼ୀ ମଣିଷକୁ ଠକିଲେ ଧର୍ମ ସହିବନି ।

ବିଚରା ବିକାଳୀମାନେ ବୋଉକୁ ମୁଣ୍ଡିଆ ମାରି ଡବଲ ଜିନିଷ ଦେଇକି ଯାଆନ୍ତି । ବୁଢ଼ୀ ମାଙ୍କୁ ସମସ୍ତଙ୍କ ଡର । ତା' ପୁଅ ବଡ଼ ଅଫିସର ଏବଂ କାହାର କଣ ଦରକାର ହେଲେ ତାକୁ ଜଣାଇବାକୁ ସମସ୍ତଙ୍କୁ ତାଗିଦ କରେ । ସାନ ପୁଅ ବମ୍ବେର ଡାକ୍ତର ବୋଲି ବି କହିବାକୁ ଭୁଲେନା ।

ଗାଁ ଘର ମୂଲିଆ, ହଳିଆ, ବ୍ରାହ୍ମଣ, ଠାକୁର, ଦୋଳ, ଜନ୍ମାଷ୍ଟମୀ ଖର୍ଚ୍ଚ ପାଇଁ ଅଲଗା ହିସାବ ହୁଏ । ତା' ପେନସନ ଟଙ୍କାରେ ସବୁ ହୋଇଯିବ ବୋଲି ମୁଁ ତାକୁ କହେ ବୋଲି ସେ ଖୁସି ହୁଏ ।ତଥାପି ମୋତେ କହେ,

– ବୋଉ ର ପେନସନ ବୋଲି ଆଖି ବୁଜି ଖର୍ଚ୍ଚ କରିବୁନି । ହୁସିଆର ହେବୁ । ବ୍ୟାଙ୍କ ବାଲାଙ୍କୁ ବି ବିଶ୍ୱାସ ନାହିଁ । ଠିକ ଟଙ୍କା ଖାତାରେ ଚଢୁଛି କି ନାହିଁ ପରୀକ୍ଷା କରିବୁ । ବୁଢ଼ା ବୁଢ଼ୀଙ୍କ ଖାତାରୁ ଆଜିକାଲି ବେଶୀ ଚୋରୀ । କେତେ ଲକ୍ଷ ରହିଲାଣି ? ଚିନୁ,ରିଙ୍କି,ବୁବୁ,ଶ୍ରୁତିଙ୍କ ବାହାଘର ପାଇଁ ଅସୁବିଧା ହେବନି ତ ?

– ତୋ ପେନସନ ଖାତା ଓ ଫିକ୍ସ ଡିପୋଜିଟ ରେ ଏତେ ଟଙ୍କା ଯେ ହିସାବ କରିବା କଷ୍ଟ ।

ଏକ ବିମୁଗ୍ଧ ଦୃଷ୍ଟିରେ ମୁଁ ବୋଉକୁ ଅନାଏ । ସରଳ ନିଷ୍କପଟ ମୁହଁରେ ଧାରେ ହସ ।

ମନ ଭିତରେ ପୁଣି ପ୍ରତିଧ୍ୱନିତ ହୁଏ ସେଇ ପ୍ରଶ୍ନ,ବୋଉର ପେନସନ,କାହା ସହ ତୁଳନୀୟ ?

ସତରେ କିଏ ହିସାବ କରିପାରିବ ବୋଉର ପେନସନ ଟଙ୍କାରେ ଥିବା ମମତା,ସ୍ନେହକୁ । ତାହା ତ' ଅସୁମାରୀ, ଅନନ୍ତ । ସେ ଏମିତି ଏକ ମହାରାଣୀ ଯାହାର ଗନ୍ତାଘର କେବେ ଖାଲି ହେବନି ।

ଆଉ ବୋଉର ପେନସନ ହିସାବ ଦୁନିଆ ।ର କୌଣସି ଋଟାର୍ଡ ଆକାଉଣ୍ଟା ବି କରିପାରିବ ନାହିଁ ।

ବୋଉକୁ କୁଣ୍ଢାଇ ମୁଁ ଗେହ୍ଲେଇ ହୋଇ କହେ,ସମସ୍ତଙ୍କୁ ଦେଉଛୁ, ମୋତେ ତ ହାତ ଖର୍ଚ୍ଚ ଦେଇନୁ ?

ପାକୁଆ ପାଟିରେ ଏକ ନୈସର୍ଗିକ ହସ ହସି ମୋତେ ଗେଲ କରି ମୋ ହାତରେ ଗୋଟେ ନୋଟ ଗୁଞ୍ଜିଦେବା ଆଗରୁ କହେ,ବାଇଆ । ଟା; ମୁଁ ପା ତୋ ପାଇଁ ଅଲଗା କରି ରଖିଛି ।

ମୋ ହାତରେ ବୋଉର ପେନସନ ଟଙ୍କା । ଦୁନିଆର ସବୁ ଖୁସି ଯେମିତି ଖୁନ୍ଦିହୋଇ ପ୍ରିଣ୍ଟ ହୋଇଯାଇଛି ସେଇ ଗୋଟାଏ ନୋଟ ରେ ।ନୋଟ ଟି ମୋ ଛାତିରେ ଛାପି ହୋଇଗଲା ଭଳି ଲାଗେ ।

ନୋଟ ଭିତରେ ଭାସି ଉଠେ ବୋଉ'ର ହସହସ ମୁହଁ ।

ବିହ୍ୱଳ ହୋଇ ମୁଁ ଅନେଇ ରହେ ସେଇ ଦୁର୍ମୁଲ୍ୟ ଦଶଟଙ୍କିଆ ନୋଟକୁ ।

*ଫ୍ଲାଟ - ୧୦୩, ହୋରାଇଜନ ଏନକ୍ଲେଭ, ମହାରାଣୀପେଟା,*
*ବିଶାଖାପାଟଣା-୫୩୦୦୦୨*
*ଦୂରଭାଷ: ୯୧୭୭୬୦୫୧୦୫*

## କ୍ଷୀରୋଦ ଦାସଙ୍କ ପ୍ରକାଶିତ ପୁସ୍ତକ ସମୂହ



**ଗଳ୍ପ ସଂକଳନ**
- ଅସୁସ୍ଥ ସମୟ
- ନିରବତାର ଭାଷା
- ମୂକ ରାଜଜେମା
- ଭୋକ
- ଅନେକ ଯନ୍ତ୍ରଣା ଓ ଅନ୍ୟାନ୍ୟ ଗଳ୍ପ
- ସତସତିକା ଖେଳ
- ମୁଠାଏ ଦୀର୍ଘଶ୍ୱାସ
- କାଠ କଣ୍ଢେଇ
- ନିଃଶବ୍ଦ ପଦଧ୍ୱନି
- ଅନ୍ଧାରର ଆତ୍ମଲିପି
- ନବଘନର ଘର
- କଥାକଳ୍ପ
- ସଞ୍ଜ ସଙ୍ଗୀତ
- ମୁକ୍ତି ଓ ଅନ୍ୟାନ୍ୟ ଗଳ୍ପ
- ଶୂନ୍ୟ ଉପତ୍ୟକା
- ଅଧ୍ୟାୟ ଅଷ୍ଟାଦଶ
- ବୋଲେ ହୁଁ ଟି
- ବନ୍ଦିନୀ ଓ ଅନ୍ୟାନ୍ୟ ଗଳ୍ପ

**ଉପନ୍ୟାସ**
- ସଂପର୍କର ସୂତାଖିଅ
- ବେଦନାର ବେଦ
- ପ୍ରିୟ ପୃଥିବୀ
- ଆଞ୍ଜୁଳାଏ ମୁକ୍ତି
- କଳାଜାଇ

**ସଂପାଦନା**
- ସମାରୋହ ଶ୍ରେଷ୍ଠଗଳ୍ପ
- ପ୍ରିୟଗଳ୍ପ
- ଜୀବନ
- ଗଳ୍ପର ଗାଁ
- ବାପା
- ବୋଉ

# ବ୍ୟାଣ୍ଡ ମାଷ୍ଟର୍

**ଲେଖକ - ଜ୍ଞାନ ପ୍ରକାଶ ବିବେକ୍**
**ଅନୁବାଦ - ସୁବାସିନୀ ରଥ**

ପିଲାଟି ନିଜ ମସ୍ତିରେ ଥିଲା । ଓଠରେ ଫିଲ୍ମ ଗୀତ । ହାତରେ ଶୀକା । ଶୀକାରେ ଛଟା ଗ୍ଲାସ୍ । ଗ୍ଲାସରେ ଚାହା । ପିଲାଟାର ଗୋଡ଼ ଗୋଟେ ଚେୟାରକୁ ଝୁଣ୍ଟିଲା ଆଉ ସେ ମୁହଁ ମାଡ଼ି ତଳେ ପଡ଼ିଗଲା । ଗ୍ଲାସ୍ ଭାଙ୍ଗିଗଲା । ଚା ତକ ଛିଞ୍ଚାଡି ହୋଇ ପଡ଼ିଲା । କିଛି ଗ୍ରାହକ ହସିଲେ କିଛି ଦୟା ଭାବ ଦେଖେଇଲେ ।

କାଉଣ୍ଟରରେ ବସିଥିବା ଲାଲା ସବୁ ଦୃଶ୍ୟ ଦେଖିଲା । ଦୃଶ୍ୟ କଣ ଦେଖିଲା । କ୍ଷତି ଦେଖିଲା । ସେ ରାଗି ତମତମ ହେଇ ଉଠିଲା ଆଉ ଆଗରେ ଠିଆ ହେଇଥିବା ପିଲାଟାକୁ ପାଞ୍ଚ ସାତ ଥାପଡ଼ ମାରିଦେଲା ।

ପିଲାଟା କାନ୍ଦିବାକୁ ଲାଗିଲା । କାନ୍ଦି କାନ୍ଦି ଚିତ୍କାର କଲା "ଆଉ ତୋର ଚାକିରୀ-କରିବିନି- ମୋ ହିସାବ କରିଦେ । ସେ ପିଲାଟାକୁ ବେକ ପାଖରୁ ଧରି ବାହାରକୁ ପେଲି ଦେଲା ।

ଓସ୍ତାଦ୍ ଚା ପିଇବାକୁ ଆସିଥିଲା । ସେ ବସି ବସି ସବୁ ଦୃଶ୍ୟ ଦେଖୁଥିଲା । ସେ ଚା ପିଇବା କଥା ଛାଡ଼ି ପିଲାଟାକୁ ଉଠେଇଲା । ତା ପିଠି ଥାପୁଡ଼େଇ କହିଲା "ଚାଲ୍ ମୋ ସାଙ୍ଗରେ । ଏଠି ରହିଲେ ଅଇଁଠା ବାସନ ମାଜିବୁ ଆଉ ମାଡ଼ ବି ଖାଇବୁ ।"

ପିଲାଟା ନିଜର ମଇଳା ପୁରୁଣା କାମିଜ୍‌ରେ ଲୁହ ପୋଛି ପଚାରିଲା "କୁଆଡ଼େ ?" କୁଆଡ଼େ କହୁ କହୁ ସେ ଟିକେ କୋହ ଉଠେଇ ଓସ୍ତାଦ୍ ଆଡ଼କୁ ଆଶ୍ଚର୍ଯ୍ୟ ହେଇ ଚାହିଁଲା ।

"ମୋ ସାଙ୍ଗରେ, ଆଉ କୁଆଡ଼େ ? ମୋର ବ୍ୟାଣ୍ଡ ଅଛି । ମୁଁ ବ୍ୟାଣ୍ଡ ମାଷ୍ଟର । ସୁରଜ ବ୍ୟାଣ୍ଡର ମାଷ୍ଟର ।"

ଓସ୍ତାଦ୍ ଆଗରେ ଆଗରେ ଆଉ ପିଲାଟା ଟିକେ ପଛରେ ଚାଲିବାକୁ ଲାଗିଲେ । ଓସ୍ତାଦ୍ ଯାଇ ସୂରଜ ବ୍ୟାଣ୍ଡ ଆଗରେ ଛିଡ଼ାହେଲା । ଆଉ ତା ସାଙ୍ଗରେ ପିଲାଟା ଠିଆ ହେଥିଲା । ଆଶ୍ଚର୍ଯ୍ୟ ହେଇ ସୂରଜ ବ୍ୟାଣ୍ଡର ବୋର୍ଡକୁ ଦେଖୁଥିଲା । ସେଇଟା ଗୋଟେ ଛୋଟିଆ ଦୋକାନ ଥିଲା କିନ୍ତୁ ଓସ୍ତାଦ୍ ତାକୁ ଦୋକାନ ନ କହି ଦପ୍ତର କହୁଥିଲା ।

ଏହି ଦୋକାନ ବା ଦପ୍ତର କବାଟ ସବୁ ବହୁତ ପୁରୁଣା ଓ ରଙ୍ଗଛଡ଼ା ଥିଲା । ଗୋଟେ ଝରକା ଥିଲା ରେଲିଂରେ କୋଉ ଯୁଗର ଧୂଳିର ପରସ୍ତ ବସିଥିଲା । କବାଟ ଖୋଲିବା ଓ ବନ୍ଦ କରିବାବେଳେ ବିଭିନ୍ନ ପ୍ରକାର ଶବ୍ଦ ବାହାରୁଥିଲା । ଯେମିତି ସେ ବି କୌଣସି ରାଗର ଆଳାପ କରୁଚି । କବାଟର ଠିକ୍ ଉପରେ ସୂରଜ ବ୍ୟାଣ୍ଡର ବୋର୍ଡ ଟଙ୍ଗା ହେଇଥିଲା । ବାହାରେ ଗୋଟେ ଠେଲା ଠିଆ ହେଇଥିଲା । ଠେଲାଟା ବଡ଼ ରଙ୍ଗ ବେରଙ୍ଗର ଥିଲା । ଯାହାର ଚାରିପଟେ ସୂରଜ ବ୍ୟାଣ୍ଡ ବୋଲି ଲେଖା ଯାଇଥିଲା ।

ସୂରଜ ବ୍ୟାଣ୍ଡର ଅଳ୍ପ ଦୂରରେ ଗୋଟେ ରାସ୍ତା ଥିଲା । ଦୋକାନକୁ ଲାଗି ଛୋଟିଆ ଗଳିଟା ଥିଲା । ଯୋଉଟା କି ଆରମ୍ଭରୁ ଟିକେ ଚଉଡ଼ା ଥିଲା ପଛକୁ ପଛକୁ ସରୁ ହେଇ ଯାଇଥିଲା ।

ଦୋକାନ ଭିତରେ ଗୁଡ଼ାଏ କଣ୍ଟା ଟଙ୍ଗା ହେଇଥିଲା । ଖୁଣ୍ଟିରେ ଡ୍ରେସ୍ ଆଉ ପିତଳର ଚିକ୍‌ମିକ୍ କରୁଥିବା ବ୍ୟାଣ୍ଡ ଟଙ୍ଗା ହେଇଥିଲା ।

ଦୋକାନର ମଝିଆ ମଝି ଗୋଟେ ଟେବୁଲ୍ ଥିଲା । ଗୋଟେ ପଟେ ଗୋଟେ ଚେୟାର୍ ଓ ଅନ୍ୟପଟେ ଆଉ ଦୁଇଟା ଚେୟାର ପଡ଼ିଥିଲା । ଦୋକାନର କାନ୍ଥକୁ ଲଗେଇ ବେଞ୍ଚ ସବୁ ପଡ଼ିଥିଲା । ଏଠି ସୂରଜ ବ୍ୟାଣ୍ଡପାର୍ଟିର ଲୋକମାନେ ବସୁଥିଲେ ଓ ନୂଆ ନୂଆ ଗୀତର ଧୂନକୁ ଅଭ୍ୟାସ କରୁଥିଲେ । ସେଇ ବ୍ୟାଣ୍ଡକୁ ମୁହଁରେ ଲଗେଇ କିଛି ଗୋଟେ ନୂଆ ସ୍ୱରର ପ୍ରାକ୍ଟିସ୍ କରୁଥିଲା ।

ଓସ୍ତାଦ୍ ବେଞ୍ଚ ଆଡକୁ ଇଶାରା କରି କହିଲା, " ବସିଯା" ପିଲାଟା ଆଶ୍ଚର୍ଯ୍ୟ ହେଉଥିଲା ଆଉ ଭୟଭୀତ ବି । ଡ଼ରି ଡ଼ରି ବସିଗଲା । ଆଉ ଆଶ୍ଚର୍ଯ୍ୟ ଭାବେ ସେ ଖୁଣ୍ଟିରେ ଟଙ୍ଗା ହେଇଥିବା ପୋଷାକ, ଢ଼ୋଲ ଓ ଡ୍ରମ ସବୁ  ଦେଖିବାକୁ ଲାଗିଲା ।

ଚାହା ଦୋକାନରେ ଚାହା ଗ୍ଲାସ୍ ଥିଲା । ମାଛି ଥିଲେ । ଗ୍ରାହକ ମାନଙ୍କ କଥାବାର୍ତ୍ତା ଥିଲା । ବିଡ଼ି ଧୂଆଁ ଥିଲା । ଲାଲାର ଗାଳି ଥିଲା । ଏଠି କିନ୍ତୁ ଅଲଗା ମିଜାଜ୍ । କୌତୁହଳ ଓ ସଂଶୟ ଉତ୍ପନ୍ନ  କରୁଥିଲା ।

ପିଲାଟି ସତରେ ସଂଶୟ ଗ୍ରସ୍ତ ଥିଲା । ବ୍ୟାଣ୍ଡ ବଜାଉଥିବା ଲୋକଟି ମୁହଁରୁ ବ୍ୟାଣ୍ଡ ବାହାର କରି ପଚାରିଲା "ଓସ୍ତାଦ୍ ଜୀ କାହାକୁ ଉଠେଇ ଆଣିଲେ ? ଏବେ ଇଏ ବି ଆମ ପାର୍ଟିରେ ବ୍ୟାଣ୍ଡ ବଜେଇବ ? "ବ୍ୟାଣ୍ଡ ନୁହଁ ଠେଲା ଟାଣିବ ଜଗନ୍ନ ଆଉ ବୀରା ସାଙ୍ଗେ ମିଶି ।  ତାପରେ ଓସ୍ତାଦ୍ ସେ ଲୋକଟାକୁ ବୁଝାଇବା ସଙ୍ଗରେ କହିଲା "ତୁ ତ ଜାଣୁ ବଂଶୀଘର ଏବେ ଶୂନ୍ୟ ହେଇଯାଇଚି ସ୍ତ୍ରୀ ଆଥାରାଇଟିସ୍ ରୋଗୀ । ଆଉ ମୋର ତ ଏମିତି ସେମିତି ଚାଲିଛି । ଏ ପିଲାଟା ଘରର ବି କିଛି ଛୋଟ ମୋଟ କାମ କରିଦେବ ।

ବଂଶୀ ପିଲାଟାକୁ ତଳୁ ଉପର ଯାଏ ଦେଖିଲା । ଚଉଦ ପନ୍ଦର ବର୍ଷର

ପିଲା କିମ୍ବା ଆଉ କିଛି କମ୍ ବୟସ ବି ହେଇପାରେ। ପତଳା, ଲମ୍ବା, ଶୁଷ୍କ ବାଳ ଶକ୍ତ ଚେହେରା। କଳା କଳା ଆଖି କିଛି ଖୋଜିଲା ପରି। ମୁହଁରେ ବିଷାଦର ଛାୟା କିଛି ସଂଶୟ କିଛି ଜିଜ୍ଞାସା।

ତୋ ନା କଣରେ ? ବଂଶୀ ପଚାରିଲା। "ସତ୍ତି"। ଏମିତି ଭାବରେ ସତ୍ତି ସୂରଜ ବ୍ୟାଣ୍ଡରେ ସାମିଲ୍ ହେଇଗଲା। ବରଯାତ୍ରୀ ଦଳରେ ସାମିଲ୍ ହେଲା ବେଳେ ତା ପାଖରେ ବରଯାତ୍ରୀଙ୍କ ପରି ଯୋଶ୍ ଆଉ ଉତ୍ସାହ ଥିଲା। ଯେତେବେଳେ କି ସେ କେବଳ ସୂରଜ ବ୍ୟାଣ୍ଡର ଠେଲା ଚଲାଇଥିଲା। ଠେଲାର କିଛି ଆଗରେ ବରଯାତ୍ରୀମାନେ ପୂରା ମସ୍ତିରେ ନାଚୁଥିଲେ। ଆଉ ବାଜା ରଖା ହେଇଥିବା ଠେଲା ପାଖରେ ସତ୍ତି ଚୁପ୍‌ଚାପ୍ ତଟସ୍ଥ ମୁଦ୍ରାରେ ଠିଆ ହୋଇଥାଏ। ଗୋଟେ ପଟେ ବରଯାତ୍ରୀମାନଙ୍କ ନାଚ ତାଙ୍କ ପୋଷାକ, ପୋଷାକରୁ ଆସୁଥିବା ସୁଗନ୍ଧ ଆଉ ସେମାନଙ୍କର ସଡ଼କ ଛାପ ନାଚ, ଅନ୍ୟପଟେ ବ୍ୟାଣ୍ଡର ଶବ୍ଦ। ଢ଼ୋଲ, ଡ୍ରମସ୍‌ର ବିଟ୍ ଆଉ ସତ୍ତି !

ଏ ମସ୍ତି ଭରା ପରିବେଶରେ ସତ୍ତି କିଛି ସମୟ ପାଇଁ ସବୁ କିଛି ଭୁଲିଯାଏ। ନିଜ ଠେଲା ପାଖରେ ଠିଆ ହୋଇ ଆସ୍ତେ ଆସ୍ତେ ନାଚୁଥାଏ। ହସୁଥାଏ। ବ୍ୟାଣ୍ଡ ପାର୍ଟି ଯୋଉ ଫିଲ୍ମର ସ୍ୱର ପକାନ୍ତି ତାକୁ ଗାଉଥାଏ। କିନ୍ତୁ ସତ୍ତିର ଯଥାର୍ଥ ଅଲଗା ଥିଲା। ଗୋଡ଼ରେ ହାୱାଇ ଚପଲ୍। ପୁରୁଣା ପୋଷାକ ଓ ଠେଲାକୁ ଟାଣିବା ପରି ଶକ୍ତ ହାତ।

ସେପଟେ ଓସ୍ତାଦ୍ ଥାଏ। କେତେବେଳେ ଷ୍ଟିଲ୍‌ର ଚକ୍‌ମକ୍ କରୁଥିବା ବ୍ୟାଣ୍ଡ ଓ କେତେବେଳେ କ୍ଲାରିଓନେଟ୍ ମୁହଁରେ ଲଗେଇ। ଗୋଟେ ହାତ ଇନ୍‌ଷ୍ଟ୍ରୁମେଣ୍ଟର ବଟନରେ ତ ଅନ୍ୟ ହାତ ନିର୍ଦ୍ଦେଶ ଦେଉଥାଏ। ନାଚବାହୀମାନଙ୍କୁ ନାଚିବାକୁ କହି ନିଜେ ବି ଡ୍ରମ୍‌ର ଶବ୍ଦରେ ଦୋହଲୁଥାଏ। ମଦ୍‌ହୋଶ୍ ମସ୍ତ ନିଶାରେ ଚୂର। ବରଯାତ୍ରୀମାନଙ୍କ ହାତରୁ ନୋଟ ନେଇ ନିଜ କୋଟ ପକେଟ୍‌ରେ ଗେଞ୍ଜୁଥାଏ।

ଓସ୍ତାଦ୍ ନିଜ ଧନ୍ଦାରେ ପୋଖତ ଥିଲା। ସେ ନାଚୁ ନାଚୁ ବରଯାତ୍ରୀଙ୍କ ହାତରୁ ନୋଟ୍ କ୍ୟାଚ୍ କରି ପକଉ ଥିଲା। କିନ୍ତୁ ବେଳେ ବେଳେ ନାଚବାଲାମାନେ ଏତେ ଯୋଶରେ ଥାଆନ୍ତି ଯେ ହାତରେ ଧରିଥିବା କଡ଼କଡ଼ିଆ ନୋଟ ସବୁ ପବନରେ ଉଡାଇ ଦିଅନ୍ତି।

ସେତେବେଳେ ପୂରା ଗୋଟେ ଭିଡ଼ ନୋଟ ଉପରକୁ ଝପଟି ଆସନ୍ତି। ସଡ଼କ ଉପରେ ନାଚୁଥିବା ବରଯାତ୍ରୀ ବ୍ୟାଣ୍ଡର ସ୍ୱର ଘୋଡ଼ି ଉପରେ ବର ଗୀତ ଗାଉଥିବା ସ୍ତ୍ରୀ ଲୋକ ଆଉ ଗୋଟେ ଭିଡ଼ ନୋଟ ଉପରେ ଟଣାଟଣି। ଏଇ ଭିତରେ ଗ୍ୟାସ ହଣ୍ଡା ବୋହୁଥିବା ପିଲା ଆଉ ବାହାରର ଗରିବ ପିଲା ଥାଆନ୍ତି। ଘୋଡ଼ିବାଲି ବି ବେଳେବେଳେ ଏଇ ଭିଡ଼ରେ ସାମିଲ୍ ହେଇଯାଏ।

ସତ୍ତି ବରଯାତ୍ରୀମାନଙ୍କୁ ଦେଖୁଥାଏ। ଏସବୁ ତାକୁ ସ୍ୱପ୍ନ ପରି ଲାଗୁଥାଏ। ନୋଟ୍ ଉପରେ ଚପଟା ମାରୁଥିବା ଭିଡ ତାକୁ ନିଜର ନିଜର ଲାଗେ। କେତେବେଳେ ତାର ବି ମନେହୁଏ ଠେଲାଗାଡିର ଦଣ୍ଡା ଛାଡ଼ି ସେ ଭିଡରେ ସାମିଲ ହେଇ ଯିବାକୁ। ତା ହାତରେ ବି କିଛି ଦି ଟଙ୍କିଆ ପାଞ୍ଚ ଟଙ୍କିଆ କି ଦଶ ଟଙ୍କିଆ ନୋଟ ପଡ଼ନ୍ତା।

ଥରେ ସେ ଦେଖିଲା ଓସ୍ତାଦ୍ ବ୍ୟାଣ୍ଡ ବଜେଇବାରେ ମସ୍ତ ଅଛି। ସେ ଠେଲା ଛାଡ଼ିଦେଲା ଯେମିତି ଜଣେ ନାଚିଲା ବାଲା ଟଙ୍କା ପବନରେ ଉଡେଇଛି ଭିଡ ସେଠିକି ଝପଟି ଗଲା। ସେ ଭିଡରେ ସତ୍ତିବି ସାମିଲ ହେଇଗଲା। ପୋକ ମାଛି ପରି ଜଣେ ଅନ୍ୟ ଜଣଙ୍କ ଉପରେ ପଡୁଥାଆନ୍ତି ପରସ୍ପର ମାଡଗୋଳ କରି ନୋଟ ପାଖରେ ପହଞ୍ଚିବାର ଚେଷ୍ଟାରେ ଟଣାଟଣି ଓ ବିଭିନ୍ନ ପ୍ରକାର ଶବ୍ଦ କରି।

କିଛି ସମୟ ପରେ ସତ୍ତି ଭିଡରୁ ବାହାରିଲା। ତା ମୁହଁ ଯାକ ରାମ୍ପୁଡା ଚିହ୍ନ କାମିଜର ଦୁଇଟା ବଟନ୍ ଛିଣ୍ଡି ଯାଇଥିଲା। କିନ୍ତୁ ନିଜର ହାତ ମୁଠାରେ ଦିଟା ଦିଟଙ୍କିଆ ନୋଟ ଓ ଗୋଟେ ପାଞ୍ଚ ଟଙ୍କିଆ ନୋଟ ଦେଖି ସେ ଖୁସି ହେଲା। ନିଜ ପ୍ୟାଣ୍ଟ ପକେଟରେ ନୋଟ ରଖିବାକୁ ଯାଉଥିଲା, ଓସ୍ତାଦର ଗୋଟେ ଥାପଡ ଗାଲରେ ପଡିଲା। ସତ୍ତି ଥରିଗଲା। ତା ଆଖିରେ ଲୁହ ଚାଲି ଆସିଲା।

ଓସ୍ତାଦ ବଡ଼ ତାତ୍ସଲ୍ୟ ସହ କହିଲା "ଭିକାରୀ କୋଉଠି କାର"। ଆଉ ଏହା ସହ ସତ୍ତି ହାତରୁ ନୋଟ ଛଡେଇ ନେଇ ନିଜ କୋଟ୍ ପକେଟ୍‌ରେ ପୂରେଇ ଦେଲା।

ଓସ୍ତାଦକୁ ଏଥିପାଇଁ ବି ରାଗ ଲାଗୁଥିଲା ଯେ ବରଯାତ୍ରୀରେ ନାଚିଲା ବାଲା ତା ସ୍ୱର ତାଳରେ ନାଚୁଥିଲେ। କିନ୍ତୁ ନୋଟ ତା ହାତରେ ଦେବା ବଦଳରେ ଉପରକୁ ଛାଡ଼ି ଉଡେଇ ଦଉଥିଲେ। ଓସ୍ତାଦର ହାତ ଖାଲିକୁ ଖାଲି। ସେଥିପାଇଁ ସେ ସତ୍ତି ହାତରୁ ନୋଟ ଛଡେଇ ନେଲା।

ସତ୍ତି ଏମିତି ଭାବରେ ଠିଆ ହେଇଥିଲା ଯେମିତି ସେ କ୍ଷଣକେ ପଥର ମୂର୍ତ୍ତି ହେଇଯାଇଛି। ନା ସେ ନିଜ ଗାଲକୁ ଆଉଁସିଲା। ନା ଲୁହ ପୋଛିଲା। ସେ ତା ବଟନ ଛିଣ୍ଡା କମିଜ ଆଡେ ବି ଚାହିଁଲାନି। ଏମିତି ଠିଆ ହେଇଥିଲା ଯେମିତି କିଏ ତାକୁ ସେଠି ପୋତି ଦେଇ ଯାଇଛି।

ଆଗରେ ବ୍ୟାଣ୍ଡ ବଜାଉଥିବା ଓସ୍ତାଦ ଥିଲା। ବରଯାତ୍ରୀମାନେ ନାଚୁଥିଲେ। ବରଯାତ୍ରୀ ଦଳ ଗୋଟିଏ ଆଲୋକର ସହର ଥିଲେ। ଛୋଟିଆ ଆଲୋକିତ ସହରଟାଏ। କିନ୍ତୁ ସେ ଆଲୋକିତ ସହର ଭିତରେ ଥାଇବି ଏହାଠୁ ବହୁତ ଦୂରରେ ଥିଲା। ଯେ ସବୁ ଆଲୋକ ତାକୁ ପରର ଲାଗୁଥିଲା। ନାଚୁଥିବା ଲୋକମାନେ ବି ଅଜଣା ଅଶୁଣା ସମ୍ପୂର୍ଣ୍ଣ ପରିବେଶ ଅଜଣା। କେବଳ ଓସ୍ତାଦ ହିଁ ତା'ର ନିଜ ଲୋକ ପରି ଲାଗୁଥିଲା କିନ୍ତୁ ଆଜି ସେ ବି କେତେ ଅଜଣାର ଲାଗୁଥିଲା।

ଆଉ କେବେ ହେଲେ ସତ୍ତିର ସାହସ ହେଲାନି ନୋଟ ଉପରେ ଝପଟା ମାରିବାକୁ। ଜଗନ୍ନ ଆଉ ବୀର କିନ୍ତୁ ଅଲଗା ପ୍ରକାର ଥିଲେ। ସେମାନେ କୌଣସି ମଉକା ହାତରୁ ଯିବାକୁ ଦିଅନ୍ତିନି। ସେ ବରଯାତ୍ରୀଙ୍କଠୁ ମାଡ ଖାଆନ୍ତି ଓସ୍ତାଦଠୁ ବି ମାଡ ଖାଆନ୍ତି। ତଥାପି ସେମାନେ ନିଜ ଅଭ୍ୟାସରୁ ବିରତ ହୁଅନ୍ତି ନି ଆଉ ସବୁ ବରଯାତ୍ରୀ ଦଳରେ ଦଶ, ପନ୍ଦର ଟଙ୍କା ରୋଜଗାର କରି ନିଅନ୍ତି।

ସତ୍ତି କିନ୍ତୁ ଥିଲା ତ ମୁହଁ ଖୋର ସେ ଚାହା ଦୋକାନରେ ଗୀତ ବୋଲୁଥିଲା, ହସୁଥିଲା। ଗ୍ରାହକମାନଙ୍କ ସାଙ୍ଗେ ମଜାକ୍ କରୁଥିଲା। କିନ୍ତୁ ଏଠିକି ଆସି ସେ ପୂରା ଚୁପ୍‌ଚାପ୍ ହେଇ ଯାଇଥିଲା। କେଜାଣି ଓସ୍ତାଦର ଉପକାର ଥିଲା ନା ବରଯାତ୍ରୀ ଦଳର ଆଲୋକ ଉତ୍ପନ୍ନର ଭୟ। ସତ୍ତି କେବେ ହେଲେ ସହଜ ହେଇ ପାରେନି।

ଯୋଉ ରାତିରେ ତାକୁ ଥାପଡ ମାରି ଓସ୍ତାଦ ଟଙ୍କା ତକ ଛଡେଇ ନେଲା ତା ପରଠୁ ସତ୍ତି ଏମିତି ଚୁପ୍ ହେଇଗଲା ଯେମିତି ତା ମୁହଁରେ ଜିଭ ନାହିଁ। ଓସ୍ତାଦକୁ ଏକଥାର ଅନୁମାନ ହେଇଗଲା। ସତ୍ତି ଯେତେବେଳେ ଆଉ ଟିକେ ବଡ ହେଇଗଲା ଓସ୍ତାଦ ତାକୁ ଦିଟା ଝୁନ୍‌ଝୁନା ଧରେଇ ଦେଲା। କହିଲା "ଆଜିଠୁ ତତେ ବ୍ୟାଣ୍ଡ ପାର୍ଟିରେ ସାମିଲ କରିଦେଲି। ଓଲଟା ସିଧା ଯେମିତି ପାରିବୁ ବଜଉଥିବୁ।"

ସତ୍ତିକୁ କେତେ ବର୍ଷ ହେଇ ଯାଇଥିଲା ବ୍ୟାଣ୍ଡ ପାର୍ଟିରେ କାମ କରିବାରେ। କାମ ବି କଣ ଚାକିରୀ କରିବା କଥା। ଦରମା ତିନି ଶହ। ଯୋଉଥିରୁ ଦିଶହ ଟଙ୍କା ଓସ୍ତାଦ୍ କାଟି ନେଇଯାଏ। ଶହେ ଟଙ୍କା ସତ୍ତି ହାତରେ ଦେଇ କହେ "ଯା ଐଶ୍ କର।"

ଐଶ୍ ଶବ୍ଦ ବ୍ୟାଣ୍ଡ ବାଲାଙ୍କ ପାଇଁ ଆଦୌ ଉପଯୁକ୍ତ ନୁହେଁ। ନାଲି, ହଳଦୀ, ନେଳି ବିଭିନ୍ନ ରଙ୍ଗର ବଟନବାଲା ବର୍ଦି ଆଉ ଟୋପି ପିନ୍ଧି। ସାକି ସୁନି ବରଯାତ୍ରୀମାନଙ୍କ ସାଙ୍ଗେ ବ୍ୟାଣ୍ଡ ବଜେଇ ଝୁନ୍‌ଝୁନା ଧରି ଝନ୍‌ଝନ୍ କରି ବାହାରି ଯିବାକୁ କଣ ଐଶ୍ କରିବା କହନ୍ତି ? ବରଯାତ୍ରୀଙ୍କୁ ସଜା ହୋଇଥିବା ପ୍ୟାଣ୍ଡେଲ ଆଗରେ ଛାଡ଼ି ଆସିବାକୁ କଣ ଐଶ୍ କରିବା କୁହନ୍ତି ?

ବ୍ୟାଣ୍ଡବାଲାଙ୍କୁ କେହି ସ୍ୱାଗତ କରନ୍ତି ନାହିଁ। ସବୁବେଳେ ସେମାନେ ତିରସ୍କୃତ ହୁଅନ୍ତି। ନିଜ ବେଦନାକୁ ନିଜ ପୋଷାକ ତଳେ ଲୁଚେଇ ଦବାର କଳା ସେମାନେ ଜାଣି ଯାଇଥିଲେ। ବରଯାତ୍ରୀମାନେ ନିଜ ନିଜର କଥାବାର୍ତ୍ତା ବେଳେ ବ୍ୟାଣ୍ଡବାଲାଙ୍କୁ କେତେବେଳେ ଛୋଟ ଜାତିର କହୁଥିଲେ ତ କେତେବେଳେ ନୀଚ ଜାତିର। ସ୍ତ୍ରୀ ଲୋକମାନେ ବ୍ୟାଣ୍ଡର ତାଳେ ତାଳେ ନାଚନ୍ତି କିନ୍ତୁ ବ୍ୟାଣ୍ଡ ବାଲାଙ୍କଠୁ ସତର୍କ ବି ରହନ୍ତି। ଯେମିତି କି ବ୍ୟାଣ୍ଡ ବାଲା ନୁହେଁ, ଛତରା, ଲଫଙ୍ଗା କି ଚେନ୍ ସ୍ନେକର ସେମାନେ।

ବରଯାତ୍ରୀଙ୍କ କଥାଛାଡ ସେମାନେ ତ ଅଜଣାଲୋକ ଧନବାନ ଆଉ ନିଃସଙ୍ଗ, ଓସ୍ତାଦ୍ ବି କୋଉ କମ୍‌କି ?

କଣ ହେଲାକି, ଗୋଟେ ଦିନ ସତ୍ତି ସୂରଜ ବ୍ୟାଣ୍ଡ ଦୋକାନରେ ଏକଲା ବସିଥିଲା। ଜଗନ୍ନ, ବୀରା, ବଂଶୀକାକା ନା ତାରାଚାନ୍ଦ ନା ଦୁଲୀଚାନ୍ଦ, ନା ଫକୀର ନା ଓସ୍ତାଦ୍ କେହି ବି ହେଲେ ନ ଥିଲେ। ସତ୍ତି ଏକଦମ୍ ଏକେଲା ବସିଥିଲା।

ସତ୍ତି ଝୁନ୍‌ଝୁନା ବଜେଇଲା ସେଥିରେ ତା ମନ ଲାଗିଲାନି। ଗୋଟେ ବ୍ୟାଣ୍ଡରେ ପବନ ପୂରେଇ ଫୁଙ୍କିଲା କିନ୍ତୁ ସେଥିରୁ ଗୋଟେ ଅଦ୍ଭୁତ ପ୍ରକାର ବେଁ ବେଁ ଆବାଜ ହେଲା। ସେଇଟାକୁ ସେ ରଖିଦେଲା। ଅଚାନକ କଣ ଭାବି ହସିଲା। ତା ଆଖିରେ ଖୁସି ଝଲସି ଉଠିଲା। ସେ ଲୁଗାରେ ଗୁଡା ହେଇଥିବା ଓସ୍ତାଦ୍‌ର କ୍ଲାରିଓନେଟ୍ ଉଠେଇଲା। ତା ମନରେ କ୍ଲାରିଓନେଟ୍ ବଜେଇବାର ଇଚ୍ଛା ସବୁବେଳେ ଥାଏ। ସେ ଓସ୍ତାଦକୁ କ୍ଲାରିଓନେଟ ବଜେଇବାର ଦେଖିଲେ ନିଜେ ବି ସ୍ୱପ୍ନ ଦେଖେ ଏଇ ବାଜାଟିକୁ ବଜେଇବା ପାଇଁ। ଆଜି ତା ସ୍ୱପ୍ନ ସତ ହେବାକୁ ଯାଉଥିଲା। ତା ହାତରେ କ୍ଲାରିଓନେଟ୍ ଥିଲା। ସେ କ୍ଲାରିଓନେଟର ବଟନ୍‌ଗୁଡାକୁ ଓ ଓଠରେ ଲାଗୁଥିବା ଲମ୍ବା ଚେପେଟା ପାଇପ୍‌କୁ ଦେଖିବାରେ ଲାଗିଲା। ବୁଝିବାକୁ ଚେଷ୍ଟା କଲା। ତାପରେ କ୍ଲାରିଓନେଟକୁ ନିଜ ଓଠରେ ଲଗେଇଲା। ଆଙ୍ଗୁଠିଗୁଡାକ କ୍ଲାରିଓନେଟର ବଟନ୍ ଉପରେ ରଖିଲା, ମୁହଁରେ ପବନ ପୂରେଇଲା, ପି...ର ଆୱାଜ ବାହାରିଲା ଆଉ ଗୋଟେ ଜୋରଦାର ଥାପଡ ତା ଗାଲରେ।

ସତ୍ତିର ମୁଣ୍ଡ ଘୁରିଗଲା। ସେ କିଛି ବୁଝିବା ପୂର୍ବରୁ ଆଉ ଗୋଟେ ଶକ୍ତ ଥାପଡ ଏମିତି ଥାପଡ ଯେ ସେ ଟିକେ ଦୋହଲିଗଲା। ଦେଖିଲା ଆଗରେ ଓସ୍ତାଦ ଠିଆ ହେଇଛି ରାଗରେ ଲାଲି ପଡିଯାଇଛି। ଗାଳି ଦଉଚି। ହାରାମଜାଦା ତୁ ମୋ କ୍ଲାରିଓନେଟକୁ ମୁହଁରେ ଲଗେଇଲୁ ? ତୁ ବଜେଇବୁ ମୋ କ୍ଲାରିଓନେଟ୍ ?"

"ଓସ୍ତାଦ ଜୀ ଭୁଲ ହେଇଗଲା। ଆଉ କେବେ ମୁଁ ସେଥିରେ ହାତ ବି ଲଗେଇବିନି।" ଦୁଃଖ ସବୁ ଯେମିତି ତା ମୁହଁରୁ ତଳକୁ ଝରି ପଡୁଥିଲା। "ଶଳା ଜାଣେ ବାପାର ଠିକଣା ନା ତୋ ମାର ଠିକଣା...। ଜଣା ନାହିଁ କୋଉ ହାରାମିର ବୀଜ ତୁ –" ମୋ କ୍ଲାରିଓନେଟକୁ ଅଇଁଠା କରିଦେଲୁ। ଖବରଦାର ଯଦି ଆଉ କେବେ ହାତ ଲଗେଇଚୁ।" ଓସ୍ତାଦ ରାଗିକି ବହୁତ କିଛି କହିଗଲା। ସେ ସତ୍ତିକୁ ହାରାମି ବୋଲି ବି କହିଦେଲା।

ସତ୍ତିର ବହୁତ ମନ ଖରାପ ହେଲା। ତାକୁ ଓସ୍ତାଦର ମାଡ ପାଇଁ ଦୁଃଖ ଲାଗୁ ନ ଥିଲା। ଦୁଃଖ ଲାଗୁଥିଲା ତା ଗାଳି ପାଇଁ। ସେ ତାକୁ ଗାଳି ଦେଲା। ହରାମି ଛୁଆ ବୋଲି କହିଲା।

ହୃଷ୍ଟପୁଷ୍ଟ ଲମ୍ବା, ଚଉଡା ଶରୀରର ଯୁବକ ସତ୍ତି। ତା ମନରେ ଆକ୍ରୋଶର ଲହର ଖେଳିଗଲା। ଇଚ୍ଛା କରିଥିଲେ ଗୋଟେ ସେକେଣ୍ଡରେ ଓସ୍ତାଦକୁ ଚିତ୍ କରି ଦେଇଥାଆନ୍ତା। କିନ୍ତୁ ତା ମନରେ ଓସ୍ତାଦ ପ୍ରତି ଗୋଟେ ସମ୍ମାନ ବୋଧ ଥିଲା ଗୋଟେ ଆଦର ଭାବ ଥିଲା ସେଥିପାଇଁ ସତ୍ତି ତା ମାଡକୁ ସହିଗଲା। ହାରାମିର ଅଂଶର ଗାଳି ବି ଶୁଣିନେଲା। କିନ୍ତୁ ଚୁପ୍ ରହିଲା। ଏମିତି ଚୁପ୍ ଯେ ମୁହଁରୁ ଗୋଟେ ଶବ୍ଦ ବି ବାହାର କଲାନି। ସବୁବେଳେ ଗୋଟେ ଚିନ୍ତା ଗୋଟେ ଅସ୍ଥିରତା ଯେ ସେ ହାରାମୀ କେମିତି ହେଲା ?

ସତ୍ତି ସବୁବେଳେ ଦ୍ୱନ୍ଦ୍ୱଗ୍ରସ୍ତ ରହିଲା। ସମସ୍ତଙ୍କ ସହ କଥାବାର୍ତ୍ତା ବନ୍ଦ କରିଦେଲା। ଏବେ ଭାବୁଥିଲା ସେ ସୂରଜବ୍ୟାଣ୍ଡ ଛାଡିଦେବ। କ'ଣ ଅଛି ଏଠି। ବାସ୍ ପହିଲା ତାରିଖରେ ଓସ୍ତାଦକୁ କହିବ – ମୋର ହିସାବ କରିଦିଅ।" ତାପରେ ଏ ଜାଗା ଛାଡି ଚାଲିଯିବ। ଆଉ କୋଉଠି ଚାକିରୀ ଖୋଜିନେବ।

ଓସ୍ତାଦ ବି ଅନୁଭବ କଲା। ସତ୍ତି ଏତେ ଚୁପ୍‌ଚାପ୍ ଓ କେବେ ହେଇ ନ ଥାଏ। ନା ହସୁଚି ନା କଥା ହଉଚି କାହା ସଙ୍ଗେ ସବୁବେଳେ କେମିତି ବ୍ୟାକୁଳିତ ଦେଖାଯାଉଚି। ଓସ୍ତାଦକୁ ପଶ୍ଚାତାପ ହେଲା। ଥାପଡ ତ ମାରିଲା କିନ୍ତୁ ହାରାମୀ ବି କହିଦେଲା। ଏତେ ବଡ ପିଲା। ନିଶ୍ଚେ ଅପମାନିତ ହୋଇଥିବ। ମୋର ନିଜର କିଛି ପିଲାପିଲି ନାହାନ୍ତି। ସତ୍ତିଟାତ ମୋରି ପୁଅ ପରା। କ୍ଲାରିଓନେଟକୁ ଟିକେ ମୁହଁରେ ଲାଗେଇ ଦେଲା ତ କ'ଣ ହେଲା ? କିଛି ସଙ୍ଗୀନ ଅପରାଧ ତ ନୁହେଁ ଏଇଟା।

ଦିନେ ଓସ୍ତାଦ ବଡି ସକାଳୁ ଦୋକାନରେ ପହଞ୍ଚିଲା। ସତ୍ତି ସୂରଜ ବ୍ୟାଣ୍ଡର ଗୋଟେ ଠେଲା ଉପରେ ଶୋଇଥିଲା। ଓସ୍ତାଦ ତାକୁ ଉଠେଇ କହିଲା ଯା ଜଲ୍‌ଦି ଗାଧେଇ ପାଧେଇ ଆ।"

ସତ୍ତି ଆଶ୍ଚର୍ଯ୍ୟ ! କିଛି ବୁଝି ପାରିଲାନି। ହଠାତ୍ ଏତେ ଜଲ୍‌ଦି କାହିଁକି ଆଜି ଓସ୍ତାଦ ତାକୁ ଉଠେଇନେଲା। ନିତ୍ୟକର୍ମ ସାରି ଗାଧେଇ ଆସିଲା ବେଳକୁ ସତ୍ତିର କେତେବେଳ ହେଇଗଲା।

ସେତେବେଳ ପର୍ଯ୍ୟନ୍ତ ଓସ୍ତାଦ ତା ଦୋକାନରେ ବସି ଗୀତଟିଏ ଗୁଣୁଗୁଣ ହେଇ ଗାଉଥାଏ। କେତେବେଳେ ଧୀରେ ଧୀରେ ତ କେତେବେଳେ ଉଚ୍ଚ ସ୍ୱରରେ ତା ସ୍ୱର ଗମ୍ଭୀର ଥିଲା। କିନ୍ତୁ ଯେତେବେଳେ ବୋଲୁଥିଲା ଭଲ ଶୁଣାଯାଉଥିଲା। ସେ ପୁରୁଣା ଦିନର ଗାୟକ ଥିଲା ନୂଆ ଦିନର ବ୍ୟାଣ୍ଡ ମାଷ୍ଟର।

ସତ୍ତି ଓସ୍ତାଦ ଆଗରେ ଠିଆ ହେଲା। ଓସ୍ତାଦ ତାକୁ ମନ ପୂରେଇ ଟିକେ ଦେଖିନେଲା। ଯେମିତି ସତରେ ତା ପୁଅକୁ ଦେଖୁଚି। ସତ୍ତିର କାନ୍ଧକୁ ଥାପୁଡେଇ ଓସ୍ତାଦ ଭାବୁକ ହେଇ କହିଲା "ସେଦିନର କଥା ତୁ ମନରେ

ରଖିନେଲୁ। ତୁ ପାଗଳା ହେଇଗଲୁ କି ମୁଁ ମଦ ନିଶାରେ ଥିଲି କଣ ଗୁଡାଏ କହିଗଲି। ତୋର ବାପା ଅଛି, ନିଶ୍ଚୟ ଅଛି... ମୁଁ ତୋର ବାପା ଆଉ ମୋ ସ୍ତ୍ରୀ ତୋ ମା।"

ସତ୍ତି ଆଶ୍ଚର୍ଯ୍ୟ! ଚୁପ୍।

ଓସ୍ତାଦ ନିଜ ପକେଟରେ ହାତ ପୂରେଇଲା ଏକାବନ ଟଙ୍କା ବାହାର କରି ସତ୍ତି ହାତରେ ଦେଇ କହିଲା "ସେ ବେଞ୍ଚ ଉପରେ ଯୋଉ ପଗଡ଼ି ପଡ଼ିଚି- ତାକୁ ଉଠା। ପଗଡ଼ି ଆଉ ଏକାବନ ଟଙ୍କା ତୁ ମତେ ଦେ, ଗୁରୁ ଦକ୍ଷିଣା ସ୍ୱରୂପ। ଆଜିଠୁଁ ମୁଁ ତତେ ବ୍ୟାଣ୍ଡ ବଜେଇବା ଶିଖେଇବି। ପ୍ରଥମେ ବ୍ୟାଣ୍ଡ ତାପରେ କ୍ଲାରିଓନେଟ୍ ବୁଝିଲୁ। ... ତତେ ମୁଁ ଏ ପାର୍ଟିର ବ୍ୟାଣ୍ଡ ମାଷ୍ଟର ବନେଇବି। ମୁଁ ଓସ୍ତାଦ୍, ତୁ ବ୍ୟାଣ୍ଡ ମାଷ୍ଟର। ମୋ ପୁଅ ସତ୍ତି...ବ୍ୟାଣ୍ଡ ମାଷ୍ଟର।" ହସିଲା ଓସ୍ତାଦ୍। ସତ୍ତିର ଆଖି ବି ଜକେଇ ଆସିଲା।

ଓସ୍ତାଦ୍ ଧୂପକାଠି ଲଗେଇଲା। ନିଜ ଗୁରୁଙ୍କ ନାଁ ନେଲା। ତାପରେ ଚକ୍‌ମକ୍ କରୁଥିବା ନିଜର ପିତ୍ତଳ ବ୍ୟାଣ୍ଡ ଉଠେଇଲା। ବ୍ୟାଣ୍ଡରେ ରକ୍ଷାସୂତ୍ର ବାନ୍ଧିଲା। ସତ୍ତି ହାତରେ ରକ୍ଷାସୂତ୍ର ବାନ୍ଧିଲା। ନିଜ ହାତରେ ବି ନାଲି ସୂତା ବାନ୍ଧିଲା ବେଳେ କହିଲା "ବାପା ସତ୍ତି ଏ ବ୍ୟାଣ୍ଡ ଆମର ପୂଜ୍ୟ। ଏହାକୁ ସମ୍ମାନ କରୁଥିବୁ।"

ଓସ୍ତାଦ୍ ବ୍ୟାଣ୍ଡ ଆଗରେ ମୁଣ୍ଡ ନୁଆଁଇଲା। ସତ୍ତି ବି ସେମିତି କଲା। ତା'ପରେ ଓସ୍ତାଦ୍ ଏକ ଗଭୀର ଚାହାଣୀରେ ସତ୍ତିକୁ ଦେଖିଲା। ତା କାନ୍ଧ ଥାପୁଡ଼େଇଲା। ତା ମୁଣ୍ଡରେ ହାତ ରଖିଲା। ଓସ୍ତାଦ୍‌ର ଆଖିରେ ଟିକେ ଲୁହ ଜକେଇ ଆସିଲା। ଓସ୍ତାଦ୍ କହିଲା ଏଇଟା ଖୁସିର ଲୁହ।" ତା'ପରେ ଆଖିପୋଛି ବ୍ୟାଣ୍ଡ ଉଠେଇବାକୁ କହିଲା ସତ୍ତିକୁ। ଓଠରେ ପାଇପ୍ ଲଗେଇ ଆଙ୍ଗୁଠି ଗୁଡ଼ିକ ବଟନ ଉପରେ ରଖ। ସବୁ ଖେଳ ଏଇ ପବନର। ସବୁ ଖେଳ, ଯେମିତି ଜୀବନରେ ନିଶ୍ୱାସ ନେବାରେ ଥାଏ ସେମିତି ବ୍ୟାଣ୍ଡରେ ପବନ ଭର୍ତ୍ତି କରିବାର। ବ୍ୟାଣ୍ଡ କୁ ବି ନିଶ୍ୱାସର ଆବଶ୍ୟକତା ପଡ଼େ। ଏଇଥିରୁ ଲୟ ତିଆରି ହୁଏ ଏଇଥିରୁ ଲୟ ବିଗିଡ଼ିଯାଏ। ଯେତେ ରିୟାଜ୍ କରିବୁ ସେତେ ଶୀଘ୍ର ସ୍ୱରକୁ ଆୟତ୍ତ କରି ପାରିବୁ। ନ ହେଲେ ବ୍ୟାଣ୍ଡରେ ଫିଲ୍ମ ଗୀତ ବଜେଇବା କିଛି କଥା ନୁହେଁ। ବଡ଼ କଥା ହେଉଚି ସ୍ୱର – ରାଗ ଓ ଲୟକୁ ଜାଣିବା।

ଓସ୍ତାଦ ବହୁତ ଡ଼େରି ପର୍ଯ୍ୟନ୍ତ କହୁଥିଲା କମ୍ କଥା ହଉଥିବା ଓସ୍ତାଦ୍ ଆଜି ବହୁତ ଡ଼େରି ପର୍ଯ୍ୟନ୍ତ କଥା କହୁଥିଲା। ଯେମିତି ଆଜି ହିଁ ତାକୁ ନିଜ ମନ କଥା କହିବାର ସୁଯୋଗ ମିଳିଛି।

ସତ୍ତି ଓସ୍ତାଦ୍‌ର ସବୁକଥା ବଡ଼ ମନ ଧ୍ୟାନ ଦେଇ ଶୁଣୁଥିଲା। ଓସ୍ତାଦ୍‌ର ସବୁକଥା ସତ୍ତି ପାଇଁ ଗୁରୁବାକ୍ୟ ପରି ଥିଲା।

ଏହାପରେ ସ୍ୱର ସାଧନା, ଘଣ୍ଟା ଘଣ୍ଟା ଧରି ରିଆଜ୍। ଧୂନ୍‌କୁ ବୁଝିବା। ନିଶ୍ୱାସର ସନ୍ତୁଳନ। କୋଉଠି ବ୍ୟାଣ୍ଡକୁ ମୁହଁରେ ରଖିବ। କୋଉଠି ବାହାରକରିବ। ସତ୍ତି ପୂରା ଏ ସବୁରେ ବୁଡ଼ି ଚାଲିଗଲା। ଏଇଆ ହିଁ ତ ସେ ଚାହୁଁଥିଲା। ବ୍ୟାଣ୍ଡ ତାର ସ୍ୱପ୍ନ ଥିଲା ଆଉ ବ୍ୟାଣ୍ଡ ତା ପାଇଁ ପ୍ରାର୍ଥନା।

ସତ୍ତି ବହୁତ ପରିଶ୍ରମ କଲା। ଏ ପରିଶ୍ରମ ଧୀରେ ଧୀରେ ସଫଳତା ଆଡ଼କୁ ନେଇଗଲା। ସାତ ମାସରେ ସତ୍ତି ଟ୍ରେଣ୍ଡ ହେଇଗଲା। ଅନ୍ୟ ବ୍ୟାଣ୍ଡ ବାଲା ଆଶ୍ଚର୍ଯ୍ୟ ହେଲେ ଆଉ ଲକ୍ଷ୍ୟ ବି କଲେ। ଓସ୍ତାଦ୍ କଥା ନ କହିଲେ ଭଲ। ସେ ପୂରା ନିହାଲ ହେଇଗଲା। କହିଲା, "ମୋ ବ୍ୟାଣ୍ଡ ମାଷ୍ଟର ମୋ ବାଙ୍କା ବ୍ୟାଣ୍ଡ ମାଷ୍ଟର।"

ସତ୍ତି ଶ୍ୟାମଳ ରଙ୍ଗର ହେଲେ ବି ଆକର୍ଷଣ ଲାଗେ। ଲମ୍ବା, ପ୍ରଶସ୍ତ କପାଳ। କଳା ଆଖି, ଗହଳ କେଶ ମୁହଁ ଲମ୍ବା କିମ୍ବା ପୂରିଲା ପୂରିଲା। ସେ ଯେତେବେଳେ ବ୍ୟାଣ୍ଡ ମାଷ୍ଟର ଡ୍ରେସ୍ ପିନ୍ଧି ବାହାରେ ଓସ୍ତାଦ୍ ର ପଲକ ପଡେନି।

ବରଯାତ୍ରୀ ଦଳର ଆଗରେ ସୂରଜ ବ୍ୟାଣ୍ଡ ଚାଲେ। ଦି ସାଇଡ଼୍‌ରେ ବ୍ୟାଣ୍ଡ ବାଲା ସବୁ ଲାଇନ୍‌ରେ ଠିଆ ହୁଅନ୍ତି। ମଝିରେ ଗୋଟେ ପଟେ ଓସ୍ତାଦ୍ ଓ ଅନ୍ୟପଟେ ସତ୍ତି ଥାଏ। ସତ୍ତି ବ୍ୟାଣ୍ଡ ମାଷ୍ଟର।

ନାଚୁଥିବା ଯୁବକ, ଯୁବତୀ କେବଳ ନୁହେଁ ପଇଁତିରିଶି ଚାଳିଶ ବର୍ଷର ସ୍ତ୍ରୀଲୋକମାନେ ବି ସତ୍ତି ପ୍ରତି ଆକର୍ଷଣ ହୋଇ ଆସନ୍ତି। ସତ୍ତି ଓସ୍ତାଦ୍ ପରି ପରିପକ୍ୱ ନ ହେଲେ ବି ଯୁବକ ଥିଲା। ବଳିଷ୍ଠ ଓ ସୁନ୍ଦର। ସେ ହଲିହଲି ନାଚି ନାଚି ବ୍ୟାଣ୍ଡ ବଜାଉଥାଏ ଆଉ ସେଥିରେ ମସ୍ତ ହେଇଯାଏ। ସେ ଆକର୍ଷଣର କେନ୍ଦ୍ର ହୋଇଯାଏ। ସେ ନାଚୁଥାଏ ଝୁମୁଥାଏ ଗୋଟେ ହାତ ଉପରକୁ ଉଠାଇ ବ୍ୟାଣ୍ଡକୁ ଆକାଶ ମୁହାଁ କରି ସ୍ୱର ଛାଡ଼ିଦିଏ। ଆଶ୍ଚର୍ଯ୍ୟ କଥା। ଯୁବକମାନେ ତା' ଆଖ ପାଖରେ ନୋଟ ଫୋପାଡୁ ଥାଆନ୍ତି। ଦାମୀ ମଦ ବୋତଲ ମୁହଁରେ ଲଗେଇ ସତ୍ତିକୁ ପିଇବା ପାଇଁ ଆମନ୍ତ୍ରିତ କରନ୍ତି। ସୁନ୍ଦର ସୁନ୍ଦର ଝିଅ ନୂଆ ପୋଷାକ ଦାମୀ ଅତରର ସୁଗନ୍ଧ ଉଡ଼େଇ ତା ଆଖ ପାଖରେ ନାଚୁଥାଆନ୍ତି। ଯେମିତି ସତ୍ତି ବ୍ୟାଣ୍ଡ ମାଷ୍ଟର ନୁହେଁ ଗୋଟେ କୋରିଓ ଗ୍ରାଫର କି ଆଉ କ'ଣ ? ସତ୍ତି ପାଇଁ ଏସବୁ ବଡ଼ କଠିନ ପରୀକ୍ଷାର ସମୟ। କିନ୍ତୁ ସବୁ ଥର ।ସ ନିଶାଡ଼ି ଧନୀ ଝିଅ ବୋହୂଙ୍କ ଠୁ ନିଜକୁ ଦୂରେଇ ରଖୁଥିଲା।

କିନ୍ତୁ ଗୋଟେ ବାହାଘରରେ ମାମଲା ବିଗିଡ଼ି ଗଲା। ସତ୍ତି ପରି ଜଣେ ସରଳ ଯୁବକର ବ୍ୟାଣ୍ଡ ବଜେଇବା ଦୁର୍ଘଟଣାର ରୂପ ନେଲା। ଏ ଦୁର୍ଘଟଣାରେ କାହାରି କିଛି ବିଗିଡ଼ିଲାନି କେବଳ ଦାରିଦ୍ରତା କାନ୍ଦିଲା ଓ ଧନୀମାନେ ଖୁବ୍ ହସିଲେ।

ସାଧାରଣ ବାହାଘର ପରି ଏଥିରେ ବି ବରଥିଲା। ବରଯାତ୍ରୀ ଥିଲେ। ବ୍ୟାଣ୍ଡ ଥିଲା। ବ୍ୟାଣ୍ଡର ଧୂନ୍ ଥିଲା ଟ୍ୟୁବ୍‌ଲାଇଟ୍ ଉଠେଇବା ଗରୀବ ପିଲାମାନେ ଥିଲେ। ବାତାବରଣରେ ରଙ୍ଗୀନ୍ ଥିଲା ମସ୍ତି ଥିଲା। ଉତ୍ସାହ ଥିଲା। ସବୁଠୁ ବଡ଼ କଥା ଏ ବରଯାତ୍ରୀ ଦଳର ଶୋଭାଯାତ୍ରାରେ ସମ୍ପନ୍ନତାର ଅହଙ୍କାର ଥିଲା ଯାହା ଜଣାବି ପଡୁଥିଲା ଓ ଅନୁଭବ କରି ହେଉଥିଲା। ଏ ଅହଙ୍କାର ନିଜ ସମ୍ମୁଖରେ ଥିବା ସବୁ ଜିନିଷକୁ ତାସ୍ଚଲ୍ୟ ଭାବେ ଦେଖୁଥିଲା।

ନାଚୁଥିବା ଯୁବକମାନେ ନିଶା ପିଇଥିଲେ। ଏଇଟା ସାଧାରଣ କଥା ଥିଲା। ସେମାନେ ରାସ୍ତାରେ କୋଉଠି ଗାଡି ରଖୁଥିଲେ ଆଉ ଡିକ୍କିରୁ ମଦ ବୋତଲ ବାହାର କରି ପିଉଥିଲେ ପୁଣି ନାଚିବାକୁ ଚାଲି ଆସୁଥିଲେ। ଏଇଟା ବି ସାଧାରଣ କଥା ଥିଲା। କିନ୍ତୁ ମୁଖ୍ୟ କଥା ହେଲା ଯୁବତୀମାନେ ବି ପିଇଥିଲେ। ସେମାନେ ନିଜେ ପିଇଥିଲେ ନା କିଏ ତାଙ୍କୁ ପିଆଇ ଥିଲା କେଜାଣି। ସମସ୍ତେ ନିଶାଗ୍ରସ୍ତ ଥିଲେ।

ଏ ବରଯାତ୍ରୀ ଦଳରେ ଗୋଟେ କଥା ଥିଲା ନାଚୁଥିବା ଯୁବକ ଓ ଯୁବତୀମାନେ। ଟିଭିର 'ନାଚବଲିୟେ' ଶୋ ପରି ଯୋଡ଼ି ହୋଇ ନାଚୁଥିଲେ। ଯୋଡ଼ି ହଉଥିଲା ପୁଣି ଭାଙ୍ଗି ଯାଉଥିଲା ପୁଣି ଯୋଡ଼ି ହଉଥିଲେ। ଯୋଡ଼ି ହେଲା ବେଳେ ଶରୀରର ସବୁ ମୁଦ୍ରା ଗଡବଡ ହେଇଯାଉଥିଲା।

ସତ୍ତି ବ୍ୟାଣ୍ଡ ବଜଉଥିଲା। ହାତ ଉପରକୁ ଉଠେଇ ସ୍ୱର ବାହାର

କରୁଥିଲା । ସେ ଏ ନାଚବାଲାଙ୍କଠୁ ଦୂରତ୍ୱ ରଖି ଚାଲୁଥିଲା । କେତେବେଳେ ଆଗକୁ ଓ କେତେବେଳେ ପଛକୁ ହେଇ ଯାଉଥିଲା । ନାଚିବା ବାଲା ତା ପାଖକୁ ଚାଲି ଆସୁଥିଲେ ।

ଗୋଟେ ନାଚୁଥିବା ଯୁବତୀ ତା ଯୋଡ଼ା ଭାଙ୍ଗି ସତ୍ତି ପାଖକୁ ଚାଲି ଆସିଲା । ତାର ସେ ଯୁବକ ସହ ଝଗଡା ହେଇ ଯାଇଥିଲା । ଯୋଉଥିରେ ଇଗୋ ଥିଲା ଓ ଅନ୍ୟକୁ ତୁଚ୍ଛ ଭାବିବାର ମାନସିକତା ଥିଲା । ଯୁବତୀଟି ରାଗିଥିଲା । ଯୁବତୀଟି ସ୍ନବ୍ ଥିଲା । ସୁନ୍ଦର ଥିଲା ଓ ନିଜକୁ ବିଶିଷ୍ଟ ଓ ଶ୍ରେଷ୍ଠ ବୋଲି ଭାବୁଥିଲା ।

ସେ ପୂରା ନାଚି ନାଚି ସତ୍ତି ପାଖକୁ ଆସିଲା ଯେମିତି ସତ୍ତି ଉପରେ ଲେପେଟେଇ ଯିବ । ସତ୍ତି ଦୂରକୁ ଘୁଞ୍ଚିଗଲା । ସ୍ତ୍ରୀଟିକୁ ଅପମାନ ହେବା ପରି ଲାଗିଲା । ସେ ସତ୍ତିକୁ କୁଣ୍ଢେଇ ନୂଆ ପ୍ରକାର କିଛି ଇଭେଣ୍ଟ କରିବାକୁ ଚାହୁଁଥିଲା । କିନ୍ତୁ ସେଇଟା ହେଇ ପାରିଲାନି । ସତ୍ତି ପରି ଅଶିକ୍ଷିତ ବ୍ୟାଣ୍ଡ ବାଲା ସ୍ତ୍ରୀଟିର ଇଚ୍ଛାକୁ ଅପମାନିତ କରିଥିଲା । ସେ ରାଗିଗଲା । କହିଲା ମିଷ୍ଟର ବ୍ୟାଣ୍ଡକୁ ଆକାଶ ଉପରକୁ ମୁହଁ କରି ନୁହେଁ ମୋ ପାଦତଳେ ବଜା । ମୋ ସାଣ୍ଡାଲକୁ ଦେଖି ବଜା । ତୋ ବ୍ୟାଣ୍ଡକୁ ଆକାଶ ଶୁଣିବନି ମୋ ପାଦ ଶୁଣିବ --- ଲିସନ୍ ।"

ସେ ସବୁ ରାଗି ଯୁବତୀଟି ସତ୍ତିର ଏତେ ପାଖରେ ଥିଲା ଯେ ବ୍ୟାଣ୍ଡର ସମସ୍ତ ଶବ୍ଦ ସତ୍ତ୍ୱେ ସତ୍ତି ତା କଥା ଶୁଣି ପାରିଥିଲା । ସତ୍ତି ଚିଡ଼ିଗଲା ପ୍ରକୃତରେ କହିବାକୁ ଗଲେ ଡରି ଗଲା ଏକଥାର କଣ ଉତ୍ତର ଦେବ ? ତଥାପି ସେ ସାହସ କରି କହିଲା "ମ୍ୟାଡାମ୍ ବ୍ୟାଣ୍ଡ ମୋର ପୂଜ୍ୟ । ମୁଁ ଏଇଟାକୁ ଆକାଶ ଆଡକୁ ଉଠେଇ ବଜେଇ ପାରିବି କିନ୍ତୁ କାହାରି ପାଦ ଆଡକୁ ନୁହେଁ ।"

ସତ୍ତି କଥା ଶୁଣି ଯୁବତୀ ବେଶୀ ରାଗିଲା । ଗୋଟାଏ ସାମାନ୍ୟ ବ୍ୟାଣ୍ଡ ବାଲା ତାକୁ ଏମିତି ନିରାଦର କରିବ ? ତାର ଏତେ ସାହସ ? ଯୁବତୀଟି ରାଗିକି ଥିଲା, ନିଶାରେ ଥିଲା ସେପଟେ ତା ଯୋଡ଼ିଦାର ସହ ଝଗଡା କରି ଆସିଥିଲା । ଆଉ ଏଠି ସତ୍ତି ସହ ଝଗଡ଼ା ?

"ଏ ମିରାସୀ" ଯୁବତୀଟି ନିଜର ଦୁଇହାତର ଆଙ୍ଗୁଠିକୁ ସତ୍ତି ଆଡ଼େ ଦେଖେଇ କହିଲା "ମିରାସୀ କହନ୍ତି ନା ତୁମମାନଙ୍କୁ... । ମୋ ଗୋଡ ଆଡକୁ କରି ବ୍ୟାଣ୍ଡ ନ ବଜା । ଟିକେ ଚହଲି ଯାଇ ପୁଣି କହିଲା 'ଏଠି ମୋ ବ୍ରେଷ୍ଟ ପାଖରେ ବଜା । ବିଲ୍‌କୁଲ ପାଖରେ । ବଜା... ଏଠି... ଯୁବତୀଟି ନିଜ ହାତରେ ଇଶାରା କରି କହିଲା ।

ସତ୍ତି ଡରିଗଲା, ଯେମିତି ତା ପାଦ ତଳୁ ମାଟି ଖସିଗଲା ସେ ବହୁତ କଷ୍ଟରେ ଡରି ଡରି କହିଲା ନା, ନା ବିଲକୁଲ ନୁହେଁ, ଭଙ୍ଗ ଭଙ୍ଗ ଶବ୍ଦ ଯୋଡ଼ି ଏତିକି କହିଲା ପରେ ସେ ବ୍ୟାଣ୍ଡକୁ ମୁହଁରେ ଲଗେଇ ପଛେଇବାକୁ ଲାଗିଲା । ଯୁବତୀଟି ବ୍ୟାଣ୍ଡକୁ ଧରି ପକେଇ ଚିତ୍କାର କରି କହିଲା । "ଯୁ ବାଷ୍ଟାର୍ଡ ମୋ ସାଙ୍ଗେ ଅଭଦ୍ରତା କରୁଛୁ... ? ମୋ ହାତ ଧରୁଛୁ... ଏତେ ସାହସ ତୋର ? କହି ସତ୍ତିକୁ ଗୋଟେ ଥାପଡ ମାରିଲା । ବାସ୍ ତାପରେ ଆଉ କ'ଣ ଗରୀବର ସତ ଦବିଗଲା । ଧନୀମାନଙ୍କର ଗର୍ବ । ସେମାନଙ୍କ ନିଶା ସେମାନଙ୍କ ମାନ ସମ୍ମାନ ସବୁ ଉପରେ ଚଢ଼ି କଥା କହିଲା ।

ସତ୍ତି ମାଡ ଖାଉଥିଲା । ସେମାନଙ୍କଠୁ ମାଡ ଖାଉଥିଲା, ଯୋଉମାନେ ନିଶାରେ ଥିଲେ ନାଚିଲା ବେଳେ ଅଶ୍ଳୀଳ ମୁଦ୍ରାରେ ନାଚୁଥିଲେ । ସେମାନଙ୍କଠୁ ମାଡ ଖାଉଥିଲା ଯୋଉମାନେ ପ୍ରକୃତ ଘଟଣା ନା ଆଖିରେ ଦେଖିଥିଲେ ନା କାନରେ ଶୁଣିଥିଲେ ।

ସତ୍ତି ମାଡ ଖାଉଥିଲା । ସ୍ତ୍ରୀ ଲୋକଟା ଵୋଦ୍‌କା ପିଉଥିଲା । ବରଯାତ୍ରୀ ଦଳ ରହିଯାଉଥିଲେ । ବ୍ୟାଣ୍ଡ ବାଜା ବନ୍ଦ ହେଇ ଯାଇଥିଲା ।

ତାପରେ ଝିଲମିଲ ଆଲୁଅରେ ବରଯାତ୍ରୀମାନେ ଚାଲିଗଲେ । ଛାଡିଗଲେ ଅନ୍ଧକାର ତୋଫାନ । ଯୋଉଥିରେ ସତ୍ତି ଛଟପଟ ହଉଥିଲା । ବ୍ୟାକୁଳ ହଉଥିଲା । କାନ୍ଦୁଥିଲା ।

ସେ କୋଡିଏ ପଚିଶ ଦିନ ଯାଏ ବିଛଣାରେ ପଡି ରହିଲା । ଗୁମ୍‌ସୁମ୍ । ଚୁପଚାପ । ଦୁଃଖୀ ହେଇ । ଜଖମ ତ ଠିକ ହେଇଗଲା । କିନ୍ତୁ ମନ ? ସତ୍ତିର ମନକୁ କିଏ ବୁଝେଇବ ? ବ୍ୟାଣ୍ଡ ଆଡେ ଚାହିଁଲେ କମ୍ପିଯାଏ । ବରଯାତ୍ରୀ ନା ଶୁଣିଲେ ଥରିଯାଏ ।

ଏଇ ସତ୍ତି, ଯିଏ କି ବରଯାତ୍ରୀମାନଙ୍କ ବୁକିଂ ହେଲେ କେତେ ଯୋଶରେ ଆସିଯାଏ । ଆଇରନ୍ ହେଇଥିବା ଡ୍ରେସକୁ ଚାହେଁ, ଅନ୍ୟ ବ୍ୟାଣ୍ଡ ବାଜାବାଲାମାନେ ମଇଳା, ମଶିଆ ପିନ୍ଧି ବାହାରି ପଡନ୍ତି । ତାର କିନ୍ତୁ ମଣ୍ଡଦିଆ ଆଇରନ୍ ହେଇଥିବା ଡ୍ରେସ ଥାଏ । ବ୍ୟାଣ୍ଡ ପାର୍ଟି ଡ୍ରେସ ତାକୁ ମାନେ । ଆଉ ସିଏ ଏମିତି ହାବଭାବ କରେ ସତେ ଯେମିତି ସେ ବ୍ୟାଣ୍ଡ ମାଷ୍ଟର ନୁହେଁ ନିଜେ ବର ।

କିନ୍ତୁ ଏବେ ଓସ୍ତାଦ ଜବରଦସ୍ତି ତାକୁ ନେଇ ଆସେ ବରଯାତ୍ରୀ ପାଇଁ । ସେ ସତ୍ତିର ଦୁଃଖ ବୁଝେ । କିନ୍ତୁ କଣ କରି ପାରିବ ? ଗରୀବ ଲୋକଙ୍କୁ ସାନ୍ତ୍ୱନା ବି ଦୁଃଖର ଛାୟାରେ ମିଳେ । ଓସ୍ତାଦ ବହୁତ ମିନତି କରି ସତ୍ତିକୁ ନିଜ ସଙ୍ଗେ ନେଇଯାଏ । ଓସ୍ତାଦ ଜାଣେ ସତ୍ତି ଏମିତି ପଡି ରହିଲେ କାଠପତର ହେଇଯିବ । ଓସ୍ତାଦ ଚାହେଁ ସତ୍ତି ଖୁବ୍ ବ୍ୟାଣ୍ଡ ବଜଉ ଆଉ ନିଜର ସବୁ ଦୁଃଖକୁ ବ୍ୟାଣ୍ଡର ସ୍ୱରରେ ବାହାରକୁ ବାହାର କରିଦଉ ।

ସତ୍ତି ବ୍ୟାଣ୍ଡ ବଜାଏ । ଗୋଟେ ଉଦାସ ସ୍ୱର ବାହାରେ । ବରଯାତ୍ରୀମାନେ ସତ୍ତିର ଉଦାସ ସ୍ୱରରେ ବି ନାଚନ୍ତି । ଏହିତ ବିଡମ୍ବନା । କାହାରି ଦୁଃଖ ଅନ୍ୟମାନଙ୍କ ପାଇଁ ଆନନ୍ଦ ହୋଇଯାଏ ।

# ନିଃସ୍ୱାର୍ଥ ସାହାଯ୍ୟ

**ଜନ୍ମେଜୟ ବାବୁ**

ସେ ବେସାହାରା ହୋଇଯାଇଥିଲା । ସ୍ୱପ୍ନରେ ସୁଦ୍ଧା କଳ୍ପନା କରିନଥିଲା ଯେ, ସେ ଦିନେ ତା' ଜୀବନର ସବୁକିଛି ହରାଇବ ବୋଲି ।

ପନ୍ଦର ଦିନ ତଳେ ତା'ର ସହରକୁ ଏକ ମହାବାତ୍ୟା ଆସିଥିଲା । ସେହି ବାତ୍ୟାର କରାଳତାରେ ତା'ର ବାପା ମା', ଭାଇଭଉଣୀ ଓ ଜ୍ଞାତିକୁଟୁମ୍ବ ବିଲୋପ ଭଜିଥିଲେ । କେବଳ ସେ ଏକାକୀ ବଞ୍ଚି ରହିଥିଲା । କାରଣ, ମହାବାତ୍ୟା ଆସିଲା ବେଳେ ସେ ନିଜର କୁଟୁମ୍ବସହ ନିଜର ସହରରେ ରହୁନଥିଲା । ସେ ଅନ୍ୟ ଏକ ସହରରେ ରହୁଥିଲା, ଯେଉଁଠି ଏକ କଲେଜ୍‌ରେ ପାଠ ପଢଉଥିଲା । ଯେଉଁ ଦିନ ତା' ପରିବାରର ସମସ୍ତ ସଦସ୍ୟ ମହାବାତ୍ୟାରେ ପ୍ରାଣ ହରାଇ ଥିବା ଖବର ପାଇଥିଲା, ସେହିଦିନ ସେ ପାଗଳ ଭଳି ହୋଇଯାଇଥିଲା । ସମ୍ଭବତଃ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଦେଇଥାନ୍ତା, ଯଦି ଯାହାଙ୍କ ଗୃହରେ ଭଡା ରହୁଥିବା ସଦସ୍ୟମାନେ ତାକୁ ବଞ୍ଚାଇ ନ ଥାନ୍ତେ ।

ଯେଉଁ ଗୃହରେ ସେ ଭଡା ରହୁଥିଲା, ସେହି ଗୃହର ମାଲିକ ମନିଷବାବୁ ଜଣେ ଅତିଭଦ୍ର ବ୍ୟକ୍ତି ଥିଲେ । ସାଧାରଣତଃ ଜଣେ ଅବିବାହିତ ଯୁବକକୁ କୌଣସି ବ୍ୟକ୍ତି ନିଜ ଗୃହରେ ଭଡା ରହିବାକୁ ଅନୁମତି ଦେଇନଥାନ୍ତି । ହେଲେ, ତା'ର ସେ ସାର୍‌ଙ୍କ ସୁପାରିଶ୍‌ରେ ତାକୁ ଭଡା ଘର ଦେଇଥିଲେ, ଏକ ସର୍ତ୍ତରେ । ସର୍ତ୍ତଟି ଏୟା ଥିଲା ଯେ, ଦି'ମାସ ଯାଏଁ ତା'ର ଚରିତ୍ର, ତା'ର ହାବଭାବ ଅନୁଧ୍ୟାନ କରାଯିବ । ଯଦି ସେହି ସର୍ତ୍ତର ନିୟମ ପାଳନରେ ସେ ସଫଳ ହେବ, ତେବେ ତାକୁ ଭଡା ଗୃହରେ ସବୁଦିନ ରହିବାକୁ ଅନୁମତି ଦିଆଯିବ ।

ଗୃହର ମାଲିକ ମନିଷ ବାବୁଙ୍କ ସର୍ତ୍ତର ନିୟମ ପାଳନରେ ସେ ସଫଳ ହୋଇ ଥିବାରୁ ଭଡାଗୃହରେ ସବୁଦିନ ରହିବାପାଇଁ ଅନୁମତି ପାଇଥିଲା ।

ମନିଷବାବୁ ତାକୁ ଅଲଗା ହୋଇ ରହିଥିବା ଏକ ପ୍ରସ୍ଥରେ ରହିବାପାଇଁ ଦେଇଥିଲେ । ସେହି ପ୍ରସ୍ଥରେ ଗୋଟେ ବଡ ରୁମ୍‌ଥିଲା, ଯାହା ବେଡ୍‌ରୁମ୍, ଡାଇନିଂ ରୁମ୍, ଷ୍ଟଡିରୁମ୍ ଭାବରେ ବ୍ୟବହୃତ ହେଉଥିଲା । ଏହାଛଡା, କିଚନ୍, ବାଥ୍‌ରୁମ୍ ଓ ଲାଟ୍ରିନ୍ ବି ଥିଲା । ଭଡା ଘରଟି ଜଣେ ପରିବାର ନଥିବା ଲୋକ ପାଇଁ ଉପଯୁକ୍ତ ଥିଲା ।

ମହାବାତ୍ୟା ହେବାର ଦୁଇ ମାସପରେ ସେ ନିଜକୁ ଟିକିଏ ସହଜ ଅନୁଭବ କରିଥିଲା । ତେଣୁ, ସେ ନିଜ ସହରର ଅବସ୍ଥା କେମିତି ଅଛି, ତାହା ଜାଣିବାପାଇଁ ନିଷ୍ପତ୍ତି ନେଲା । ତା'ପରେ ସେ ଦିନେ ନିଜ ସହରରେ ଯାଇ ପହଞ୍ଚିଗଲା । ବାତ୍ୟାର ଦି'ମାସ ପରେ ବି ତା' ସହରର ଜୀବନ ଯାତ୍ରା ସ୍ୱାଭାବିକ ହୋଇପାରିନଥିଲା । ଯେଉଁଆଡେ ଦେଖିବ, ସେହିଆଡେ ଉଜୁଡା ଅବସ୍ଥାର ଦୃଶ୍ୟମାନ ପ୍ରତିଫଳିତ ହେଉଥିଲା । ସେ ନିଜର ଘରକୁ ବି ଯାଇଥିଲା - ଘରଟି ଉଜୁଡି ପରିତ୍ୟକ୍ତ ହୋଇ ପଡିଥିଲା । ତା' ପରିବାରର ସମସ୍ତ ସଦସ୍ୟ ବାତ୍ୟାରେ ପ୍ରାଣ ହରାଇଥିଲେ । ସେଠୁ ତା'ର ଗାଁକୁ ବି ଯାଇଥିଲା - ଗାଁର ଅବସ୍ଥା ଆହୁରି ଖରାପ୍ ଥିଲା । ଗାଁର ଅଧାଅଧି ଲୋକ ପ୍ରାଣ ହରାଇଥିଲେ । ତା'ର ଗାଁରେ ଥିବା ମାଟିଘରଟି ଭାଙ୍ଗି ମାଟି ସହିତ ମିଶିଯାଇଥିଲା । ଖାଲି ତା'ର ମାଟି ଘର ଯେ ଭାଙ୍ଗି ମାଟିରେ ମିଶିଥିଲା, ତାହା ନୁହେଁ ଗାଁର ସବୁ ମାଟିଘର ଭାଙ୍ଗି ମାଟିରେ ମିଶିଯାଇଥିଲା ।

ତା' ପରେ ହୃଦୟରେ ଅଜସ୍ର ଦୁଃଖ ଓ ମାନସିକ ଅଶାନ୍ତି ନେଇ ତା' କର୍ମକ୍ଷେତ୍ରର ସହରକୁ ଫେରି ଆସିଥିଲା । ପୂର୍ବ ଭଳି ଜୀବନ ବିତିବାରେ ଲାଗିଲା ।

ସେ ଯେଉଁ କଲେଜ୍‌ରେ ଅଧ୍ୟାପକ ଥିଲା, ସେହି କଲେଜ୍‌ରେ ତା' ଭଡାଘରର ମାଲିକଙ୍କ ଝିଅ ପଢୁଥିଲା । ସେ ମାଲିକଙ୍କ ଝିଅ ସହିତ କଥାବାର୍ତ୍ତା କରୁଥିଲା । ହେଲେ, ସେ ନିଜ ସୀମା ଭିତରେ ରହୁଥିଲା । ମାଲିକଙ୍କର ଝିଅ କିନ୍ତୁ ତାକୁ ଏକ ତରଫା ଭାବରେ ପ୍ରେମ କରୁଥିଲା । ହେଲେ, ସେ ଜାଣିନଥିଲା ।

ଇତି ମଧ୍ୟରେ ତା' ଘରର ମାଲିକ ମନିଷବାବୁଙ୍କ ଜୀବନରେ ଗୋଟେ ଘଟନା ଘଟିଯାଇଛି । ଗୃହ ମାଲିକଙ୍କର ବ୍ୟବସାୟ ହେଉଛି, ଶାଢୀ ଦୋକାନ୍ । ସେ ଶାଢୀ ଦୋକାନର ବ୍ୟବସାୟକୁ ବୃଦ୍ଧି କରିବାପାଇଁ ବ୍ୟାଙ୍କଠୁଁ ଗୁଡାଏ ଟଙ୍କା ଋଣ ଆଣିଥିଲେ ଏବଂ ଶାଢୀ ଦୋକାନ୍‌ରେ ନିବେଶ କରିଥିଲେ । ହେଲେ, ବ୍ୟବସାୟ ବୃଦ୍ଧି ହେଲା ନି ଓ ଦୋକାନ୍ କ୍ଷତିରେ ଚାଲିଲା । ଫଳତଃ ବ୍ୟାଙ୍କରୁ ଋଣ ଆଣିଥିବା ଟଙ୍କାର କିସ୍ତି ସେ ଦେଇପାରିଲେ ନି । ଶେଷରେ ବ୍ୟାଙ୍କ ଶାଢୀ ଦୋକାନ୍‌କୁ ନିଲାମ୍ କରିବାପାଇଁ ଗୃହମାଲିକଙ୍କ ନିକଟକୁ ନୋଟିସ୍ ପଠାଇଲା । ଏହା ଜାଣି ଗୃହମାଲିକ ମାନସିକ ଦୃଷ୍ଟିରୁ ଅସୁସ୍ଥ ହୋଇ ପଡିଲେ ଏବଂ ହୃଦୟ ରୋଗରେ ଆକ୍ରାନ୍ତ ହେଲେ ।

ଗୃହ ମାଲିକ ମନିଷ ବାବୁଙ୍କ ଦୟନୀୟ ଅବସ୍ଥା ବିଷୟରେ ଜାଣିବା ପରେ ସେ ଦିନେ ତାଙ୍କ ସହିତ ସାକ୍ଷାତ୍ କରିବାକୁ ଗଲା । ମନିଷବାବୁଙ୍କ ସ୍ତ୍ରୀଙ୍କଠୁଁ ସେ ସବୁ ବିଷୟ ଅବଗତ ହେଲା । ତା'ପରେ ମନିଷ ବାବୁଙ୍କ ସ୍ତ୍ରୀଙ୍କୁ କହିଲା, - "ଆଜ୍ଞା, ମୋ'ର ଗୋଟେ କଥା ରଖିବେ ?"

- "କି କଥା, କୁହନ୍ତୁ ?"

- "ଦେଖନ୍ତୁ, ଆଜ୍ଞା, ମୋ' ନିଜ ସହରରେ ଗୋଟେ ଦି' ମହଲା କୋଠା ଅଛି, ଆଉ ମୋ' ଗ୍ରାମରେ ପାଞ୍ଚ ଛ' ଏକର ଦୋ' ଫସଲି ଚାଷ ଜମି ଅଛି । ମୁଁ ଜାଣିଛି - ମୁଁ ଆଉ ମୋ' ଗାଁ ଓ ସହରରେ ଯାଇ ରହିପାରିବ ନି । କାରଣ, ମୁଁ

ସେଠି ରହିଲେ, ମୋ' ବାପା ମା' ଓ କୁଟୁମ୍ବଙ୍କ ସ୍ମୃତି ମତେ ସବୁବେଳେ ଖାଇ ଗୋଡାଇବ। ତେଣୁ, ମୁଁ ନିଷ୍ପତ୍ତି ନେଇଛି ଯେ, ମୋ'ର ସେହି ସଂପତ୍ତିକୁ ବିକ୍ରି କରି ଆପଣଙ୍କୁ ସାହାଯ୍ୟ କରିବି। ଆପଣ କ'ଣ କହୁଛନ୍ତି ?"

ଗୃହମାଲିକଙ୍କ ସ୍ତ୍ରୀ କିନ୍ତୁ ଜବାବ ଦେଲେ ନି ଏବଂ ସେଠୁ ଚାଲିଗଲେ।

ସେ ଅର୍ଥାତ୍ ଅର୍ଜୁନ ନିଷ୍ପତ୍ତି କରିଥିଲା ଯେ, ସେ ଗୃହମାଲିକଙ୍କୁ ସାହାଯ୍ୟ କରିବ। ତେଣୁ, ଆର ଦିନ ଅର୍ଜୁନ ବ୍ୟାଙ୍କ ଅଫିସ୍‌କୁ ଚାଲିଗଲା। ଆଉ ମନିଷ ବାବୁଙ୍କ ଋଣ ବାବଦରେ ପଚାରିଲା ମନିଷ ବାବୁ ତାଙ୍କ ଶାଢୀ ଦୋକାନ୍‌ର ଉନ୍ନତି ପାଇଁ ଆଠ ଲକ୍ଷ ଟଙ୍କା ଋଣ ନେଇଥିଲେ। ଏବେ ମୂଳ ଓ ସୁଧ ମିଶି ୧୦ ଲକ୍ଷ ଦେୟ ହେଉଥିଲା। ଏତିକି ଜାଣିବାପରେ ଅର୍ଜୁନ ତା' ସହରକୁ ଚାଲିଗଲା ଏବଂ ତା'ର ଯାହା ସଂପତ୍ତି ଥିଲା, ତାହାକୁ ୧୨ ଲକ୍ଷ ଟଙ୍କାରେ ବିକ୍ରି କରି ଦେଲା।

ଗାଁରୁ ଫେରି ସେ ମନିଷ ବାବୁଙ୍କ ବ୍ୟାଙ୍କର ମୂଳ ଓ ସୁଧ ୧୦ ଲକ୍ଷ ଟଙ୍କା ପରିଶୋଧ କରିଦେଲା ଏବଂ ୨ ଲକ୍ଷ ଟଙ୍କା ମନିଷ ବାବୁଙ୍କ ବ୍ୟାଙ୍କ ଖାତାରେ ଜମା କରିଦେଲା।

କିଛି ଦିନ ପରେ ମନିଷ ବାବୁ ଜାଣିଲେ ଯେ, ତାଙ୍କ ଋଣର ମୂଳ ଓ ସୁଧ କିଏ ଜଣେ ପରିଶୋଧ କରି ଦେଇଛନ୍ତି। କିଏ ଋଣ ରିଶୋଧ କରିଥିଲେ, ପ୍ରଥମତଃ ଜାଣିପାରିନଥିଲେ। ହେଲେ, ତାଙ୍କର ସ୍ତ୍ରୀ କହିଥିଲେ ଯେ, ଅର୍ଜୁନ ହିଁ ଆମର ଋଣ ପରିଶୋଧ କରିଛନ୍ତି। ମନିଷ ବାବୁ ତାଙ୍କ ସ୍ତ୍ରୀଙ୍କୁ କହିଥିଲେ, - "ତମେ କ'ଣ ଅର୍ଜୁନଙ୍କୁ ଋଣ ପରିଶୋଧ ପାଇଁ କହିଥିଲ କି ?"

- "ନା।" ସ୍ତ୍ରୀ କହିଥିଲେ, - "ହଁ, ସେ ମତେ ଅନୁରୋଧ କରିଥିଲେ ଯେ, ସେ ଆମର ଋଣ ପରିଶୋଧ କରିଦେବା ପାଇଁ। ହେଲେ, ମୁଁ କିଛି କହିନଥିଲି। ସେ ନିଜେ ନିଜେ ଆମର ଋଣ ପରିଶୋଧ କରି ଦେଇଛନ୍ତି।"

ଏହାପରେ ମନିଷ ବାବୁ ଅର୍ଜୁନଙ୍କୁ ଡକାଇଥିଲେ। ଅର୍ଜୁନ ଆସିଲା ପରେ ସେ କହିଥିଲେ, - "ଅର୍ଜୁନ ବାବୁ, ଆପଣ କାହିଁକି ମୋ'ର ଋଣ ପରିଶୋଧ କଲେ ?"

- "ଦେଖନ୍ତୁ, ଆଜ୍ଞା, ମୁଁ ଗୋଟେ ପରିବାରକୁ ବଞ୍ଚାଇବା ପାଇଁ ମାନବିକତା ଦୃଷ୍ଟିକୋଣରୁ ଆପଣଙ୍କ ଋଣ ପରିଶୋଧ କରିଥିଲି। ମୁଁ ଯେତେବେଳେ ବେସାହାରା ହୋଇଥିଲି। ମୋ'ର ମାନସିକ ସ୍ଥିତି ଭଲ ଥିଲା ସେତେବେଳେ ଆପଣ ସାହାରା ଦେଇ ମତେ ବଞ୍ଚାଇଛନ୍ତି। ଆପଣ ନଥିଲେ,ମୁଁ ମରିଯାଇଥାନ୍ତି।" ଅର୍ଜୁନ କହିଲା।

- "ତଥାପି, ଆପଣ..........।"

ଅର୍ଜୁନ କଥା ଛଡାଇ ଆଣି କହିଥିଲା, - "ଆଜ୍ଞା, ଆପଣ ମତେ ଆପଣ ବୋଲି କୁହନ୍ତୁ ନି, ମୁଁ ଆପଣଙ୍କ ପୁତ୍ର ତୁଲ୍ୟ। ଆଉ ଏଇ ଋଣ ପରିଶୋଧ ବିଷୟ ଭୁଲି ଯାଆନ୍ତୁ।"

ଏଇ ଘଟନା ପରେ ଦିନ ବିତିବାରେ ଲାଗିଥିଲା। ମନିଷ ବାବୁଙ୍କ ଝିଅ କୁନ୍ତୀ ଅର୍ଜୁନକୁ ଏକ ତରଫା ପ୍ରେମ କରୁଥିଲା। ଅର୍ଜୁନ କିନ୍ତୁ ଏଇ ବିଷୟ ଜାଣି ନଥିଲା।

ଦିନେ କଲେଜ୍‌ରୁ ଫେରି ଅର୍ଜୁନ ସାମାନ୍ୟ ଜଳଖିଆ ଖାଇ ବିଶ୍ରାମ ନେଉଥିଲା। ଏତିକି ବେଳେ ମନିଷ ବାବୁଙ୍କ ଝିଅ କୁନ୍ତୀ ଅର୍ଜୁନର ଘରକୁ ଆସିଥିଲା କୁନ୍ତୀ କିନ୍ତୁ କେବେ ବି ଅର୍ଜୁନ ଘରକୁ ଆସୁନଥିଲା। ଏଥର ପ୍ରଥମ ଥର ପାଇଁ ଅର୍ଜୁନ ଘରକୁ ଆସିଥିଲା। ଅର୍ଜୁନ କୁନ୍ତୀକୁ ଦେଖି କହିଥିଲା, - "ଆରେ କୁନ୍ତୀ, ତମେ..... ?"

- "ହଁ, ମୁଁ.....ତମ ପାଖକୁ ଆସିଛି, ଗୋଟେ ଜରୁରୀ କାମ ପାଇଁ।" କୁନ୍ତୀ କହିଥିଲା।

- "ତମ ବାପାଙ୍କ ଦେହ ପୁଣି ଖରାପ୍ ହେଲା କି ?"

- "ନା, ବାପା ଭଲ ଅଛନ୍ତି। ମୁଁ ମୋ'ର ବ୍ୟକ୍ତିଗତ କାମ ପାଇଁ ତମ ପାଖକୁ ଆସିଛି।"

- "କି ବ୍ୟକ୍ତିଗତ କାମ ?"

- "ଦେଖ୍, ମୁଁ ତମକୁ ଯାହା କହିବି, ସେଥି ପାଇଁ ତମେ ରାଗିବ ନି। ଆଉ ଧ୍ୟାନର ସହିତ ମୋ' କଥାକୁ ଶୁଣିବ।"

- "କୁହ, ମୁଁ ଆଶ୍ୱାସନା ଦେଲି....ତମର କଥା ଶୁଣି ରାଗିବି ନି ଓ ଧ୍ୟାନର ସହତି ତମର କଥା ଶୁଣିବି।"

- "ଠିକ୍ ଅଛି। ଦେଖ, ଅର୍ଜୁନ, ମୁଁ ତମକୁ ବହୁତ ଭଲ ପାଏ....ସେଥିପାଇଁ, ତମ ନିକଟକୁ ଆସିଛି, ମୋ' ମନର ଉଦ୍‌ଗାର ଜଣାଇବା ପାଇଁ।"

- "ହେଲେ, ମୁଁ ତ ଭଲ ପଉନି ତମକୁ !"

- "ମୁଁ ଜାଣିନି, ତମେ ମତେ ଭଲ ପାଉଛ କି ନାହିଁ। ହେଲେ, ମୁଁ ତମକୁ ନ ପାଇଲେ ବଞ୍ଚି ପାରିବି ନି। ତେଣୁ, ମୁଁ ତମକୁ ବାହା ହେବାପାଇଁ ଚାହୁଁଛି। ତମେ କ'ଣ କହୁଛ, ତମେ ମତେ ବାହା ହେବାକୁ ଚାହୁଁଛ କି ନାହିଁ..........କୁହ।"

- "ଦେଖ, କୁନ୍ତୀ.......।"

- "ମୁଁ କିଛି ଶୁଣିବାକୁ ଚାହୁଁ ନି, ତମେ ମତେ ବାହା ହେବାକୁ ଚାହୁଁଛ କି ନାହିଁ........ସେଥିର ଉତ୍ତର ହଁ କି ନାହିଁ ରେ ଜଣାଅ...... !"

- "ହଁ, ବାହା ହେବାକୁ ଚାହୁଁଛି, ତମକୁ। ହେଲେ, ......... ?"

- "ହେଲେ କ'ଣ ?" କୁନ୍ତୀ କହିଲା।

- "ପ୍ରଥମେ ତମେ ତମ ପରିବାରକୁ ପଚାର ଯେ, ସେମାନେ ମତେ ତମ ସହିତ ବାହା କରିବାକୁ ଚାହୁଁଛନ୍ତି କି ନାହିଁ !"

- "କାହିଁକି ଚାହିଁବେନି ?"

- "ଏଥିପାଇଁ ଯେ, ମୁଁ ଜଣେ ବେସାହାରା ବ୍ୟକ୍ତି - ମୋ'ର ଜ୍ଞାତି, କୁଟୁମ୍ବ କେହି ନାହାଁନ୍ତି। ଏମିତି ସ୍ଥିତିରେ ମତେ କେହି ବି ନିଜର ଝିଅକୁ ବାହାରେ ଦେବେ ନି।" ଅର୍ଜୁନ ଦୁଃଖିତ ହୋଇ କହିଲା।

- "ମୁଁ କିନ୍ତୁ ତମକୁ ଯେମିତି ହେଲେ ବାହା ହେବି।" ଏତିକି କହି କୁନ୍ତୀ ଚାଲିଗଲା।

ତା'ର ପରଦିନ ମନିଷ ବାବୁ ।ର୍ଜୁନକୁ ତାଙ୍କ ଘରକୁ ଡାକିଲେ। ଅର୍ଜୁନ ଆସିବାପରେ ମନିଷ ବାବୁ ପଚାରିଲେ, - "ମୋ'ର ଝିଅ କହୁଛି, ସେ ତମକୁ ଭଲ ପାଉଛି ଓ ବାହା ହେବାକୁ ଚାହୁଁଛି। ତମର ଇଚ୍ଛା କ'ଣ ?"

- "ଦେଖନ୍ତୁ, ଆପଣ ଯଦି ମତେ ଆପଣଙ୍କ ଝିଅକୁ ବାହରେ ଦେବାପାଇଁ ଚାହୁଁଛନ୍ତି, ତେବେ ମୋ'ର କିଛି କହିବାର ନାହିଁ।"

- "ଠିକ୍ ଅଛି।"

ଏହାପରେ ମନିଷ ବାବୁ ଝିଅ କୁନ୍ତୀ ଓ ଅର୍ଜୁନର ବିବାହ ପାଇଁ ଗୋଟେ ଶୁଭ ଦିନ ସ୍ଥିର କଲେ। ଆଉ ସେ ଦୁହିଁଙ୍କୁ ବିବାହ ବନ୍ଧନରେ ବାନ୍ଧି ଦେଲେ।

*ପଟ୍ଟନାୟକ ପଡା, ସମ୍ବଲପୁର - ୧*
*ଦୂରଭାଷ: ୯୩୪୮୪୮୦୩୨୨*

# ପଇସା

**ମୂଳ ରଚନା - ସଂଜୀବ ଚୋଟ୍ଟପାଧ୍ୟାୟ**
**ଅନୁବାଦ - ଗିରିଜା ମଂଜରୀ ପାଢ଼ୀ**

ହଠାତ ମୋର ବହୁତ ପଇସା ହୋଇଗଲା। କେମିତି ହେଲା କହିବି ନାହିଁ। ତେବେ ହେଲା ପଇସା ହେବା ମୋ ଚେହେରାଟାବି ବଦଳି ଯାଇଛି। ମୁଣ୍ଡ ଆଗପଟ ବାଳ ପତଳା ହୋଇ ଚନ୍ଦା ହୋଇ ଯାଇଛି। ପେଟ ବଢ଼ିଯାଇଛି। ଆଖି ଦି'ଟା ଖୋଳ ପରି ହୋଇ ଯାଇଛି। ଆଜିକାଲି ମିଜାଜଟା ବେଶ ଉପରକୁ ଉଠିଛି। ପଇସା ହେଲେ ଯାହୁଏ ତାହା ଆଉ କଣ?

ବଡ ଲୋକଙ୍କର ଚାଲିଚଳନ କେମିତି ହୁଏ, ମତେ ଜଣା ନାହିଁ। ବିନୟୀ ବଡ଼ଲୋକ ମୁଁ ଦେଖିଛି। ଏମାନେ ହେଲେ ସାତପୁରୁଷର ବଡ଼ଲୋକ। ଭିଟାମାଟି ଧ୍ୱଂସ ହୋଇ କୁଆ କପୋତ ଚରିଲେ ବି ଲୋକେ, ପୁରୁଣା ଅମଳର ବଡ଼ଲୋକ ବୋଲି ଖାତିର କରନ୍ତି। ତା ମାନେ କେବେ ଘିଅ ଖାଇଥିଲେ, ଏ ପର୍ଯ୍ୟନ୍ତ ସେ ଗନ୍ଧ ଏ ପର୍ଯ୍ୟନ୍ତ ହାତରେ ଲାଗିଛି। ମୁଁ ହଠାତ୍ ଏକ ପୁରୁଷରେ ବଡଲୋକ। ମୋର କଣ ହେବା ଉଚିତ ଜଣାନାହିଁ। ତେବେ ଶୁଣିଛି। ବଡଲୋକମାନେ ଉପର ବେଳା ଗାଡି ଚଢ଼ି ହାୱା ଖାଇବାକୁ ବାହାରନ୍ତି। ହାତରେ ବାଡ଼ି। ସିଧା ସିଧା ପାଦ ପକାଇ ବାହାରକୁ ବୁଲିବାକୁ ଯାନ୍ତି। ହଜମ ଶକ୍ତି ବଢ଼େ, ତା ଛଡ଼ା ସାଧାରଣ ଲୋକ ବୁଝି ପାରନ୍ତି। କ'ଣ ବୁଝି ପାରନ୍ତି।

ଖାଇବା ଜିନିଷ ପ୍ରଚୁର। ହଜମ ଶକ୍ତି ଟିକେ କମ। ଚାଲିବାର ଢଙ୍ଗ ଦେଖି ବୁଝି ପାରିବେ, ଶରୀରରେ ଶକ୍ତି ସଂଚୟ କରୁଛନ୍ତି। ଦୃପ୍ତ ଭଙ୍ଗୀ। କାରଣ ପୁଷ୍ଟିହୀନତା ଭୋଗୁନାହାନ୍ତି। କାରଣ ଏ ତ ପଇସା ବାଲା। ପଇସା ହିଁ ଜଗତ। ତେଣୁ ମୁଁ ଜଗତ ଜିତା। ଡ୍ରାଇଭର, ଗାଡ଼ି ରଖ।

ଷ୍ଟାଣ୍ଡର ବାଁ ପାଖ ପଡ଼ିଆକୁ ଲାଗି ଗାଡ଼ି ଠିଆ ହେଲା। ବାଃ ଚମତ୍କାର ଅପରାହ୍ନ। ପଶ୍ଚିମ ଦିଗରେ ସୂର୍ଯ୍ୟ ବୁଡ଼ି ଯାଇଛନ୍ତି। ଆକାଶ ଲାଲେ ଲାଲ।

ଅଜୟ ଚମତ୍କାର ଅପରାହ୍ନ କଣ କୁହ? ଅଜୟ ମୋର ଡ୍ରାଇଭର।

ଆଜ୍ଞା ହଁ।

ଆଜ୍ଞା ହଁ ନୁହେଁ, ଆଜ୍ଞା ହଁ ସାର। କେବେ ଯେ ତୁମର ଅଭ୍ୟାସ ହେବ।

................

ସେମାନଙ୍କୁ ତ ସାର କହିବାକୁ ପଡେନି। ଲାଷ୍ଟରେ ଯାହାଙ୍କର ଗାଡି ଚଲାଉଥିଲି, ତାଙ୍କୁ ତ ଡାକେ ଦାମୁ ଭାଇ।

ଦାମୁଭାଇ, ବାଜେ ନାଁ।

ନାଁରେ କଣ ଯାଏ ଆସେ ସାର! ପଇସା ତ ଆଉ ନାଁ ଦେଖି ଆସେନି।

ପିଲାଟା ଯେମିତି ଦାର୍ଶନିକ। ବୟସ କମ୍ ହେଲେ କଣ ହେବ, ଅନେକ ଘାଟର ପାଣି ପିଇଛି। ସତରେ ତ ନାଁରେ କଣ ଯାଏ ଆସେ। ଏଇତ ମୋ ନାଁ ପାଞ୍ଚୁ ସୁନ୍ଦର। ଅଜୟ ନାଁଠାରୁ ସତରେ ଆହୁରି ଖରାପ। ଅଥଚ ଗାଡିର ମାଲିକ ମୁଁ। ଚଲାଏ ଅଜୟ।

ମୋର ନିୟମ ହେଲା, ପ୍ରଥମେ କିଛି ସମୟ ବେଶ ଗାଡିରେ ବସି ରହିବା। ଚାରିଆଡକୁ ଅନାଇ ଦେଖିବା। ତା ପରେ ଡୋର ଖୋଲି, ହୋଇ ଗଙ୍ଗା କୂଳର ପକ୍କା ରାସ୍ତାରେ ପଦଚାରଣ। ଯେତେବେଳ ଯାଏଁ ଅଜୟ ସହିତ ବକର ବକର ହୁଏ। ବଡ଼ଲୋକମାନଙ୍କର ଚାଲିଚଳନ, ଅଜୟ ଭଲ ଜାଣେ। ମୁଁ ତ ସଦ୍ୟ ବଡ଼ଲୋକ। ହାତରେ ଟଙ୍କା ହୋଇଛି। ବଡ଼ଲୋକି ଚାଲି ଚଳନ ଏବେ ଶିଖିବାରେ ଅନେକ ବାକି। ଏଣୁ ଅଜୟ ସାଙ୍ଗରେ ମଝିରେ ମଝିରେ କଥା ହୁଏ। ଏଇ କଥା ହେବା ସମୟରେ ମନେହୁଏ, ଅଜୟ ଆଉ ମୋ ଗାଡିର ଡ୍ରାଇଭର ନୁହେଁ, ମୋର ବି ଡ୍ରାଇଭର। ମୋର ଶିକ୍ଷକ।

କଞ୍ଚା ବୟସର ଝିଅମାନେ କଞ୍ଚା ବୟସର ପୁଅମାନଙ୍କ ସହିତ ଘୁରି ବୁଲୁଛନ୍ତି। ଆଇସକ୍ରିମ ଖିଆ ଚାଲିଛି, ଗୁପ୍‌ଚୁପ୍ ଚାଲିଛି। କୋଲ୍ଡ ଡ୍ରିଙ୍କସ ବି ଚାଲିଛି। ଅଜୟ ଯେମିତି କଣ କହୁଥିଲା - କଲିକତାର ପବନରେ ଟଙ୍କା ଉଡୁଛି?

ଆଜ୍ଞାସାର, ହରିରାମ ଗୋଏଙ୍କା। ସେ ପୁଣି କିଏ? ଅଜୟକୁ କେବେ ହେଲେ ଠକି ଦେଇ ହୁଏନାହିଁ। ଯାହା ପଚାରିବି, ସାଙ୍ଗେ ସାଙ୍ଗେ ଉତ୍ତର। କେଉଁଟା ଠିକ୍ କେଉଁଟା ଭୁଲ କହିବା କଷ୍ଟ..... ଚାକିରି ପାଇଁ ଇଣ୍ଟରଭିଉ ଦେଇ ଦେଇ ଅଜୟ ପୃଥିବୀର ଆୟ ସବୁ କିଛି ଜାଣି ଦେଇଛି। ଭାଗ୍ୟରେ

ଅବଶ୍ୟ ଚାକିରୀ ଜୁଟିଲା ନାହିଁ। ଶେଷକୁ ଡ୍ରାଇଭିଂ ଶିଖି ଡ୍ରାଇଭରି। ମିଛ କଥା କହିବି ନାହିଁ, ଝିଅ ଦେଖୁଥିଲି। ଯେତେବେଳେ ପଇସା ନ ଥିଲା, ସେତେବେଳେ ହାଁ କରି ଆକାଶ, ପକ୍ଷୀ, ଗଛ,ପତ୍ର, ଚନ୍ଦ୍ର ସୂର୍ଯ୍ୟ ଅନେକ ଦେଖୁଥିଲି। ଏବେ ପଇସା ସହିତ ଯେମିତି ଆଉ ଦୁଇଟି ବାଳଗୋପାଳ 'ମ' (ପଞ୍ଚମ କାର) ଗୁରୁଣ୍ଡି ଆସିବାକୁ ଚାହୁଁଛନ୍ତି। ହାତରେ ଲଡୁ। ବୁଝିଲ ଅଜୟ, ବେଳେବେଳେ ମନେହୁଏ, ଆରିଷ୍ଟଟଲ, ଓନାମିସ ହୋଇଯାଏ। ଜୀବନଟାକୁ ଟିକେ ଭୋଗ କରି ଦେଖେଁ। ଦେଖନ୍ତୁ ନା ସାର୍, କ୍ଷତିକଣ ?

ଓନାସିସ୍‌ର ନାମ ଶୁଣିଛ ?

ଖୁବ୍ ଶୁଣିଛି ସାର, ଜ୍ୟାକାଲିନ୍ କେନେଡି ଯାହାଙ୍କୁ ବିବାହ କରିଥିଲେ।

ଦେଖୁଛି, ତୁମେ ସବୁ ଜାଣିଛ ? କଣ କହିଲ ?

କଣ କହିବି ସାର

ମୋର ସେ ପୁରୁଣା କାଳିଆ ସ୍ତ୍ରୀଟିକୁ ବାତିଲ କରିବାକୁ ପଡିବ। ଠିକ୍ ଯେମିତି ପାକଲା ବୁଢ଼ି।

ବାତିଲ କାହିଁକି କରିବେ ? ଭାଉଜ ଘରେ ଥିବେ ଆପଣ ବାହାରେ ଯାଇଁ ଫୁର୍ତ୍ତି କରିବେ। ଟଙ୍କା ଦେଇ ତ ସ୍ନେହ ପ୍ରେମ କିଣିପାରିବେ ନାହିଁ। ସ୍ନେହ, ଭଲ ପାଇବା ସେକାଳର ଜିନିଷ। ଏଇ ସବୁ ପୁରୁଣା ଅମଳର ମହିଳାମାନେ ଦେଇ ଜାଣନ୍ତି।

ଏକଥା କାହିଁକି କହୁଛ ? ଏଇତ ଯୋଡା ଯୋଡା ହୋଇ କେମିତି ବୁଲୁଛନ୍ତି। ନାଲି ନାଲି ଓଠରେ ଆଇସକ୍ରିମ ଚୋଷୁଛନ୍ତି। ହଁ ଚୋଷୁଛନ୍ତି। ଏହାକୁ ଚୋଷିବା କୁହାଯାଏ। ଏହାପରେ ଚୋଷିବା ସରିଗଲେ କାଠିଟାକୁ ରାସ୍ତା ଉପରକୁ ଫୋପାଡି ଦେବେ। ଆଜି ପ୍ରଶାନ୍ତ ଭାଇକୁ, କାଲି ଅସୀମ ଭାଇକୁ। ଏମାନଙ୍କ ଭିତରୁ କେତେଟା ସ୍ତ୍ରୀ ଘରକୁ ଯାଆନ୍ତି ଦେଖନ୍ତୁ, ଏମିତି ବୁଲି ବୁଲି ଦିନେ ଯୌବନ ସରିଯିବ। ମେକଅପରେ ଯୌବନ ଆଉ କିଛି ଦିନ ପରେ ଭୋଂ ଭୋଂ ଦେଖୁଛି, ଝିଅମାନଙ୍କ ଉପରେ ତୁମର ଭୀଷଣ ରାଗ। କାରଣଟା କଣ ? ଆଜ୍ଞା, ଏ ବଜାରରେ ଚାକିରି ଆଉ ସ୍ତ୍ରୀ ଦୁଇଟା ଯାକ ମିଳେ ନାହିଁ। ଯେତେ ଦିନ ଯାଏଁ ଟଙ୍କା ଉଡାଇ ଚାଲୁଥିବ, ସେତେଦିନ ଯାଏଁ ପରୀମାନେ ଆସୁଥିବେ। ଯେଉଁ ଦିନ ଆପଣଙ୍କ ମୁଣାରୁ ପଇସା ସରିଯିବ, ସେତେବେଳକୁ ସେମାନେ ହାୱା ହୋଇଯିବେ।

ନାଃ ଏଥର ଟିକେ ବାହାରକୁ ବାହାରି ହାୱା ଖାଇବା ? ଅନେକ ଜ୍ଞାନର କଥା ଶୁଣାଇଲା। ଆଚ୍ଛା ଅଜୟ, ତୁମେ କେବେ ରେସ୍ ଖେଳିଛ ?

ଆଜ୍ଞା ନା। ତେବେ ରେସ୍‌ର ପଡିଆକୁ ଯାଇଛି। ବାହାରେ ଥାଇ ଦେଖୁଛି। ଘୋଡା ଧାଇଁଛି।

ଏଇ ସମୟରେ ରେସ୍ ହୁଏ ?

ହଁ ଏବେ ମନସୁନ ରେସ୍।

ଗାଡିରୁ ଓହ୍ଲାଇ ପଡ଼ିଲି। ଗୋଟିଏ ପାଖରେ ନରମ ଘାସ, ଅନ୍ୟ ପାଖରେ ପିଚୁ ରାସ୍ତା। ଦୂରରେ ଗଙ୍ଗା, ଜାହାଜ ଭାସୁଛି। ମାସ୍ତୁଲରେ ଦେଶ ବିଦେଶର ପତାକା। ପଇସା ହୋଇଯିବା ପରେ ପରେ ଲକ୍ଷ୍ୟ କରିଛି, ମନଟା ବେଳେବେଳେ କେମିତି ଯେମିତି ଭାବୁକ ହୋଇଯାଏ। ଏତେ ଦିନ ଯାଏ ଥିଲା ଅନ୍ନଚିନ୍ତା। ଚମତ୍କାର ସେଇ ଚିନ୍ତାରୁ ମନଟା ଯେ ଘୁଞ୍ଚି ଆସିଛି। ହୋଇ ଯାଇଛି ଉଦାସୀ ବାବା। ଭୋଗ କରିବା ବୟସରେ କିଛି ଭୋଗ କରି ହେଲା ନାହିଁ। ଏଇ ବୟସରେ ଆଉ କଣ ହେବ ! ଏଇତ ସରୁଧୋତି, ଅଦ୍ଧି କପଡାର ପଞ୍ଜାବି, କେଶ ବାଗେଇ ମନ ଖୁସିରେ ବୁଲୁଛି। କେହି ଚାହୁଁଛି ମୋ ଆଡକୁ ? କେହି ନୁହେଁ। ଏଇ ଯେ ସିଲ୍କ ଶାଢ଼ି ପିନ୍ଧି ଗୁଲୁଗୁଲିଆ ଝିଅଟିଏ ଆଡୁଆଳରେ ଗୋଟିଏ ପୁଅର ମୁହଁ ପାଖକୁ ମୁହଁ ନେଇ ଆସୁଛି। ସେମାନେ ନିଜ ନିଜ ଭାବରେ ମସ୍‌ଗୁଲ। ଯୌବନ ଯୌବନକୁ ହିଁ ଚାହେଁ। ପୌଢ଼ମାନଙ୍କର ଆଉ ଖାତିରି କାହିଁ ?

ଏବେ ଝିଅ ପିଲା ଚାହିଁଲେ, ସେଇ ପଡାକୁ ଯିବାକୁ ପଡ଼ିବ। ଅଜୟ ଯେତେ ସବୁ ବାଜେ କଥା କହେ। ପୁଣି କେଉଁଦିନ କହିବ ପଇସା ହେଲେ ଲଣ୍ଡା ମୁଣ୍ଡରେ ବାଳ ଉଠେ। ଅସଲ କଥା ଏ ବେଟା ଗୋଟାଏ ଚାମଚ। ମନକୁ ଯୋଗାଇବା ପରି କଥା କହେ।

ବୁଲି ବୁଲି ଗୋଟାଏ ଆଇସକ୍ରିମ ଷ୍ଟଲ ପାଖରେ ଆସି ପହଞ୍ଚି ଯାଇଛି। ଯୁବକ ହୋଇ ଥିଲେ ଝଟ କରି ଗୋଟେ ଖାଇ ଦେଇ ଦେଇଥାନ୍ତି। ଏବେ ଏମିତି ହେଲେ କେହି ଆଉ ଗ୍ରହଣ କରିବେ ନାହିଁ। ମୋ ନିଜ ମନଟା ହସି ଉଠିବ। ବୁଢ଼ା ବୟସରେ ଘୋଡା ରୋଗ। ଡର ବି ମାଡୁଛି ତଣ୍ଟି ଧରିଛି। ଖୁଁ ଖୁଁ କାଶିବି।

ଆଉଥରେ ଫେରି ଆସିଲି ନିଜ ଗାଡ଼ିକୁ। ଅଜୟ ବସିଥିଲା ଘାସ ଉପରେ। ମନଟା ଯେମିତି ବିଶନ୍ନ। ହେବତ। ଏଇ ବୟସର ପିଲା, ଜୀବନରେ କେତେ ଆଶା, ଆହ୍ଲାଦ। ଗାଡିଚଲାଇ ସାମାନ୍ୟ କେତେଟା ଟଙ୍କା ବା ପାଏ। ମତେ ଦେଖି ଉଠିବାକୁ ଯାଉଥିଲା, କହିଲି, ବସ, ବସ, ମୁଁ ବି ତୁମ ପାଖରେ ଟିକିଏ ବସେ। ଏ ପାଖଟା ଏକା ଏକା ଭଲ ଲାଗିଲା ନାହିଁ।

ଅଜୟ ପାଖରେ ବସିବା ବେଳେ ଆଗରେ ଥିବା ମେଘଟା ତଳକୁ ଓହ୍ଲାଇ ଆସିଲା। ପଛରେ ଦୁଇଟି ଶିଶୁ ଦୌଡା ଦୌଡି କରୁଛନ୍ତି।

ଆଚ୍ଛା ଅଜୟ, ତୁମକୁ ଯଦି ଏବେ ଲକ୍ଷେ ଟଙ୍କା ଦେଇଦିଏ, ତୁମେ କଣ କରିବ ?

ବ୍ୟାଙ୍କରେ ଫିକସଡ ଡିପୋଜିଟ କରି ଦେଇ, ଯେମିତି ଗାଡି ଚଳାଉଛି, ସେମିତି ଚଲାଇବି।

ସେ କି କଥା। ଆଉ କିଛି କରିବ ନାହିଁ। ପ୍ରେମ, ଭଲ ପାଇବା ଫୁର୍ତ୍ତି ?

ଆଜ୍ଞା ନା, ଏକ ରାତିର ଅନ୍ୟର ହୋଇ ପରଦିନ ଫକୀର ହୋଇ ରାସ୍ତାରେ ବୁଲିବାକୁ ଚାହେଁନି। ଏଇଟା ତ ମୋର ରୋଜଗାର ନୁହେଁ। ମୋ ରୋଜଗାର କ୍ଷମତାରେ ଯେମିତି ଅଛି। ସେମିତି ରହିବି। ଡାଲିଭାତ, ଲୁଣ ଭାତ ଯେମିତି ଜୁଟୁଛି, ଜୁଟିବ।

ଟଙ୍କାଟାତ ଇନଭେଷ୍ଟ କରିପାର। ବ୍ୟବସାୟ, କି ଘରରେ। ଏକ ଲକ୍ଷରୁ ଦୁଇ ଲକ୍ଷ୍ୟ, ଦୁଇରୁ ତିନି, ତିନିରୁ ଚାରି...୧ ଆଜ୍ଞା ନା, ସେଇ ଉଦ୍ଦେଶ୍ୟ ମୋର ନାହିଁ। ନିଜକୁ ନିଜେ ଚିହ୍ନିବେ ନାହିଁ। ନିଜର ଦୌଡ ନିଜେ ଜାଣି ଯାଇଛି। ବଡଲୋକ ହେବା ପାଇଁ ମୁଁ ଜନ୍ମ ହୋଇନି।

ମୁଁତ ହୋଇଛି। ମୋର ବି ଗୋଟାଏ ସମୟରେ ଦିନ ଚଳୁନଥିଲା। ତଥାପି ଭାଗ୍ୟକୁ ହୋଇଛନ୍ତି। ଆପଣଙ୍କ କପାଳରେ ଥିଲା।

ତୁମେ ଏ ସବୁ ମାନ ?

ଖୁବ୍ ମାନେ।

ଘର ଆଗରେ ଗାଡ଼ିରୁ ଓହ୍ଲାଉ ଓହ୍ଲାଉ ଶୁଣୁଛି ଗୀତର ସ୍ୱର ଭାସି ଆସୁଛି। ଝିଅର ଅଳି ଅଝଟରେ ଗୋଟାଏ ଷ୍ଟେରିଓ ରେକର୍ଡ ପ୍ଲେୟାର କିଣି ମହାବିପଦ ହୋଇଛି। ମୋର ବିପଦ ଆଉ ସାଇର ପାଞ୍ଚଜଣଙ୍କର ବିପଦ। କାନ କଣ ହୋଇଯାଉଛି। ଏକେତ ବିରାଟ ଗୋଟାଏ ଘର ଠିଆ କରି ଆଲୁଅ ପବନ କାଢ଼ି ନେଇଛି। କାଢ଼ି ନ ନେଲେ ବଡ ଲୋକ ହେବାଟା ହୁଏନା ଯେତେଦିନ ଚାହିଁଛି, କିଛି ବି ପାଇନି।

ବୁଲାଣିଆ ସିଡି ଚଢ଼ି ଉଠୁ ଉଠୁ ମନେ ହେଲା, ଅଜୟଟା ବଡ ଡରୁଆ। ଭାଗ୍ୟକୁ ମାନି ଷ୍ଟିୟରିଂ ଧରି ହିଁ ଜୀବନଟା କଟାଇବାକୁ ଚାହେଁ। ମନେ ମନେ ଅଦୃଶ୍ୟ ଅଜୟଙ୍କୁ ଉପଦେଶ ଦେଲି, ଆରେ ଯୁବକ, ଜୀବନରେ ଉଚ୍ଚ ଆଶା ନ ଥିଲେ, କିଛି ମିଳେନି। ମୋ ପାଦର ଜୋତା ଯୋଡାକ ବୁଝିବା ଲୋକ ପରି ମଚ ମଚ କରୁଛି। ସିଡ଼ିର ମସୃଣ ଚିକ୍ ଚିକିଆ ରେଲିଂରେ ହାତ ଘଷି ଉଠୁଛି। ଚାରିଆଡ ଝଲମଲ କରୁଛି। ନୂଆ ଘର, ନୂଆ ମାର୍ବଲ, ନୂଆ ଫର୍ଣ୍ଣିଚର। ପଇସାର ଗୋଟାଏ ଅଲଗା ବିଷୟ ଅଛି। ବିଷୟଟା ସହିହୁଏ, ଶବ୍ଦଟା ସହି ହୁଏନି। ଯେତିକି ଯେତିକି ଉପରକୁ ଉଠୁଛି, ସେତିକି ସେତିକି ଲାଗୁଛି। କାନ ପର୍ଦ୍ଦା ସତେ କି ଫାଟିଯିବ। ଆରେ, ଗୀତ ବନ୍ଦକର। ବନ୍ଦ କର, କହିଲେ କଣ ବନ୍ଦ ହେବ। ମୋ ପଇସା ଏମାନଙ୍କ ଫୁଡିଂରେ ଜୁଆର ଆଣିଛି।

ବାପି ତୁମେ ଆସି ଯାଇଛ ?

ଆଗରେ ମୋ ଝିଅ ବେଶ ବଡ ହୋଇଗଲାଣି। ନା, ଏଥର ବାହା କରି ଦେବାକୁ ପଡିବ। ଆଉ ଧରି ରଖି ହେବନି। ଏଇ ବୟସଟା ବଡ ଭୟଙ୍କର। ଏଇତ ଗଙ୍ଗା କୂଳରେ ଯେ, ଦେଖି ଆସିଲି ଟିକିଏ ଆଗରୁ। ଗାଲରେ ଗୋଟେ ଦିଟା ବ୍ରଣ ବାହାରିଛି। ତୁମ ଗାଡିଟା ନେଇ ଆମେମାନେ ଟିକେ ବାହାରୁଛୁ। ଆଁ, ଏବେ ବାହାରିବୁ ? ଅଜୟକୁ ଏବେ ଛୁଟି ଦେବି ବୋଲି ଭାବିଥିଲି। ସେ ବି ତ ଗୋଟାଏ ମଣିଷ। କୁଆଡେ ଯିବୁ ?

ଆମେ ତିନି ଜଣ ସାଙ୍ଗ ଟିକେ ମାର୍କେଟ ଆଡେ ଯିବୁ। ଅଜୟ ରାଗ କରିବ ନାହିଁ।

ସେ କଥା ଆମେ ବୁଝିବୁ।

ସମାନ ବୟସ, ସମାନ ଚେହେରାର ତିନୋଟି ଝିଅ ସିଡି ଦେଇ ଓହ୍ଲାଇ ଆସିଲେ। ମିଠା ମିଠା ଗନ୍ଧ ଉଡୁଛି ପବନରେ। ଫୁର୍‌ଫୁର୍ ହୋଇ କେଶ ଉଡୁଛି। ପୋଷାକର ଖସ୍ ଖସ୍ ଶବ୍ଦ।

ମୁଁ ଉଠୁଛି। ବୁଲି ବୁଲି କ୍ରମଶ ଉପରକୁ ଉଠୁଛି। ଏମାନେ ତଳକୁ ଓହ୍ଲାଇ ଯାଉଛନ୍ତି। ଦୁଇ ପକ୍ଷର ଦୂରତ୍ୱ ବଢୁଛି। ବଢ଼ିବ ତ। ଏମାନେ ଗୋଟାଏ ଜଗତର, ଆଉ ମୁଁ ଅନ୍ୟ ଜଗତର।

ଘରକୁ ଆସି ଦେଖେ। ମୋ ଘରଣୀ ଜଡଭରତ ପରି ବସିଛି।

କି ହେ, ଏମିତି କାହିଁକି ବସିଛ ?

ଆଉ କଣ ବା କରିବି ?

ସତ କଥାତ ଆଉ କଣ ବା କରିବ ! କାହିଁକି ଟି.ଭି. ଦେଖ। ଗୀତ ଶୁଣ ଫିଲ୍ମ ଦେଖ।

ହେ ଭଲ ଲାଗେନି। ଏସବୁ ମୁଁ ବେଶି ବୁଝି ପାରେନି। ତା ହେଲେ କିଛି ଖାଅ।

କେତେ ଖାଇବି। ହଜମ ହେଉନି।

ତାହେଲେ ଆସ, ଆମେ ଦିଜଣ ବୁଲି ବୁଲି ନାଚିବା। ସେଇ ବୟସ ଆଉ ନାହିଁ।

ସେତେବେଳେ ଏଇଟା ସେଇଟା ନେଇ ଝଗଡା ହେଉଥିଲା ଏବେ କଣ ପାଇଁ ହେବ ?

ହଁ, ତା ତ ଠିକ୍। ତାହେଲେ ଆସ କୀର୍ତ୍ତନ କରିବା, ସାଇ ଭଜନ।

ଭକ୍ତି ତ ନାହିଁ, ସେମିତି କଣ୍ଠସ୍ୱର ବି ନାହିଁ।

ତାହେଲେ ଶୋଇପଡ, ଏମିତି ପିଣ୍ଡୁଳାଟି ପରି ବସି ରୁହନି। କେତେ ଶୋଇବି ? ନିଦ ତ ଆସୁନି।

ସେ କି କଥା ନିଦ ବି ଆସୁନି ?

ନା, ତୁମେ ଏଥର ଝିଅଟାର ବିବାହ ବ୍ୟବସ୍ଥା କର। ତାର ଚାଲିଚଳନ ଆଜିକାଲି ସେମିତି ଠିକ୍ ଲାଗୁନାହିଁ। ଯା, ତେବେ ଭାବିବା ଭଳିଆ ଗୋଟାଏ ଦୁଶ୍ଚିନ୍ତା ମିଳିଯାଇଛି। ମୁଁ କିନ୍ତୁ ସୁଖ ଭିତରେ ଗୋଟାଏ ଦୁଃଖ ଖୋଜି ପାଇଛି।

ଦୁଃଖ !

ହଁ ଦୁଃଖ। ପୁଅଟିଏ ନ ଥିବାର ଦୁଃଖ।

ଆଉ କଣହେବ, ସମୟ ଚାଲି ଯାଇଛି।

ହଁ ସମୟ ଚାଲି ଯାଇଛି। ସବୁ ସରି ସରି ଯାଇଛି। ନିଆଁ ଲିଭି ଯାଇଛି। ପଡି ରହିଛି ପାଉଁଶ। କୁଆଡେ ଯାଉଛ ? ଚା ପିଇବ ତ...

ହଁ, ଚା...ଚା ପିଇବାକୁ ହେବ। ତା ପାଇଁ କାହିଁକି ଯିବାକୁ ପଡିବ ? କହି ଦେଇ ଆସୁଛି।

ଠିକ୍ କଥା କହି ଦେଇ ଚାଲି ଆସ। ମୁଁ ଆଉ ଏକା ରହି ପାରୁନି। ଶେଷ ସମୟରେ ତୁମେ ପାଖରେ ଥିବତ ! ଏସବୁ ଅଲକ୍ଷଣା କଥା ଭରା ସନ୍ଧ୍ୟା ବେଳଟାରେ ନ କହିଲେ, ହଅନ୍ତା ନାହିଁ।

ମନ ହେଲା, କହି ଦେଲି।

ମନକୁଆଉ ସେ କଥା ସବୁଆସିବାକୁ ଦିଅନି। ମନକୁ କିଏ ବାନ୍ଧିବ। ବାଃ ବାରଣ୍ଡାରେ ବଢ଼ିଆ ପବନ ହେଉଛି। ସେତ ଅନେକ ଉଚ୍ଚରେ। ଅନ୍ୟ ସବୁ ଘରର ଛାତ ଦେଖାଯାଉଛି। ରାସ୍ତାରେ ଲୋକ ଯାଉଛନ୍ତି।

ଆଲୁଅ ବିନ୍ଦୁ ଖଇପରି ବିଛାଡି ପଡିଛି। ଆମର ଗୋଟିଏ ବୋଲି ଝିଅ। ନାଁଟି ପଦ୍ମା। ଅନେକ ପୁଅ ଝିଅ ଆଣିପାରିଥାନ୍ତେ ସେତେବେଳେ ତ ଉପାୟ ନଥିଲା। ବେହିସାବରେ ଘର ଚଳାଇଥିଲେ। ମରିବାକୁ ପଡିଥାନ୍ତା।

ପଦ୍ମା କଣ ପ୍ରେମ କରୁଛି ? ଟୋକା ପୋକା ଧରିଛି ନା କଣ ? କିଏ କହିପାରେ ? ଅଜୟ କହିପାରିବ। ତା ସହିତ ତ ବୁଲେ। ଅଜୟ ଆଜି ମତେ ଅବାକ କରି ଦେଇଛି। ବୟସ କମ୍ ହେଲେ ମନରେ କି ସାଂଘାତିକ ଜୋର। ଏ ପ୍ରକାର ପିଲା ଲକ୍ଷରେ ଗୋଟିଏ ମିଳେ। ଆଜିକାଲିର ପିଲାମାନଙ୍କ ପରି କୌଣସି ବଦଖିଆଲ ତା ଭିତରେ ନାହିଁ।

ପଦ୍ମା ଫେରି ଆସିଲା। ଗୁଣୁଗୁଣୁ ଗୀତ ଗାଇ ଗାଇ ସିଡି ଦେଇ ପାଦ ଘୋଷାରି ଘୋଷାରି ଘରକୁ ଆସୁଛି। ନିଶା କରିଛି ଯେ କଣ। ମାତାଲଙ୍କ ପରି ଟଳୁଛି। ମଝି ମଝିରେ ସିଡିର ରେଲିଂକୁ ଦିହାତରେ ଜାବୁଡି ଧରୁଛି ପଦ୍ମା।

ବାବବା, ତୁମେ ମୋ ବାବବା ନା। ହଁ ତ ତୁମେ ମୋର ବାବ୍‌ବା ? ପଦ୍ମା ମୋ ଛାତିରେ ମୁହଁ ଗୁଞ୍ଜି ଦୁଇ ହାତରେ ଗଳାକୁ ଜଡାଇଧରି କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲା। ତୁମେ ଜର୍ଜକୁ କିଛି କହି ପାରିବ ନାହିଁ ବାବା।

ଜର୍ଜ ! ସେ ପୁଣି କିଏ ?

ଗୋଟାଏ ପିଲା। ମୋତେ ପ୍ରେତିନୀ କହିଛି। ମୁଁ କଣ ପ୍ରେତିନୀ ! ମୋ ଛାତିରୁ ମୁହଁ ଟେକି ପଦ୍ମା ଦୁଇ ହାତ ପଛେଇଗଲା। ମୁହଁଟା ମନ୍ଦାର ଫୁଲ ପରି ଲାଲ ଟକ୍‌ଟକ୍। ଚାରି ପାଖରେ କେଶ ଉଡୁଛି।

ତୁମେ ଦେଖିଲ, ମୁଁ କଣ ପ୍ରେତିନୀ। ସତରେ ମୁଁ ପ୍ରେତିନୀ ? ପଦ୍ମା ଗୋଟି ଗୋଟି କରି ଜାମା ଖୋଲୁଛି। ସାର୍ଟ ଖୋଲି ପୋପାଡି ଦେଇଛି। ଜିନ ଖୋଲିବା ପାଇଁ ଥରି ଥରି ଉଠୁଥିବା ହାତରେ ଫାଷ୍ଟନାରାର ମୁହଁଟା ଖୋଜୁଛି। ଝିଙ୍କି ଓଟାରି ଏକା ବେଳକେ ସବୁ ଖୋଲି ପକାଇଲା। ତେବେ ପେଣ୍ଟି ଆଉ ବ୍ରା ପିନ୍ଧି ମୋ ଆଗରେ ଠିଆ ହୋଇଛି ମୋର ଏକ ମାତ୍ର ଝିଅ ପଦ୍ମା।

ଯେତେବେଳେ ସେ ଏତେ ଟିକେ ଛୁଆ, ସେତେବେଳେ କୋଳରେ ଧରି କେତେ ନୁଚାଇ ନୁଚାଇ ଶୋଇ ପକାଇଛି। ବିଚାରକର ଭୂମିକା ନେବାକୁ ପଡିବ। ଏ ଶରୀର ମୋର ଅଚିହ୍ନା ଏହା ଭିତରେ ଯେଉଁ ମନ ବସା ବାନ୍ଧିଛି ସେ ଆହୁରି ଅଚିହ୍ନା। ପଦ୍ମା ଦୁଇ ହାତ ଅଣ୍ଟାରେ ରଖି ଗୋଡ ଦୁଇଟାକୁ ଫାଙ୍କା କରି କହିଲା। କଣ କିଛି କରୁନାହଁ ବାବା ? ମୁଁ କଣ ପ୍ରେତିନୀ ? ଆଉ ରୁମ୍‌କି ପ୍ରେତିନୀ ନୁହେଁ। କିଏ ରୁମ୍‌କି, କିଏ ଜର୍ଜ। ଆଉ ମୋ ଆଗରେ ଯେଉଁ ମହିଳା ଠିଆ ହୋଇଛି, ସେ ବା କିଏ ! ମତେ ବଡ ଡର ମାଡୁଛି। ଏଇ ଶରୀରଟାକୁ ଏବେ ଧରି ଧରି ଶୋଇବା ଘରକୁ ନେଇ ଯିବାକୁ ପଡିବ। ଦେହରେ ହାତ ଦେବାକୁ ସଙ୍କୋଚ ଲାଗୁଛି। ଚାହିଁବି ପାରୁନି ଭଲ କରି।

ପଦ୍ମା, ଘରକୁ ଚାଲ।

ନା-ଆ, ମତେ ଅପମାନ କରିଛି। ବିଚାର ଚାହେଁ ବିଚାର। ତୁ ଘରକୁ ଚାଲ।

ପଦ୍ମା ଟଳି ଟଳି ମୋ ଆଡକୁ ଆଗେଇ ଆସୁଛି। ମୁଁ ଡରି କରି ପଛକୁ ଯିବାକୁ ଆରମ୍ଭ କରିଛି। ଏ ମୋର ଝିଅନୁହେଁ, ଅପକୃତିସ୍ଥା ଜଣେ ମହିଳା।

ତୁମେ ଭୟ କରି ପଛେଇ ଯାଉଛ କାହିଁକି ଜର୍ଜ। ପ୍ରେତିନୀ ତୁମକୁ ଧରିବ ? ଆଁ ପ୍ରେତିନୀ, ପ୍ରେତିନୀ।

ପଦ୍ମା ମୁଁ ତୋର ବାବା ଜର୍ଜ ନୁହେଁ, ତୋ ବାବା।

ପଦ୍ମା ଠୋ କରି ମୋ ଗାଲରେ ଗୋଟାଏ ଚାପୁଡା ମାରିଲା। ମିଥ୍ୟାବାଦୀ, ମିଥ୍ୟାବାଦୀ, ତାପରେ କଟା କଦଳୀ ଗଛ ପରି ଚଟାଣ ଉପରେ ଓଲଟି ପଡିଲା।

ଆଉ ଗୋଟାଏ ଚାପୁଡା କସି ଦେଇ ଗଲା। ମୁଁ ସେଦିନ ରାତି ସାରା ଭାବିଛି, ପଦ୍ମାର ଭବିଷ୍ୟତ କଣ ହେବ ? ଅଜୟ ପରି ସତ୍ ନିର୍ଲୋଭ ସହିଷ୍ଣୁ ସ୍ୱାମୀର ହାତରେ ପଡିଲେ ଝିଅଟା ବଂଚି ଯାଇପାରେ। ତେବେ ପଦ୍ମା ଯେ ଖାଲି ବଂଚିଯିବ, ସେ କଥା ନୁହେଁ, ମୁଁ ବି ବଂଚିଯିବି। ମୋର ପୁଅ ନାହିଁ। ଅଜୟ ହେବ ମୋ ପୁଅ ପରି। ଯେ କହି ପାରେ। ଲକ୍ଷେ ଟଙ୍କା ମିଳିଲେ, ବ୍ୟାଙ୍କରେ ଫିକସଡ ଡିପୋଜିଟ କରିଦେବ। ତା ହାତରେ ମୋର ବିଶାଳ ଐଶ୍ୱର୍ଯ୍ୟ ଛାଡ଼ି ଚାଲିଗଲେ ବି ସୁଖ ସବୁ ଥିବ। ରଖିଥିବ, ସବୁ ବଢ଼ିବ। ଆହୁରି ଆହୁରି ବଢ଼ି। ସନ୍ଧ୍ୟାବେଳକୁ ଘାସ ଉପରେ ଆମେ ଦୁହେଁ ପାଖାପାଖି ବସିଛୁ। ସୂର୍ଯ୍ୟ ବୁଡି ଯାଉଛନ୍ତି। ଚାରି ଆଡୁ ଅନ୍ଧାର ମାଡି ଆସୁଛି। ସକାଳଠାରୁ ମତେ ଲାଗୁଛି, ଅଜୟ ମୋ ପୁଅ। ମୋ ଜ୍ୱାଇଁ।

କାଲି ତୁମେ କୁଆଡେ କୁଆଡେ ଯାଇଥିଲ। ଅଜୟ ବହୁତ ଜାଗା ସାର୍।

ସାର କୁହନା ଆଉ। କାନକୁ ଖଟକଟ ଲାଗୁଛି। ମୁଁ ସାର ନୁହେଁ ସାମାନ୍ୟ ମନୁଷ୍ୟ। ତୁମ ସାଙ୍ଗ ପରି।

ଆପଣତ କହିଥିଲେ।

ମୁଁ ତ କହିଥିଲି, ଆଉ କୁହନାହିଁ। କୁହ କାଲି କୁଆଡେ କୁଆଡେ ଯାଇଥିଲ। ମଇଦାନ, ଫ୍ଲୁରି, ଟ୍ରିଙ୍କାସ, ସ୍କାଇରୁମ, ହାଜରା, ଭିକ୍ଟୋରିୟା, ଯେତେବେଳେ ଯେଉଁଠିକି ହୁକୁମ ହୋଇଛି।

ତୁମେ କାହିଁକି ବାଧା ଦେଲ ନାହିଁ ?

ମୁଁ ସାମାନ୍ୟ ଡ୍ରାଇଭର, ହୁକୁମର ଚାକର।

ତୁମେ ଯଦି ଆଉ ଡ୍ରାଇଭର ନରୁହ, ଆହୁରି ପାଖକୁ, ଏକବାର ପାଖକୁ ଚାଲି ଆସ ?

ତା ମାନେ ?

ତୁମକୁ ମୁଁ ଚିରଦିନ ପାଇଁ ଧରି ରଖିବାକୁ ଚାହେଁ। ମୋର ପୁଅ ପରି କରି। ଜ୍ୱାଇଁ କରି। ଅଜୟ, ତୁମ ହାତରେ ମୁଁ ପଦ୍ମାକୁ ଦେଇ ଦେବାକୁ ଚାହୁଁଛି। ଅଜୟର ହାତରେ, ମୋର ଗୋଟାଏ ହାତ।

ତାହା କଣ ହୁଏ ? ହିନ୍ଦି ଫିଲ୍ମ ପରି ହୋଇଯିବ।

କାହିଁକି ହୁଏନି। ମୁଁତ ଭାବିଛି। ଅନେକ ଭାବିଛି। ମୋର ପୁଅ ନାହିଁ। ତା' ଛଡା ଆଉ ସବୁ ଅଛି। ତୁମେ ମୋ ପୁଅ ପରି।

ଷ୍ଟାଟସରେ ମେଳ ଖାଇବ ନାହିଁ। ଆପଣ ଚାହିଁଲେବି, ଆପଣଙ୍କ ଝିଅ ମାନି ନେଇ ପାରିବ ନାହିଁ। ମୁଁ ବି ଆପଣଙ୍କ ଝିଅକୁ ସହଜ ଭାବରେ

ସ୍ତ୍ରୀ ବୋଲି ମାନି ପାରିବି ନାହିଁ। ପ୍ରଭୁ-ଭୃତ୍ୟ, ସମ୍ପର୍କଟା ଥରକୁ ଥର ବାହାରି ଆସିବ। କାହିଁକି ଆସିବ ?

ଆସିବତ, ବଡଲୋକ ଝିଅ ଆଉ ଗରିବ ପୁଅକୁ ମିଳାଇ ଦେଲେ ସ୍ୱାମୀ-ସ୍ତ୍ରୀର ସହଜ ସମ୍ପର୍କ ଆଉ ରହେନି। ରଙ୍ଗରେ ଢଙ୍ଗରେ ମିଳାଇବାକୁ ପଡେ।

ତୁମେ ତ ଆଉ ଗରିବ ହୋଇ ରହୁନାଁ। ବଡଲୋକ ହୋଇଯାଉଛ। ମୋର ପାର୍ଟନର, ମୋର ପିଏ ଆସିଷ୍ଟାଣ୍ଟ, ସବୁକିଛି। ମୁଁ ଯେ ବଡଲୋକ ହେବାକୁ ଚାହେଁନି।

ତୁମର ଲୋଭ ନାହିଁ ? ଉଚ୍ଚ ଆଶା ନାହିଁ ?

ଆଉ ଉଚ୍ଚ ଆଶା। ଗୋଟାଏ ଗୋଟାଏ ଲୋକଙ୍କର ଗୋଟିଏଗୋଟିଏ ପ୍ରକାର ଆଶା। ତା ପଛରେ ସେ ଦୌଡେ।

ଅଜୟ, ମୋର ବଡ ଇଚ୍ଛା। ତୁମେ ଅମଙ୍ଗ ହୁଅନି। ରାଜି ହୋଇଯାଅ। ମୁଁ ତ ସ୍ୱାର୍ଥପର ହୋଇ ପାରିବି ନାହିଁ।

ସ୍ୱାର୍ଥପର ?

ହଁ, ମୋର ମା, ବାପା ଭାଇ ଭଉଣୀ ତଳେ ପଡିଥିବେ, ଆଉ ମୁଁ ବେଲୁନ ପରି ଉପରକୁ ଉଠିଯିବି। ସେ କଥା ହେବ ନାହିଁ।

ସେମାନେ ବି ଉଠିବେ। ତୁମ ସାଙ୍ଗେ ସାଙ୍ଗେ ଉଠିବେ।

କ୍ରୀତ ଦାସର କାହାକୁ ଉଠାଇବାର କ୍ଷମତା ନ ଥାଏ। ସ୍ୱାଧୀନ ମଣିଷ ହିଁ କିଛି କରିପାରେ। ଆପଣଙ୍କର ପଇସା ଅଛି। ଆପଣ ମୋ ଅପେକ୍ଷା ବହୁତ ବହୁତ ଭଲ ପିଲା ପାଇବେ।

ଏହା ତୁମର ଶେଷ କଥା ?

ଘାସର ଗାଲିଚାରୁ ଉଠିବାକୁ ପଡିଲା। ମଣିଷ କାହିଁକି ମଣିଷ ପାଖକୁ ସହଜରେ ଆସି ପାରେ ନାହିଁ। ଅଜୟ ଗାଡିରେ ଷ୍ଟାର୍ଟ ଦେଲା। କଠୋର ଚରିତ୍ରର ପିଲା। କଂକ୍ରିଟରେ ବନ୍ଧା। କୌଣସି ପ୍ରକାରେ ନୁଆଁଇ ଯାଇ ପାରେନି।

ତାପର ଦିନ ସକାଳେ ଅଜୟ ଆଉ ଆସିଲା ନାହିଁ। ଜଣେ ବୟସ୍କ ବ୍ୟକ୍ତି ଠିଆ ହୋଇଛନ୍ତି। ହାତରେ ଅଜୟର ଚିଠି।

ଅଜୟ ଲେଖିଛି, ଆପଣଙ୍କର ଅସୁବିଧା ହେବ ଭାବି ଏଇ ବିଶ୍ୱାସୀ ମଣିଷଟିକୁ ପଠାଇଲି। ତାର ଗାଡି ଚଳାଇବା ହାତ ବହୁତ ଭଲ। ଦିନେ ଚଳାଇଲେ ବୁଝି ପାରିବେ। ମୋତେ ଯାହା ଦିଅନ୍ତି, ତା'ଠାରୁ ବେଶି ଦରମା ଦେଲେ ଭଲ ହୁଅନ୍ତା। କାରଣ ତାର ସଂସାର ବହୁତ ବଡ଼।

ମୁଁ ଦୁର୍ଗାପୁରରେ ଗୋଟାଏ ଭଲ ଚାକିରି ପାଇଛି। ଆଜି ସକାଳ ଟ୍ରେନରେ ଚାଲି ଯିବାକୁ ପଡୁଛି। ଛୁଟିରେ ଆସି ଦେଖା କରିବି। ଆପଣ ଯେମିତି ମୋତେ ଭଲ ପାଉଥିଲେ। ମୁଁ ବି ସେମିତି ଭଲ ପାଇ ପକାଇଥିଲି।

ଅନେକ ଦିନ ଆଗରୁ କେଉଁଠି ଯେମିତି ପଢ଼ିଥିଲି କ୍ଷମତା ଆଉ ଐଶ୍ୱର୍ଯ୍ୟ ମଣିଷକୁ ଖୁବ୍ ନିଃସଙ୍ଗ କରିଦିଏ। ଆପଣଙ୍କ ଦୁଃଖମୁଁ ବୁଝୁଛି। ଉପାୟ ନାହିଁ। ସହିବାକୁ ପଡିବ ଆପଣଙ୍କୁ। ଧନବାନ ଆଉ କୁଷ୍ଠରୋଗୀ ପ୍ରାୟ ସମାନ। ପ୍ରଣାମ ନେବେ। ଅଜୟ।

*ଏଲ-୩-ଖାରବେଳ ନଗର*
*ଭୁବନେଶ୍ୱର*

An unit of
MAGNUM
Shoppers Club (P) Ltd

# S & SSAC
## S & SS Associates & Consultancy



( A unit of Magnum Shoppers Club Pvt. Ltd. )
A single window consultancy service in multiple fields to support and assist you

- To prepare Concept note & Project Report
- To take your Project Forward
- To know the Legal status of Land & Property
- In all matters related to Land & Real Estate
- For various approvals.
- To handle environment and mines related issues
- For Shipment and Logistic Solutions
- For Branding, Market Research & Marketing Solutions.
- With Legal consultancy
- In Insurance Solutions & Initiatives
- For Perfect Liasioning
- On Financial Management & Taxation Matters

*Contact for further details:*
*Mob.: + 91 94370 31392, Landline: +91 674 2393692*
*Email: sssassociatesss@gmail.com*
*Second Floor, A-29/1, Kharvel Nagar, behind OSCARD Bank, Jawaharlal Nehru Marg, Unit-III, Bhubaneswar*

ଧାରାବାହିକ
ଉପନ୍ୟାସ



# ଶ୍ରୀ ଖାରବେଳ
## (ଖାରବେଳଙ୍କ କଳିଙ୍ଗ କାହାଣୀ)

ଡାକ୍ତର ଇନ୍ଦ୍ରମଣି ଜେନା, ଏମ୍.ଡି.

### ସୁଦୂର ପୁରାତନ ପିଥୁଣ୍ଡା ନଗର କର୍ଷଣ

ଏବେ ହାତୀଗୁମ୍ଫାର ଏକାଦଶ ପଦଟି ଶବ୍ଦାୟମାନ ହେବାକୁ ଲାଗିଲା -

"କଳିଙ୍ଗ ପୁବରାଜ ନିବେସିତଂ ପୀଥୁଣ୍ଡ ଗଧବନଂଗଲେନ କାସୟତି ॥ ଜନପଦ ଭାଜନଂ ଚ ତେରସବସ ସତ କତଂ ଭିଦତି ତ୍ରିମିର ଦେହ ସଂଘାତ ॥ ବାରସମେ ଚ ବସେ (ସେନାହି) (ସତ)ସହ ସେହି ବିତାସୟତି ଉତରାପଥ ରାଜାନୋ (ତତୋ)"

ଏହି ହାତୀଗୁମ୍ଫା ଶିଳାଲିପି ଏକାଦଶ ପଦଟିର ଅର୍ଥ ହେଉଛି - ଥକଳିଙ୍ଗାଧିପତି ଖାରବେଳ ଏକାଦଶ ବର୍ଷରେ ପୂର୍ବ କଳିଙ୍ଗରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ପିଥୁଣ୍ଡାନଗରୀକୁ ଗଧ ଦ୍ୱାରା ହଳ କରାଇ ପୁନରୁଦ୍ଧାର କରନ୍ତି। ତା ସହିତ ତେର ଶହବର୍ଷ ଧରି ସଂଗଠିତ ହୋଇ ରହିଥିବା ଦ୍ରାବିଡ଼-ମେଳକୁ ଆକ୍ରମଣ କରି ଛିନ୍ନ ଛତ୍ର କରିଦିଅନ୍ତି। ଶାସନର ବାର ବର୍ଷରେ ଏକ ଲକ୍ଷ ସୈନ୍ୟ ପରିଚାଳନା କରି ଉତ୍ତରପଥ ନୃପତିଙ୍କର ଭୟର କାରଣ ସାଜନ୍ତି।ଧ

ଏକାଦଶ ଧାଡ଼ିଟିର ତର୍ଜମା କରୁଛନ୍ତି କଳିଙ୍ଗ ନଗର ଅଖଣ୍ଡାଂଶ ଭୂତି ମହାଶୟ। କହିଲେ, ଆମେ ଏବେ କଳିଙ୍ଗର ଉତ୍ତର ଦିଗରୁ ଦୃଷ୍ଟି ଲେଉଟାଇ ଟିକିଏ ଦକ୍ଷିଣକୁ ଦେଖିବା। କଳିଙ୍ଗର ଦାକ୍ଷିଣାତ୍ୟ ସହିତ କି ସମ୍ବନ୍ଧ ରହିଥିଲା ଆଉ ଭାରତବର୍ଷରେ ଦାକ୍ଷିଣାତ୍ୟର କିପରି ଆଧିପତ୍ୟ ରହିଥିଲା। କଳିଙ୍ଗରେ ମହାମେଘବାହନଙ୍କ କର୍ତ୍ତୃକ ଉଦ୍ଭବ ସାମରିକ ଶକ୍ତି ବହୁ ଶତାବ୍ଦୀ ଧରି ତିଷ୍ଠି ରହିଥିବା ବଳଶାଳୀ ଦ୍ରାବିଡ଼ମେଳକୁ କିପରି ସାମନା କରିଛନ୍ତି, ତାହା ଗୋଟିଏ ପଦରେ ଉଲ୍ଲିଖିତ ହୋଇଛି। ଏହାର ସବିଶେଷ ବ୍ୟାଖ୍ୟାର ବିଶେଷ ପ୍ରୟୋଜନ ରହିଛି ଆଜିର ପ୍ରସଙ୍ଗରେ। ଆମର ଏମିତି ଅନେକ ବିଷୟ ରହିଛି ତାହା କଳିଙ୍ଗ ଇତିହାସରେ, ନୌଯାତ୍ରା ସମ୍ବନ୍ଧରେ, ଜୈନ ଏବଂ ବୌଦ୍ଧ କାହାଣୀ ଗୁଡ଼ିକରେ ବିଶଦ ଭାବରେ ବର୍ଣ୍ଣିତ। ଏଗୁଡ଼ିକ ବହୁତ ଗୁରୁତ୍ୱପୂର୍ଣ୍ଣ।

ଏହି ପଦଟିରେ ପୀଥୁଣ୍ଡ ନାମକ ନଗରୀର ଉଲ୍ଲେଖ ରହିଛି। ଏହା ପ୍ରାଚୀନ କାଳରେ କଳିଙ୍ଗର ପୂର୍ବରାଜା ଅବସ୍ଥାନ କରୁଥିବାର ଦର୍ଶାଯାଇଛି। ଏହି ନଗରୀକୁ ମହାମେଘବାହନ ଖାରବେଳ ଗଧ ଯୋଚା ହୋଇଥିବା ଲଙ୍ଗଳରେ ହଳ କରି ଆବାଦ କରିଥିଲେ। ଏହା ପୀଥୁଣ୍ଡ ନାମକ କଳିଙ୍ଗନଗରୀ ଠାରୁ ବହୁଦୂରରେ ରହିଥିବା କଳିଙ୍ଗର ପୁରାତନ ରାଜଧାନୀକୁ ସୂଚାଉଛି। କୌଣସି ଏକ କାରଣରୁ ଏହି ପୀଥୁଣ୍ଡ ନଗରୀକୁ କଳିଙ୍ଗାଧିପତି ନିଜ ମୂଲ୍ୟବାନ ସମୟ ବ୍ୟୟ କରି ନିଜ ଶକ୍ତିର ଉପଯୋଗ କରି କର୍ଷଣ କରିଥିଲେ। ବଳଦ ବଦଳରେ ଏହି ପୀଥୁଣ୍ଡ ନଗରରେ ଗଧ ଯୋଚା ଯାଇଥିବା ଲଙ୍ଗଳରେ ହିଁ ହଳ କରାଯାଇ ଅନେକ ଅଞ୍ଚଳ ମୁକ୍ତ କରାଯାଇଥିଲା। ବଳଦ ବଦଳରେ ଗଧ ବ୍ୟବହାରର କାରଣ ଜୈନମାନେ ପ୍ରଥମ ଜୈନ ତୀର୍ଥଙ୍କର ବୃଷଭନାଥଙ୍କ ପଦାଙ୍କ ଅନୁସରଣ କରି ଚାଷକାମରେ କିମ୍ବା କୌଣସି ବ୍ୟବସାୟରେ ବଳଦ ବା ବୃଷଭ ବ୍ୟବହାର କରୁ ନଥିଲେ। ଏହା ସେମାନଙ୍କର ନିଜ ଧର୍ମର ପ୍ରଥମ ଆବାହକ ବୃଷଭନାଥଙ୍କୁ ଗଭୀର ସମ୍ମାନ। ପୀଥୁଣ୍ଡ ସ୍ଥାନଟିର ଜୈନଧର୍ମର ଗୁରୁତ୍ୱ ଅଧିକ ଥିଲା, ଧର୍ମର ମାନ ରକ୍ଷାକରି ସେଠାରେ ଗଧ ହିଁ କର୍ଷଣ ନିମନ୍ତେ ବ୍ୟବହାର କରାଯାଇଥିଲା।

ଏହି ପୀଥୁଣ୍ଡ ନଗରୀର ବହୁ ଗୁରୁତ୍ୱ ରହିଛି। ଏହା କଳିଙ୍ଗର ପୂର୍ବ ଉପକୂଳର ଗୋଟିଏ ପ୍ରସିଦ୍ଧ ବନ୍ଦର। ଏହା ମଧ୍ୟ ମହାନଦୀ ଆଉ ଗୋଦାବରୀ ନଦୀ ଯୁଗଳ ମଧ୍ୟବର୍ତ୍ତୀ ରାଜ୍ୟ ଅର୍ଥାତ୍ କଳିଙ୍ଗର ପୁରାତନ ରାଜଧାନୀ। ଏହି ରାଜଧାନୀ ଆଉ ଗୋଟିଏ ରାଜ୍ୟର ସୀମାରେ ରହିଥିଲା। ସେଇଟି ପାଲୁର ଏବଂ କଳିଙ୍ଗପଟନମ୍ ମଧ୍ୟରେ ଅବସ୍ଥିତ ଥିଲା। ଅନେକ ଲୋକ ଏହି ପୁରାତନ ଜୈନକ୍ଷେତ୍ର ଏବଂ କଳିଙ୍ଗର ରାଜଧାନୀକୁ ସାମୁଦ୍ରିକ ପରିସୀମା ନେଇ ପାଲୁରର ଦକ୍ଷିଣ ଦିଗରେ ଅନତି ଦୂରରେ ବା ଗୋଦାବରୀ ତଟ ପର୍ଯ୍ୟନ୍ତ ଅଞ୍ଚଳରେ ଗୋଟିଏ ସୁପ୍ରତିଷ୍ଠିତ ବନ୍ଦର ଏବଂ ସାମୁଦ୍ରିକ ବାଣିଜ୍ୟର ପେଣ୍ଠସ୍ଥଳୀ ବୋଲି ବିଖ୍ୟାତ ଥିଲା।

ନଗର ଅଖଣ୍ଡାଂଶ ଦୃଢ଼ତାର ସହିତ ବଖାଣି ଚାଲିଥିଲେ, ଏହି ପୀଥୁଣ୍ଡା ଜୈନଧର୍ମର ଏକ ବିଖ୍ୟାତ ନଗରୀ। ଏତେ ବିଖ୍ୟାତ ଯେ, ଆଜିଠାରୁ ପାଞ୍ଚ ଶତାବ୍ଦୀ ପୂର୍ବରୁ ଯେତେବେଳେ ବର୍ଦ୍ଧମାନ ମହାବୀର ଯେବେ କଳିଙ୍ଗ ଗସ୍ତରେ ଆସିଥିଲେ, ସେ କୁମାରୀଗିରି ଶିଖରରେ ଧର୍ମଚକ୍ର ପ୍ରବର୍ତ୍ତନ କରିଥିଲେ। ଏହି ଘଟଣା ଆଜିର ହାତୀଗୁମ୍ଫା ଶିଳାଲିପି ଉଦ୍‌ଘାଟନ ଏବଂକଳିଙ୍ଗ ମହୋତ୍ସବ ସମୟରୁ ପାଞ୍ଚଶତ ବର୍ଷ ପୂର୍ବର ଘଟଣା। ପୀଥୁଣ୍ଡା ଆନ୍ତର୍ଜାତୀୟ ବନ୍ଦରର ବିଶେଷତ୍ୱ ହେଉଛି ଏହାର ଭୌଗୋଳିକ ସ୍ଥିତି ଏମିତି, ଏଠାରୁ ଜଳଯାତ୍ରାକଲେ, ପାଣି ଆଉ ପବନ ଚମ୍ପା (ଆଧୁନିକ ଭିଏତନାମ)କୁ ଯିବାକୁ ଅନୁକୂଳ ହେବ। ଚମ୍ପାଯିବାକୁ ସମସ୍ତ ଭାରତୀୟ ଯାତ୍ରୀ ହିଁ ଏହି ବନ୍ଦରରୁ ଯାତ୍ରାର ଶୁଭାରମ୍ଭ କରନ୍ତି।

ପୀଥୁଣ୍ଡା ବନ୍ଦର ଏମିତି ବିଖ୍ୟାତ ହୋଇଗଲା, ଏଠାରେ ବହୁ

ଯାତ୍ରୀମାନଙ୍କଗ ଗନ୍ତବ୍ୟସ୍ଥଳ ହୋଇ ଉଠିଥିଲା। ପଣ୍ୟଦ୍ରବ୍ୟ ଏଠାରୁ ଚମ୍ପା ରପ୍ତାନୀ ହୁଏ ଏବଂ ବହୁ ପଦାର୍ଥ କଳିଙ୍ଗକୁ ଆସେ। କଳିଙ୍ଗର ରପ୍ତାନୀ ଦ୍ରବ୍ୟ ଗୁଡ଼ିକ ଚମ୍ପାରେ ଏତେ ଆଦୃତ, କଳିଙ୍ଗବାସୀ ଶାନ୍ତିରେ ଚମ୍ପାକୁ ସୂକ୍ଷ୍ମ ବସ୍ତ୍ର, କୃଷି ଓ ଜଙ୍ଗଲଜାତ ଦ୍ରବ୍ୟ, ହାତୀଦାନ୍ତ ଆଦି ରପ୍ତାନୀ କରନ୍ତି। ପ୍ରତିବଦଳରେ କଳିଙ୍ଗକୁ ଆମଦାନୀ ହୁଏ ସୁନା ଏବଂ ଅନ୍ୟାନ୍ୟ ଧାତବ ଦ୍ରବ୍ୟ ଓ ମସଲା ପଦାର୍ଥ।

ଏକ ସମୟରେ ପୀଥୁଣ୍ଡା କଳିଙ୍ଗର ଏକ ପ୍ରମୁଖ ବନ୍ଦର ଥିଲା ଏବଂ ସେତେବେଳେ ବି ଏହା କଳିଙ୍ଗରାଜ୍ୟର ରାଜଧାନୀ ଥିଲା। ବହୁବର୍ଷର ସାମୁଦ୍ରିକ ବାଣିଜ୍ୟ ଫଳରେ କଳିଙ୍ଗ ଏବଂ ଚମ୍ପା ମଧ୍ୟରେ ଏମିତି ସମ୍ପର୍କ ସୃଷ୍ଟି ହୋଇଥିଲା, ତାହା ମହାମେଘବାହନ ଖାରବେଳଙ୍କ ଶାସନକାଳର ପାଞ୍ଚ ଶତାବ୍ଦୀ ପୂର୍ବରୁ ସ୍ୱୟଂ ମହାବୀର ନିଜର ପୀଥୁଣ୍ଡା ନଗର ପରିଭ୍ରମଣରେ ଅନେକ ଚମ୍ପାବାସୀ ସେଠାରେ ଅବତରଣ କରିବାର କିମ୍ବଦନ୍ତୀ ରହିଛି। କହିବା ବାହୁଲ୍ୟ ଏହା ଯେ ଆଜିର ଦିନକୁ ଏହି ପୀଥୁଣ୍ଡାର ଅୟମାରମ୍ଭ ଆନୁମାନିକ ଏକ ସହସ୍ରାବ୍ଦ ହେବା ସମ୍ଭବ। ସେହି କାରଣରୁ ପୀଥୁଣ୍ଡା ନଗରୀ ବେଶ୍ ବିକଶିତ ଏବଂ ଏଠାର ଅନେକ ଆନ୍ତର୍ଜାତୀୟ ପଣ୍ୟାଗାର ଏବଂ ବ୍ୟବସାୟିକ କେନ୍ଦ୍ର ରହିଛି, ବହୁ ବିଦେଶାଗତ ପଦାର୍ଥ ଏଠାରେ ଉପଲବ୍ଧ ହୁଏ।

ସମ୍ଭବତଃ ଏହି ପୀଥୁଣ୍ଡା ନଗରୀ କେବଳ ପୂର୍ବ ପ୍ରାଚ୍ୟର ସୁବର୍ଣ୍ଣଦ୍ୱୀପ ନୁହେଁ, ପଶ୍ଚିମ ଉନ୍ନତ ସଭ୍ୟତା ଗ୍ରିସ୍, ରୋମ୍ ଏବଂ ମିଶର ସହିତ ସମ୍ପର୍କୀତ ଥିଲା। ଅନେକ ପଶ୍ଚିମା ଅନୁସନ୍ଧିତ୍ସୁ ବ୍ୟବସାୟୀ କିମ୍ବା ଗବେଷକଙ୍କୁ କଳିଙ୍ଗର ହୀରକ କ୍ଷେତ୍ରଗୁଡ଼ିକୁ ଆକର୍ଷିତ କରି ପାରୁଥିବାରୁ ସେମାନେ ପୀଥୁଣ୍ଡାର ପର୍ଯ୍ୟାପ୍ତ ବର୍ଣ୍ଣନା କରନ୍ତି। କଳିଙ୍ଗ ଆବାଲ୍ୟରୁ ଜୈନ ଧର୍ମର ଏକ ପ୍ରକୃଷ୍ଟ କ୍ଷେତ୍ର ଭାବରେ ଖ୍ୟାତ ଏବଂ ଏହି ରାଜ୍ୟର ଲୋକମାନେ ବୌଦ୍ଧଧର୍ମର ବହୁ ପୂର୍ବରୁ ଜୈନ ନିର୍ଗ୍ରନ୍ଥିମାନଙ୍କ ଦ୍ୱାରା ପ୍ରଭାବିତ ହୋଇଆସୁଛନ୍ତି ଏବଂ ଏମିତିକି ଅନେକ କଳିଙ୍ଗ ନୃପତି ଜୈନ ଧର୍ମାବଲମ୍ବୀ ବୋଲି ଦେଖିବାକୁ ମିଳେ। ସେମାନଙ୍କ ମଧ୍ୟରେ ଅଛନ୍ତି ଜଣେ ଧର୍ମପରାୟଣ ଜୈନ ନୃପତି, ଯେ କି ରାଜର୍ଷି ଭାବରେ ପ୍ରଖ୍ୟାତ। ତାଙ୍କର ନାମ ରାଜର୍ଷି କରକଣ୍ଡ। ସମୟର ମାପରେ ରାଜର୍ଷି କରକଣ୍ଡଙ୍କ ବିଷୟରେ ଅଧିକ ତଥ୍ୟ ଜଣା ନଥିଲେ ବି ଆମେ ଆଜି କୁମାରୀଗିରି ପର୍ବତର ଯେଉଁ ହାତୀଗୁମ୍ଫା ମଥାରୁ ଶିଳାଲିପି ପ୍ରତିଷ୍ଠା ଏବଂ ବ୍ୟାଖ୍ୟା କରୁଅଛେ, ସେଠାରେ ବିଦ୍ୟମାନ ହୋଇ କଳିଙ୍ଗର ଗ୍ରାମେ ଗ୍ରାମେ ଧର୍ମ, ଭାଷା, ସେବା କରୁଥିବା ଜୈନ ନିର୍ଗ୍ରନ୍ଥମାନଙ୍କ ବର୍ଷକର ବର୍ଷା ଚାରିମାସ ବା ଚତୁର୍ମାସ୍ୟା ବସବାସ ନିମନ୍ତେ ବାସ ଯୋଗାଇବାର ଉପକ୍ରମ କରିଥିଲେ। କୁମାରୀଗିରିର ହାତୀଗୁମ୍ଫା ପ୍ରାକୃତିକ ଗୁମ୍ଫା ରୂପ, ଗୁଣରେ ଆକର୍ଷିତ ହୋଇ ପଥର ଶିଳ୍ପୀ ସହାୟତାରେ ଅନେକ ଗୁଡ଼ିଏ ଗୁମ୍ଫା ଖନନ କରିଥିଲେ। ସେହି ଦିନଠାରୁ କୁମାରୀ ପର୍ବତ କୁମାରଗିରି ତୁଳନାରେ ଅପେକ୍ଷାକୃତ କମ୍ ଉଚ୍ଚତାରେ ରହିଥିବାରୁ ଏବଂ ଚଢ଼ିବାକୁ ସହଜ ହୋଇଥିବାରୁ ସେଠାରେ ନିର୍ଗ୍ରନ୍ଥି ମାନଙ୍କ ବାସ ପାଇଁ ଉପଯୁକ୍ତ ବିବେଚନା କରିଥିଲେ।

ଏହି ହାତୀଗୁମ୍ଫା ଶିଳାଲିପି ଗୁମ୍ଫା ବିଷୟରେ ଅନେକ ବର୍ଣ୍ଣନା ରଖିଛି, ଯାହା ଆମର ବ୍ୟାଖ୍ୟା ପରିସରକୁ ଆସିବ, କିନ୍ତୁ ଏଠାରେ କହିବା ବାହୁଲ୍ୟ ଯେ, ସେହି ସୁଦୂର ପୀଥୁଣ୍ଡା ନଗରୀରେ ରାଜ୍ୟର ଜୈନ ପ୍ରଭାବରୁ ତଦାନୀନ୍ତନ କଳିଙ୍ଗ ଜୈନ ସମ୍ରାଟ ପ୍ରଥମ ଜୈନ ତୀର୍ଥଙ୍କର ବୃଷଭନାଥଙ୍କର ଗୋଟିଏ ବିଶାଳ ମୂର୍ତ୍ତି ଏବଂ ତାଙ୍କର ଗୋଟିଏ ସୁଦୃଶ୍ୟ ମୁକୁଟ ପ୍ରସ୍ତୁତ କରି ସମଗ୍ର ଜୈନ ସମ୍ପ୍ରଦାୟରେ କାହିଁକି ସମଗ୍ର ଭାରତବର୍ଷରେ ଚହଳ ସୃଷ୍ଟି କରିଥିଲେ। ଯୁଗ ଯୁଗକୁ ଏହି ମୂର୍ତ୍ତି କଳିଙ୍ଗ ରାଜ୍ୟର ରାଷ୍ଟ୍ରପ୍ରତିମା ବା କଳିଙ୍ଗଜିନା ପାଲଟି ଯାଇଛି।

ଆଜି ଏହି ପୀଥୁଣ୍ଡା ବିଷୟ ଯେତେବେଳେ ଉତ୍ଥାପିତ, ଆମର କଳିଙ୍ଗ ତଥା ଜୈନଧର୍ମର ଉତ୍ପତ୍ତି ବିଷୟରେ ଦୃଷ୍ଟି ପକାଇଲେ, ଆଜିଠାରୁ ଆହୁରି ଅନେକ ସହସ୍ରାବ୍ଦ ପୂର୍ବର କଳିଙ୍ଗ ଇତିହାସ ସମ୍ବନ୍ଧରେ ଅନେକ ତଥ୍ୟ ଅବଗତ ହେବ। ଏହା ମଣିଷର ସାମାଜିକ ମନୋଭାବ, ସମାଜ ଗଠନ ଏବଂ ଜୈନଧର୍ମ ଉଦ୍‌ଭବ ବିଷୟରେ ଆଲୋକପାତ କରେ।

ଅତି ପ୍ରାଚୀନ କାଳରୁ ଇତିହାସରେ କଳିଙ୍ଗର ପରିଚୟ ରହିଛି। ପୁରାଣ ଶାସ୍ତ୍ରଯୁଗରୁ ବୋଧହୁଏ ଇତିହାସ ପୃଷ୍ଠାକୁ ଉତ୍ତୀର୍ଣ୍ଣ ଜମ୍ବୁଦ୍ୱୀପର ଏହା ଏକ ପ୍ରମୁଖ ରାଜ୍ୟ। ମହୋଦଧି ତଟରେ ରହିଥିବାରୁ ଏହା ଏକ ଆକର୍ଷଣୀୟ ଭୌଗୋଳିକ ସମ୍ଭାର ହୋଇଛି; ସେଇ କଳିଙ୍ଗ ନବ ଉଦିତ ଇତିହାସର ବାସ୍ତବତାରେ ନିଜର ଅଭିଜ୍ଞତା ନେଇ ସମାଜ ଗଠନ କରି ପାରିନି, ସମାଜ ଏଯାବତ୍ ବଣ୍ୟଜୀବନରେ ଆଧାରିତ ହୋଇ ଅଙ୍କୁରିତ ହୋଇ ଗଢ଼ିଉଠୁଛି। ମାତ୍ର ସମୟ ସେତେବେଳକୁ ମହାଭାରତ ଯୁଦ୍ଧ ଘଟିବାକୁ ଅନେକ ସହସ୍ରାବ୍ଦୀ ବାକି ଅଛି।, ଦୁଇ ସହସ୍ର ବର୍ଷ ବାକି ଅଛି ଧର୍ମପୁତ୍ର ମହାବୀର କି ବୁଦ୍ଧ ଜନ୍ମ ନେବାକୁ । ଇତିହାସ ବି ନିରବ କିଛି ଆଶୁ ସମ୍ଭାବନା ସଂପର୍କରେ।

ଲୋକମାନେ ଏତେବେଳକୁ ଖାଦ୍ୟ ଅଖାଦ୍ୟ ଜାଣିନାହାନ୍ତି। ସମାଜ ସତରେ ବିକଶିତ ହୋଇନି। ଏହି ସାମଜ ଓ ସଭ୍ୟତାବିହୀନ ସମୟରେ ସମାଜରେ ଦାମ୍ପତ୍ୟଜୀବନ, ଗାର୍ହସ୍ଥ୍ୟ ଜୀବନ, ଲୋକଙ୍କର ଆଶା ଓ ଆକାଂକ୍ଷା ଥିଲେ ବି ବୋଧହୁଏ ସମ୍ଭବ ନ ଥିଲା। ଏଥିପାଇଁ ସମାଜ ଆବଶ୍ୟକ କରୁଥିଲା ଜ୍ଞାନ, ସାମାଜିକ ଶୃଙ୍ଖଳା ଓ ନୈତିକତା ବୋଧ। କିଛି ମହାମନୀଷୀ ଏହି ଦୁର୍ଗମ ଅମା ଅନ୍ଧକାରରେ ଜ୍ଞାନଲାଭକରି ଜିଣି ପାରିଥିଲେ ନିଜର ଇନ୍ଦ୍ରିୟାନୁଭୂତି, ନିଜର ବାସନା କାମନା। ସମାଜ କିପରି ବଞ୍ଚିବାର ପାଥେୟ ହେବ, ସେମାନେ ହୁଏତ ନିଜର ମାନବଧର୍ମୀ ଚିନ୍ତାଧାରାରେ ଭବିଷ୍ୟତକୁ ଦେଖିପାରୁଥିବେ।

ସମାଜ ଗଠନରେ ବ୍ରତୀ ହେବାର ଅଭିପ୍ରାୟ ନେଇ ହୋଇ ଯାଇଥିଲେ ଆଦିମ କାଳର ଆଦି ଜୀନା ଋଷଭନାଥ, ପ୍ରଥମ ଜୈନ ତୀର୍ଥଙ୍କର। ସମଗ୍ର ଦେଶରେ ନୈତିକ ସମାଜ ଗଠନ ପାଇଁ ମୂଳଦୁଆ ପକାଇଥିଲେ ଜୈନ ଧର୍ମର। ମାନବିକ ଗୁଣ ଆଧାରରେ ବହୁ ସକ୍ରିୟ ମାନବଧର୍ମୀ ପରୋପକାରୀ ଧର୍ମପ୍ରଚାରକ ମାନଙ୍କୁ ପରିଚାଳନା କରୁଥିଲେ ଦେଶର ଅଭ୍ୟନ୍ତରରେ, ଅଗମ୍ୟ ଅଞ୍ଚଳରେ। ଏମିତି ଭିତ୍ତିସ୍ଥାପନ ହୋଇଥିଲା ଭାରତର ଗୋଟିଏ ଧର୍ମର, ଯାହା ବେଦ ରଚନାର ବହୁ ପୂର୍ବରୁ। ବେଦ ବି ସେହି ମହାମନୀଷୀଙ୍କର ନାମ ଉଦ୍ଧାର କରିଛି, ପ୍ରଥମ ପ୍ରଣିତ ଋକ୍‌ବେଦରେ।

ଏହି ସମୟର କାଳ ନିର୍ଦ୍ଧାରଣ କରାଯାଇ ପାରେ ଭାରତରେ ସିନ୍ଧୁସଭ୍ୟତା ବିକଶିତ ହେବା କାଳର ଅବ୍ୟବହିତ ପରେ।

ଆଦିନାଥ ଋଷଭନାଥ ନାମ ବହନ କରି ସମାଜ ସଂଗଠନ ପାଇଁ ନିଜର ଜୀବନକୁ ଉତ୍ସର୍ଗ କରି ଏକ ନିର୍ଣ୍ଣାୟକ ଭୂମିକା ନେଇଥିଲେ। ସେ ସମୟରେ ବିବାହ ଗୋଟିଏ ପ୍ରଥା ଭାବରେ ସମାଜରେ ନଥିଲା। ନିଜେ ବିବାହ କରି ସମାଜରେ ବିବାହର ଉଦାହରଣ ସୃଷ୍ଟି କରିଥିବା ଯୁଗର ମଣିଷ ଋଷଭନାଥ। ସେ ଯେଉଁ ସନାତନ ଧର୍ମର ଅୟମାରମ୍ଭ କରିଥିଲେ,

ତାହା ମାନବଧର୍ମର ସମସ୍ତ ଉପାଦାନରେ ଭୂଷିତ। ଏହା ଯେଉଁ କାଳର କଥା, ସେତେବେଳକୁ ବେଦ ଚରନା ଆରମ୍ଭ ହୋଇନାହିଁ, ବେଦର ପୂର୍ବ ସମୟ, ମାତ୍ର ମହାଞ୍ଜୋଦାରୋ ଓ ହରପ୍ପାର ଦ୍ରାବିଡ଼ ସଭ୍ୟତାର ପରବର୍ତ୍ତୀ ସମୟ ବୋଲି ଅନୁମାନ କରାଯାଏ। ସେତେବେଳକୁ ଅକଳ୍ପନୀୟ ଥିଲା ଉପନିଷଦ କି ପୁରାଣ। ତାହାତ ମହାଭାରତ ଯୁଦ୍ଧର ବହୁ ପୂର୍ବର କଥା। ସେତେବେଳକୁ ମଣିଷ ଖାଦ୍ୟ ଅଖାଦ୍ୟ ଜାଣିନି, ରଚି ଅରୁଚି ଚାଖିନି, ଠିକ୍ ଭାବରେ ବସ୍ତ୍ର ପରିଧାନ କରି ଶିଖିନି ଓ ସମାଜର ବିଧି ଗ୍ରହଣ କରିନି। ବନ ପର୍ବତର ମଣିଷ। ଆଗତ ଭବିଷ୍ୟତ କଳିବାର ଅଭିଜ୍ଞତା ପାଇନି। ଯେତିକି ଦିଶୁଛି ଆଖିକୁ ସେତିକି। ବଳ ଯାହାର ରାଜ୍ୟ ତାହାର। ବନ୍ୟ ଜନ୍ତୁମାନଙ୍କ ହିଂସାର ସଂସାର।

ସେ ସମୟରେ ଖୁବ୍ କମ୍ ଲୋକ ଥିଲେ, ଯାହା ମନରେ ଥିଲା ସେଇଠାରୁ ଆସିଛି ମାନବିକତା। ଯିଏ ଦେଖନ୍ତି ମଣିଷର ଶକ୍ତି, ସାମର୍ଥ୍ୟ ଓ ସାମାଜିକ ବନ୍ଧନରେ ସୁନ୍ଦର ସମାଜ। ସିଏ ମଣିଷ ସମାଜକୁ ଦେଖାଇ ଦିଅନ୍ତି ବଞ୍ଚିବାର ମାର୍ଗ, ଖାଦ୍ୟଯୋଗ୍ୟ ପଦାର୍ଥ, ବଞ୍ଚି ରହିବାର ଅଭିପ୍ରାୟ, ଜୀବନର ଲକ୍ଷ୍ୟ ଓ ଜୀବ ନିର୍ଜୀବ ମଧ୍ୟରେ ତାରତମ୍ୟ। ବହୁଲୋକ ତାଙ୍କୁ ଦେଖନ୍ତି ଅନନ୍ୟ ଭାବରେ, ଆଦର୍ଶ ଭାବରେ। ତାଙ୍କର ଅନୁଗମନ କରନ୍ତି। ବ୍ରତୀ ହୁଅନ୍ତି ସମାଜ ସେବାକରି ଜୀବନ କଟାଇବାକୁ। ଜୀବନରେ ସାର୍ଥକତା ଆସେ ଅନ୍ୟକୁ ବାଟ ବତାଇବାରେ, ଭଲମନ୍ଦ ବୋଲି ଚିହ୍ନାଇଦେବାରେ।

ସେଇ ମଣିଷ ହେଉଛନ୍ତି ଆଦିନାଥ, ଆଦିଜୀନ, ଜୈନ ପ୍ରଥମ ତୀର୍ଥଙ୍କର ଋଷଭନାଥ। ସେ ଭଦ୍ରସମାଜର ଭିତ୍ତି ସ୍ଥାପନ କରିଛନ୍ତି। ଉଦାହରଣ ସୃଷ୍ଟିକରିଛନ୍ତି। ସମାଜରେ ସମସ୍ତେ ବଞ୍ଚିବାର ମର୍ଯ୍ୟାଦା ଉପଲବ୍ଧି କଲେ। ପୁଣି ସେକାଳ ମଣିଷ କଅଣ କରିବ ତାହା ଜାଣି ନଥିଲା। ଶକ୍ତି ଥିଲେ ବି ଶିକ୍ଷା କି ଦୀକ୍ଷା ନ ଥିଲା। ଶୁଣିଲା ଆଦିନାଥଙ୍କ ମନର କଥା। ମଣିଷ ହୋଇ କି କର୍ମ ଆଦରିବ ? ଆଦିନାଥ ସରଳ ଭାଷାରେ କହିଛନ୍ତି, କେଉଁଟା ବାଛିବ ବାଛ। ଅସୀ, ମସୀ, ବିଦ୍ୟା, ଜ୍ଞାନ, ଶିଳ୍ପ କି ବାଣିଜ୍ୟ। ସତେ ତ। ଯୁଦ୍ଧ ପାଇଁ ଖଣ୍ଡା କି ବ୍ୟବସାୟ ପାଇଁ ପ୍ରସ୍ତୁତି; ବିଦ୍ୟାଶିକ୍ଷା କି ବଣିଜ ପାଇଁ ପ୍ରସ୍ତୁତି। ଯାହାପାଇଁ ଯେଉଁଟି ଗ୍ରହଣୀୟ ସେ ନିଜ ଦଗରେ ଗତି କରିବେ, କରନ୍ତୁ। କିନ୍ତୁ ସେଇ ବିଷୟରେ ସିଦ୍ଧ ହୁଅନ୍ତୁ। ଜଣେ ସମସ୍ତ ବିଷୟରେ ମୁଣ୍ଡ ଖେଳାଇବାର ଆବଶ୍ୟକତା ନାହିଁ। ଜଣେ ସୈନ୍ୟ ହେଲେ, ତାର ବଣିଜ ବିଷୟରେ ମୁଣ୍ଡ ଖେଳାଇବାର ଆଦୌ ଆବଶ୍ୟକତା ନାହିଁ, ମାତ୍ର ଖଣ୍ଡା ବୁଲାଇବାର ଅଭିଜ୍ଞତା ଆବଶ୍ୟକ। ନିଜ ବିଷୟରେ ନିଜେ ଦକ୍ଷତା ଅର୍ଜନ କରିବା ନିହାତି ଦରକାର।

ଆହୁରି ଗହୀରକୁ ଯାଇ ସିଏ ଧ୍ୟାନ କରି ୬୪ ତତ୍ତ୍ୱ ଅନୁସନ୍ଧାନ କଲେ। ସମାଜରେ ପାଇଲେ ଯଶ। ଅସଂଖ୍ୟ ଭକ୍ତ ତାଙ୍କର ତତ୍ତ୍ୱ ଅନୁସରଣ କରି ସମାଜରେ ସେଗୁଡ଼ିକୁ ପ୍ରୟୋଗ କରିବାରେ ନିଜର ଜୀବନକୁ ଉତ୍ସର୍ଗ କରିଛନ୍ତି। ସେଇମାନେ ବଣ ଜଙ୍ଗଲରେ ଗଳିକନ୍ଦିରେ ପଶି ସମାଜକୁ ବାଟ ଦେଖାଇବାରେ ନିଜର ଜୀବନ ବିପନ୍ନ କରିଛନ୍ତି । ଖାଇବା, ପିନ୍ଧିବା, ସାଧାରଣ ଜ୍ଞାନରୁ ଆରମ୍ଭ କରି ଆଧ୍ୟାତ୍ମିକ ଦିବ୍ୟଜ୍ଞାନ ପର୍ଯ୍ୟନ୍ତ। ଲୋକ କହିଲେ ଏମାନେ ଅନାଗ୍ରହୀ, ଏମାନେ ନିର୍ଗ୍ରନ୍ଥ। ବିନା ସ୍ୱାର୍ଥରେ ଏମାନେ ପରର ମଙ୍ଗଳ ପାଇଁ ଏମାନେ ଉତ୍ସର୍ଗୀତ।

ଅମା ଅନ୍ଧକାର ଭିତରୁ ମଣିଷ ସମାଜ ଦେଖିଲା ପୂର୍ବ ଦିଗ୍‌ବଳୟରେ ସିନ୍ଦୂରା ଫାଟି ଆସିଲାଣି। ବୃକ୍ଷ ଶିଖରର ଉପବିଷ୍ଟ ପକ୍ଷୀକୁଳ ଉଷାଲୋକ ଦର୍ଶନରେ କାକଳି କଲେଣି। ମଣିଷ ଚକ୍ଷୁ ଉନ୍ମୀଳିତ କରି ଶୁଣିପାରୁଛି – 'ଅହିଂସା ଆଚର', 'ପରସ୍ପର ମଣିଷ ଭାବରେ ସଚ୍ଚୋଟ ହୁଅ', 'ଚୋରି କରନାହିଁ' – ଏମିତି ଅନେକ ଉପଦେଶ। ସମାଜ ଗଠନ ପାଇଁ ସେବା ମନୋବୃତ୍ତି ନେଇ କାର୍ଯ୍ୟରତ ତୀର୍ଥଙ୍କର ମାନଙ୍କର ଦିବ୍ୟ ପରାମର୍ଶରେ ସମାଜରେ ଗଠିତ ହେଲା। ଆବଶ୍ୟକୀୟ ବ୍ୟବସାୟର ଶ୍ରେଣୀବିଭାଗ ଓ ସମାଜର ଲୋକମାନଙ୍କର ନିଜର ଆଦରର କର୍ମ। ଏମିତି ଦେଶର ପୁରେ ପୁରେ ଜଙ୍ଗଲର ଅଭ୍ୟନ୍ତରରୁ ଅଭ୍ୟନ୍ତରରେ କର୍ମମୟ ସୁଶୃଙ୍ଖଳ, ସୁଗଠିତ ଜୀବନ ପ୍ରବାହ ସୃଷ୍ଟି ହୋଇପାରିଲା। ତା ପରେ ତ ସାମାଜିକ ଶୃଙ୍ଖଳା ଓ ପାରିବାରିକ ସର୍ଣ୍ଣା ରୂପ ନେଇଛି। ଏଇଟା ହୋଇପାରେ ପ୍ରାକ୍ ମହାଭାରତ ଯୁଗ, ପ୍ରାକ୍ ଧର୍ମୀୟ ଯୁଗ, ପ୍ରାକ୍ ବୈଦିକ ଯୁଗ।

ଇତିହାସର ନବଦୃଷ୍ଟି ଉଦୟ ହେବା ବେଳକୁ କଳିଙ୍ଗ ଏକ ବିଭବମୟ ରାଜ୍ୟ ଭାବରେ ଦୃଶ୍ୟମାନ। ନଦନଦୀ ଘଞ୍ଚ ବନାନି ପରିବେଷ୍ଟିତ ସାଗରତଟର ଉର୍ବର ଅବବାହିକା ଜନାକୀର୍ଣ୍ଣ। କିନ୍ତୁ କିଛି ସାମାଜିକ ବିଭେଦ ରହିନି ରାଷ୍ଟ୍ରରେ। ରାଜ୍ୟଟି ଯଥା ସମ୍ଭବ ଭୌଗୋଳିକ ପରିବେଶ ଦୃଷ୍ଟିରୁ ସୀମା ସୁରକ୍ଷିତ, ଖାଦ୍ୟ ବସ୍ତ୍ରାଦି ପ୍ରାଥମିକ ଆବଶ୍ୟକତା ପୂରଣ କରି ଦେଶର ଅଭ୍ୟନ୍ତର ଓ ସାଗର ପଥରେ ଦୂର ବିଦେଶ ସହିତ ବ୍ୟବସାୟିକ ସମ୍ପର୍କ ସ୍ଥାପନ କରିପାରିଛି।

ରାଜ୍ୟର ସାମରିକତା ଯେତିକି ସମର୍ଥ, ଆର୍ଥିକ ଅବସ୍ଥା ଯେତିକି ସ୍ୱଚ୍ଛଳ, ଭାଷା ଓ ସଂସ୍କୃତି ସେତିକି ବିସ୍ତୃତ। ଶାସକ କେତେ ମୁହଁରେ ଶାସନ କରିବେ ? କଳିଙ୍ଗର ରାଜଗାଦି ପାଇଁ ରାଜା ଯେତିକି ଆକୃଷ୍ଟ ହୋଇଛନ୍ତି, ଲୋକ ହିତକର କାର୍ଯ୍ୟ ପାଇଁ ସେତିକି ଆଗ୍ରହୀ। ବହୁ ସମୟରେ ସେମାନଙ୍କର ଅନୁଭବ, ଏହି ରାଜ୍ୟଟା ବେଶି ଭକ୍ତିଭାବରେ ପରିପୂର୍ଣ୍ଣ। ଲୋକମାନଙ୍କର ଶାସକଙ୍କୁ ଯେତିକି ଗୁରୁତ୍ୱ ଦିଅନ୍ତି, ରାଜାଙ୍କର ଆଦୃତ ଧର୍ମକୁ ତତୋଽଧିକ ସମ୍ମାନ ଦିଅନ୍ତି।

ସେମିତି କେତେକ କାରଣରୁ କଳିଙ୍ଗର ରାଜା ନିଜେ ଜୈନଧର୍ମରେ ଦୀକ୍ଷିତ ହୋଇଛନ୍ତି ଓ ଏହାର ପରିଣତି ହୋଇଛି ପ୍ରଜାମାନଙ୍କର ସେହି ଧର୍ମ ଉପରେ ଅସମ୍ଭବ ବିଶ୍ୱାସ, ଜୈନଧର୍ମ ପ୍ରତି ଆକର୍ଷଣ ଓ ଅର୍ହତମାନଙ୍କୁ ଅକୁଣ୍ଠ ସାହାଯ୍ୟ। କଳିଙ୍ଗର ଗ୍ରାମେ ଗ୍ରାମେ ଏହି ସନ୍ୟାସୀମାନଙ୍କର ଭାଷାର ପ୍ରସାର, ଧର୍ମୋପଦେଶ ଓ ଲୋକମାନେ ନିଜକୁ ସେଇ ଧର୍ମ ସମ୍ବନ୍ଧରେ ଅବଗତ ହୋଇ ନୂତନ ସାମାଜିକତାରେ ପରିପୁଷ୍ଟ ହେଉଥିଲେ। ଏହି ଧର୍ମର ମର୍ମ ହେଉଛି, ସଂସାରରେ ଜୀବନ ମୂଲ୍ୟବାନ। ଗୋଟିଏ ଜୀବନ ହାନି କରିବା ହିଂସାରେ ପରିଗଣିତ। ଜୈନ ଅର୍ହତ ମାନଙ୍କର ଜୀବେଦୟାର ଦୃଷ୍ଟାନ୍ତ ହେଉଛି, ଗୋଟିଏ ଅଦୃଷ୍ଟ କ୍ଷୁଦ୍ରାତିକ୍ଷୁଦ୍ର ଜୀବର ବି କୌଣସି ଅନିଷ୍ଟ ନ କରିବା।

ମହାଭାରତର କଳିଙ୍ଗ। ତାହାର ଦୁଇ ବା ତଦୂର୍ଦ୍ଧ୍ୱ ରାଜଧାନୀ। ରାଜପୁର ଓ ଦନ୍ତପୁର। ରାଜପୁର କୁମାରୀଗିରି ସନ୍ନିକଟ ତୋଷାଳି। ପୁରୀ ସଲଗ୍ନ ମହୋଦଧି ତୀରରେ ସମ୍ୟକ ଦକ୍ଷିଣ-ପଶ୍ଚିମ କୋଣର ଦନ୍ତପୁର। ଏହି ରାଜପୁରର ରାଜା ଚିତ୍ରାଙ୍ଗଦ, ରାଜପୁତ୍ର ଶ୍ରୁତାୟୁଧ, ରାଜଜେମାଙ୍କର ସ୍ୱୟମ୍ବର ସଭାରେ କର୍ଣ୍ଣଙ୍କ ବଳରେ ଦୁର୍ଯ୍ୟୋଧନ ହରଣ କରିନେଇଥିଲା କଳିଙ୍ଗ

ରାଜକନ୍ୟାଙ୍କୁ। ଏହା ମହାଭାରତ ଯୁଦ୍ଧର ଦ୍ରୌପଦୀ ସ୍ୱୟମ୍ବର ସମସାମୟିକ ଘଟଣା। ମହାଭାରତରେ ସେହି ଦ୍ରୌପଦୀ ସ୍ୱୟମ୍ବର ସଭାକୁ ନିମନ୍ତ୍ରିତ ବି ହୋଇଥିଲେ କଳିଙ୍ଗ ରାଜପୁତ୍ୟ ଶ୍ରୁତାୟୁଧ।

ବୀରପଣରେ ମହାଭାରତରେ କଳିଙ୍ଗ ରଖିପାରିଛି ନିଜର କୃତିତ୍ୱ। ଗୋଟିଏ ନୁହେଁ ଅନେକ କଳିଙ୍ଗ ଭାଗ ନେଇଛନ୍ତି ମହାଭାରତ ଯୁଦ୍ଧରେ। ପ୍ରଧାନ କଳିଙ୍ଗର ରାଜା ଶ୍ରୁତାୟୁଧ ମହାଭାରତ ଯୁଦ୍ଧର ଜଣେ ସେନାନାୟକ। ମହାଭାରତ ଯୁଦ୍ଧ ପ୍ରସ୍ତୁତିରେ କୌରବ ପକ୍ଷର ଯୁଦ୍ଧ ଉପଦେଷ୍ଟା ମଣ୍ଡଳୀରେ ଉପସ୍ଥିତି ରହିଛି। କୁରୁକ୍ଷେତ୍ର ଯିବାକୁ କଳିଙ୍ଗରେ ପ୍ରସ୍ତୁତି ଚଳାଇଛନ୍ତି। ଏକ ଅକ୍ଷୌହିଣୀ ଗଜ, ରଥ, ଅଶ୍ୱ ଓ ପଦାତିକ ସଂଗ୍ରାମକୁ ଯିବେ। ପୁଣି ସ୍ୱତନ୍ତ୍ର କଳିଙ୍ଗ ନିଶାଦସେନା, ଯାହାର ଅଧିରାଜ ଶ୍ରୁତାୟୁଧ ନନ୍ଦନ ଭାନୁମତ। ନିଶାଦସେନା କଳିଙ୍ଗର ବିଶେଷତ୍ୱ। ବଳିଷ୍ଠ ଗିରିଜନ ଶାଣିତ ଅସ୍ତ୍ରରେ ସଜ୍ଜିତ। ଯନ୍ତ୍ରବତ୍ ଯୁଦ୍ଧକ୍ଷେତ୍ରରେ ସେମାନେ ପାରଦର୍ଶିତା ପ୍ରତିପାଦନ କରିଛନ୍ତି। ଜୀବନକୁ କାର୍ପଣ୍ୟ ନାହିଁ, ମୃତ୍ୟୁକୁ ତିଳେ ବି ଭୟ ନାହିଁ। ମୃତ୍ୟୁଞ୍ଜୟୀ କଳିଙ୍ଗ ନିଶାଦସେନା। ଧୈର୍ଯ୍ୟ ଓ ଲକ୍ଷ୍ୟରେ ରଣକ୍ଷେତ୍ରରେ ଅଦ୍ୱିତୀୟ। ଦୁର୍ଯ୍ୟୋଧନ ଶଶୁରଘରର ଏହି ଶକ୍ତିଶାଳୀ ସେନା ଉପରେ ମାନସିକ ଭାବରେ ନିର୍ଭରଶୀଳ।

ନିଜ ଦୁଇ ପୁତ୍ର ଭାନୁମତ ଓ ଶାକ୍ରଦେବଙ୍କ ସହିତ ମାନୀ ଦୁର୍ଯୋଧନଙ୍କ ପକ୍ଷରେ ରହିଛନ୍ତି କଳିଙ୍ଗ ନୃପତି ଶ୍ରୁତାୟୁଧ, ନିଜର ବିଶାଳ କୃଷ୍ଣକାୟ ଗଜବାହିନୀ ସନ୍ନିହିତ। ଦେଶର ସବୁ ରାଜା କୌରବସେନା ପକ୍ଷରେ ଯୋଗ ଦେଇଥିଲେ ହେଁ କଳିଙ୍ଗର ମାନ୍ୟତା ପରିଦୃଷ୍ଟ। କଳିଙ୍ଗ ରାଜପୁର ଗଜବାହିନୀ ବ୍ୟାସ ମହାଭାରତରେ ଥିଲା ଦୁଇ ଅୟୁତରୁ ଊର୍ଦ୍ଧ୍ୱ, ସଂଖ୍ୟାରେ ୨୧୮୭୦। ଏହି ବଳବାନ କୃଷ୍ଣକାୟ ହାତୀ କଳିଙ୍ଗ ଅଞ୍ଚଳର; କଳିଙ୍ଗର ଶକ୍ତି କୁରୁକ୍ଷେତ୍ର ସମବେତ ଯୁଯୁସୁବର ଅବିଚ୍ଛେଦ୍ୟ ଶକ୍ତି !

ଧର୍ମଶକ୍ତିରେ ଲଢନ୍ତି ପାଣ୍ଡବ, ରାଜନୀତିର ବନ୍ଧନରେ ସାରା ଦେଶର ରାଜନ୍ୟବର୍ଗ କୌରବ ସପକ୍ଷରେ, କେବଳ କେତେ ଜ୍ଞାତି ପରିଜନ ପାଣ୍ଡବମାନଙ୍କୁ ବାଦ୍ ଦେଇ ଶ୍ରୀକୃଷ୍ଣ ଅଛନ୍ତି ହେଉଛନ୍ତି ପାଣ୍ଡବ ରକ୍ଷକ। ଭୀମକୁ ଦେଖି ଦୁର୍ଯୋଧନ କଳିଙ୍ଗର ଗଜବାହିନୀକୁ ପ୍ରେରଣ କଲା। ତତ୍କ୍ଷଣାତ କଳିଙ୍ଗ ନୃପତି ଶ୍ରୁତାୟୁଧ ଏକ ଅୟୁତ ଗଜସେନା, ମହାରଥୀମାନଙ୍କ ସହିତ ଏକ ସହସ୍ର ରଥ, ନିଶାଦରାଜ ଭାନୁମତ ସହିତ ସମସ୍ତ ନିଶାଦକ୍ଷେତ୍ରୀମାନଙ୍କୁ ନେଇ ରଣାଙ୍ଗନରେ ଉପସ୍ଥିତ ହୋଇଗଲେ। ଅପର ପକ୍ଷରେ ଭୀମ କ୍ରୋଧାନ୍ୱିତ ହୋଇ ଚେଦିସେନା ସହିତ ଅଗ୍ରସର ହେଲେ। ଯୁଦ୍ଧ ଏତେ ଭୟଙ୍କର ହେଲା ଯେ, କେହି ନିଜ ବନ୍ଧୁ ବିରାଦର ବିବେଚନା ନକରି ଶିରଚ୍ଛେଦ କରି ଚାଲିଲେ। କଳିଙ୍ଗର ଗଜଶକ୍ତି ଓ ନିଶାଦ-ଶକ୍ତିକୁ ମୁକାବିଲା କରିନପାରି ଚେଦିସେନା ଛତ୍ରଭଙ୍ଗ ଦେଲେ। ଭୀମ ଏକାକୀ ସମଗ୍ର କଳିଙ୍ଗସେନାକୁ ମୁକାବିଲା କରିବାକୁ ଆଗେଇ ଆସିଲେ। ନିଜେ ମୁଷଳ ଧାରାରେ ତୀର ନିକ୍ଷେପ କରିବାକୁ ଲାଗିଲେ।

ଏହି ସମୟରେ କଳିଙ୍ଗ ରାଜକୁମାର ଶାକ୍ରଦେବ ଭୀମଙ୍କର ରଥର ଚକ ଖସାଇଦେବାରୁ ଭୀମ ରଥରୁ ଖସି ଭୂମିରେ ଠିଆ ହୋଇଗଲେ। ରଥଚକ ବୁଲାଇ ରଥାରୂଢ ଶାକ୍ରଦେବଙ୍କୁ ମସ୍ତକରେ ପ୍ରହାରକରି ନିଧନ କରିଦେଲେ। ଏହି ଘଟଣାରେ କ୍ରୋଧିତ ହୋଇ ଶାକ୍ରଦେବଙ୍କ ପିତା କଳିଙ୍ଗ ନୃପତି ଶ୍ରୁତାୟୁଧ ଓ ଭ୍ରାତା ଭାନୁମତ ଭୀମଙ୍କ ଆଡକୁ ମାଡିଆସିଲେ। ଭୀମଙ୍କୁ ଅସଂଖ୍ୟ ଶର ନିକ୍ଷେପ କରି ତାଙ୍କର ଚାରିଆଡ ଧୂମାୟିତ କରି ପକାଇଲେ। ଏହା ଦେଖି ଭୀମ ନିଜ ଧନୁଶରରେ କଳିଙ୍ଗର ସମସ୍ତ ଶରକୁ ବ୍ୟର୍ଥ କରିଦେଲେ, କଳିଙ୍ଗ ତୀର ସବୁ ଖଣ୍ଡଖଣ୍ଡ ହୋଇ ଭୂପତିତ ହେଲା.।

ତାପରେ ଭୀମ ଖୁବ୍ ଜୋରରେ ଗର୍ଜନ କରିବାକୁ ଲାଗିଲେ। ସେହି ଗର୍ଜନରେ କଳିଙ୍ଗ ଓ ନିଶାଦସେନା ଭୟଭୀତ ହୋଇପଡିଲେ। ଆଖି ପିଛୁଳାକେ ହାତରେ ଖଣ୍ଡାଧରି ଭାନୁମତଙ୍କ ହାତୀ ଉପରେ ଚଢିଗଲେ। ଭାନୁମତକୁ ହତ୍ୟାକରି ନିଜର ଶାଣିତ ତରବାରିକୁ ହାତୀ ମଥାରେ ଭୁଷିଦେଲେ, ତା ପରେ ଅନେକ ହାତୀ, ରଥ, ପଦାତିକ, ରଥୀ, ସେନାପତିଙ୍କୁ ହତ୍ୟାକରି ଶ୍ରୁତାୟୁଧଙ୍କ ଦିଗରେ ସେ ଚାଲିଲେ।

କଳିଙ୍ଗ ନୃପତିଙ୍କ ଶରର ସାମନା କରି ସିଏ ତାଙ୍କପାଇଁ ଆସିଥିବା ନୂତନ ରଥରେ ବସିଲେ। ଧନୁ ଧରି ଶାଣିତ ଶରର ଲୌହମୂନରେ ସତ୍ୟଦେବ ଓ ସତ୍ୟ ନାମକ ନୃପତିଙ୍କ ସୁରକ୍ଷା ବଳୟ ଗଠନ କରିଥିବା ଦୁଇ ଦକ୍ଷ କଳିଙ୍ଗ ସେନାପତିଙ୍କ ସହିତ ଶ୍ରୁତାୟୁଧଙ୍କୁ ନିହତ କଲେ।

କଳିଙ୍ଗସେନା ନିଜର ରାଜା, ରାଜପୁତ୍ର, ସେନାପତି ମାନଙ୍କର ନିଧନରେ ଉତ୍‌କ୍ଷିପ୍ତ ହୋଇ ଭୀମଙ୍କ ଆଡକୁ ମାଡିଆସିଲେ। ଏହି ଦୃଶ୍ୟରେ ଧୃଷ୍ଟଦ୍ୟୁମ୍ନ, ଶିଖଣ୍ଡି ଓ ସ୍ୱୟଂ ଯୁଧିଷ୍ଠିର ବିଚଳିତ ହୋଇ ଭୀମଙ୍କୁ ସୁରକ୍ଷାଦେବାକୁ ଧାଇଁ ଆସିଲେ। ପାଣ୍ଡବରାଜଙ୍କ ସୁରକ୍ଷା ପାଇଁ ସାତ୍ୟକି ବି ଆସିଥିଲେ। ଏହି ଯୁଦ୍ଧ ଖୁବ୍ ଭୟାନକ ହୋଇଥିଲା ଓ ଦିପହର ବେଳକୁ ୭୦୦ କଳିଙ୍ଗ କ୍ଷତ୍ରିୟ ଓ ୨୦୦୦ ପଦାତିକ ଭୂପତିତ ହୋଇ ସାରିଥିଲେ। କଳିଙ୍ଗର ଗଜବାହିନୀ ବି ଭୀମଙ୍କର କୋପଦୃଷ୍ଟିରୁ ତ୍ରାହି ପାଇଲା ନାହିଁ। ବହୁ ଗଜାରୋହୀ ଓ ଅଶ୍ୱାରୋହୀ ନିହତ ହେଲେ।

ଅଳ୍ପସଂଖ୍ୟକ କଳିଙ୍ଗସେନା ପ୍ରାଣ ଭୟରେ ପିତାମହ ଭୀଷ୍ମଙ୍କ ପାଖକୁ ସୁରକ୍ଷା ପାଇଁ ଧାଇଁ ଆସିଲେ। ଧୃଷ୍ଟଦ୍ୟୁମ୍ନ, ସାତ୍ୟକି ଓ ଭୀମ ପିତାମହ ଭୀଷ୍ମଙ୍କୁ ଆକ୍ରମଣ କଲେ। ପିତାମହ ତାହା ନିଜ ଶର ବଳରେ ପ୍ରତିହତ କଲେ। ସେ ଭୀମଙ୍କର ରଥ ଚୂର୍ଣ୍ଣ କରିଦେଲେ ଓ ଧନୁ ଭାଙ୍ଗିଦେଲେ। ବାସ୍ତବିକ ଏହି ଧର୍ମଯୁଦ୍ଧରେ କଳିଙ୍ଗର ବୀରତ୍ୱ, ନିଷ୍ଠା ଓ ଉତ୍ସାହ ପ୍ରଶଂସନୀୟ। ଏହି ଯୁଦ୍ଧ ଯେପରି ଅଦୃଷ୍ଟରେ ପରିଚାଳିତ ହେଉଥିଲା। କଳିଙ୍ଗ ସାମରିକ ବାହିନୀର ପ୍ରଥମ ଦିନର ଗୁରୁତ୍ୱ ସ୍ମରଣୀୟ। ସର୍ବଭାରତରେ କୌଶଳୀ ବାହିନୀ। ବରେଣ୍ୟ ସାମରିକ କଳିଙ୍ଗ !

*ସମାରୋହ, ୧୨୮, ଡୁମୁଡୁମା (କ),*
*ଖଣ୍ଡଗିରି, ଭୁବନେଶ୍ୱର-୩୦;*
*ଦୂରଭାଷ: ୯୪୩୮୦୦୭୫୦୯*

୦୦୦

*କ୍ରମଶଃ...*




# ଖୋଜା ଲୋଡ଼ାର ଈଶ୍ୱର

**ସୌଭାଗ୍ୟବନ୍ତ ମହାରାଣା**

ନିଜକୁ ନିଜ ଭିତରେ ଖୋଜିବାବି
ଗୋଟେ ପରିଚୟ ଅନ୍ତମନର, ଦୃପ୍ତ ଅଙ୍ଗୀକାରର
ଯେମିତି ଦେଶାନ୍ତରୀ ପକ୍ଷୀ ପାଇଁ
ତା' ଡେଣା ହଲକ କହିଦିଏ ନିର୍ଭୟରେ
ରାସ୍ତା ଆଉ କେତେ ଦୂର ବାକୀ
ଗନ୍ତବ୍ୟ ସ୍ଥାନର ମହକ ପାଇବାକୁ !

ଜୀବନ ଚିନ୍ତାର ଗୂଢ଼ତତ୍ତ୍ୱ ବୁଝିବାକୁ
ଥରେ ଥରେ ଦର୍ଶନ ଶାସ୍ତ୍ର ବି ଫେଲ୍ ମାରିଯାଏ
ଈଶ୍ୱରଙ୍କ ମୃତ୍ୟୁ ଖବରର ତଦନ୍ତ କରିବାକୁ
ଭକ୍ତମାନଙ୍କ ଭେଳିକି ଭିତରେ ।
ଈଶ୍ୱରଙ୍କ ଉଦାରତା ଓ ନିର୍ଜନତା ବୁଝିବାକୁ
ପାଖରେ କେହି ନ ଥିବା ସମ୍ବାଦଟି
ବିସ୍ମିତ କରେ ଲୋକମାନଙ୍କୁ
ଭକ୍ତିର ଅନୁଧ୍ୟାନ କଲାବେଳେ ।

ସନ୍ଦେହର ବଳୟ ଭିତର ସୂତ୍ର ସାଉଁଟି
ଏବେ ଭକ୍ତମାନଙ୍କୁ ଖୋଜା ଚାଲିଛି
କାଳେ ସେମାନେ ଈଶ୍ୱରଙ୍କ ପାଖାପାଖି ହେବାକୁ
ନିଜ ଅପାରଗତା ଓ ଅଯୋଗ୍ୟତାର
ଠୋସ୍ ପ୍ରମାଣ ଲୁଚେଇ ଦେବେ
ଜନତାଙ୍କ ଆଖିରେ ଧୂଳି ଦେଇ ।

ନିଜ ପରିଚୟକୁ ଅନ୍ୟ ଆଖିରୁ
ଲୁଚେଇ ରଖିବା ଯାହା
ଜୀବନର ବିଫଳତା ସପକ୍ଷରେ
ନିଜ ଛଦ୍ମବେଶକୁ ଟାଣ କରିବା ତାହା
ମିଛ ଆୟୁଷର ଉପାଖ୍ୟାନ ଶୁଣେଇବାକୁ
ମୂକ, ଅନ୍ଧ, ବଧୀରମାନେ ସାମ୍ନାରେ ।

ଏମିତି ଖୋଜା ଲୋଡ଼ା ଭିତରେ
ଅମଳ ହେଉଥାଉ ସଂପର୍କର ଶସ୍ୟ
ଆପେକ୍ଷିକ ପରିଚୟର ପର୍ବ
ନିଜ ଅର୍ଜିତ ପାପକୁ, ଭୋଗିବାର ବିଡ଼ମ୍ବନା
ପୁଣ୍ୟର ପୁଂଜିକୁ ଖର୍ଚ୍ଚ କରିବାର ପାଗଳପଣ
ନିଜକୁ ନିଜର ଭାଗ୍ୟ ବିଧାତା ବୋଲି
ଘୋଷଣା କରିବାର ଅଜବ୍ ଉନ୍ମାଦନା ।

*'ଭାରତୀ ଭବନ', ଶିବମ୍ କଲୋନୀ, ଆୟକର ଭବନ ପଛ,*
*ସମ୍ବଲପୁର-୭୬୮୦୦୪*
*ଦୂରଭାଷ: ୯୪୩୭୪୫୭୭୩୬*

# ବାସନାବଉଳ

**ପିନାକୀ ମିଶ୍ର**

ଧର୍ମକୁ ପାଥେୟ କରି
ହୃଦୟ କିଣିବା ଭାରି ସହଜ,
କର୍ମକୁ ସଳଖ କରି
ବାଟ ଚାଲିବା ବଡ଼ ଅସହଜ ।

ଧର୍ମ ଦୁଆରେ କରପତ୍ର ଯୋଡ଼ିବା
ନିଜ ନମ୍ର ଠାଣି,
ପୁଣି ବାଟ ଚାଲୁଚାଲୁ
ବାସନାବଉଳ ପାଶେ ବନ୍ଧାପଡ଼ିବା
ଗୋଳିଆ ନଈପାଣି ।

ଧରି ରଖିଛି ଧର୍ମ
ବୋଲ ମାନୁନି ବାତୁଳ
ଦେଇ ଦେଇ ପ୍ରତ୍ୟାଶାକୁ ଫୁ କଲେ ଯାଇ
ଧର୍ମାବର୍ତ୍ତ ପାଇବ ସୌମ୍ୟ ସୁକୁମାରକୁ
ସ୍କୁଲ୍ ଝିଅର ଆଖିରେ ଧର୍ମୋତ୍ସବର ଝଲକ ଦିଶିବ ।

ଏ ହଳାହଳ ଏ ଆୟୋଜନ କ'ଣ ଧର୍ମାଚାର ?
ବନସ୍ତ କହିଦେବ
କେମିତି ନିଜକୁ ଗଢ଼ିବାକୁ ହୁଏ,

ବେଦନାବିଦ୍ଧ ଏ ସମଗ୍ର ଜୀବନ,

ଦାଉଦାଉ ଭୋକର ଜ୍ୱାଳାରେ-
ଦେଖ କେତେ ଅତନ୍ଦ୍ର ରାତିର ଶୋକ
ଫେଡ଼ିଦିଅ ନିଜ ଭିତରର ଆଖିତଳ ଆଶା ଅଳିକ।

ଅପେକ୍ଷା କର
ବେଳ ଢଳିବା ଆଗରୁ ବିଭୁତି ଦେବେ
ବସିଛନ୍ତି ଧ୍ୟାନମଗ୍ନ ବିବେକାନନ୍ଦ।

*"ଶୂନ୍ୟନୀଳ",*
*ଚର୍ଚ୍ଚ ପାଖ, ଜେଲ ରୋଡ଼, କେନ୍ଦୁଝର-୧*
*ଦୂରଭାଷ: ୯୪୩୮୧୧୮୩୯୭*

# ଗାଜାର ଗଜଲ୍

**ଗୋପବଂଧୁ ଦାଶ**

ନାମହୀନ ରହେ ଅଜଣା ଅତିଥି
ସହରକୁ ନୂଆ ଆସି
ବ୍ୟସ୍ତ ସମାଧିରେ ସମାଧିସ୍ଥ ଶବ
ଅସ୍ୱସ୍ତ ଧୂଳିରେ ମାଖି ॥

ନାଁ ତା'ର ନାହିଁ ସମାଧି ପ୍ରସ୍ତରେ
ଉଡ଼ନ୍ତା ବିହଙ୍ଗ ପରି
ତୋଳି ଆଣେ ରକ୍ତ ଅସ୍ତ ସୁରୁଜରୁ
ମୃତ ଡାକ ବାକ୍ସ ପରି ॥

କରାଘାତ କରେ ଭଂଗା ପୃଥିବୀର
ଦୁଆରେ ସେ ବାରଂବାର
ତା ଡାକର କିଏ ଉତ୍ତର ବା ଦବ
ଇତିହାସ ତ ବଧିର ॥

ବେନାମୀ ପ୍ରେମିକ ଅଜଣା ଜାଗାରୁ
ଲେଖିଥିବା ଅଧା ଚିଠି
ସମାଧି କାନ୍ଥରେ ଲୁହ କୁଟିକମ
ବିଧବା ଆଖିର ଝୋଟି ॥

ମଝି ଆକାଶରେ ଶାଗୁଣା ଚିରଇ
ହଳଦୀବସନ୍ତ ଛାତି
ଛେଉଣ୍ଡ ଜଳରେ ଚହଲା ଛାଇରେ
ବିମ୍ବିତ ସେ ନିରୀମାଖି ॥

ପ୍ରସ୍ତର ପ୍ରସ୍ତର ଧୂଳି ଧୂସରିତ
ଆଇନାକୁ ପୋଛି ପୋଛି
ଫେରନ୍ତା ପୂର୍ବଜ ରାହା ଦେଖି ଦେଖି
ଲୁହ ତ ଯାଇଛି ଶୁଖି ॥

ଛବି ଖୋଜୁଅଛି ବନ୍ଦ ସମାଧିର
ହାତ ମୁଠା ଟାଣ କରି
ଶେଷ ପୃଥିବୀର ଶେଷ ଦେଖା ରାତି
ନିରୁଦ୍ଦିଷ୍ଟ ସେ ଶର୍ବରୀ ॥

# ଈଶାନୀ

**ଡକ୍ଟର ନାରାୟଣ ପଣ୍ଡା**

ତୋ' ଆଶିଷ
ମୁଣ୍ଡ ଉପରେ
ତୋଳିଦେଇଚି
ନିରାପଦ ଛାତ।
ତୋ' ଅଦୃଶ୍ୟ ହାତରୁ
ଅଭୟ ଝରୁଥାଉ
ଅବିରତ।
ମଥାପାତି
ସହିଯାଇଚି
ଇତରମାନଙ୍କର
ଅପମାନ ଅପବାଦ।
ଦୁଇଦିନର
ସଂସାର ଭିତରେ
ଧନ ମାନର ଅହଂକାର।
ବଣନିଆଁରେ
ସିଝିଯାଇଥିବା
ଗୋଟେ କଂଟଗଛର
ସବୁଜିମା ॥

ତୋ' କୋଳରେ
ନିଦଗଲା ବେଳେ
ଭୁଲିଯାଏ
ସବୁ ବିଫଳତା।
ଅବଶିଷ୍ଟ ଜୀବନର
ତୁ' ମୋର ଖରା ବର୍ଷାର
ଏକମାତ୍ର ଛତା।

*ବଉଳପଦା, ବଳରାମପୁର, ଆଠଗଡ଼, କଟକ*
*ପିନ୍-୭୫୪୨୯୫*
*ଦୂରଭାଷ: ୮୮୯୫୧୨୪୬୮୨*

# କବିତା ପାଇଁ କବିତାଟିଏ

**ଗିରିଜା ଶଙ୍କର ଶର୍ମା**

ଶବ୍ଦ ମାନଂକ ବିଶ୍ୱାସ ନୀୟତା ହଜିଗଲା ପରେ
ଉପରୁ ତଳକୁ ଓହଳିଥାଏ କବିତାର ଶବ ।
କେଉଁ ଦୁଃସମୟରେ କବିଟିର
କଲମ ସହ ଶତ୍ରୁତା ହେଲା ଯେ
ତା ଜାଣିବା ଆଗରୁ ସରିଗଲା ସମୟ ।

ବେଳେ ବେଳେ ଶବ୍ଦମାନେ ଶତ୍ରୁତା କରନ୍ତି ।
ହଲେଇ ଦିଅନ୍ତି ଆମ ପାଦ ତଳର ମାଟି ।
ଆମର ଯେତେ କାକୁତି
ଚିମନିର ଧୂଆଁ ପରି ମିଳେଇ ଯାଏ ଶୂନ୍ୟରେ ।

ଏକ ନିଃସଙ୍ଗ ମୁହୂର୍ତ୍ତରେ
ଦୁଃଖମାନେ ଘେରିଯାଆନ୍ତି କବିକୁ ।
ଭାଂଗିଯାଇଥିବା ଭାବନାକୁ ସାଉଁଟିବା ପାଇଁ
ଶବ୍ଦମାନଙ୍କ ଷଡ଼ଯନ୍ତ୍ର ଭେଦି
ଆଗେଇ ଆସେ ବର୍ଣ୍ଣମାଳ ।

କବିତା ଦୁଃଖର ସାଗରରେ ବୁଡ଼ ପକାଉଥିବା
ଏକ ଯାତ୍ରୀ ।
ଯାହାକୁ ପାଇବା ପାଇଁ ଦୁଃଖ ମାନଙ୍କୁ
ନିମନ୍ତ୍ରଣ କରିବାକୁ ହୁଏ ।
ଦୁଃଖ ଯେତେ ଗଭୀର, କବିତାର ଅବୟବ ସେତେ ବେଶୀ ଗଭୀର ।
ଦୁଃଖ ଓ କବିତା, କବିତା ଓ ଦୁଃଖ
ବୋଧହୁଏ ଗୋଟିଏ ବୃନ୍ତରେ ଫୁଟିଥିବା ଦୁଇ ଫୁଲ ।

ସମର ଭୂଇଁରେ ବେଳେ ବେଳେ
କବିକୁ ଯୁଦ୍ଧ କରିବାକୁ ହୁଏ ।
ଶବ୍ଦମାନଙ୍କ ସହିତ, ଅର୍ଥମାନଙ୍କ ସହିତ
ଭାବ ଓ ଭାବନା ମାନଙ୍କ ସହିତ ।
ମିତ୍ରତାର ଖୋଳରେ ଥିବା ଶତ୍ରୁମାନଙ୍କ ସହିତ ।
କେବେ କାଗଜ ତ କେବେ କଲମ ସହିତ ।
ଯୁଦ୍ଧରେ ଯିଏ ବି ହାରୁ
କବିତା ହାରିଯାଏ ।
ତାକୁ ଜୀବନ୍ୟାସ ଦେବା ପାଇଁ
କବି ବହୁତ ଚେଷ୍ଟା କରିଥାଏ ।
ଥଳ କୂଳ ପାଉ ନଥିବା ଭାବନା ମାନଙ୍କୁ
ଆଉଥରେ ସାଉଁଟିବାକୁ ହୁଏ ।
ଶବ୍ଦମାନଙ୍କୁ ପୋଷା ମନେଇବାକୁ ପଡ଼େ ।
କବିତାକୁ ବି ଅଭୟବର ଦେବାକୁ ହୁଏ
ତା ପରେ କବିତା ଆସେ ଶବ୍ଦର ଲାଭା ନେଇ
ବହିଯାଏ କବିର କ୍ୟାନଭାସ ଉପରେ ।

*କଳ୍ପନା ରେସିଡେନ୍ସି, ଶ୍ରୀକ୍ଷେତ୍ର ବିହାର, ପାତ୍ରପଡ଼ା,*
*ଭୁବନେଶ୍ୱର-୧୯*
*୮୯୧୭୪୯୪୦୯୫*

# ଅଜ୍ଞାତବାସ

**ବିଷ୍ଣୁ ମୋହନ**

ବହୁଦିନ ହେଲା, ମୋ' ଠାରୁ ତୁମେ
ରହିଯାଇଛ ଦୀର୍ଘ ଦୂରତ୍ୱରେ
ଅଜଣାରଖି ତୁମର ଠିକଣା,
ରହିଯାଇଛି ଅଜ୍ଞାତବାସରେ
କାଳେ ମୁଁ ଅଦିନିଆ ମଳୟ ପବନ ପରି
ପହଞ୍ଚିଯିବି ତୁମ୍ଭର ସରହଦରେ
ତଥାପି ସେ' ବିତିଲାଦିନର ସଂପର୍କ ତାତି
ଜୀବନ୍ତ ରହିଛି ମୋ' ହୃଦୟରେ
ପଥରତଳେ ଲୁଚି ରହିଥିବା ଝରଣାଟି ଯେପରି
ମୁକ୍ତ ହୁଏ କାହାର ଉଦ୍ୟମରେ, ଠିକ୍ ସେହିପରି
ପୀରତି ବଂଧନ ମୁକ୍ତ ହୁଏ, ବଂଧା ପଡ଼ିଥିବା
ବିମୁଖତାର ନାଗଫାଶରେ, ପ୍ରେମିକାର ସହମତିରେ ।
ହୃଦୟର ଫଳକରେ ଛାପିହୋଇଯାଇଛି
ସବୁ ଆମ ଅତୀତ କାହାଣୀ
ଆକୁଳତାଭରା ବିନତିରେ ଡାକଇ ଯେପରି,
ସବୁକିଛି ଅଭିମାନ ବିସର୍ଜନ କରି ସାଗର ବକ୍ଷରେ
ଆସ ଗୋ' ପ୍ରେମିକା, ଆଉଥରେ ଥାପିବାକୁ ଆମର
ସୁଖର ସଂସାର ଏ, ଧରାଧାମରେ
ଅଂଧକାରର ବୁକୁ ଚିରି, ଉଇଁ ଆସିବ ଅରୁଣରଂଗ ସକାଳ
ଅନ୍ତଃ ବାରିଦେଇ, ଆମ ପ୍ରତୀକ୍ଷାର ସୁଦୀର୍ଘ ବିସ୍ତାର

ବିତିଲାଦିନ ଅବସାଦର ଅଂଧକାରରୁ ମୁକୁଳାହୋଇ
ଶାଂତ ସମୀର ଲହର ଯେପରି କହିଯାଏ କାଳେ
'ବୟସର ନଈ' ଯାଉଅଛି ବହି, ଅଳପଦିନରେ
ହଜିଯିବ ମରଣର ମହାସାଗରରେ।
ଅନୁଭବ କରିବ ଭାବ ପ୍ରବଣ ସ୍ନାୟୁରେ କିପରି ଟକମକହୋଇ
ଫୁଟି ଉଠିବ, ନିଃଶେଷ କରି ଏକାକୀତ୍ୱର ଯଂତ୍ରଣାରେ
ପୁନଶ୍ଚ ଝଂକୃତ ହେବ ବିସ୍ମୃତ ବେହେଲାର ସ୍ୱର
ଫେରିଆସ ଲେଉଟାଣି ତରଂଗସମ
ତୁମର ଅଜ୍ଞାତବାସରୁ
ପୁନଶ୍ଚ ପ୍ରବାହିତ ହେବ ପ୍ରେମର ଗୋମତୀ
ପ୍ରଜ୍ୱଳିତ ହେବ ଭାବର ଦିହୁଡ଼ି
ଖଳଖଳ ଉତୁରା ମୂର୍ଚ୍ଛନାରେ ଭରିଯିବ ଆଶା ବୈତରଣୀ
ଅବସାଦରେ କରି ଯବନିକା ପାତ।
ପ୍ରେମର ବଉଳ ଚହଟି ଉଠିବ
ଲାଲ୍ ଟୁକୁଟୁକୁ ଓଠରେ କଂପିଉଠିବ
ଆତ୍ମୀୟତାର ଉଦ୍ଦୀପ୍ତ ରାଗିଣୀ
କାମନାର ତରଂଗ ଉନ୍ମୀଳିତ ହେବ, ପ୍ରତୀକ୍ଷାର ବିଶ୍ଲଥ କ୍ଳାନ୍ତିକୁ
ଦୂରକରିନେଇ
କେତେ ରାତି, କେତେ ନିର୍ଜନତା ଆଉ
ବିତିଲା ଦିନର ଅଶ୍ଳୀଳ କାହାଣୀକୁ ନିଃଶେଷିତ କରି।
ବୈଶାଖୀ ମଧ୍ୟାହ୍ନର ରୁକ୍ଷ ରୌଦ୍ରତାପ ଅପସରିଯିବ,
ସ୍ଥାନିତ କରି ମଳୟ ରୋମାଂଚ
ସୁଖ, ସଂଭୋଗର ସମ୍ଭାରରେ ହସିଉଠିବ ଆମର
ଏ, ଛୋଟ ଦୁନିଆ, ଧରଣୀ ବକ୍ଷରେ
ନୂଆ ସ୍ୱପ୍ନ, ନୂଆ ସଂଭାବନାର ହେବ
ଜ୍ୟୋତିର୍ମୟ ଉଦ୍‌ଭାସ
ଅଜ୍ଞାତବାସରୁ ଫେରିଆସି ପ୍ରିୟା, ଭରିଦିଅ
ଜୀବନ ରଂଗମଂଚରେ ଆବେଗର ଅସୀମ ରୋମାଂଚ
ହୋହଲିଯାଇଥିବା ବିଶ୍ୱାସକୁ ପୁନଶ୍ଚ ସୁଦୃଢ଼ କର
ଅବ୍ୟକ୍ତ ଆତ୍ମଦହନକୁ, ପ୍ରେତଭୂମି ପରେ
କବର ଦେଇ ଚିରଦିନ ପାଇଁ
ଏ, ଛୋଟ ସଂସାରଟି ଆମର ହସିଉଠିବ
ପୂନେଇଁ ଜହ୍ନର ଦୀପ୍ତିକୁ ପରିପ୍ରକାଶ କରି।

*ଦୂରଭାଷ: ୭୨୦୫୭୫୮୨୫୫*

# ସ୍ତ୍ରୀ

**ଦୁର୍ଗାଚରଣ ଷଡ଼ଙ୍ଗୀ**

ରାତିର ଶେଷ ଅନ୍ଧାରରେ
ଆକାଶର ମୁକୁଳା ଛାତିରେ
ଡୁବି ଯାଉଥିବା ଧାରେ ଜହ୍ନ ଆଲୁଅ ପରି ତା' ହସ,
ମୁହଁ ସଞ୍ଜର ଗୋଧୂଳି ବେଳାରେ
ଚକମକ ସନ୍ଧ୍ୟା ତାରାର ଭ୍ରମ
ନିର୍ଜନ ନିଶାର ଆଦିମ ବଂଶୀ ସ୍ୱନ ସେ
ହସହସର ତା ଓଠ
କେବଳ ହିଁ ଯେ ଦେଇପାରେ
ଧର୍ମ ଅର୍ଥ କାମ ମୋକ୍ଷର ମନ୍ତ୍ର
ନେଇପାରେ ନା କେବେ କିଛି ବି,
ସେ କ'ଣ ସ୍ତ୍ରୀ !



ଯାହା ଆଗେ ଉଲଙ୍ଗ ହୋଇପାରେ
ଗୋଟେ ଉଲ୍ଲାସ ମଧୁର ଶୋଷ
ପୀଡ଼ା ଭୁଲିଯାଏ ଯା' ମୁହଁ ଦେଖି ଥରକୁ ଥର
କୃତଘ୍ନ ରାବଣ
କାନ୍ଦିପାରେ ଅବନା ଅକ୍ଷର ଛାନ୍ଦରେ
ମା' ପରି ଯିଏ ବୋଧ ଦିଏ
ସେ କ'ଣ ସ୍ତ୍ରୀ !

ସହିପାରେ ମାଟି ପରିସେ ବଜ୍ର-ବିଜୁଳି
ଅନାହତ ଭୋକର ନାଦ
ଅର୍ଘ୍ୟ ଜାଳିପାରେ ତାଣ୍ଡବର ମନ୍ତ୍ର ପଢ଼ି ପଢ଼ି
ଅମରାବତୀ କି ସ୍ୱର୍ଗରେ
ଯା' ପ୍ରେମରେ ଅନନ୍ତ ଶୟନ ଲୋଡ଼େ ଈଶ୍ୱର
ଅସ୍ତିତ୍ୱ ମିଳେଇଯାଏ ଯା' ସମର୍ପଣରେ
ସେ କ'ଣ ସ୍ତ୍ରୀ !

ଜୀବନ ଭରି ରଙ୍କୁଣୀ ହୋଇ ରହିଯାଏ ପୁରୁଷାର୍ଥ
ଯା' ପ୍ରେମରେ ନୟନ ଭଙ୍ଗିମାରେ
ନିତି ନିତି ଫୁଲ ଖସେ ଦେବୀ କପାଳର
ତମେ ତେବେ ପୂଜାକର କାହାକୁ ନିତି ହେ' ଈଶ୍ୱରୀ
ତମେ ତ ସବୁ ଆୟୁଷର ଅର୍ଦ୍ଧେକ ପବନ !!

# ନୀଳ କଇଁ

ମନୋଜ କୁମାର ଦାଶ

ପିଲାଟି ବୁଦ୍ଧିରେ ଏମିତି
ଯେ ତାକୁ କେହି
ହଟେଇ ପାରିବେନି
ଏତେ ସିଦ୍ଧହସ୍ତଯେ

ତା ସରି
କେହି ହେବେନି
ତା ହାତରେ
ମେଜିକ୍ ଅଛି

ଦିନେ କହୁଁ କହୁଁ
ମୁଁ କହିଲି,
ବାବୁରେ
ତୋ ହାତରେ ତୁ
ନୀଳ କଇଁଟିଏ
ଫୁଟାଇ ପାରିବୁ ?

ସେ କହିଲା,
ମୁଁ ଶବ୍ଦରେ, ଚିତ୍ରରେ, କଥାରେ
ନୀଳ କଇଁଟିଏ ଫୁଟାଇ ଦେଇପାରିବି,
ହେଲେ ସତ ନୀଳକଇଁଟିଏ
ଈଶ୍ୱର ଏକା ଫୁଟାଇ ପାରିବେ।

*ଦୂରଭାଷ: ୯୭୭୭୪୨୫୭୦୩*

# ମଣିପୁର

ସନ୍ତୋଷିନୀ ଦାଶ (ଗିରି)

ରାତାରାତି ଯେଉଁ ମାଟି
ପାଲଟିଗଲା ଗୋଟେ
ଜୀବନ୍ତ ଇତିହାସ
ବିଭତ୍ସ ଦୃଶ୍ୟ ତାର
କୋଳମଣ୍ଡନ କଲା
ସବୁ ମୋବାଇଲ ଆଉ
ଖବରକାଗଜ ପୃଷ୍ଠାରେ
ମଣିପୁର ସାଜିଲା ଗୋଟେ
ଜଳନ୍ତା ଅଗ୍ନିପିଣ୍ଡ
ଯେଉଁଠି ଲୁଣ୍ଠିତ ହେଇଗଲା
ନାରୀର ସର୍ବସ୍ୱ
ପୁରୁଷତ୍ୱକୁ ଜାହିର କରିବାକୁ ଯାଇ
ନିଜକୁ ଈଶ୍ୱର ଭାବୁଥିବା
ମଣିଷ ହିଁ ରୂପାନ୍ତରିତ
ହେଇଗଲା ରାକ୍ଷସର ଭୂମିକାରେ
ମଣିପୁର, ଇତିହାସରେ ସବୁଦିନ ପାଇଁ
ବୋଳି ଦେଲା ମେଞ୍ଚାଏ କାଳିମା
ଯାହା ଚିରଦିନ ରହିଥିବ
ଏଥିରୁ ମୁକ୍ତି କାହିଁ ଯେ
ନାରୀର ତତଲା ଲୁହରେ
ଡହଡହ ଜଳିବାକୁ ଲାଗିଲା
ମଣିପୁର ସମେତ
ସମଗ୍ର ବସୁଧା
କାହିଁକି ?
ନାରୀ ବୋଲି କଣ
ଚିରଦିନ ଶୋଷିତ ହେଉଥିବ
ସବୁବେଳେ ତା ଆତ୍ମା
କ୍ଷତାକ୍ତ ହେଉଥିବ
ସେ ତ ଋହିଁନି କେବେ ଯୁଦ୍ଧ
ପରସ୍ପର ଭିତରେ ଦ୍ୱେଷ
ତେବେ କାହିଁକି ତାକୁ ନେଇ
ଋଲେ ପଙ୍କିଳ ରାଜନୀତି
ତା ମନରେ ଭରିଦିଆଯାଏ
ଅସହାୟତାର ହଳାହଳ ବିଷ
ରୁଗଣ ମାନସିକଧାରୀ କିଛି
ମଣିଷ ହିଁ ସବୁବେଳେ
ଯୁଦ୍ଧଂଦେହୀ ଡାକରାଦେଇ
ମାନବିକତାର ବଳି ଚଢ଼େଇବାକୁ
ଆଦୌ ପଶ୍ଚାଦ୍‌ପଦ କରନ୍ତିନି
ଧିକ ଆମ ମଣିଷପଣିଆ
ଆଖିସାମନାରେ ଘଟିଋଲିଥିବା
ତାମସାଗୁଡ଼ିକୁ ବେଶ
ଆଗଭର ଦେଇ
ଦେଖି ନୀରବ ରହୁ
କେଜାଣି କେମିତି ?

*ଗୋପାଳପୁର, କେନ୍ଦୁଝର*
*ଦୂରଭାଷ: ୬୩୭୦୫୬୦୫୫୪*

# ବିରାଡ଼ି ବୈଷ୍ଣବ ବୀଜ ମନ୍ତ୍ର

**ଗୋପାଳ ଚନ୍ଦ୍ର ମିଶ୍ର**

ମନ୍ଦିର, ମସ୍‌ଜିଦ, ଗୀର୍ଜା
ସାମ୍ନାରେ ଏମାନଙ୍କ ମିନତି।
"ବାବୁ, ପିଲାଟା ପେଟକୁ କାଲିଠାରୁ
ଦାନା ଯାଇନାହିଁ, ଧର୍ମ ହେବ ବାବୁ..."
ଅଜସ୍ର ସରକାରୀ, ବେସରକାରୀ ଯୋଜନା
ମଧ୍ୟରେ ଏମାନଙ୍କ ସଂଖ୍ୟା ବଢ଼ି ଚାଲିଛି ଅମରୀ ଇଟାଭଳି।

ରାଜରାସ୍ତା ଆଉ ଷ୍ଟେସନରେ
ଆଲୁରୀ ବାଲୁରୀ ମାଆର ବେକରେ ବନ୍ଧା
ବୁଜୁଳି ଭିତରୁ ଅନ୍ଟୁଡ଼ିଉଠା ଶିଶୁର
ଜୁଳୁଜୁଳୁ ଚାହାଁଣି ମାତୃତ୍ୱକୁ ଉପହାସ କରୁଛି।
ଏମାନେ ପରା ଦଲାଲ୍‌ମାନଙ୍କର ଜପାମାଳି।

ଶାବକ ଚୋରିକରି ଛୁଞ୍ଚିଦାନ ପାଇଁ
ଏଠାରେ ବକ-ଧାର୍ମିକମାନଙ୍କର ଲମ୍ବା ଧାଡ଼ି।
ଏଇ ଅବୋଧମାନଙ୍କ କାନ୍ଧରେ ବନ୍ଧୁକ ରଖି
ଶିଶୁ ସୁରକ୍ଷା ଯୋଜନାର ଗୁଳି ଫୁଟେ।
ମାଙ୍କଡ଼ ହାତରେ ଶାଳଗ୍ରାମ ଧରାଇଲେ
ଯାହା ହେବା କଥା ହେଉଛି।

ଅନ୍ତର୍ଜାତୀୟ ମହୋତ୍ସବ ଆସିଲେ
ଏମାନେ ଷ୍ଟାଡିଅମ୍ ଆଉ ସହର ମଧ୍ୟରୁ
ହଠାତ୍ ଉଭାନ୍ ହୋଇଯାଆନ୍ତି, ଠିକ୍
ପୌରପାଳିକାର ତାଡ଼ନାରେ ସମୟେ ସମୟେ
ବୁଲା କୁକୁର ସହରରୁ ଉଭାନ୍ ହୋଇଯିବା ଭଳି।

ଆମେ ସଭିଏଁ କଂସାରି ଘରର ପାରା,
ଆଉ ବିରାଡ଼ି ବୈଷ୍ଣବ।
ସ୍ୱାର୍ଥ ପାଇଁ ଗରଳ ଭକ୍ଷି ନୀଳକଣ୍ଠ ସାଜିପାରୁ,
ଆମେ ସବୁ ଏକୁଟିଆ ବାର୍‌ହା।

*ଅରିଲୋ, କଟକ*
*ଦୂରଭାଷ: ୮୪୫୭୯୩୧୦୫୬*

# ସ୍ୱପ୍ନ ଶ୍ରାବଣ

**ମିହିର ପଟ୍ଟନାୟକ**


ନିତ୍ୟ ରାସର ରସରଙ୍ଗିନୀ ରାତ୍ରିର ଆୟୁଷରେ
ନିର୍ଜନ ଦ୍ୱୀପେ କଟାକ୍ଷେ ତୁମ କପଟ ପଶା ମୁଁ ଖେଳେ
ନିଶବ୍ଦେ ଆସ ରୂପସୀ ରାତିର ସାନ୍ଦ୍ରତା ଭେଦ କରି
ନୀରବରେ ଦିଅ ନୀଳ ଆକାଶର ରଙ୍ଗ ମରମେ ଭରି
ନିଶିହନା ଯାଏ ପାହି
ନିରିହ ମନର ସରୋବରେ ଫୁଟ ନୀଳ ପଦ୍ମଟେ ହୋଇ।

ହାରିବା ଆଗରୁ ହରେଇବା ସ୍ମୃତି କଡ଼ଲେଉଟାଏ ଧିରେ
ହାତଧରି ଚୁପି ଚୁପି କାନ୍ଦେ କହେ ଭିଜା ଭିଜା ଶବଦରେ
ହାନ୍ଦୋଳା ଚଢ଼ି ଫାଲ୍‌ଗୁନ ହଜେ ଫଗୁର ରଙ୍ଗ ମାଖି
ହାର କରି କେତେ ହୀରକ ଲାସ୍ୟ ମନ କୁଳେଇରେ ରଖି
ହାରିବ ଅମର କଥା
ହାତ ପାହାନ୍ତାରେ ହାର ମାନୁଥିବା ନିଛକ ବାସ୍ତବତା।

ରହି ରହି ଆଖି ଲୁହ ଖୋଜୁଥିଲା ତୁମ ଲାଜକୁଳୀ ହସ
ରହି ରହି ମନ ଖୋଜୁଥିଲା ତୁମ ଶାଶ୍ୱତ ମଧୁ ମାସ
ରକ୍ତ ଗୋଲାପ ଦିଶା ହୁଡୁଥିଲା ପାହାଡ଼ି ଝରର ତୀରେ
ରଙ୍ଗ ଅବୀର ଦୋଳ ଖେଳୁଥିଲା ସୋରି ସୋରି ପବନରେ
ରସ ସରସାରୁ ରମଣୀୟ ବ୍ରତୀ ରସ ମାଖି ତୁମେ ହସୁଥିଲ ସତେ।

ପ୍ରତୀତ ହୁଏନା ପ୍ରୀତିର ସହରେ ପ୍ରେମ ନଅରରେ ରହି
ପ୍ରବଂଛନାର ମଧୁପାର୍ବଣେ ଗଲ ମତୁଆଲା ହୋଇ
ପ୍ରଗାଢ଼ ପ୍ରେମର ରେଶମୀ ଡୋରିରେ ସ୍ଥିର ନିଶ୍ଚିତ ଚିତ୍ତେ
ପ୍ରଗଲ୍‌ଭତାର ଦ୍ରାକ୍ଷା ମଦିରା ପିଆଇଲ ଅଯାଚିତେ
ପ୍ରଭାତିଲା ବିଭାବରୀ
ପ୍ରଚ୍ଛନ୍ନେ ହସିଲା ମଧୁ ପାର୍ବଣ ଆଶାର କଳସୀ ଭରି।

ଭାବନା ନସରୁ ଭାବ ତରଙ୍ଗରେ ଅଦିନେ ପଡ଼ିଲା ଭଙ୍ଗା
ଭାବ ସରସାରୁ ଲୁଚି ଲୁଚି ଗଲା ଇନ୍ଦ୍ରଧନୁର ଛଟା
ଭାବର ସରଣୀ ଶୂନ୍‌ଶାନ୍ ଲାଗେ ଖାଁ ଖାଁ ଲାଗେ ଭାରି
ହାରି ହାରି ଲାଗେ ଅଳସୀ ରାତ୍ରି ଝଡ଼ର ଇଗଲ୍ ପରି
ଭାଙ୍ଗେ ମଧୁଶାଳା ଶିଢ଼ି
ଭ୍ରାନ୍ତ ହସରେ ଲେଖଇ ଜୀବନ କବିତାର ଶେଷଧାଡ଼ି।



# ନିଦ

**ସରୋଜିନୀ ମିଶ୍ର, ଏମ୍.ଏ.**

ସେମାନେ ସବୁ ଶୋଇଛନ୍ତି ନିଘୋଡ଼ ନିଦରେ।
ବସ୍‌ଷ୍ଟାଣ୍ଡରେ।
ରେଲ୍‌ୱେ ପ୍ଲାଟ୍‌ଫର୍ମରେ।
ପଲିଥିନ୍ ତଳେ
ଝାଟି ମାଟି ଘର ଭିତରେ।
ସେମାନଙ୍କୁ କିଏ ବା ଉଠାଇବ।
ସେମାନଙ୍କର ନିଦ କିଏ ବା ଭାଙ୍ଗିବ।
ଆମର ସବୁ ନିଦ ସେଇମାନେ
ଚୋରାଇ ନେଲେଣି।
ଆମର ତ ସବୁ ଅଛି
କିନ୍ତୁ ନିଦ ନାହିଁ।
ଔଷଧ ଖାଇ ଶୋଇବାକୁ ପଡ଼େ।
ଆମ ଭିତରେ ଆଉ ପରିଶ୍ରମ ନାହିଁ।
ଆମ ପରିଶ୍ରମ ସେମାନେ
ଚୋରାଇ ନେଇଛନ୍ତି।
ଘର କାମ ପାଇଁ
ବାହାର କାମ ପାଇଁ
କଳକାରଖାନା କାମ ପାଇଁ
ସେଇମାନଙ୍କୁ ରଖୁ।
ଆମେ ଆଉ କହିପାରିବାକି
ସବୁ ମଣିଷ ସମାନ ବୋଲି।
ସେମାନେ ସବୁ ଖଟନ୍ତି ମେସିନ୍ ଭଳି।
ଖଟି ଖଟି କେଉଁ ଟଳି ପଡ଼ନ୍ତି।
କେବେ ପୁଣି ଆତ୍ମହତ୍ୟା କରନ୍ତି
ନଚେତ୍ ଅନ୍ୟକୁ ହତ୍ୟା କରନ୍ତି।

*ଦୂରଭାଷ: ୯୭୭୮୮୨୪୬୦୦*

# କନ୍ୟା ରତ୍ନଟିଏ

**ଅନସୂୟା ପଣ୍ଡା**

କନ୍ୟା ରତ୍ନଟିଏ ବୋଲି ଶୁଣିଥିଲି
କୁଆଡ଼େ କେତେ ପୁଣ୍ୟଫଳେ
ଏ ରତ୍ନ ମିଳେ
ସେଥିପାଇଁ ମାଆ ମାନସିକ କରିଥିଲା ଝିଅଟିଏ
କୋଳରେ ତା'ର ଚତୁର୍ଥ ଗର୍ଭରେ।

ମାଆର ଏତେ ଆଦର ଦେଖି
ତଥାସ୍ତୁ କରିଦେଲେ
ଆଉ ଅବତରିଲେ ସ୍ୱଦେହରେ
ଇଏ ତ ଆଉ ଦ୍ୱାପର ନୁହେଁ
ଆସିଥାନ୍ତେ ବିଜୁଳି କନ୍ୟା ବେଶରେ।

ସେ ଆସିଲେ ଚପଳମତି
ସରଳ ନିଷ୍ପାପ ଖିଲ୍ ଖିଲ୍ ହସରେ
ହେଲେ ଏ କ'ଣ
ଏଠି ତ ଏବେ ବି ଜୀବିତ ଭିନ୍ନ ରୂପରେ
ରାବଣ ମହିଷାସୁର ଦୁର୍ଯୋଧନ ଦୁଃଶାସନ
ରକ୍ତବୀର୍ଯ୍ୟ ଚଣ୍ଡମୁଣ୍ଡ ପରି ନିସଂଖ୍ୟ ଅସୁର
ସମୟର ବିଘୂର୍ଣ୍ଣିତ ଗତିଧାରାରେ।

ନିଷ୍ଫଳ ଅହଂକାରରେ କାମୁକ ଲାହୁଡ଼ ମାରନ୍ତି
ନବକଳିକାରେ ନିଷ୍ପନ୍ଦ ମନରେ ଦଂଶନ
ଯିଏ ଏଯାବତ୍ ଜାଣିନି
ଭୋକର ନାନାବିଧ ଅର୍ଥ
ଚିହ୍ନିନି ଛୁଆଁରେ ଥାଏ କେତେ ବିଶ୍ୱାସ ଅବିଶ୍ୱାସ ସ୍ପର୍ଶ
ହସରେ ଥାଏ କେତେ ବାରୁଦର ଗନ୍ଧ।

ସେ ଜାଣିନି ଚକୋଲେଟ୍ ପ୍ରଲୋଭନରେ
ଥାଏ ହଳାହଳ ବିଷ
ସେ ପ୍ରଜାପତିର ଉଚ୍ଛାଟିତ ମନ ନେଇ
ଉଡ଼େ ନିଜକୁ ହଜେଇ ହୋଇ ଆନମନା।

ହାତ ପାଆନ୍ତା ଉଚ୍ଚତାରୁ ଫେରି ପାରେନି
ଅକ୍ଷତ ଦେହ ଧରି ବାଲ୍ୟ ଚପଳତାରେ
ମାଟି ସହ ସଂଲଗ୍ନ ଆକାଶ
ଦୂରଦିଗନ୍ତର ଜୀବନ ସହ ସହବାସ ଲାଗେ
କେମିତି ଗୋଟେ ପ୍ରତାରଣାର ପ୍ରତ୍ୟୁଷ।

*ବୁର୍ଲା, ସମ୍ବଲପୁର-୭୬୮୦୧୮*
*ଦୂରଭାଷ: ୯୪୩୯୨୧୧୯୭୧*

ତନ୍ମାତ୍ର







# ଜାନୁୟାରୀ ୨୦୨୪ ରେ ବଲିଉଡ୍ ରିଲିଜ୍

**ଫାଇଟର:-**

ସିଦ୍ଧାର୍ଥ ଆନନ୍ଦ ନିର୍ଦ୍ଦେଶିତ ଏଇ ଚଳଚ୍ଚିତ୍ରଟି ପ୍ରସ୍ତୁତ ହୋଇଛି ଦେଶପାଇଁ ଉତ୍ସର୍ଗୀକୃତ ହୋଇ ଯୁଦ୍ଧ କରୁଥିବା କେତୋଟି ଚରିତ୍ର ଉପରେ। ଏଥିରେ ରିତ୍ତିକ ରୋଷନ ଅଭିନୟ କରିଛନ୍ତି ସମସେର ପଠାନିଆ ଭୂମିକାରେ, ଦିପୀକା ଅଭିନୟ କରିଛନ୍ତି ସ୍କ୍ୱାର୍ଡନ ଲିଡର ମ୍ରିନାଲ ରାଠୋର ଭୂମିକାରେ ଏବଂ ଅନୀଲ କାପୁର ଅଭିନୟ କରିଛନ୍ତି କ୍ୟାପ୍ଟେନ ରାକେଶ ଜୟ ସିଂହ ଭୂମିକାରେ। ଚଳଚ୍ଚିତ୍ରଟି ନିର୍ମିତ ହୋଇଛି ୨୫୦ କୋଟି ଟଙ୍କା ବ୍ୟୟରେ। ଚଳଚ୍ଚିତ୍ରଟିରେ ସଂଗୀତ ନିର୍ଦ୍ଦେଶନାରେ ଅଛନ୍ତି ସଂଚିତ ବଲହାରା ଓ ଅଙ୍କିତ ବଲହର। ଗୀତଗୁଡ଼ିକ ତିଆରି କରିଛନ୍ତି ବିଶାଲ-ଶେଖର।

**କଲ୍କୀ ୨୮୯୮ ଖ୍ରୀଷ୍ଟାବ୍ଦ:-**

ବିଜ୍ଞାନ ସମ୍ମତ କାହାଣୀ ଉପରେ ଆଧାରିତ ଏଇ ଚଳଚ୍ଚିତ୍ରଟିର ଅନ୍ୟ ଏକ ଆଧାର ହେଲା ହିନ୍ଦୁ ପୌରାଣିକ କାହାଣୀ। ବିଷ୍ଣୁଙ୍କର ଶେଷ ଅବତାର "କଲ୍କୀ"ର ସମ୍ଭାବ୍ୟ ଆଗମନର ସୂଚନା ଦିଆଯାଇଛି ଏଇ କାହାଣୀରେ। ସି. ଅଶ୍ୱିନୀ ଦତ୍ତା ପ୍ରଯୋଜିତ ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ନାଗ ଅଶ୍ୱିନ। ତେଲୁଗୁ ଓ ହିନ୍ଦୀ ଭାଷାରେ ତିଆରି ହୋଇଥିବା ଏଇ ଚଳଚ୍ଚିତ୍ରଟିରେ ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ପ୍ରଭାସ। ଅମିତାଭ ବଚ୍ଚନ ଓ କମଲ ହାସାନଙ୍କ ସହ ଏଥିରେ ଅଭିନୟ କରିଛନ୍ତି ଦୀପିକା ପାଦୁକୋନ ଓ ଦିଶା ପଟ୍ଟାନି। ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ସନ୍ତୋଷ ନାରାୟଣନ ଏବଂ ଚିତ୍ର ନିର୍ମାଣରେ ବ୍ୟୟ ହୋଇଛି ୬୦୦ କୋଟି ଟଙ୍କା।

**ମେରି ଖ୍ରୀଷ୍ଟମାସ୍:-**

ହିନ୍ଦୀ ଓ ତାମିଲ ଭାଷାରେ ନିର୍ମିତ ଏଇ ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ଶ୍ରୀରାମ ରାଘବନ। ପ୍ରଥମ ବିଶ୍ୱଯୁଦ୍ଧ ସମୟର ଏକ ସତ କାହାଣୀ ଉପରେ ଆଧାରିତ ଚଳଚ୍ଚିତ୍ରଟିର ବିଷୟବସ୍ତୁ। ୧୯୧୪ ରେ ଉଭୟ ପକ୍ଷ ଯୁଦ୍ଧ ବିରତି କରି ଶାନ୍ତି ପାଳନ କରୁଥିବା ସମୟର ଗୋଟିଏ ଖ୍ରୀଷ୍ଟମାସ ଦିବସର ଉତ୍ସବ ପାଳନ ସମୟର ଘଟଣାବଳୀ ଏଇ କାହାଣୀରେ ବର୍ଣ୍ଣିତ। ଫ୍ରେଡ୍ରିକ ଡାର୍ଡଙ୍କର ଫରାସୀ ଉପନ୍ୟାସ ମଣ୍ଟେ-ର୍ଗର୍ଜ (ଫଂଜୁରୀ ଭିତରେ ପକ୍ଷୀ) ଉପରେ ପ୍ରସ୍ତୁତ ଚଳଚ୍ଚିତ୍ରରେ ବ୍ୟୟ ହୋଇଛି ମାତ୍ର ୬୦ କୋଟି ଟଙ୍କା। ସ୍ୱଳ୍ପ ବଜେଟ୍‌ରେ ତିଆରି ଏଇ ଚଳଚ୍ଚିତ୍ର ବକ୍ସ ଅଫିସରେ ପ୍ରାଥମିକ ପର୍ଯ୍ୟାୟରେ ସଫଳତା ପାଇଛି।

**ମୈଁ ଅଟଳ ହୁଁ:-**

ସର୍ବଜନ ସମ୍ମାନିତ ଭାରତର ପୂର୍ବତନ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଉପରେ ଏହି ଚଳଚ୍ଚିତ୍ରଟି ହେଲା ଏକ ବାୟୋପିକ୍। ରିଷି ଭରମାନୀଙ୍କ ଲିଖିତ କାହାଣୀକୁ ନେଇ ଚଳଚ୍ଚିତ୍ରଟି ପ୍ରସ୍ତୁତ କରିଛନ୍ତି ବିନୋଦ ଭାନୁଶାଲୀ, ସନ୍ଦୀପ ସିଂହ ଓ କମଲେଶ ଭାନୁଶାଲୀ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ରବି ଯାଦବ। ମାତ୍ର ୨୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏଇ ଚଳଚ୍ଚିତ୍ରଟିରେ ଅଟଳ ବିହାରୀ ଭୂମିକାରେ ଅଭିନୟ କରିଛନ୍ତି ପଙ୍କଜ ତ୍ରିପାଠୀ। ପ୍ରଥମ ପନ୍ଦର ଦିନରେ ହିଁ ଦଶକୋଟିରୁ ଉର୍ଦ୍ଧ୍ୱ ଆୟ କରିସାରିଛି ଚଳଚ୍ଚିତ୍ରଟି ବକ୍ସ ଅଫିସ୍‌ରେ।

**ଲାଲ୍ ସଲାମ:-**

ରଜନୀକାନ୍ତଙ୍କ କନ୍ୟା ଐଶ୍ୱର୍ଯ୍ୟା ରଜନୀକାନ୍ତଙ୍କ ନିର୍ଦ୍ଦେଶନାରେ ତିଆରି ଏଇ ମୂଳ ତାମିଲ ଚଳଚ୍ଚିତ୍ରଟି ହିନ୍ଦୀରେ ଡବିଂ ମଧ୍ୟ ହୋଇଛି। ଚଳଚ୍ଚିତ୍ରଟି ଏକ ମୁଖ୍ୟ ଆକର୍ଷଣର ବିଷୟ ପାଲଟିଛି ଖେଳପ୍ରେମୀ ଦର୍ଶକଙ୍କ ପାଇଁ। ଏହାର କାହାଣୀ ଗଢ଼ିଉଠିଛି କ୍ରିକେଟ ଓ ଧାର୍ମିକ ଭାବକୁ ନେଇ ଏବଂ ଗୋଟିଏ ନିର୍ଦ୍ଦିଷ୍ଟ କ୍ରୀଡ଼ାକୁ ନେଇ କିପରି ଗ୍ରାମାଞ୍ଚଳର ରାଜନୀତିକରଣ ହୁଏ ତାରି ଉପରେ। ବିଷ୍ଣୁ ବିଶାଳ ଏଥିରେ ଥିରୁ ଭୂମିକାରେ ଅଭିନୟ କରିଛନ୍ତି ମଇଦିନର ଭାଇ ସାମସୁଦ୍ଦିନ ଭୂମିକାରେ। ଚଳଚ୍ଚିତ୍ରଟିକୁ ସଂଗୀତରେ ସଜେଇଛନ୍ତି ଏ.ଆର୍.ରେହମାନ ଓ ତାମିଲମଣି। ସତୁରିରୁ ଅଶୀ କୋଟି ବ୍ୟୟରେ ନିର୍ମିତ ଏଇ ଚଳଚ୍ଚିତ୍ରଟିର ସଫଳତା ଆଶା କରାଯାଏ।

ଖେଳ ଓ ଖେଳାଳୀ



# କ୍ରୀକେଟର ଶ୍ରେଷ୍ଠ ପାଞ୍ଚ ବ୍ୟାଟିଂ ତାରକା

ବିଶ୍ୱ କ୍ରିକେଟ ଇତିହାସରେ ଯେତେବେଳେ ଶ୍ରେଷ୍ଠ ବ୍ୟାଟର ମାନଙ୍କ ବିଷୟରେ ଚର୍ଚ୍ଚା ହୋଇଥାଏ ସେତେବେଳେ ନିମ୍ନଲିଖିତ ପାଞ୍ଚଜଣ ବ୍ୟାଟସ୍‌ମ୍ୟାନ ନିଜର କାଳଜୟୀ ଏବଂ ଅତୁଳନୀୟ ପ୍ରଦର୍ଶନ ନିମନ୍ତେ ସର୍ବକାଳୀନ ଶ୍ରେଷ୍ଠ ବ୍ୟାଟସ୍‌ମ୍ୟାନର ମର୍ଯ୍ୟାଦା ଲାଭ କରିଥାନ୍ତି । ଏହି କାଳଜୟୀ ବ୍ୟାଟସ୍‌ମ୍ୟାନମାନେ ବିଶ୍ୱ କ୍ରିକେଟର ବିଭିନ୍ନ ଯୁଗକୁ ନିଜର ପ୍ରତିଭା ଓ ଅସାମାନ୍ୟ ପ୍ରଦର୍ଶନ ଜରିଆରେ ପ୍ରଭାବିତ କରିଆସିଛନ୍ତି । ଏହି ସର୍ବକାଳୀନ ଶ୍ରେଷ୍ଠ ବ୍ୟାଟସମ୍ୟାନମାନଙ୍କ ଉପରେ ଏକ ସଂକ୍ଷିପ୍ତ ବିବରଣୀ

**ଡନ୍ ବ୍ରାଡମ୍ୟାନ:-** ଏହି ତାଲିକାର ଏକ ନଂ. ୧ ରେ ସବୁବେଳେ ରହିଆସିଛନ୍ତି ଅଷ୍ଟ୍ରେଲିଆର କିମ୍ବଦନ୍ତୀ ବ୍ୟାଟସ୍‌ମ୍ୟାନ ଡନ୍ ବ୍ରାଡ୍‌ମ୍ୟାନ । ବ୍ରାଡ୍‌ମ୍ୟାନଙ୍କର ଅନ୍ୟନାମ ହେଲା କ୍ରିକେଟର ସର୍ବଶ୍ରେଷ୍ଠ ଉତ୍କର୍ଷତା । ତାଙ୍କର ବ୍ୟାଟିଂ ଆଭରେଜ ୯୯.୯୪ ଏପର୍ଯ୍ୟନ୍ତ କେହି ମଧ୍ୟ ଅତିକ୍ରମ କରିପାରିନାହାଁନ୍ତି । ମାତ୍ର ୫୨ଟି ଟେଷ୍ଟମ୍ୟାଚ୍ ଖେଳି ୨୯ଟି ଶତକ ହାସଲ କରିବାର ତାଙ୍କର ରେକର୍ଡ଼ ମଧ୍ୟ ୪୦ ବର୍ଷ ଧରି ଅକ୍ଷୁର୍ଣ୍ଣ ରହିଥିଲା, ଯାହାକି ଭାରତର ସୁନୀଲ ଗାଭାସ୍କର ଅତିକ୍ରମ କରିଥିଲେ ପ୍ରାୟ ଦୁଇଗୁଣରୁ ଅଧିକ ସଂଖ୍ୟକ ଟେଷ୍ଟ ମ୍ୟାଚ୍ ଖେଳି । ବ୍ରାଡ୍‌ମ୍ୟାନଙ୍କର ଖେଳିବାର ଶୈଳୀ ଏବଂ ଗତି ଏପର୍ଯ୍ୟନ୍ତ ମଧ୍ୟ ଅତୁଳନୀୟ ।

**ସଚିନ ତେନ୍ଦୁଲକର:-** ଏହି ତାଲିକାରେ ନଂ. ୨ ରେ ରହିଛନ୍ତି ସଚ୍ଚିନ ତେନ୍ଦୁଲକର । ମାଷ୍ଟର ବ୍ଲାଷ୍ଟର ରୂପେ ପରିଚିତ ଏହି ମହାନ ଖେଳାଳୀ ଦୀର୍ଘ ୨୪ ବର୍ଷ କାଳ ନିଜ ଆଧିପତ୍ୟ ଜାରି ରଖିଥିଲେ ଅତୁଳନୀୟ ପ୍ରଦର୍ଶନ ସହିତ । ୧୦୦ଟି ଆନ୍ତର୍ଜାତିକ ଶତକ ହାସଲ କରିବାରେ ସେ ଥିଲେ ବିଶ୍ୱର ସର୍ବପ୍ରଥମ ଖେଳାଳୀ । ନିଜର ନିଖୁଣ ବ୍ୟାଟିଂ ଶୈଳୀ ଯେକୌଣସି ପରିସ୍ଥିତିରେ ନିଜକୁ ଖାପଖୁଆଇ ଚମତ୍କାର ପ୍ରଦର୍ଶନ କରିବାର ଗୌରବ ତାଙ୍କୁ ଆଣିଦେଇଥିଲା । ତେନ୍ଦୁଲକର ସର୍ବାଧିକ ସଂଖ୍ୟକ ରେକର୍ଡ଼ ସୃଷ୍ଟି କରିବାରେ କରିଛନ୍ତି ଏକ ରେକର୍ଡ଼ ।

**ଭିଭିୟାନ ରିଚ୍ଚାର୍ଡ:-** ତାଲିକାରେ ତୃତୀୟ ସ୍ଥାନରେ ଅଛନ୍ତି ଇଣ୍ଡିଜ୍‌ର ଖାତନାମା ବ୍ୟାଟସ୍‌ମ୍ୟାନ ଭିଭିୟାନ ରିଚ୍ଚାର୍ଡ । ନିର୍ଭୟରେ ଆକ୍ରମଣାତ୍ମକ ପ୍ରଦର୍ଶନ କରିବାରେ ମାହିର ଏବଂ ଶକ୍ତିଶାଳୀ ସର୍ଟ ମାରିବାରେ ସିଦ୍ଧହସ୍ତ ରିଚାର୍ଡସ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିଥିଲେ ଶକ୍ତିଶାଳୀ ବ୍ୟାଟିଂ ଓ ଆକ୍ରମଣାତ୍ମକ ଖେଳରେ ଏକ ନୂତନ ଅଧ୍ୟାୟ ସୃଷ୍ଟିକରି । ଟେଷ୍ଟରେ ୫୦.୨୩ ଓ ଏକ ଦିବସୀୟରେ ୪୭.୦୦ ହାରାହାରିରେ ପ୍ରଦର୍ଶନ କରି ସେ ନିଜର ପ୍ରଭାବୀ ପ୍ରଦର୍ଶନର ପ୍ରମାଣ ରଖିଯାଇଛନ୍ତି ।

**ବ୍ରିଆନ ଲାରା:-** ତାଲିକାର ଚତୁର୍ଥରେ ରହିଛନ୍ତି ବ୍ରିଆନ ଲାରା । ଯିଏକି ଟେଷ୍ଟ କ୍ରିକେଟରେ ସର୍ବୋଚ୍ଚ ସ୍କୋର ଅପରାଜିତ ୪୦୦ ରନ୍‌ର ରେକର୍ଡ଼ର ଆଜିବି ଅଧିକାରୀ ଅଟନ୍ତି । ତାଙ୍କର ସର୍ଟ ମାରିବାରେ ଅପୂର୍ବ ଦକ୍ଷତା ଏବଂ ବଲ୍‌କୁ ପ୍ରହାର କରି ପଡ଼ିଆର ଯେକୌଣସି ଦିଗକୁ ପଠାଇପାରିବାର ସାମର୍ଥ୍ୟ ନିମନ୍ତେ ଆଉ କେହି ତାଙ୍କର ସମକକ୍ଷ ହୋଇପାରିନାହାଁନ୍ତି । ତାଙ୍କର ଏଭଳି ପ୍ରଦର୍ଶନ ପାଇଁ ତାଙ୍କୁ ପୋର୍ଟ ଅଫ୍ ସ୍ପେନର ଯୁବରାଜ ବୋଲି କୁହାଯାଇଥାଏ ।

**ବିରାଟ କୋହଲି:-** ଏହି ତାଲିକାରେ ପଞ୍ଚମ ସ୍ଥାନରେ ଅଛନ୍ତି ବିରାଟ କୋହଲି । ନିଜର ତୋଫାନି ପ୍ରଦର୍ଶନ ତଥା ରନ୍ ସଂଗ୍ରହର କ୍ଷୁଧା ପାଇଁ ସେ ଗୋଟିକ ପରେ ଗୋଟିଏ ରେକର୍ଡ଼ ଭାଙ୍ଗି ଚାଲିଛନ୍ତି । ରେକର୍ଡ଼ ସମୟ ମଧ୍ୟରେ ୮୦୦୦, ୯୦୦୦, ୧୦୦୦୦, ୧୧୦୦୦ ଏକଦିବସୀୟ ରନ୍ ସଂଗ୍ରହ କରି ନିଜର ଅତୁଳନୀୟ ଦକ୍ଷତାକୁ ପ୍ରମାଣିତ କରିଛନ୍ତି । ଏବେବି ଖେଳୁଥିବା କୋହଲି ଆହୁରି ଅନେକ ରେକର୍ଡ଼ ଭାଙ୍ଗି ଅନେକ ଆହୁରି ବହୁତ ନୂତନ କିର୍ତ୍ତୀମାନ ସୃଷ୍ଟି କରିବେ ବୋଲି ସମସ୍ତେ ବିଶ୍ୱାସ କରନ୍ତି ।

ଜ୍ୟୋତିଷ ବିଚାର



# ମାସିକ ରାଶିଫଳ


## (ତା: ୧୫/୨/୨୦୨୪ ରୁ ତା: ୧୪/୩/୨୦୨୪)

### ଜ୍ୟୋତିର୍ବିଦ- ବିଶ୍ୱନାଥ ନାୟକ




**ମେଷ:-** ପୂର୍ବ ତୁଳନାରେ ଚଳିତ ମାସଟି ଆପଣଙ୍କୁ ଅଧିକ ଶୁଭଫଳ ପ୍ରଦାନ କରିବ। ଅଟକିଯାଇଥିବା କାର୍ଯ୍ୟ ପୂର୍ଣ୍ଣତାରେ ପରିଣତ ହେବ। କର୍ମକ୍ଷେତ୍ରରେ ଅଧିକ ପରିଶ୍ରମର ବୋଝ ବହନକରି ବିନାବାଧାରେ ଆଗେଇ ଯାଇପାରିବେ। ଉପରିସ୍ଥ ମାନଙ୍କଠାରୁ ଶୁଭ ସଦିଚ୍ଛା ପ୍ରାପ୍ତହେବାରେ ଅଙ୍କୁଶ ଲାଗିବ ନାହିଁ। ସରକାରୀ କଳରୁ ଆଶାଜନକ ସହାୟତା ଲାଭ କରିପାରନ୍ତି। ଗୋଡ଼ଟଣା ମାନଙ୍କର ଅଭାବ ରହିବନାହିଁ। ତେବେ ସେ ସବୁକୁ ଭ୍ରୂକ୍ଷେପ ନକରି ନିଜବାଟରେ ଆଗେଇବେ। ନିରୁପଦ୍ରବ ଜୀବନଚର୍ଯ୍ୟା ନିମିତ୍ତ ଆବଶ୍ୟକୀୟ ସୁବିଧା ସୁଯୋଗ ହାତପାହାନ୍ତାରେ ଉପଲବ୍ଧ ହେବ। ସାମାଜିକ ସ୍ତରରେ ପତିଆରା ବୃଦ୍ଧି କରିବାରେ ସମର୍ଥ ହେବେ। କାର୍ଯ୍ୟ ହାସଲ ନିମିତ୍ତ କିଛି ମୋଟା ଅଙ୍କର ଅର୍ଥ ବ୍ୟୟର ସମ୍ଭାବନା ଅଛି। ବେପାର ବାଣିଜ୍ୟରେ ପଛେଇଯିବାର ଆଶଙ୍କା ନାହିଁ। ଲୋକାଦୃତିକୁ ଆଧାର କରି କାରବାର ଚଳାଇବେ। ସମସ୍ୟା ଦେଖାଦେଇପାରେ ମାତ୍ର ସମାଧାନର ସୂତ୍ର ସଙ୍କଟମୟ ହେବନାହିଁ। ଆର୍ଥୀକଦିଗ ବହୁ ବ୍ୟୟଯୋଗେ ଚିନ୍ତାକୁଳ କରିପାରେ। ଭ୍ରମଣଯୋଗ ସାଙ୍ଗକୁ ଦେବଦର୍ଶନର ଯୋଗ ଅଛି। ପଡ଼ୋଶୀମାନଙ୍କ ସଂପର୍କରେ ସୁଧାର ଆସିବ। ପେଟରୋଗ ଓ ଚକ୍ଷୁରୋଗ ଦେଖାଦେଇପାରେ। ପାରିବାରିକ ସମସ୍ୟା କ୍ରମଶଃ ସରଳୀକୃତ ହେବ। ମହିଳାମାନେ ପରିବାରର ଉନ୍ନତିରେ ଯଥାସାଧ୍ୟ ଚେଷ୍ଟା କରିବେ। ଭୋଗ ବିଳାସ ପ୍ରତି ରୁଚି ବଢ଼ିବ। ବିଦ୍ୟାର୍ଥୀମାନେ ଯତ୍ନପୂର୍ବକ ଲକ୍ଷ୍ୟସ୍ଥଳ ଛୁଇଁବାର ପ୍ରଚେଷ୍ଟା ଜାରିରଖିବେ।

ଅଶୁଭ ଦିବସ:- ୨୨, ୨୩, ୫, ୬, ୧୧, ୧୨ ଅଷ୍ଟମଚନ୍ଦ୍ର:- ୩, ୪ ଘାତଚନ୍ଦ୍ର:- ୧୫, ୧୬, ୧୩, ୧୪ ବାକିଦିନ ଶୁଭ।



**ବୃଷ:-** ମାସଟି ଆପଣଙ୍କ ପକ୍ଷେ ଶୁଭଫଳ ପ୍ରଦାନ କରିବାର ବଳିଷ୍ଠ ସୂଚନା ପ୍ରଦାନ କରୁଛି। କାର୍ଯ୍ୟରେ ସଫଳତା, ଶରୀରରେ ଓ ମନରେ ପ୍ରସନ୍ନତା ଭରିଯିବା କାରଣରୁ ଉତ୍ସାହର ସହିତ କର୍ମପଥରେ ବିନା ବାଧାରେ ଆଗେଇ ଯାଇପାରିବେ। ବୈଷୟିକ ଦିଗରୁ ସଂପନ୍ନତା ବୃଦ୍ଧିପାଇବ। ଅନେକ ମାନଙ୍କ ମେଳରେ ସ୍ୱତନ୍ତ୍ରତା ବଜାୟ ରଖିବା ସମ୍ଭବ ହେବ। ଗଠନମୂଳକ କାର୍ଯ୍ୟରେ ତଥା ଆନୁଷ୍ଠାନିକ କର୍ମରେ ଛାମୁଆ ଭୂମିକା ନିର୍ବାହ କରିବେ। ମାଙ୍ଗଳିକ କାର୍ଯ୍ୟ ସାଧନ ନିମିତ୍ତ ପରିବେଶ ଅନୁକୂଳ ହେବ। ଆପଣାରମାନେ ଇର୍ଷାଳୁ ହୋଇପାରନ୍ତି। ମୂଲ୍ୟବାନ ଦ୍ରବ୍ୟ କ୍ରୟରେ ମନ ବଳାଇବେ। ବିବାଦୀୟ କ୍ଷେତ୍ରରେ ଯଥେଷ୍ଟ ଧୈର୍ଯ୍ୟ ଓ ସାହାସର ସହିତ ପରିସ୍ଥିତିକୁ ମୁକାବିଲା କରି କାର୍ଯ୍ୟ ହାସଲ କରିବେ। ସାମାଜିକ କ୍ଷେତ୍ରରେ ସମ୍ମାନ ବୃଦ୍ଧିର ଆଶା ଅଛି। କାରବାରରେ ନୂତନ ଦିଗ ପରିଲକ୍ଷିତ ହେବ। ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ସାମୟିକ ଚିନ୍ତାର କାରଣ ସାଜିପାରେ। ଆର୍ଥୀକ ଦିଗ ଚିନ୍ତାଜନକ ହେବ ନାହିଁ। ଭ୍ରମଣ ଯୋଗର ଆଭାସ ମିଳୁଛି। ଥଣ୍ଡାଦୋଷ ଓ ପେଟରୋଗ ଦେଖାଦେବ। ପାରିବାରିକ ସ୍ତରରେ ମନକଷ୍ଟ କରିବାର ନାହିଁ। ନୂତନ ବନ୍ଧୁଙ୍କ ସାହାଯ୍ୟ ପାଇବେ। ମହିଳାମାନେ ସ୍ୱଧର୍ମ ପାଳନରେ ଅତିଷ୍ଠ ହେଲେବି ଆତ୍ମ ସମ୍ମାନ ଊଣା ହେବନାହିଁ। ପ୍ରାଧାନ୍ୟ ବୃଦ୍ଧିପାଇବ। ବିଦ୍ୟାର୍ଥୀମାନେ ନିରାଶ ହେବେ ନାହିଁ।

ଅଶୁଭ ଦିବସ:- ୧୫, ୧୬, ୨୪, ୨୫, ୨୬, ୭, ୮, ୧୩, ୧୪ ଅଷ୍ଟମଚନ୍ଦ୍ର:- ୫, ୬ ଘାତଚନ୍ଦ୍ର:- ୨୭, ୨୮ ବାକିଦିନ ଶୁଭ।



**ମିଥୁନ:-** ଶୁଭାଶୁଭ ଫଳ ପ୍ରଦାନ ମାଧ୍ୟମରେ ମାସଟି ଅତିବାହିତ ହେବ। ସାମୟିକ ମାନସିକ ଅବସାଦ ଏବଂ ଶାରିରୀକ ଦୁର୍ବଳତା ଦେଖାଦେଲେବି କର୍ମର ଗତି ବାଧିତ ହେବନାହିଁ। ଉଦ୍‌ଯୋଗ ଓ ଚେଷ୍ଟା ବଳରେ ଉନ୍ନତିର ଚରମ ସୋପାନରେ ପହଞ୍ଚିବା ଦୁର୍ବାର ହେବନାହିଁ। ଆତ୍ମବଳ ଓ ମନୋବଳକୁ ପ୍ରୟୋଗ କରି ସମସ୍ୟାର ଦାପଟକୁ ସାଧାରଣରେ ପରିଣତ କରିବାରେ ସମର୍ଥ ହେବେ। ନେତୃତ୍ୱ ବହନ କରି କାର୍ଯ୍ୟର ତ୍ୱରାକରଣ କରିପାରନ୍ତି। ଉଚ୍ଚବର୍ଗରୁ ପ୍ରେରଣା ମିଳିବ। ସରକାରୀ କଳରୁ କାର୍ଯ୍ୟ ସାଧନ କରିବାର ମଉକା ଜୁଟିବ। କେତେକ ଆତ୍ମୀୟମାନେ ବିଷକୁମ୍ଭ ପୟୋମୁଖ ସାଜିପାରନ୍ତି। ସାମାଜିକ ଭାବମୂର୍ତ୍ତି ପ୍ରତି ଅଚ୍ୟୁତ ନିର୍ଦ୍ଦେଶ ହେବାର ନାହିଁ। ବେପାର


ବାଣିଜ୍ୟ କିଛି ପରିମାଣରେ ଅବହେଳିତ ହେବାର ସୂଚନା ମିଳୁଛି। ସଞ୍ଚିତ ଅର୍ଥ ବ୍ୟୟ କରି ମାଙ୍ଗଳିକ କାର୍ଯ୍ୟ ସାଧନ କରିବେ। ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ଆୟତ୍ତ କରିବେ। ବେଳେବେଳେ ମନର କଥା ମନରେ ମାରିବାକୁ ହେବ। ଗଣ୍ଠିପୀଡ଼ା ସାଙ୍ଗକୁ ଶ୍ଳେଷ୍ମାଦୋଷ ଦେଖାଦେଇପାରେ। ପାରିବାରିକ କ୍ଷେତ୍ରରେ ବୁଝାମଣା ରକ୍ଷା ନିମିତ୍ତ କୌଶଳ ଅବଲମ୍ବନ କରିବାର ଆବଶ୍ୟକତା ଅଛି। ମହିଳାମାନେ ସୌଖୀନ ଦ୍ରବ୍ୟ କ୍ରୟ ନିମନ୍ତେ ଆଗ୍ରହ ପ୍ରକାଶ କରିବେ। ବସ୍ତ୍ର ଭୂଷଣ ପ୍ରାପ୍ତିର ଯୋଗ ଅଛି। ଭୋଗ ବିଳାସର ଅଭାବବୋଧ ହେବନାହିଁ। ବିଦ୍ୟାର୍ଥୀମାନେ ପରାମର୍ଶ ଗ୍ରହଣ କରି ଉଚିତ ମାର୍ଗରେ ଚଳି ଉପକୃତ ହେବେ।

ଅଶୁଭ ଦିବସ:- ୧୭, ୧୮, ୨୯, ୧, ୨ ଅଷ୍ଟମଚନ୍ଦ୍ର:- ୭, ୮ ଘାତଚନ୍ଦ୍ର:- ୯, ୧୦ ବାକିଦିନ ଶୁଭ।



**କର୍କଟ:-** ମାସଟି ଆପଣଙ୍କ ପକ୍ଷେ ମଧ୍ୟମ ଶୁଭଦାୟକ ହେବ। କ୍ଲାନ୍ତ ଓ ଅବସନ୍ନତା ଯୋଗେ ଉତ୍ସାହ ଉଦ୍ଦୀପନା କମ ହେଲେବି କର୍ମାନୁସାରି ଫଳର ଉପଭୋକ୍ତା ହେବେ। ନୀତି ନିୟମ ନିଷ୍ଠ ପୂର୍ବକ ଧର୍ମରେ ବିଶ୍ୱାସ ରଖି ଚାଲିଲେ ଦୈବୀକୃପା ଯୋଗେ ସମସ୍ୟାମୁକ୍ତ ହୋଇ ସରଳ ଦିନଚର୍ଯ୍ୟାର ସୁଯୋଗ ଉପଲବ୍ଧ ହେବ। ସରକାରୀ ତଥା ବେସରକାରୀ ଅନୁଷ୍ଠାନରେ କର୍ମକ୍ଷେତ୍ରର ଗତି ଆଶାଜନକ ନହେବାର ସୂଚନା ମିଳୁଛି। ନିର୍ମାଣ କାର୍ଯ୍ୟରେ ବିଭିନ୍ନ କାରଣରୁ ବାଧା ଉପୁଜିପାରେ। କର୍ମର ଗତି ଅଟକିବ ନାହିଁ। ସାମାଜିକ ସ୍ତରରେ ଭାବମୂର୍ତ୍ତିରେ ମଳିନତା ଆସିବାର ନାହିଁ। ବେପାର ବାଣିଜ୍ୟ ଗତାନୁଗତିକ ଭାବେ ଚାଲୁ ରହିବ। ଅଯଥା ବୁଝାମଣାର ଶିକାର ହେଲେ ଆଶ୍ଚର୍ଯ୍ୟ ଚକିତ ହେବାର ନାହିଁ। ବନ୍ଧୁବାନ୍ଧବମାନଙ୍କ ଦ୍ୱାରା ଅନେକ ଦୁଃସ୍ଥିତିର ସମାଧାନ ଘଟିବା ଯୋଗେ ଆଶ୍ୱସ୍ତ ହେବେ। ଟଙ୍କା ପଇସା କାରବାରରେ ଚଉଆଖିଆ ହେବାର ଆବଶ୍ୟକତା ଅଛି। ବଡ଼ଧରଣର ପ୍ରକଳ୍ପକୁ ହାତେଇ ପାରନ୍ତି। କାହାରିଠାରୁ ଆଶ୍ୱାସନା ଓ ସହଯୋଗ ଆଶା କରିବା ସଫଳ ହୋଇନପାରେ। ଆପଣା ଶିଙ୍ଗରେ ମାଟି ତାଡ଼ିବାକୁ ପଡ଼ିବ। ଗୋଳମାଳ ସାଙ୍ଗକୁ ଭୂତାଣୁ ଜନିତ ଜ୍ୱରପୀଡ଼ା ଅନୁଭୂତ ହେବ। ପାରିବାରିକ ସ୍ଥିତିରେ ବିଡ଼ମ୍ବନା ଘଟିବାର ନାହିଁ। ମହିଳାମାନେ ଘୋଷାରିହୋଇ ଉନ୍ନତିମୂଳକ ଦିଗ ଆଡ଼କୁ ମୁହାଁଇବେ। କଷ୍ଟକର ପରିସ୍ଥିତିରେ ଗତି କଲେବି ହାରିଯିବାର ନାହିଁ। ବିଦ୍ୟାର୍ଥୀମାନେ ନୈରାଶ୍ୟର ଶିକାର ହେବେ ନାହିଁ।

ଅଶୁଭ ଦିବସ:- ୧୯, ୨୦, ୨୧, ୩, ୪ ଅଷ୍ଟମଚନ୍ଦ୍ର:- ୯, ୧୦ ଘାତଚନ୍ଦ୍ର:- ୨୪, ୨୫, ୨୬ ବାକିଦିନ ଶୁଭ।



**ସିଂହ:-** ପୂର୍ବ ତୁଳନାରେ ଚଳିତ ମାସଟି ଆପଣଙ୍କ ନିମିତ୍ତ ଶୁଭାଧିକ୍ୟ ହେବାର ସମ୍ଭାବନା ଅଛି। ବକେୟା କାର୍ଯ୍ୟକୁ ଅଧିକ ଆଗ୍ରହ ଓ ଉତ୍ସାହର ସହିତ ପୂର୍ଣ୍ଣତା ଦେବାରେ ଯଥାସମ୍ଭବ ଚେଷ୍ଟା ଜାରି ରଖିବେ। ମନରେ ନୂତନ ଉତ୍ସାହ ସୃଷ୍ଟିହେବ। ଈର୍ଷାଳୁମାନେ ବିଦ୍ରୋହାତ୍ମକ ପନ୍ଥା ଅବଲମ୍ବନ କରି ଅସଫଳ ହେବେ। ସରକାରୀ କଳରୁ ଚେଷ୍ଟା ଚରିତ୍ର ଯୋଗେ ଫାଇଦା ଉଠାଇବାର ଉଦ୍ୟମ ଅସଫଳ ହେବନାହିଁ। ନିର୍ମାଣ କାର୍ଯ୍ୟରେ ଆଗୁସାର ହେବେ। ମାସର ପ୍ରଥମାର୍ଦ୍ଧ ଅପେକ୍ଷା ଦ୍ୱିତୀୟାର୍ଦ୍ଧଟି ଅନୁକୂଳ ପ୍ରଦ। କର୍ମକୁ ପ୍ରମୁଖତା ଦେଇ ସମାଜରେ ଶ୍ରେୟତା ପ୍ରତିପାଦନ କରିବେ। ରକ୍ତ ସଂପର୍କୀୟମାନେ ଚଳାପଥ ଓଗାଳି ପାରନ୍ତି। ବେପାର ବାଣିଜ୍ୟରେ ପଛେଇ ଯିବାର ଆଶଙ୍କା ନାହିଁ। ଆର୍ଥୀକ ଦିଗ ସଂକୀର୍ଣ୍ଣ ନହେଲେବି ବ୍ୟୟାଧିକ୍ୟ ଯୋଗେ ଚିନ୍ତିତ ହେବେ। ଭ୍ରମଣ ଯୋଗେ ସନ୍ତୋଷ ପ୍ରାପ୍ତିହେବ। ବହୁଦିନର ଅକୁହା ଯନ୍ତ୍ରଣାର ଅବସାନ ଘଟିବା ଯୋଗେ ଆତ୍ମଶାନ୍ତି ପାଇବେ। ବିବାଦୀୟ ପରିବେଶ ସପକ୍ଷରେ ଯିବ। ଅନ୍ୟମାନଙ୍କ ସ୍ୱାସ୍ଥ୍ୟ ବିଚଳିତ କରିପାରେ। ପିତ୍ତ ପ୍ରକୋପ ଓ ବାୟୁ ପ୍ରକୋପ ରୋଗର ଶିକାର ହୋଇପାରନ୍ତି। ପାରିବାରିକ ସୁଖ ପୂର୍ବ ତୁଳନାରେ ଅଧିକ ହେବ। ମହିଳାମାନେ ଉତ୍ସବାଦି କର୍ମରେ ପ୍ରମୁଖ ଭୂମିକା ନିର୍ବାହ କରିବେ। ସାମାଜିକ ତଥା ପାରିବାରିକ ସ୍ତରରେ ଆଦୃତିଲାଭ ହେବାର ଯୋଗ ଅଛି। ବିଦ୍ୟାର୍ଥୀମାନେ କର୍ମକୁ ଈଶ୍ୱର ସାଧନା ମନେ କରିବେ।

ଅଶୁଭ ଦିବସ:- ୨୨, ୨୩, ୨୭, ୨୮, ୫, ୬ ଅଷ୍ଟମଚନ୍ଦ୍ର:- ୧୧, ୧୨ ଘାତଚନ୍ଦ୍ର:- ୭, ୮ ବାକିଦିନ ଶୁଭ।



**କନ୍ୟା:-** ମାସଟି ଆପଣଙ୍କ ନିମିତ୍ତ ଶୁଭାଶୁଭ ମିଶ୍ରିତ ଫଳ ବହନ କରିବ। ସୁରୁଖୁରୁରେ ଦିନଚର୍ଯ୍ୟା ଚାଲୁରହିବା ବେଳେ ମଝିରେ ମଝିରେ ଅଦିନ ବଉଳ ସୂର୍ଯ୍ୟଙ୍କୁ ଢାଙ୍କିବା ଭଳି ଅନୁଭୂତ ହେବ। ସରକାରୀ କଳରୁ ପ୍ରେରଣା ଲାଭକରି ଗତିପଥକୁ ସାବଲୀଳ କରିପାରିବେ। ବହୁତ କର୍ମରେ ଏକସଙ୍ଗେ ମୁଣ୍ଡ ଖେଳାଇବା ଯୋଗେ ବ୍ୟସ୍ତ ବିବ୍ରତ ବୃଦ୍ଧିପାଇଲେବି ତାହାକୁ ମୁକାବିଲା କରି କର୍ମମୁଖର ହେବେ। ବିବାଦୀୟ କ୍ଷେତ୍ରରେ ଶତ୍ରୁମାନେ ମଳିନ ପଡ଼ିଯାଇପାରନ୍ତି। ସାମାଜିକ ଭାବମୂର୍ତ୍ତି ଅତୁଟ ରହିବ। ଈଶ୍ୱର ବିଶ୍ୱାସ ଓ ଦୈବୀକୃପା ଯୋଗେ ସମସ୍ତ ନକାରାତ୍ମକ ପରିବେଶକୁ ସୁଧାରିନେବା ଅସମ୍ଭବ ହେବନାହିଁ। ବେପାର ବାଣିଜ୍ୟରେ ନୂତନ ଚିନ୍ତାଧାରା ପ୍ରବେଶ ହୋଇ ଲାଭବାନ ହେବେ। ମନର କଥା ସମସ୍ତଙ୍କ ଆଗେ ପ୍ରକାଶକରି ବେଳେବେଳେ ସମସ୍ୟାର ବଳୟକୁ ଆମନ୍ତ୍ରଣ କରିପାରନ୍ତି। ଗୃହ ନିର୍ମାଣ ଅଥବା ଯାନକ୍ରୟ ଚିନ୍ତା ପୋଷଣ କରିପାରନ୍ତି। କଳାକ୍ଷେତ୍ର ପ୍ରତି ଆଗ୍ରହ ଓ ଦୁର୍ବଳତା ପରିଲକ୍ଷିତହେବ। ବନ୍ଧୁବାନ୍ଧବମାନେ ଶୋଷଣ ମନୋବୃତ୍ତି ଧାରଣ କରିବେ। ଭୋଗ ବିଳାସ ଜନିତ ବ୍ୟୟଭାର ବୃଦ୍ଧିପାଇପାରେ। ଅଣ୍ଟା ଓ ଆଣ୍ଠୁରେ ଯନ୍ତ୍ରଣା ସହିତ ଅଣ୍ଡରୋଗ ଦେଖାଦେବ। ପାରିପାରିକ ସ୍ତର ଦୁଶ୍ଚିନ୍ତାପ୍ରଦ ହେବନାହିଁ। ମହିଳାମାନେ ଦିନଚର୍ଯ୍ୟାରେ ବ୍ୟାକୁଳିତ ହେବେନାହିଁ। ଆନନ୍ଦ ଉତ୍ସାହରେ ଭଟ୍ଟା ପଡ଼ିବାର ନାହିଁ। ବିଦ୍ୟାର୍ଥୀମାନେ ଚଞ୍ଚଳତା ତ୍ୟାଗ କରିବେ।

ଅଶୁଭ ଦିବସ:- ୨୪, ୨୫, ୨୬, ୨୯, ୧, ୨, ୭, ୮ ଅଷ୍ଟମଚନ୍ଦ୍ର:- ୧୫, ୧୬, ୧୩, ୧୪ ଘାତଚନ୍ଦ୍ର:- ୧୯, ୨୦, ୨୧

ବାକିଦିନ ଶୁଭ।



**ତୁଳା:-** ଗତାନୁଗତିକ ଭାବେ ମାସଟି ଅତିବାହିତ ହେବାବେଳେ ପୂର୍ବ ତୁଳନାରେ ଶୁଭଫଳର ମାତ୍ରା ଅଧିକ ସୂଚନା ମିଳୁଛି। ଅଯଥା ଦୌଡ଼ଧୂପ ଓ ଅପରିକଳ୍ପିତ ଅର୍ଥବ୍ୟୟର ଅବସାନ ଘଟିବା ଯୋଗୁଁ ଆଶ୍ୱସ୍ତ ହେବେ। କର୍ମର ଗତି ସ୍ୱାଭାବିକ ହେବା କାରଣରୁ ଅନେକବାଟ ଆଗେଇଯିବାରେ ସମର୍ଥ ହେବେ। ଉନ୍ନତିମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବାର ମଉକା ଉପଗତ ହେବ। ବିରୋଧି ଶକ୍ତିର କୁପ୍ରଭାବ ଅନେକାଂଶରେ ହ୍ରାସ ପାଇବ। ଶତୃମାନେ ନିଜ ନିଜ ସମସ୍ୟାରେ ଛନ୍ଦି ହୋଇ ପଡ଼ିବା ଦ୍ୱାରା ଦୂରେଇଯିବା କାରଣରୁ ଦିନଚର୍ଯ୍ୟା ସରଳହେବ। କଠିନ ପରିଶ୍ରମ ଓ ଦାୟିତ୍ୱ ବହନଯୋଗେ କ୍ଲାନ୍ତି ଅନୁଭବ କରିପାରନ୍ତି। ବେପାର ବାଣିଜ୍ୟରେ ପରିଶ୍ରମ ଓ କୌଶଳ ଅବଲମ୍ବନ କରି ସୁରକ୍ଷିତ ରହିବେ। ସାମାଜିକ ସ୍ତରରେ ଆଦୃତିର ଅଭାବ ଘଟିବ ନାହିଁ। ଦୂର ଭ୍ରମଣ ସାଙ୍ଗକୁ ଉତ୍ସବାଦି କର୍ମରେ ଯୋଗଦାନ କରିବେ। ଆର୍ଥୀକ ଦିଗ ସଂକୀର୍ଣ୍ଣ ହେବାର ନାହିଁ। ଅଯଥା ଚିନ୍ତା ଓ ଭୟକୁ ମନରୁ ପୋଛିଦେଲେ ଶାନ୍ତି ପାଇବେ। ଖାଦ୍ୟ ରୁଚି ବଢ଼ିବ। ବିବାଦୀୟ କ୍ଷେତ୍ର ବିପଦପୂର୍ଣ୍ଣ ହେବନାହିଁ। ବାତରୋଗ ଓ ପେଟରୋଗ ଦେଖାଦେବ। ଛୋଟ ଧରଣର କ୍ଷତବିକ୍ଷତ ହୋଇପାରନ୍ତି। ପାରିବାରିକ ଜୀବନ ସୌହାର୍ଦ୍ଦ୍ୟପୂର୍ଣ୍ଣ ହେବ। ମହିଳାମାନେ ଶରୀର ଓ ମନର ଦୁର୍ବଳତା ସତ୍ୱେ ଭୋଗ ବିଳାସରୁ ବଞ୍ଚିତ ହେବାର ନାହିଁ। ପରିବାରର ଉନ୍ନତି ନିମିତ୍ତ ଚେଷ୍ଟା ଜାରି ରଖିବେ। ବିଦ୍ୟାର୍ଥୀମାନେ କଠୋର ପରିଶ୍ରମ ଦ୍ୱାରା ଉଚ୍ଚ ସୋପାନକୁ ଉନ୍ନୀତ ହେବେ।

ଅଶୁଭ ଦିବସ:- ୩, ୪, ୯, ୧୬ ଅଷ୍ଟମଚନ୍ଦ୍ର:- ୧୭, ୧୮ ଘାତଚନ୍ଦ୍ର:- ୫, ୬ ବାକିଦିନ ଶୁଭ।



**ବିଛା:-** ଆପଣଙ୍କ ପକ୍ଷେ ମାସଟି ଶୁଭଦ୍ୟୋତକ ହେବ। ମାନସିକ ସ୍ଥିରତା ରକ୍ଷାକରି କାର୍ଯ୍ୟକର୍ମରେ ଆଗେଇବାର ପ୍ରଚେଷ୍ଟା ଜାରି ରଖିବେ। ମଝିରେ ମଝିରେ ଛୋଟବଡ଼ ଦୁର୍ଭାବନାକୁ ଏଡ଼ାଇଦେଲେ ଆଶାଜନକ ପ୍ରଶାନ୍ତି ମିଳିବାରେ କଷ୍ଟକର ହେବନାହିଁ। ସରକାରୀ ସ୍ତରରୁ ଅଥବା କର୍ମକ୍ଷେତ୍ରରୁ ପ୍ରଶଂସା ପାଇବାଦ୍ୱାରା କର୍ମକାରୀଣ ଉତ୍ସାହ ବୃଦ୍ଧି ପାଇବ। ପୁରୁଣା କାମର ପୂର୍ଣ୍ଣତା ଦେବେ। କିଛିଲୋକ ଈର୍ଷାଳୁ ହେଲେବି ସେଥିପ୍ରତି ଭ୍ରୂକ୍ଷେପ ନକରିବା ଭଲ। ବିବାଦୀୟ କ୍ଷେତ୍ରରେ ହାରିବାର ନାହିଁ। ସାମାଜିକ ସ୍ତରରେ ଉଚ୍ଚମାନ୍ୟତା ବୃଦ୍ଧି ପାଇବ। ବକେୟା ଅର୍ଥ ହାତକୁ ଆସିପାରେ। ଜମିବାଡ଼ି କ୍ରୟ କରିପାରନ୍ତି। ବେପାର ବାଣିଜ୍ୟର ଧାରା ସୁଧାର ଆସିବ। ଗୁରୁଜନମାନଙ୍କର ସ୍ୱାସ୍ଥ୍ୟରେ ସୁଧାର ଆସିବା ଯୋଗେ ଆଶ୍ୱସ୍ତ ହେବେ। ଆର୍ଥୀକ ଦିଗ ମଜବୁତ ରହିବ। ପଦୋନ୍ନତିର ସମ୍ଭାବନା ଅଛି। ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ସଫଳ କାମ ହେବେ। ସ୍ନାୟୁ ଜନିତ ରୋଗରେ ଆକ୍ରାନ୍ତ ହୋଇପାରନ୍ତି। ଅନ୍ୟମାନଙ୍କ ସାହାଯ୍ୟ ସହଯୋଗ ଉପକୃତ କରିବ। ପରିବାରରେ ସ୍ନେହଭାବ ଅତୁଟ ରହିବ। ବହୁଦୂର ଯାତ୍ରା ନକରିବା ଉଚିତ ହେବ। ମହିଳାମାନେ ସ୍ୱାର୍ଥକୁ ପ୍ରାଧାନ୍ୟ ଦେବେ। ହାତରେ ଦୁଇପଇସା ରଖିବାର ପ୍ରଚେଷ୍ଟା ଜାରିରହିବ। ବସ୍ତ୍ର ଭୂଷଣ ପ୍ରତି ରୁଚି ବଢ଼ିବ। ବିଦ୍ୟାର୍ଥୀମାନେ ପଛେଇ ଯିବାର ଆଶଙ୍କା ରହିବ ନାହିଁ।

ଅଶୁଭ ଦିବସ:- ୫, ୬ ଅଷ୍ଟମଚନ୍ଦ୍ର:- ୧୯, ୨୦, ୨୧ ଘାତଚନ୍ଦ୍ର:- ୧୭, ୧୮ ବାକିଦିନ ଶୁଭ।



**ଧନୁ:-** ଶୁଭାଶୁଭ ମିଶ୍ରିତଫଳ ପ୍ରଦାନ ମାଧ୍ୟମରେ ମାସଟି ଅତିବାହିତ ହେଲେବି ଅଶୁଭ ଅପେକ୍ଷା ଶୁଭତ୍ୱର ପରିମାଣ ଅଧିକ ମାତ୍ରାରେ ଅନୁଭୂତ ହେବ। ଗଡ଼ି ଚାଲିଥିବା ଅନେକ ସମସ୍ୟାର ସମାଧାନ ହେବା ଫଳରେ ନୂତନ ଢାଞ୍ଚାରେ କର୍ମ କରିବାର ସୁଯୋଗ ଉପଗତ ହେବ। ସରକାରୀ କଳରୁ ଅନୁକୂଳ ପବନ ବହିବା ଯୋଗେ କର୍ମକ୍ଷେତ୍ରରେ ଉତ୍ସାହ ବୃଦ୍ଧିପାଇବ। ଉପସ୍ଥିତ ବୁଦ୍ଧି ଓ ବଳ ଖଟାଇ କର୍ମରେ ଉଦ୍‌ବୁଦ୍ଧି ହେବେ। ନକାରାତ୍ମକ ଶକ୍ତି ଦୂରୀଭୂତ ହେବ। ସାମାଜିକ ସ୍ତରରେ ଅନେକଙ୍କ ସ୍ନେହ ସହାନୁଭୂତି ଲାଭକରି ମାନସିକ ସ୍ତରରେ ଉତ୍‌ଫୁଲ୍ଲିତ ହେବେ। ବେପାର ବାଣିଜ୍ୟରେ ବୁଦ୍ଧି ସହିତ ଅଧିକ ଅର୍ଥ ଖଟାଇପାରନ୍ତି। ପତିତ ଧନ ହାତକୁ ଆସିବ। କର୍ମକ୍ଷେତ୍ରର ପରିବର୍ତ୍ତନ ହେବାର ଯୋଗ ଅଛି। ଶତୃମାନେ ହୀନବଳ ହେବେ। ବିବାଦୀୟ କ୍ଷେତ୍ରରେ କାଳକ୍ଷେପଣ ନୀତି ଅବଲମ୍ବନ ଦ୍ୱାରା ପଶ୍ଚାତାପ କରିବାକୁ ପଡ଼ିବ ନାହିଁ। ଆର୍ଥୀକ ଦିଗ ସୁଦୃଢ଼ ରହିବ। ଗୃହରେ ମାଙ୍ଗଳିକ କାର୍ଯ୍ୟର ପଦଧ୍ୱନି ଶୁଣାଯାଇପାରେ। ପିତ୍ତ ଓ ଶ୍ଳେଷ୍ମା ଜନିତ ଯନ୍ତ୍ରଣାରେ ଆକ୍ରାନ୍ତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ଦୋଷଗୁଣ ନ ବାଛି ସବୁକୁ ଚଳେଇନେଲେ ଭଲ। ଅଳ୍ପ ଭ୍ରମଣ ଯୋଗ ଅଛି। ସୌଖୀନ ଦ୍ରବ୍ୟର ଅଧିକାର ମିଳିବ। ମହିଳାମାନେ କ୍ରୋଧ ବର୍ଜନ କଲେ ଶାନ୍ତି ପାଇବେ। ଭୋଗ ବିଳାସର ଇଚ୍ଛା ବହୁଗୁଣେ ବୃଦ୍ଧିପାଇବ। ବିଦ୍ୟାର୍ଥୀମାନେ ଆଶାଜନକ ଅଗ୍ରଗତି କରିବାରେ ବାଧା ନାହିଁ।

ଅଶୁଭ ଦିବସ:- ୭, ୮ ଅଷ୍ଟମଚନ୍ଦ୍ର:- ୨୨, ୨୩ ଘାତଚନ୍ଦ୍ର:- ୧୧, ୧୨ ବାକିଦିନ ଶୁଭ।



**ମକର:-** ଆପଣଙ୍କ ନିମିତ୍ତ ମାସଟି ଆହ୍ଲାଦପ୍ରଦ ହେବାର ସମ୍ଭାବନାରେ ଭରପୁର। ଅନେକ ଆଶଙ୍କା, କଳ୍ପନା ଜଳ୍ପନାର ଅନ୍ତ ଘଟିବା ଫଳରେ ସ୍ଥିର ଓ ନିରୁପଦ୍ରବ ଜୀବନ ଚର୍ଯ୍ୟାର ସୁ ଅବସର ଉପସ୍ଥିତ ହେବ। କର୍ମର ଗତି ଅବାରିତ ଓ ଉତ୍ସାହପ୍ରଦ ହେବ। ସରକାରୀ ସ୍ତରରେ ଉପରିସ୍ଥ ମାନଙ୍କର ସ୍ନେହ ଭାଜନ ହେବାଦ୍ୱାରା କାର୍ଯ୍ୟକର୍ମରେ ପ୍ରତିଷ୍ଠା ଅର୍ଜନ କରିବେ। ସାମାଜିକ ତଥା ସାଙ୍ଗଠନିକ କାର୍ଯ୍ୟ ଆଖିଦୃଶିଆ ହେବ। ଆପଣଙ୍କର ପ୍ରଶଂସା ଓ ଉନ୍ନତିରେ ଈର୍ଷାଳୁମାନଙ୍କର ଗାତ୍ରଦାହ ହେବାଭଳି ଉପସର୍ଗ ସୃଷ୍ଟି ହୋଇପାରେ। ଶତୃମାନଙ୍କର ପେଞ୍ଚ ଲାଗିରହିଲେବି ତାହା ଫଳପ୍ରସୂ ହେବନାହିଁ। ସାମାଜିକ ସ୍ତରରେ ମୁଣ୍ଡ ତଳକୁ ନୋଇଁବାର ନାହିଁ। ବେପାର ବାଣିଜ୍ୟର ଧାରା ପୂର୍ବ ତୁଳନାରେ ସାମାନ୍ୟ ମାନ୍ଦା ହେଲେବି ଅଟକିଯିବାର ଦୁର୍ଭାବନା ଉପୁଜିବ ନାହିଁ। ବିବାଦୀୟ କ୍ଷେତ୍ରରୁ ପରାଜୟର ଗ୍ଲାନି ଭୋଗିବାର ନାହିଁ।


ସମାଜ ସଂସ୍କାରକ ଓ ସଂସ୍କୃତି ସଂପର୍କ୍ତ କାର୍ଯ୍ୟରେ ବ୍ରତୀହେବେ। ରାଜନୈତିକ କ୍ଷେତ୍ରରେ ନୂତନ ଆଶା ଉଜ୍ଜୀବିତ ହେବ। ଭ୍ରମଣ ଓ ଖେଳକୁଦରେ ଶାନ୍ତି ପାଇବେ। ଆର୍ଥୀକ ଦିଗ ମଧ୍ୟମ ଧରଣର ହେବ। ଈଶ୍ୱର ବିଶ୍ୱାସ ଓ ସାଧୁସନ୍ଥଙ୍କ ପ୍ରତି ଅନୁରାଗ ବୃଦ୍ଧି ପାଇବ। ଆୟ ତୁଳନାରେ ବ୍ୟୟାଧିକ୍ୟ ହେବାର ଅଛି। ସୌଖୀନ ଦ୍ରବ୍ୟ କ୍ରୟ କରିବେ। ପେଟରୋଗ ଓ ଥଣ୍ଡା ରୋଗରେ ଆକ୍ରାନ୍ତ ହୋଇପାରନ୍ତି। ଦୃଷ୍ଟିଦୋଷ ଦେଖାଦେବ। ପାରିବାରିକ ସ୍ଥିତି ଦୁର୍ବଳ ହେବାର ନାହିଁ। ମହିଳାମାନେ ଗୁରୁଦାୟିତ୍ୱ ବହନ କରିବେ। ଭୋଗ ପ୍ରତି ଦୁର୍ବଳତା ଦେଖାଦେବ। ବିଦ୍ୟାର୍ଥୀମାନେ ବିଦ୍ୟା ଅପେକ୍ଷା ଧନାର୍ଜ୍ଜନପ୍ରତି ଆଗ୍ରହୀ ହେବେ।

ଅଶୁଭ ଦିବସ:- ୧୫, ୧୬, ୨୭, ୨୮, ୯, ୧୦, ୧୩, ୧୪ ଅଷ୍ଟମଚନ୍ଦ୍ର:- ୨୪, ୨୫, ୨୬ ଘାତଚନ୍ଦ୍ର:- ୨୪, ୨୫, ୨୬ ବାକିଦିନ ଶୁଭ।



**କୁମ୍ଭ:-** ମାସଟି ଆପଣଙ୍କ ନିମିତ୍ତ ଶୁଭାଶୁଭ ମିଶ୍ରିତ ଫଳ ବହନ କରିବ। ଉଦ୍ୟମରେ ସିଦ୍ଧିପ୍ରାପ୍ତ ହେବା ସହିତ କର୍ମକ୍ଷେତ୍ରରେ ନିରୁପଦ୍ରବ ଗତିରକ୍ଷା କରିବାରେ ସମର୍ଥ ହେବେ। ଉତ୍ତମ ଚିନ୍ତା ତଥା କର୍ମଧାରା ମାଧ୍ୟମରେ ପ୍ରତିକୂଳ ପରିବେଶକୁ ପରାହତ କରି ଆଗକୁ ଆଗକୁ ମାଡ଼ି ଚାଲିବେ। ସରକାରୀ କଳରେ ପ୍ରତିଦ୍ୱନ୍ଦିତା ଲାଗି ରହିଲେବି ଲାଭକରୀ ହେବାର ସମ୍ଭାବନା ଅଧିକ। ନିଜର ଅସହାୟତା ଅନ୍ୟ ଆଗରେ ପ୍ରକଟ କଲେ ସହାନୁଭୂତି ପରିବର୍ତ୍ତେ ସମାଲୋଚିତ ହୋଇପାରନ୍ତି। ନିଜର ଦୁଃଖ ଓ ଦୁଶ୍ଚିନ୍ତାକୁ ନିଜ ଭିତରେ ଚାପି ରଖିବା ଉଚିତହେବ। ସାମାଜିକ ସ୍ତରରେ ମୌନବ୍ରତ ଅବଲମ୍ବନ କଲେ ସମ୍ମାନ ଅକ୍ଷୁର୍ଣ୍ଣ ରହିବ। ବେପାର ବାଣିଜ୍ୟରେ ଚଉଆଖିଆ ହେଲେ ଲୋକସାନ ସହିବାକୁ ପଡ଼ିବନାହିଁ। ବ୍ୟବସାୟର ପରିବର୍ତ୍ତନ ନିମିତ୍ତ ଯୋଜନା ପ୍ରସ୍ତୁତ କରିପାରନ୍ତି। ସଞ୍ଚିତ ଅର୍ଥ ସତ୍ ମାର୍ଗରେ ବିନିଯୋଗ ହୋଇପାରେ। ଆପଣାରମାନେ ବେଳଉଣ୍ଡି ଦୂରେଇଯିବାର ଉପକ୍ରମ କରିବେ। ଦ୍ରବ୍ୟପକ୍ଷ ପ୍ରତି ସଚେତନ ହେବା ଆବଶ୍ୟକ। ବିବାଦୀୟ କ୍ଷେତ୍ରରେ ନିଜର ଚାତୁର୍ଯ୍ୟ ଯୋଗେ ସୁରକ୍ଷିତ ରହିବେ। ସନ୍ତାନମାନଙ୍କ ଗତିବିଧି ସନ୍ତୋଷ ପ୍ରଦ ହେବ। ଦାନ୍ତ, ଅସ୍ଥି ଓ ଅବୟବରେ ପୀଡ଼ା ପାଇପାରନ୍ତି। ପାରିବାରିକ ସ୍ତର ପୂର୍ବ ତୁଳନାରେ ସୁଧାର ହେବ। ମହିଳାମାନେ ମାଙ୍ଗଳିକ କାର୍ଯ୍ୟରେ ଆଗୁସାର ହେବେ। ଜିଦ୍‌ଖୋର ଗୁଣ ତ୍ୟାଗ କଲେ ଅନ୍ୟମାନଙ୍କ ଆଦୃତି ଲାଭ କରିବେ। ବିଦ୍ୟାର୍ଥୀମାନେ ମାର୍ଗୀ ହେବେ।

ଅଶୁଭ ଦିବସ:- ୧୭, ୧୮, ୨୯, ୧, ୨ ଅଷ୍ଟମଚନ୍ଦ୍ର:- ୨୭, ୨୮ ଘାତଚନ୍ଦ୍ର:- ୫, ୬ ବାକିଦିନ ଶୁଭ।



**ମୀନ:-** ଆପଣଙ୍କ ପକ୍ଷେ ମାସଟି ଶୁଭଫଳ ସଞ୍ଚାରି ହେବ ତେବେ ମଝିରେ ମଝିରେ ସକାଳର କୁହୁଡ଼ି ଘେରିବା ଭଳି ଛାଇ ଘୋଟିପାରେ। ଭୋଗ ବିଳାସର ସାଧନ ଥିଲେବି ସେଥିରେ ଭଟ୍ଟା ପଡ଼ିପାରେ। ଖଟଣୀ ବୃଦ୍ଧିର ବାଧ ବାଧକତା ଘେରିବ ନାହିଁ। କର୍ମ ନିର୍ବାହ ତଥା ଦୈନନ୍ଦୀନ ଜୀବନଚର୍ଯ୍ୟାରେ ଆପଦ ବିପଦର ଆଶଙ୍କା ନାହିଁ। ନିମ୍ନବର୍ଗର ଲୋକମାନେ ସ୍ୱାର୍ଥ ସାଧନରେ ବ୍ୟସ୍ତତା ପ୍ରକାଶ କଲେବି କର୍ତ୍ତବ୍ୟ ପାଳନରେ ବିଶୃଙ୍ଖଳା ଦେଖାଦେବ ନାହିଁ। ସରକାରୀ କଳରୁ କେତେକ ସୁବିଧା ସୁଯୋଗ କରାୟତ୍ତ ହେବ। ପୁରୁଣା କାର୍ଯ୍ୟକୁ ହାତକୁ ନେଇ ପୂର୍ଣ୍ଣତା ଦେବେ। ବେପାର ବାଣିଜ୍ୟରେ ପଛେଇଯିବାର ଆଶଙ୍କା ନାହିଁ। ବ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀମାନେ ମଝିରେ ମଝିରେ ଗୋଳମାଳିଆ ପରିବେଶ ସୃଷ୍ଟି କରିବାକୁ ଚେଷ୍ଟା କଲେବି ନିଜର ଉପସ୍ଥିତ ବୁଦ୍ଧି ଓ ବ୍ୟକ୍ତିତ୍ୱ ବଳରେ ଏହାର ନିରାକରଣ କରିବାରେ ସମର୍ଥ ହେବେ। ସାମାଜିକ ସ୍ଥିତି ପୂର୍ବଭଳି ବଳବତ୍ତର ହେବ। ବିବାଦୀୟ କ୍ଷେତ୍ର ଆପଣଙ୍କ ସପକ୍ଷରେ ଯିବ। ମାଙ୍ଗଳିକ କାର୍ଯ୍ୟ ସାଧନ ଅଥବା ଯୋଗଦାନ କରିବେ। ଭ୍ରମଣ ଯୋଗକୁ ଏଡ଼ାଇ ଦେଇ ହେବନାହିଁ। ଗୃହ ନିର୍ମାଣର ଚିନ୍ତା ଘାରିବ। ଆର୍ଥୀକ ଦିଗ ସ୍ୱଚ୍ଛଳ ରହିବ। ପେଟରୋଗ ଓ ଗଳାଦୋଷ ଦେଖାଦେଇପାରେ। ପାରିବାରିକ ଜୀବନ ସହଜ ସରଳ ହେବ। ବନ୍ଧୁମାନଙ୍କ ନିମିତ୍ତ ଖର୍ଚ୍ଚାନ୍ତ ହେବେ। ମହିଳାମାନେ ମନରେ ଚଞ୍ଚଳତା ଅନୁଭବ କରିବେ। ଈଶ୍ୱରୀୟ ଚିନ୍ତାଧାରାରେ ନିମଗ୍ନ ହେବା ଯୋଗେ ଶାନ୍ତି ପାଇବେ। ଅଳଙ୍କାର ପ୍ରିୟ ହେବେ। ବିଦ୍ୟାର୍ଥୀମାନେ ସମୟର ସଦୁପଯୋଗ କରି ଲାଭାନ୍ୱିତ ହେବେ।

ଅଶୁଭ ଦିବସ:- ୧୯, ୨୦, ୨୧, ୩, ୪ ଅଷ୍ଟମଚନ୍ଦ୍ର:- ୨୯, ୧, ୨ ଘାତଚନ୍ଦ୍ର:- ୯, ୧୦ ବାକିଦିନ ଶୁଭ।

*ନୂଆଗାଁ, ଇଟିପୁର, ଖୋର୍ଦ୍ଧା,*
*ଦୂରଭାଷ: ୬୩୭୨୫୯୬୯୧୯*



Postal Regd. No. CK (C)/91/2024-2026
**The Samaroha** February - 2024, Vol. - 33, Issue - 5
RNI Regd. No. : 034056/1981

KALINGA COMMERCIAL CORPORATION LTD
A Leading Turnkey Service Provider for Mining Sector
(ISO 9001 : 2008 Certified)

*Our Strength is- Unity & Teamwork with*





*Commitment and Dedication*

*Our Motto – No Words but Deeds*





*Aiming for Excellence in Achievement with Customer Satisfaction*

Our Vision:
Aspire to set Benchmark on Global Mining, Value Creation and Corporate Social Responsibility

*CORPORATE OFFICE*
A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012
MOB: 9937559264
WEB: www.kccl.co.in

₹ 20/-

Date of Publication : 20.02.2024
Facebook: The Samaroha
E-mail: thesamaroha@gmail.com, Website: www.samaroha.in